ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୧୪/୨୦୨୩ (୧୬ ପୃଷ୍ଠା) Bhubaneswar, Tuesday, February 14/2023 Page 16 ₹ 7.00
୪୯ଶ ଭାଗ ୮୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 82 ମୂଲ୍ୟ₹୭/-



**ଶୁବମନ ପ୍ଲେୟର ଅଫ୍ ଦି ମନ୍ଥ୍**

ଭାରତର ଶୁବମନ ଗିଲ୍ ସୋମବାର ଜାନୁୟାରୀ ମାସ ପାଇଁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି।

୧୬

୦୨

**'ଯବାନ'ରେ ଅଲ୍ଲୁଙ୍କ ଏଣ୍ଟ୍ରି ନେଇ ଚର୍ଚ୍ଚା**

ବଲିଉଡ୍ ଅଭିନେତା ଶାହରୁଖ ଖାନ୍‌ଙ୍କ ଆଗାମୀ ଫିଲ୍ମ 'ଯବାନ'ରେ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ଏଣ୍ଟ୍ରି ନେଇ ଚର୍ଚ୍ଚା ହେଉଛି।





କେନ୍ଦୁଝରସ୍ଥିତ ଧରଣୀଧର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ ଅବସରରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ଅନୁମୋଦନପତ୍ର ଦେଉଛନ୍ତି। **(ରିପୋର୍ଟ: ପୃଷ୍ଠା-୩)**

# ହାଇସ୍କୁଲ ପାଇଁ ୬,୦୨୫ ଏଲ୍‌ଟିଆର୍ ଶିକ୍ଷକ

## ଛୁଟିରେ ରହୁଥିବା ଶିକ୍ଷକଙ୍କ ଅଭାବ ପୂରଣ ହେବ

**କ୍ୟାବିନେଟ ନିଷ୍ପତ୍ତି**

■ ଆଦର୍ଶ ବିଦ୍ୟାଳୟରେ ନିର୍ମାଣ ହେବ ୨୩୭ ଛାତ୍ରାବାସ
■ ଟ୍ରାନ୍ସଜେଣ୍ଡର ସନ୍ତାନଙ୍କୁ ମିଳିବ ପରିବାର ପେନ୍‌ସନ

**ଭୁବନେଶ୍ୱର,୧୩।୨(ବ୍ୟୁରୋ)**

ହାଇସ୍କୁଲଗୁଡ଼ିକରେ ଶିକ୍ଷକମାନେ ଛୁଟି, ଟ୍ରେନିଂ କିମ୍ବା ସ୍ୱାସ୍ଥ୍ୟଗତ କାରଣରୁ ଅନୁପସ୍ଥିତ ରହିଲେ ଛାତ୍ରୀଛାତ୍ରମାନେ ସମ୍ପୃକ୍ତ ବିଷୟରେ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସରକାରୀ ହାଇସ୍କୁଲଗୁଡ଼ିକରେ ପୂର୍ବ ଅନୁମୋଦନଠାରୁ ଆଉ ୧୫ ପ୍ରତିଶତ ଅଧିକ ଶିକ୍ଷକ (ଲିଭ୍, ଟ୍ରେନିଂ ରିଜର୍ଭ ବା ଏଲ୍‌ଟିଆର୍) ପଦବୀ ପୂରଣ କରିବେ। ହାଇସ୍କୁଲଗୁଡ଼ିକରେ ଏବେ ୪୦,୧୬୬ ଶିକ୍ଷକ ପଦବୀ ରହିଛି। ଏହାର ୧୫ ପ୍ରତିଶତ ହିସାବରେ ୬ ହଜାର ୨୫ ପଦବୀ ସୃଷ୍ଟି କରାଯିବ। ତାହା ବିଭିନ୍ନ ସମୟରେ ଖାଲି ପଡୁଥିବା ଶିକ୍ଷକ ପଦବୀ ପୂରଣ କରିବାରେ ସହାୟକ ହେବ। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହ ପ୍ରସ୍ତାବକୁ ଲୋକସେବା ଭବନରେ ସୋମବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୋଟ ୧୫ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।

ରାଜ୍ୟ ସରକାର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ୨୩୭ଟି ଛାତ୍ରାବାସ (ବାଳକ) ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଗୁଡ଼ିକର ନିର୍ମାଣ ପାଇଁ ୧୦୦୦.୧୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପ୍ରତ୍ୟେକ ଛାତ୍ରାବାସ ପାଇଁ ୪.୨୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଛାତ୍ରାବାସଗୁଡ଼ିକୁ ୩ ମହଲା ବିଶିଷ୍ଟ ହେବ ଏବଂ ନିର୍ମାଣ କାର୍ଯ୍ୟ ୧ ବର୍ଷ ମଧ୍ୟରେ ଶେଷ ହେବ। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ସରକାରୀ କର୍ମଚାରୀଙ୍କର କିନ୍ନର (ଟ୍ରାନ୍ସଜେଣ୍ଡର) ସନ୍ତାନଙ୍କୁ ପରିବାର ପେନ୍‌ସନ ମିଳିବ। ସେମାନେ ଅନ୍ୟ ସନ୍ତାନଙ୍କ ଭଳି ପେନ୍‌ସନ ପାଇବାକୁ ହକଦାର ହେବେ। ରାଜ୍ୟ ସରକାର ଓଡ଼ିଶା ବେସାମରିକ ସେବା ☞ପୃଷ୍ଠା-୪

# ୨.୩ ଲକ୍ଷ କୋଟିର ବଜେଟକୁ ମଞ୍ଜୁରୀ

**ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ**

**ଭୁବନେଶ୍ୱର,୧୩।୨(ବ୍ୟୁରୋ)**

ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ୩୦ ହଜାର କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରିଛନ୍ତି। ଲୋକସେବା ଭବନଠାରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ଏହାକୁ ମଞ୍ଜୁରୀ ମିଳିଛି। ୨୦୨୨-୨୩ ବର୍ଷ ପାଇଁ ରାଜ୍ୟ ସରକାର ୨ ଲକ୍ଷ କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରିଥିଲେ। ଆସନ୍ତା ବଜେଟର ଆକାର ଗତ ବଜେଟଠାରୁ ୧୫% ବୃଦ୍ଧି ପାଇଛି। କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଉଥିବାରୁ ରାଜ୍ୟ ସରକାର ନିଜ ଉତ୍ସରୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଆଦାୟ କରିବେ। ଏଥିସହିତ ବୈଠକରେ ୨୦୨୨-୨୩ ଆର୍ଥିକ ବର୍ଷର ସଂଶୋଧିତ ବଜେଟକୁ ଅନୁମୋଦନ କରାଯାଇଛି। ଆସନ୍ତା ବର୍ଷ ନିର୍ବାଚନ ଥିବାରୁ ସରକାର ବଜେଟକୁ ଗ୍ରାମାଞ୍ଚଳ ଭିତ୍ତିଭୂମି, ପାନୀୟ ଜଳ, କୃଷି କ୍ଷେତ୍ର, ସ୍ୱାସ୍ଥ୍ୟ, ଶିକ୍ଷା ଉପରେ ଅଧିକ ଫୋକସ ଦେବେ ବୋଲି ଅନୁମାନ କରାଯାଉଛି।

# ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି: ଦର ବଢ଼ିବ

**ନୂଆଦିଲ୍ଲୀ,୧୩।୨**

ଭାରତର ଖୁଚୁରା ମୁଦ୍ରାସ୍ଫୀତି ଗତ ଜାନୁୟାରୀରେ ୬.୫୨ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହାକି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଧାର୍ଯ୍ୟ ସୀମାଠାରୁ ଯଥେଷ୍ଟ ଅଧିକ। ପୂର୍ବ ମାସରେ ମୁଦ୍ରାସ୍ଫୀତି ୫.୭ ପ୍ରତିଶତ ରହିଥିଲା। ପୂର୍ବ ମାସରେ ମୁଦ୍ରାସ୍ଫୀତି ୦.୪ ପ୍ରତିଶତ ହ୍ରାସ ପାଇଥିବାବେଳେ ଜାନୁୟାରୀରେ ଏହା ୦.୪୬ ପ୍ରତିଶତ ବୃଦ୍ଧି ପାଇଛି। ଭାରତର ଖାଉଟି ମୂଲ୍ୟ ସୂଚକାଙ୍କ (ସିପିଆଇ) ବାସ୍କେଟ୍‌ରେ ଖାଦ୍ୟ ସାମଗ୍ରୀ ମୂଲ୍ୟ ବଢ଼ିଥିବାରୁ ଖୁଚୁରା ମୁଦ୍ରାସ୍ଫୀତି ବଢ଼ିଥିବା କୁହାଯାଉଛି। ଡିସେମ୍ବରରେ ଖାଦ୍ୟ ମୁଦ୍ରାସ୍ଫୀତି ୪.୧୯ ପ୍ରତିଶତ ଥିବାବେଳେ ଜାନୁୟାରୀରେ ତାହା ୫.୯୪ରେ ପହଞ୍ଚିଛି। ଉଚ୍ଚ ମୁଦ୍ରାସ୍ଫୀତି ବୃଦ୍ଧି ଆର୍‌ବିଆଇ ସମେତ ସାରା ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପାଇଁ ଚିନ୍ତାର କାରଣ ହୋଇଆସିଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧର ଅନିଶ୍ଚିତତା ସାଙ୍ଗକୁ ମହାମାରୀ ପରେ ବିଶ୍ୱରେ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଥିବାରୁ ସବୁ ସାମଗ୍ରୀର ଦରଦାମ୍ ଆଗକୁ ଆହୁରି ବଢ଼ିବ।

# 'ପିର୍‌ଭାକରନ ଜୀବିତ'

**ତାମିଲ ନେତାଙ୍କ ଦାବି: ଖୁବ୍‌ଶୀଘ୍ର ଆତ୍ମପ୍ରକାଶ କରିବେ ଏଲ୍‌ଟିଟିଇ ମୁଖ୍ୟ**



ଭେଲୁପିଲ୍ଲାଇ ପିର୍‌ଭାକରନ

**ତାଞ୍ଜାଭୁର,୧୩।୨**

ଶ୍ରୀଲଙ୍କା ସରକାର ଏଲ୍‌ଟିଟିଇ ମୁଖ୍ୟ ଭେଲୁପିଲ୍ଲାଇ ପିର୍‌ଭାକରନଙ୍କୁ ମୃତ ଘୋଷଣା କରିବାର ୧୪ ବର୍ଷ ପରେ ସେ ଜୀବିତ ଥିବା ନେଇ ତାମିଲନାଡୁର ପୂର୍ବତନ ରାଜନେତା ତଥା ବିଶ୍ୱ ତାମିଲ ମହାସଂଘର ଅଧ୍ୟକ୍ଷ ପାଝା ନେଦୁମାରାନ ସୋମବାର ଦାବି କରିଛନ୍ତି। ଲିବରେଶନ ଟାଇଗର୍ସ ଅଫ୍ ତାମିଲ ଇଲମ (ଏଲ୍‌ଟିଟିଇ)ର ପ୍ରତିଷ୍ଠାତା ପିର୍‌ଭାକରନ ବଞ୍ଚିଛନ୍ତି ଓ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ସେ ଖୁବ୍‌ଶୀଘ୍ର ସର୍ବସାଧାରଣରେ ଆତ୍ମପ୍ରକାଶ କରିବେ ବୋଲି ନେଦୁମାରାନ କହିଛନ୍ତି। ତେବେ ସେ ଏବେ କେଉଁଠି ଅଛନ୍ତି, ସେ ସମ୍ପର୍କରେ ନେଦୁମାରାନ୍ ପ୍ରଘଟ କରିନାହାନ୍ତି।

ପିର୍‌ଭାକରନ୍‌ଙ୍କ ନେତୃତ୍ୱରେ ଏଲ୍‌ଟିଟିଇ ଦ୍ୱୀପ ଦେଶ ଶ୍ରୀଲଙ୍କାରେ ସେଠାର ତାମିଲମାନଙ୍କ ପାଇଁ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ଲାଗି ବ୍ୟାପକ ଗେରିଲା ଅଭିଯାନ ଚଳାଇଥିଲେ। ଶ୍ରୀଲଙ୍କା ସେନା ସହ ଏଲ୍‌ଟିଟିଇ ଗେରିଲାମାନଙ୍କ ଦୀର୍ଘଦିନର ଯୁଦ୍ଧ ଚାଲିଥିଲା। ୨୦୦୯ ମେ' ୧୮ରେ ମୁଲ୍ଲିଭାଇକାଲରେ ଶ୍ରୀଲଙ୍କା ସେନାର କାର୍ଯ୍ୟାନୁଷ୍ଠାନ ☞ପୃଷ୍ଠା-୪

# ୩.୪ କୋଟିରେ ଗଲେ ମନ୍ଧାନା

**ଓମେନ୍ସ ପ୍ରିମିୟର ଲିଗ୍ ନିଲାମି**

**୯ ଭାରତୀୟ ଖେଳାଳିଙ୍କ ମୂଲ୍ୟ ୧ କୋଟି ପାର**



ସ୍ମୃତି ମନ୍ଧାନା

**ମୁମ୍ବାଇ,୧୩।୨(ପି.ଟି.)**

ପ୍ରଥମଥର ପାଇଁ ଭାରତରେ ଅନୁଷ୍ଠିତ ହେବାକୁ ଯାଉଛି ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ)। ମହିଳା କ୍ରିକେଟରେ ପ୍ରଥମଥର ପାଇଁ ଏହି ଟି୨୦ ଲିଗ୍ ଆରମ୍ଭ ହେବାକୁ ଯାଉଥିବା ବେଳେ ସୋମବାର ଅନୁଷ୍ଠିତ ହୋଇଛି ଏହାର ନିଲାମି। ପ୍ରଥମ ସଂସ୍କରଣର ନିଲାମି ପାଇଁ ୫ଟି ଯାକ ଫ୍ରାଞ୍ଚାଇଜ୍ ଉପସ୍ଥିତ ରହିଥିବା ବେଳେ ବିସିସିଆଇ ସଭାପତି ରୋଜର ବିନ୍ନି, ସମ୍ପାଦକ ଜୟ ଶାହା ଓ କୋଷାଧ୍ୟକ୍ଷ ରାଜୀବ ଶୁକ୍ଳା ପ୍ରମୁଖ ଉପସ୍ଥିତ ଥିଲେ। ମଲ୍ଲିକା ସାଗର ନିଲାମକାରୀ ଭୂମିକାରେ ନଜର ଆସିଥିଲେ। ବିସିସିଆଇ ସଭାପତି ବିନ୍ନି ସମସ୍ତ ଫ୍ରାଞ୍ଚାଇଜ୍‌ଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖିବା ପରେ ନିଲାମି ଆରମ୍ଭ ହୋଇଥିଲା। ୪୦୯ ଜଣ ଖେଳାଳି ନିଲାମୀରେ ସାମିଲ ହୋଇଥିବା ବେଳେ ଭାରତୀୟ ଦଳର ଓପ୍‌ନର ସ୍ମୃତି ମନ୍ଧାନା ଡବ୍ଲ୍ୟୁପିଏଲର ସବୁଠାରୁ ମହଙ୍ଗା ଖେଳାଳି ରହିଛନ୍ତି। ମନ୍ଧାନାଙ୍କୁ ୩.୪ କୋଟି ଟଙ୍କାରେ କିଣିଛି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆର୍‌ସିବି)। ଏହା ସହିତ ୯ ଭାରତୀୟ ଖେଳାଳିଙ୍କ ମୂଲ୍ୟ ୧ କୋଟି ପାର କରିଥିଲା। ମନ୍ଧାନା ସବୁଠାରୁ ମହଙ୍ଗା ରହିଥିବା ବେଳେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଭାରତରେ ଲିଥିୟମ୍**

# ୟୁଏଫ୍‌ଓ: ଆମେରିକା-ଚାଇନା ମୁହାଁମୁହିଁ

**ୱାଶିଂଟନ୍/ବେଜିଂ ୧୩।୨**

ରହସ୍ୟଜନକ ଉଡ଼ନ୍ତା ବସ୍ତୁକୁ ନେଇ ବିଶ୍ୱର ଦୁଇ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ଓ ଚାଇନା ମଧ୍ୟରେ ଆରୋପ ପ୍ରତ୍ୟାରୋପର ପର୍ବ ଆରମ୍ଭ ହୋଇଛି। ଆମେରିକା ୮ ଦିନ ଭିତରେ ୪ଟି ଅଚିହ୍ନା ଉଡ଼ନ୍ତା ବସ୍ତୁ (ୟୁଏଫ୍‌ଓ)କୁ ଆକାଶରୁ ଖସାଇବା ପରେ ଦେଶର ସୁରକ୍ଷା ବ୍ୟବସ୍ଥା ଉପରେ ବିପଦ ଆଶଙ୍କା ସୃଷ୍ଟି ହୋଇଛି। ରବିବାର ନ୍ୟାଶନାଲ ଗାର୍ଡ ପାଇଲଟ୍ ଯୁଦ୍ଧବିମାନ ସାହାଯ୍ୟରେ କାନାଡା ସୀମାନ୍ତ ମିଶିଗାନ୍‌ସ୍ଥିତ ହ୍ୟୁରୋନ୍ ହ୍ରଦ ନିକଟରେ ଏହି ଅଜଣା ଉଡ଼ନ୍ତା ବସ୍ତୁକୁ ତଳକୁ ଖସାଇଛି। ଜାନୁୟାରୀ ଶେଷ ସପ୍ତାହରେ ଆମେରିକା ଆକାଶରେ ଉଡୁଥିବା ଗୋଇନ୍ଦା ବେଲୁନ୍‌କୁ ନଷ୍ଟ କରାଯିବା ପରେ ଦେଶରେ ପ୍ରତିରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ୟୁଏସ୍ ନର୍ଦ୍ଦର୍ନ କମାଣ୍ଡ ଜେନେରାଲ ଗ୍ଲେନ୍ ଭାନହର୍କ ସୂଚନା ଦେଇଛନ୍ତି। ଏ



■ ୮ ଦିନରେ ୪ଟି ଅଜଣା ବସ୍ତୁ ଖସାଇଲାଣି ଆମେରିକା
■ ୟୁଏଫ୍‌ଓକୁ ଅଟକାଇ ରଖିଛନ୍ତି ମୋ ଏଲିଅନ୍ ବନ୍ଧୁ: ମସ୍କ

ନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଗ୍ଲେନ୍ କହିଛନ୍ତି ଯେ, ୟୁଏଫ୍‌ଓ କେଉଁଠାରୁ ଆସୁଛି ତାହା ଏବେ ସ୍ପଷ୍ଟ ହୋଇନାହିଁ। ତେବେ ଏହାପଛରେ ଏଲିଅନ୍‌ଙ୍କ ସମ୍ପୃକ୍ତି ନେଇ ସନ୍ଦେହ କରାଯାଉଥିବା ଖବରଦାତାମାନେ ପ୍ରଶ୍ନ କରିଥିବାବେଳେ ଗ୍ଲେନ୍ ତାହାକୁ ଖଣ୍ଡନ କରିଥିଲେ। ଗତ ସପ୍ତାହରେ ଆମେରିକୀୟ ଫାଇଟର୍ ଜେଟ୍ କାନାଡା ଓ ଆଲାସ୍କାରୁ ଗୋଟିଏ ☞ପୃଷ୍ଠା-୪



**ବାବୁଲ ସୁପ୍ରିଓ ହସ୍ପିଟାଲରେ ଭର୍ତ୍ତି**

ପଶ୍ଚିମବଙ୍ଗ ମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ନେତା ବାବୁଲ ସୁପ୍ରିଓଙ୍କୁ ସୋମବାର ଉଡ଼ଲାଣ୍ଡ ମଲ୍ଟି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରବିବାରଠାରୁ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ ହେଉଥିଲା। ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ଡାକ୍ତର କହିଛନ୍ତି।



## ସଂକ୍ଷେପରେ

### ୟୁଟ୍ୟୁବରଙ୍କ ମୃତ୍ୟୁ: ସ୍ୱାମୀ ଗିରଫ



**କାଠମାଣ୍ଡୁ, ୧୩।୨:** ଆସାମ ୟୁଟ୍ୟୁବର ପ୍ରିୟୋଲିନା ନାଥ୍‌ଙ୍କ ମୃତ୍ୟୁ ନେଇ ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ରବିବାର ରାତିରେ ୧୯ ବର୍ଷୀୟା ପ୍ରିୟୋଲିନାଙ୍କ ଝୁଲନ୍ତା ମୃତଦେହ ବାମୁନି ମେଦାମସ୍ଥିତି ତାଙ୍କ ଘରୁ ମିଳିଥିଲା। ପଡ଼ୋଶୀଙ୍କ ସୂଚନାକ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ପୋଷ୍ଟମର୍ଟମ୍ ପାଇଁ ପଠାଇଥିଲା। ପ୍ରିୟୋଲିନାଙ୍କ ଶରୀରରେ ବହୁ କ୍ଷତଚିହ୍ନ ଥିବା ପୋଲିସ କହିଛି। ଘଟଣା ନେଇ ତାଙ୍କ ସ୍ୱାମୀଙ୍କୁ ପଚରାଉଚରା କରାଯିବା ପରେ ପୋଲିସ ତାଙ୍କୁ ଗିରଫ କରିନେଇଛି। ତିନି ମାସ ପୂର୍ବେ ପ୍ରିୟୋଲିନା ପଙ୍କଜ ନାଥଙ୍କୁ ବିବାହ କରିଥିଲେ। ହତ୍ୟାପରେ ପ୍ରିୟୋଲିନାଙ୍କ ମୃତଦେହକୁ ପଙ୍କଜ ଝୁଲାଇ ଦେଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ଘଟଣା ନେଇ ପୋଲିସ ତଦନ୍ତ ଚଳାଇଛି।

### ଆଇଆଇଟି ବମ୍ବେରେ ଛାତ୍ରଙ୍କ ଆତ୍ମହତ୍ୟାକୁ ନେଇ ଉତ୍ତେଜନା

**ମୁମ୍ବାଇ, ୧୩।୨:** ବମ୍ବେ ଆଇଆଇଟିରେ ୧୮ ବର୍ଷୀୟ ଛାତ୍ର ଦର୍ଶନ ସୋଲାଙ୍କିଙ୍କ ଆତ୍ମହତ୍ୟା ନେଇ କଲେଜରେ ଉତ୍ତେଜନା ଦେଖାଯାଇଛି। ରବିବାର କଲେଜର ପୋୱାଇ କ୍ୟାମ୍ପସ୍‌ରେ ଦର୍ଶନ ସାତ ମହଲା କୋଠାରୁ ଡେଇଁ ଆତ୍ମହତ୍ୟା କରିଥିଲେ। ତାଙ୍କ ନିକଟରୁ କୌଣସି ସୁଇସାଇଡ୍ ନୋଟ୍ ହସ୍ତଗତ ହୋଇ ନ ଥିବାବେଳେ ଜାତିଆଣ ଭେଦଭାବ ପାଇଁ ଦର୍ଶନ ଆତ୍ମହତ୍ୟା କରିଥିବା କଲେଜ ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଦୁର୍ଘଟଣାଜନିତ ମୃତ୍ୟୁ ନେଇ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଦର୍ଶନ ପ୍ରଥମ ବର୍ଷ ବିଟେକ୍ ଛାତ୍ର ଥିବାବେଳେ ଅହମଦାବାଦରେ ତାଙ୍କ ଘର। ତିନିମାସ ପୂର୍ବେ ଦର୍ଶନ କଲେଜରେ ଆଡିମିଶନ୍ କରିଥିଲେ। ତେବେ ଦର୍ଶନଙ୍କ ମୃତ୍ୟୁର କାରଣ ଖୋଜି ବାହାର କରିବା ଲାଗି ପୋୱାଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।

### କୋର୍ଟ କ୍ୟାମ୍ପସ୍ ନିକଟରେ ଯୁବକଙ୍କୁ ହତ୍ୟା

**କୋଏମ୍ବାଟୁର, ୧୩।୨:** କୋଏମ୍ବାଟୁର୍ କୋର୍ଟ କ୍ୟାମ୍ପସ୍ ନିକଟରେ ଜଣେ ୨୪ ବର୍ଷୀୟ ଯୁବକଙ୍କୁ ସୋମବାର ଅପରାହ୍ଣରେ ହତ୍ୟା କରାଯାଇଛି। ଏକ ଅଜଣା ଗ୍ୟାଙ୍ଗ ତାଙ୍କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଛି। ଏହାକୁ ନେଇ କୋଏମ୍ବାଟୁର ସହର ମଧଭାଗରେ ଥିବା ଗୋପାଳପୁରମ୍ ଅଞ୍ଚଳରେ ଉତ୍ତେଜନା ଲାଗିରହିଛି। ଜି. ଗୋକୁଳ ନାମକ ଯୁବକ ଜଣକ ଏକ ହତ୍ୟା ମାମଲାର ଶୁଣାଣି ପାଇଁ କୋର୍ଟରେ ହାଜର ହେବାକୁ ଆସୁଥିବାବେଳେ ତାଙ୍କୁ ଫାଟକଠାରୁ ଅଳ୍ପ କେତେମିଟର ଦୂରରେ ହତ୍ୟା କରାଯାଇଥିଲା। ଆକ୍ରମଣକାରୀମାନେ ମାସ୍କ ପିନ୍ଧିଥିବାରୁ ସେମାନଙ୍କୁ ଚିହ୍ନଟ କରାଯାଇପାରି ନାହିଁ। ଗୋକୁଳଙ୍କୁ ବଞ୍ଚାଇବା ପାଇଁ ଉଦ୍ୟମ କରିଥିବା ତାଙ୍କ ବନ୍ଧୁ ମନୋଜ ଗୁରୁତର ଆହତ ହୋଇ କୋଏମ୍ବାଟୁର ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

## ଆଦାନୀ ବିବାଦ

# ବେକାର ଗଲା ପ୍ରଥମ ପର୍ଯ୍ୟାୟ

### ମାର୍ଚ୍ଚ ୧୩ରୁ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ

**ନୂଆଦିଲ୍ଲୀ, ୧୩।୨**

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆରମ୍ଭରୁ ବିରୋଧୀ ଦଳଗୁଡ଼ିକ ଆଦାନୀ ପ୍ରସଙ୍ଗ ଉଠାଇ ଉଭୟ ଗୃହକୁ କ୍ରମାଗତ ଭାବେ ଅଚଳ କରି ରଖିଥିଲେ। ଫଳରେ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଏକପ୍ରକାର ବେକାର ଯାଇଛି। ଆମେରିକାର ଶର୍ଟ ସେଲର କମ୍ପାନୀ ହିଣ୍ଡେନ୍‌ବର୍ଗ ରିପୋର୍ଟରେ ଭାରତର ଧନୀ ବ୍ୟବସାୟୀ ଗୌତମ ଆଦାନୀଙ୍କ ଗ୍ରୁପ୍ କମ୍ପାନୀ ଆର୍ଥିକ ଅନିୟମିତତା କରିଥିବା ଅଭିଯୋଗ ଆଣିବା ପରେ ଏହା ପାର୍ଲାମେଣ୍ଟ ଅଧିବେଶନକୁ ସରଗରମ କରି ରଖିଥିଲା। ହିଣ୍ଡେନ୍‌ବର୍ଗ ରିପୋର୍ଟ ପରେ ଆଦାନୀ ଗ୍ରୁପ୍‌ର ଶେୟାର ମୂଲ୍ୟ ଯଥେଷ୍ଟ ହ୍ରାସ ପାଇବା ସହ ଏଥିରେ ନିବେଶ କରିଥିବା ସଂସ୍ଥାଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲେ। ଆଦାନୀ ଗ୍ରୁପ୍ ଷ୍ଟକ୍ ବଜାର ମୂଲ୍ୟ ୧୧୮ ବିଲିୟନ ଡଲାର ହ୍ରାସ ପାଇଥିଲା। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଏଲ୍‌ଆଇସି ଆଦାନୀ ଗ୍ରୁପ୍‌ରେ ପୁଞ୍ଜି ଲଗାଇଥିଲେ। ଏହି ଗ୍ରୁପ୍‌ର ଶେୟାର ମୂଲ୍ୟ ହ୍ରାସ ଯୋଗୁ ଜମାକାରୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ହିଣ୍ଡେନବର୍ଗ ରିପୋର୍ଟରେ ଜେପିସି ତଦନ୍ତ ଦାବିରେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ହଟ୍ଟଗୋଳ ଜାରି ରଖିବାରୁ ଅଧିକାଂଶ ସମୟ ଗୃହ ଅଚଳ ରହିଥିଲା। ଦେଶରେ ଆଦାନୀ ସରକାର ଚାଲିଛି ବୋଲି ବିରୋଧୀ ଦଳ ଅଭିଯୋଗ କରିଥିଲା। ଏହି ପ୍ରସଙ୍ଗରେ କଂଗ୍ରେସ ଦେଶବ୍ୟାପୀ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଜେପିସି ତଦନ୍ତ ଦାବିରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ବାରମ୍ବାର ଗୃହ ମୁଲତବୀ ରହିବା ସତ୍ତ୍ୱେ ସରକାର କୌଣସି ଜବାବ ରଖି ନ ଥିଲେ। ଏପରିକି ପ୍ରଥମ ପର୍ଯ୍ୟାୟ ଅଧିବେଶନ ଶେଷ ଦିନ ସୋମବାର ମଧ୍ୟ ରାଜ୍ୟ ସଭାରେ ବିରୋଧୀ ସଦସ୍ୟମାନେ ଜେପିସି ତଦନ୍ତ ଏବଂ କଂଗ୍ରେସ ଏମ୍‌ପି ରଜନୀ ପାଟିଲଙ୍କ ଉପରେ ନିଲମ୍ବନ ଉଠାଇବାକୁ ଦାବି କରି ସ୍ଲୋଗାନ ଦେଇଥିଲେ। ଫଳରେ ରାଜ୍ୟ ସଭାରେ ଅଧ୍ୟକ୍ଷତା କରୁଥିବା ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ପ୍ରଶ୍ନୋତ୍ତର କାଳ ଆରମ୍ଭ ହେବାର କିଛି ସମୟ ପରେ ଗୃହକୁ ମାର୍ଚ୍ଚ ୧୩ ପୂର୍ବାହ୍ଣ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ସୋମବାର ଶେଷ ହେବା ସହ ଉଭୟ ଲୋକ ସଭା ଏବଂ ରାଜ୍ୟ ସଭାକୁ ମାସେ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି। ମାର୍ଚ୍ଚ ୧୩ରୁ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟ ଅଧିବେଶନ ଜାନୁୟାରୀ ୩୧ରେ ଆରମ୍ଭ ହୋଇଥିଲା ଓ ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧିତ କରିଥିଲେ। ଫେବୃୟାରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଉତ୍ତର ରଖିଥିଲେ। ଧନ୍ୟବାଦ ପ୍ରସ୍ତାବ ଗୃହୀତ ହୋଇଥିବାବେଳେ ସାଧାରଣ ବଜେଟ ଉପରେ ମଧ୍ୟ ଆଲୋଚନା ହୋଇଥିଲା।



## ହିଣ୍ଡେନ୍‌ବର୍ଗ-ଆଦାନୀ ବିବାଦ

### ସୁପ୍ରିମକୋର୍ଟଙ୍କ ଦ୍ୱାରା କମିଟି ଗଠନ ପାଇଁ କେନ୍ଦ୍ର ରାଜି

**ନୂଆଦିଲ୍ଲୀ, ୧୩।୨**

ହିଣ୍ଡେନ୍‌ବର୍ଗ-ଆଦାନୀ ଗ୍ରୁପ୍ ବିବାଦ ପରେ ନିୟାମକ ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ସୁପ୍ରିମକୋର୍ଟଙ୍କ ଦ୍ୱାରା କମିଟି ଗଠନ ପ୍ରସ୍ତାବରେ କେନ୍ଦ୍ର ସରକାର ସୋମବାର ରାଜି ହୋଇଛନ୍ତି। ତେବେ କମିଟି ଯୋଗୁ ପୁଞ୍ଜିନିବେଶ ଓ ଅର୍ଥ ପ୍ରବାହ ଯେପରି ପ୍ରଭାବିତ ନ ହୁଏ, ତାହା ଉପରେ ଧ୍ୟାନ ଦେବାକୁ କେନ୍ଦ୍ର କହିଛି। ଭବିଷ୍ୟତରେ ନିବେଶକମାନଙ୍କ ଅର୍ଥ ଯେପରି ସୁରକ୍ଷିତ ରହିବ ଏବଂ ଏଭଳି ସ୍ଥିତିକୁ ପରିଚାଳନା କରିବାରେ ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଯେପରି ସକ୍ଷମ ହେବ ସେଥିପାଇଁ ପ୍ରସ୍ତାବ ଦେବା ନିମନ୍ତେ କମିଟି ଗଠନ କରିବାରେ ସରକାରଙ୍କର କୌଣସି ଆପତ୍ତି ନାହିଁ ବୋଲି ଶୁଣାଣି ବେଳେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ। ବୁଧବାର ସୁଦ୍ଧା ପ୍ରସ୍ତାବିତ ସର୍ତ୍ତାବଳୀ ଉପରେ ଏକ ନୋଟ୍ ଦାଖଲ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ରକୁ କହିବା ସହ ପରବର୍ତ୍ତୀ ଶୁଣାଣି ଶୁକ୍ରବାରକୁ ଧାର୍ଯ୍ୟ କରିଛନ୍ତି।



ବେଙ୍ଗାଲୁରୁର ୟେଲାହାଙ୍କା ଏୟାରବେସ୍‌ରେ ଏରୋ ଇଣ୍ଡିଆ ୨୦୨୩ ଉଦ୍‌ଘାଟନବେଳେ ଆମେରିକା ଏଫ୍-୩୫ ଯୁଦ୍ଧ ବିମାନ ପ୍ରଦର୍ଶିତ।

## 'ଏରୋ ଇଣ୍ଡିଆ ୨୦୨୩' ଉଦ୍‌ଘାଟିତ

**ବେଙ୍ଗାଲୁରୁ, ୧୩।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ବେଙ୍ଗାଲୁରୁଠାରେ 'ଏରୋ ଇଣ୍ଡିଆ ୨୦୨୩'ର ଚତୁର୍ଦ୍ଦଶ ସଂସ୍କରଣ ଉଦ୍‌ଘାଟନ କରିଛନ୍ତି। ଚଳିତ ବର୍ଷର ବିଷୟବସ୍ତୁ 'ଦ ରନ୍‌ୱେ ଟୁ ଏ ବିଲିଅନ୍ ଅପରଚୁନିଟିଜ୍' ରହିଛି। ଦେଶର ପ୍ରତିରକ୍ଷା ସଶକ୍ତ କରିବା ଦିଗରେ ଏହା ଶୋକସ୍ ଭଳି। ବିଶ୍ୱରେ ପ୍ରତିରକ୍ଷା ଉପକରଣ ରପ୍ତାନି ଦିଗରେ ବିଶ୍ୱରେ ଭାରତ ଏକ ଅଗ୍ରଣୀ ଦେଶ ଭାବେ ଉଭା ହେବ ବୋଲି ମୋଦି କହିଛନ୍ତି। ପ୍ରତିରକ୍ଷା ଦିଗରେ ଭାରତ ଅଗ୍ରସର ହେଉଥିବା ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ଅନ୍ୟପକ୍ଷେ ଦେଶରେ ଏରୋସ୍ପେସ୍ ସେକ୍ଟରର ଉନ୍ନତିକରଣ ପାଇଁ 'ଏରୋ ଇଣ୍ଡିଆ ୨୦୨୩' ଉତ୍ପ୍ରେରକ ଭାବେ କାର୍ଯ୍ୟ କରିବା କଥା ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ଏହି କାର୍ଯ୍ୟକ୍ରମ ୫ଦିନ ଧରି ଚାଲିବ। ବୈଦେଶୀକ କମ୍ପାନୀ ସହାୟତାରେ ଉନ୍ନତ ଜ୍ଞାନକୌଶଳରେ ବିକଶିତ କରିଥିବା ଉପକରଣ ଓ ନୂଆ ଟେକ୍ନୋଲୋଜି ସବୁକୁ ଏଥିରେ ଫୋକସ୍ କରାଯାଇଛି।

# ଭୂକମ୍ପ ମୃତ୍ୟୁ ୩୭ ହଜାର ଟପିଲା

**ଆଡିୟାମାନ (ତୁର୍କୀ), ୧୩।୨**

ତୁର୍କୀ ଓ ସିରିଆରେ ପ୍ରଳୟଙ୍କରୀ ଭୂକମ୍ପକୁ ୧୭୪ ଘଣ୍ଟାରୁ ଅଧିକ ସମୟ ବିତିଥିବାବେଳେ ଏବେ ବି ଭଗ୍ନାବଶେଷ ତଳୁ ଲୋକଙ୍କୁ ଜୀବନ୍ତ ଅବସ୍ଥାରେ ଉଦ୍ଧାର କରାଯାଉଛି। ଇତିମଧ୍ୟରେ ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ୩୭ ହଜାର ଅତିକ୍ରମ କରିଛି। କେବଳ ତୁର୍କୀରେ ମୃତ୍ୟୁସଂଖ୍ୟା ୩୧,୬୪୩ରେ ପହଞ୍ଚିଥିବାବେଳେ ସିରିଆରେ ୫,୭୧୪ ଜଣଙ୍କ ଜୀବନ ଯାଇଛି। ଭଗ୍ନାବଶେଷ ତଳୁ ଅଧିକ ମୃତଦେହ ମିଳୁଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ସମ୍ଭାବନା ରହିଛି। ଭୂକମ୍ପରୁ ବର୍ତ୍ତିଯାଇଥିବା ଲୋକମାନେ ଶୂନ ଡିଗ୍ରୀ ତାପମାତ୍ରାରେ ଏବେ ଖାଦ୍ୟ ଓ ପାନୀୟ ଜଳ ସଙ୍କଟର ସମ୍ମୁଖୀନ ହୋଇଛନ୍ତି।

### ସହାୟତା ପାଇବାକୁ ସିରିଆର ସଂଘର୍ଷ ଜାରି

ଭୂକମ୍ପ ବିପର୍ଯ୍ୟୟ ଅଞ୍ଚଳରୁ ବିପନ୍ନମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଅନ୍ୟମାନେ ସେମାନଙ୍କ ନିଖୋଜ ଆତ୍ମୀୟଙ୍କୁ ଫେରିପାଇବା ଆଶାରେ ଭଙ୍ଗା ଘରେ ଅପେକ୍ଷା କରି ରହିଛନ୍ତି। ପ୍ରଥମ ଭୂକମ୍ପର ୧୭୪ ଘଣ୍ଟା ପରେ ସୋମବାର ଉଦ୍ଧାରକାରୀମାନେ ଜଣେ ୪୦ ବର୍ଷୀୟା ମହିଳାଙ୍କୁ ଗାଜିଆଣ୍ଟେପ୍ ପ୍ରଦେଶର ଏକ ୫ ମହଲା ବିଲ୍ଡିଂର ଭଗ୍ନାବଶେଷ ତଳୁ ବାହାର କରିଛନ୍ତି। ସେହିପରି ଅନ୍ୟ ଜଣେ ୬୦ ବର୍ଷୀୟ ବୃଦ୍ଧଙ୍କୁ ଆଦିୟାମେନ୍ ପ୍ରଦେଶରୁ ଉଦ୍ଧାର କରାଯାଇଛି। ସିରିଆକୁ ବିଶେଷ ସହାୟତା ମିଳୁ ନ ଥିବାବେଳେ ସେଠାର ବିପନ୍ନମାନେ ରିଲିଫ ପାଇବା ପାଇଁ ସଂଘର୍ଷ ଚଳାଇଛନ୍ତି।

ଭୂକମ୍ପର ସପ୍ତାହେ ପରେ ମଧ୍ୟ ଅନେକ ବାସହରା ଲୋକେ ରାସ୍ତାରେ ପଡ଼ିରହିଛନ୍ତି। କେତେଜଣ ସେମାନଙ୍କ ଆତ୍ମୀୟମାନଙ୍କୁ ଫେରିପାଇବା ଲାଗି ଭୁଶୁଡ଼ି ପଡ଼ିଥିବା ଘର ଆଗରେ ଅପେକ୍ଷା କରି ରହିଛନ୍ତି। ଭୂକମ୍ପ କେନ୍ଦ୍ରସ୍ଥଳଠାରୁ ୧୦୦ କିଲୋମିଟର ଦୂରରେ ଅବସ୍ଥିତ ମାଲାତ୍ୟା ପ୍ରଦେଶର ପୋଲାଟ ଗ୍ରାମରେ ଗୋଟିଏ ବି ଘର ବର୍ତ୍ତିନାହିଁ। ସ୍ଥାନୀୟ ଲୋକେ ଭଙ୍ଗା ଘର ମଧ୍ୟରୁ ରେଫ୍ରିଜରେଟର, ୱାଶିଂ ମେଶିନ୍ ଆଦି ଆସବାବପତ୍ର ବାହାର କରିବାକୁ ଉଦ୍ୟମ ଚଳାଇଛନ୍ତି। ଯଥେଷ୍ଟ ଟେଣ୍ଟ ଯୋଗାଇ ଦିଆଯାଇ ନ ଥିବାରୁ ଗୋଟିଏ ଗୋଟିଏ ଟେଣ୍ଟରେ ୩ରୁ ୪ ପରିବାର ମୁଣ୍ଡ ଗୁଞ୍ଜିଛନ୍ତି।

## ଶପଥ ନେଲେ ୨ ନୂଆ ବିଚାରପତି

**ନୂଆଦିଲ୍ଲୀ, ୧୩।୨ (ପି.ଟି.)**

### ପୂର୍ଣ୍ଣ ସାମର୍ଥ୍ୟରେ ପହଞ୍ଚିଲା ସୁପ୍ରିମକୋର୍ଟ



ଜଷ୍ଟିସ୍ ରାଜେଶ ବିନ୍ଦଲ ଜଷ୍ଟିସ୍ ଅରବିନ୍ଦ କୁମାର

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ସୋମବାର ସୁପ୍ରିମକୋର୍ଟରେ ଦୁଇ ନୂଆ ବିଚାରପତିଙ୍କୁ ଶପଥ ପାଠ କରାଇଛନ୍ତି। ସେମାନଙ୍କୁ ମିଶାଇ ସର୍ବୋଚ୍ଚ ଅଦାଲତ ପୂର୍ଣ୍ଣ ସାମର୍ଥ୍ୟରେ ପହଞ୍ଚିଛି ଅର୍ଥାତ୍ ବିଚାରପତି ସଂଖ୍ୟା ୩୪ ହୋଇଛି। ସୁପ୍ରିମକୋର୍ଟ ପରିସରରେ ଜଷ୍ଟିସ୍ ରାଜେଶ ବିନ୍ଦଲ ଏବଂ ଅରବିନ୍ଦ କୁମାର ଶପଥ ଗ୍ରହଣ କରିଛନ୍ତି। ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇବା ପୂର୍ବରୁ ଜଷ୍ଟିସ୍ ବିନ୍ଦଲ ଆଲ୍ଲାହାବାଦ ହାଇକୋର୍ଟର ମୁଖ୍ୟ ବିଚାରପତି ଥିଲେ। ସେହିପରି ଜଷ୍ଟିସ କୁମାର ପୂର୍ବରୁ ଗୁଜରାଟ ହାଇକୋର୍ଟର ମୁଖ୍ୟ ବିଚାରପତି ରହିଥିଲେ। ଜାନୁୟାରୀ ୩୧ରେ ସୁପ୍ରିମକୋର୍ଟ କଲେଜିୟମ ସେମାନଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ଦେବାକୁ ସୁପାରିସ କରିଥିଲେ। ସିଜେଆଇ ଗତ ୬ ତାରିଖରେ ଜଷ୍ଟିସ୍ ପଙ୍କଜ ମିଥାଲ, ସଞ୍ଜୟ କାରୋଲ, ପି.ଭି. ସଞ୍ଜୟ କୁମାର, ଆସାନୁଦ୍ଦିନ ଅମନୁଲ୍ଲା ଏବଂ ମନୋଜ ମିଶ୍ରଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ଶପଥ ପାଠ କରାଇଥିଲେ।

## ଶୁଭେନ୍ଦୁ ଅଧିକାରୀ ବିଧାନସଭାରୁ ନିଲମ୍ବିତ

**କୋଲକାତା, ୧୩।୨**

ଆକ୍ଷେପମୂଳକ ମନ୍ତବ୍ୟ ପାଇଁ ନନ୍ଦିଗ୍ରାମର ଭାଜପା ବିଧାୟକ ଶୁଭେନ୍ଦୁ ଅଧିକାରୀଙ୍କୁ ପଶ୍ଚିମବଙ୍ଗ ବିଧାନସଭା ବାଚସ୍ପତି ସୋମବାର ନିଲମ୍ବନ କରିଥିଲେ। ତେବେ କିଛି ସମୟ ପରେ ସେ ଏହି ନିର୍ଦ୍ଦେଶକୁ ପ୍ରତ୍ୟାହାର କରିନେଇଛନ୍ତି। ଟିଏମ୍‌ସି ସଦସ୍ୟ ତାପସ ରାୟ ଶୁଭେନ୍ଦୁଙ୍କ ବିରୋଧରେ ପ୍ରସ୍ତାବ ପ୍ରତ୍ୟାହାର କରିନେବାରୁ ତାଙ୍କ ଉପରୁ ନିଲମ୍ବନ ଆଦେଶକୁ ବାଚସ୍ପତି ଫେରାଇ ନେଇଥିଲେ। ସୂଚନାଯୋଗ୍ୟ, ଗତ ବୁଧବାର ରାଜ୍ୟ ବିଧାନସଭାରେ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ପ୍ରଥମ ଥର ପାଇଁ ଉଦ୍‌ବୋଧନ ଦେଉଥିବାବେଳେ ଶାସକ ଟିଏମ୍‌ସିର ଦୁର୍ନୀତି ପ୍ରସଙ୍ଗକୁ ନେଇ ଭାଜପା ବିଧାୟକମାନେ ହଟ୍ଟଗୋଳ କରିଥିଲେ। ଶୁଭେନ୍ଦୁଙ୍କ ନେତୃତ୍ୱରେ ଭାଜପା ବିଧାୟକମାନେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ରାଜ୍ୟପାଳଙ୍କ ଅଭିଭାଷଣ ବେଳେ କକ୍ଷତ୍ୟାଗ କରିଥିଲେ। ଭାଜପା ଗୃହ କାର୍ଯ୍ୟରେ ବାଧା ସୃଷ୍ଟି ପାଇଁ ଉଦ୍ୟମ କରୁଥିବା ଟିଏମ୍‌ସି ମୁଖ୍ୟ ହୁଇପ୍ ନିର୍ମଳ ଘୋଷ ଅଭିଯୋଗ କରିଥିଲେ।



ଶୁଭେନ୍ଦୁ ଅଧିକାରୀ

## ରାକ୍ଷୀଙ୍କ ସ୍ୱାମୀଙ୍କ ନାଁରେ ବଳାତ୍କାର ଅଭିଯୋଗ



ଆଦିଲ

**ମହୀଶୂର, ୧୩।୨**

ବଲିଉଡ୍ ଆଇଟମ୍ ଗର୍ଲ ରାଖୀ ସାୱନ୍ତଙ୍କ ସ୍ୱାମୀ ଆଦିଲଙ୍କ ନାଁରେ ଜଣେ ଇରାନୀୟ ଛାତ୍ରୀ ମହୀଶୂର ଥାନାରେ ବଳାତ୍କାର ଅଭିଯୋଗ ଆଣିବା ପରେ ତାଙ୍କ ବରୋଧରେ ଅଭିଯୋଗ ହୋଇଛି। ଅଭିଯୋଗକାରିଣୀ ଛାତ୍ରୀଜଣକ ୫ ବର୍ଷ ପୂର୍ବେ ପାଠପଢ଼ିବା ପାଇଁ ମହୀଶୂର ଆସିଥିଲେ। ଆଦିଲ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ପୋଲିସ କହିଛି। କିନ୍ତୁ ଗତ ୫ ମାସ ତଳେ ଆଦିଲ ଉକ୍ତ ଯୁବତୀଙ୍କୁ ବାହାହେବେ ନାହିଁ ବୋଲି ମନା କରିବା ପରେ ସେ ଥାନାରେ ଅଭିଯୋଗ କରିଛନ୍ତି। ତେବେ ଆଦିଲଙ୍କ ବିରୋଧରେ ଏହା ଦ୍ୱିତୀୟ ଅଭିଯୋଗ। ପୂର୍ବରୁ ରାକ୍ଷୀ ସାୱନ୍ତ ଆଦିଲଙ୍କ ବିରୋଧରେ ଶାରୀରିକ ନିର୍ଯାତନା, ଟଙ୍କା ହେର୍‌ଫେର୍ ଅଭିଯୋଗ କରିବା ପରେ ଆଦିଲଙ୍କୁ ପୋଲିସ ଗିରଫ କରିଥିଲା।

## କଶ୍ମୀରରେ ସୀମା ନିର୍ଦ୍ଧାରଣ କମିଶନ ଗଠନ ବିରୋଧରେ ପିଟିଶନ ଖାରଜ

**ନୂଆଦିଲ୍ଲୀ, ୧୩।୨ :** ଜମ୍ମୁ-କଶ୍ମୀରରେ ବିଧାନସଭା ଓ ଲୋକ ସଭା ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଲାଗି କମିଶନ ଗଠନକୁ ବିରୋଧ କରି ଦାଏର ପିଟିଶନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଏଭଳି କମିଶନ ଗଠନ କରିବା କ୍ଷମତା କେନ୍ଦ୍ର ସରକାରଙ୍କର ରହିଛି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରାଯାଇଥିଲା। ତେଣୁ ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳରେ ଲୋକ ସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣର ଆବଶ୍ୟକ ପଡ଼ିଛି। ଏଥିପାଇଁ କେନ୍ଦ୍ର ସରକାର କମିଶନ ଗଠନ ନିଷ୍ପତ୍ତି ନେଇଥିବାବେଳେ ଏହାକୁ କେତେଜଣ ସ୍ଥାନୀୟ ନେତା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ଏସ୍.କେ. କୌଲ ଏବଂ ଏ.ଏସ୍. ଓକାଙ୍କ ଖଣ୍ଡପୀଠ କେନ୍ଦ୍ରର ନିଷ୍ପତ୍ତିକୁ କାଏମ ରଖିଛନ୍ତି। ଅନ୍ୟପକ୍ଷରେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ନେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଏକାଧିକ ପିଟିଶନ ଦାଏର ହୋଇଥିବାବେଳେ ସର୍ବୋଚ୍ଚ ଅଦାଲତ ଏହାର ଶୁଣାଣିକୁ ସ୍ଥଗିତ ରଖିଛନ୍ତି।



## 'ଯବାନ'ରେ ଅଲ୍ଲୁଙ୍କ ଏଣ୍ଟ୍ରି ନେଇ ଚର୍ଚ୍ଚା

**ମୁମ୍ବାଇ**

ବଲିଉଡ୍ ବାଦଶାହ ଶାହରୁଖ ଖାନ୍‌ଙ୍କ ସହ ସ୍କ୍ରିନ ଶେୟାର କରିବେ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ। ଅଭିନେତ୍ରୀ ନୟନତାରା ଓ ବିଜୟ ସେଥୁପତିଙ୍କ ପରେ ଏବେ ଶାହରୁଖଙ୍କ ଆଗାମୀ ଫିଲ୍ମ 'ଯବାନ'ରେ ଅଲ୍ଲୁ ଏଣ୍ଟ୍ରି କରିବାକୁ ନେଇ ଚର୍ଚ୍ଚା ହେଉଛି। ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଟଲି କୁମାର ଫିଲ୍ମର ଏକ ଅଂଶ ପାଇଁ ଅଲ୍ଲୁଙ୍କୁ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି। ହେଲେ ଅଲ୍ଲୁ ନିର୍ଦ୍ଦେଶକଙ୍କ ପ୍ରସ୍ତାବ ଗ୍ରହଣ କରିଛନ୍ତି କି ନାହିଁ, ତାହା ସ୍ପଷ୍ଟ ହୋଇ ପାରିନାହିଁ। ଫିଲ୍ମରେ କିଛି ଦୃଶ୍ୟ ପାଇଁ ନିର୍ଦ୍ଦେଶକ ଅଟଲି ଅଲ୍ଲୁଙ୍କୁ ବାଛିଛନ୍ତି। ତେବେ କିଛି ଦିନ ମଧ୍ୟରେ ଅଲ୍ଲୁ ହଁ କରିବେ ବୋଲି ଅଟଲି ଆଶା ରଖିଛନ୍ତି। ଫିଲ୍ମଟି ଥ୍ରିଲର ଆଧାରିତ ହୋଇଥିବାବେଳେ ଶାହରୁଖ ଏଥିରେ ଯୁଗ୍ମ ରୋଲରେ ନଜରକୁ ଆସିବେ। ଶାହରୁଖଙ୍କ ଏହି ଫିଲ୍ମରେ ଦୀପିକା ପାଦୁକୋନ୍, ସନାୟା ମାଲହୋତ୍ରା, ସୁନିଲ ଗ୍ରୋଭର, ଯୋଗୀ ବାବୁଙ୍କ ସମେତ ଅନେକଙ୍କୁ ଦେଖିବାକୁ ମିଳିବ। ଉକ୍ତ ସିନେମା ଚଳିତ ବର୍ଷ ୨ ଜୁନ୍‌ରେ ରିଲିଜ୍ ହେବାର ସମୟ ଧାର୍ଯ୍ୟ ହୋଇଛି। ଅନ୍ୟପଟେ ଶାହରୁଖଙ୍କ ଫିଲ୍ମ 'ପଠାନ୍'ର ସଫଳତା ପରେ 'ଯବାନ' ମଧ୍ୟ ସୁପରହିଟ୍ ହେବ ବୋଲି ଫିଲ୍ମ ନିର୍ମାତା ଆଶା ରଖିଛନ୍ତି।

# ଫୁଟ୍‌ପାଥ୍‌ରେ ୧୯ ହଜାର ପିଲା

**ନୂଆଦିଲ୍ଲୀ, ୧୩।୨**

ଭାରତର ୧୯ ହଜାରରୁ ଊର୍ଦ୍ଧ୍ୱ ପିଲା ଫୁଟ୍‌ପାଥରେ ସେମାନଙ୍କ ମାଆବାପାଙ୍କ ସହ କିମ୍ବା ଏକାକୀ ରହୁଛନ୍ତି। ୮୮୨ ଶିଶୁ ଏକା ଏକା ରାସ୍ତା କଡ଼ରେ ଜୀବନ ପାଇଁ ସଂଗ୍ରାମ କରୁଛନ୍ତି। ଏକାକୀ ରହୁଥିବା ଶିଶୁଙ୍କ ମଧ୍ୟରୁ ଅଧିକାଂଶ ଉତ୍ତରପ୍ରଦେଶର ବୋଲି ବାଲ୍ ସ୍ୱରାଜ ପୋର୍ଟାଲ ତଥ୍ୟରୁ ଜଣାପଡ଼ିଛି। ଏହି ତଥ୍ୟ ଅନୁଯାୟୀ ରାସ୍ତା ପାର୍ଶ୍ୱରେ ମୋଟ ୧୯,୫୪୬ ପିଲା ରହୁଛନ୍ତି। ମହାରାଷ୍ଟ୍ରରେ ସର୍ବାଧିକ ୫,୧୫୩ ଜଣ ଫୁଟ୍‌ପାଥ୍‌ରେ ଜୀବନ ଯାପନ କରୁଥିବାବେଳେ ଗୁଜରାଟରେ ୧,୯୯୦, ଦିଲ୍ଲୀରେ ୧,୮୫୩, ତାମିଲନାଡୁରେ ୧,୭୧୯, ମଧ୍ୟପ୍ରଦେଶରେ ୧,୪୯୧, କର୍ଣ୍ଣାଟକରେ ୧,୨୨୦ ଏବଂ ଉତ୍ତରପ୍ରଦେଶରେ ୧,୦୩୮ ଜଣ ଶିଶୁ ରାସ୍ତା ପାର୍ଶ୍ୱରେ ରହିଛନ୍ତି। ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଏନ୍‌ସିପିସିଆର୍) ଏହି ଶିଶୁମାନଙ୍କ ଯତ୍ନ ନେବା ଆବଶ୍ୟକ ବୋଲି ବାଲ୍ ସ୍ୱରାଜ ପୋର୍ଟାଲ ପକ୍ଷରୁ କୁହାଯାଇଛି।

ମୋଟ ୧୯,୫୪୬ ଜଣଙ୍କ ମଧ୍ୟରୁ ୧୦,୪୦୧ ଜଣ ରାସ୍ତା ପାର୍ଶ୍ୱରେ ସେମାନଙ୍କ ପରିବାର ସହ ରହୁଥିବାବେଳେ



### ବାଲ୍ ସ୍ୱରାଜ ପୋର୍ଟାଲ ତଥ୍ୟ

୮,୨୬୩ ଜଣ ଦିନ ବେଳା ଫୁଟ୍‌ପାଥରେ ଏବଂ ରାତିରେ ସେମାନଙ୍କ ବସ୍ତିରେ ରହୁଛନ୍ତି। ଯୁପିର ୨୭୦ ପିଲା ବିନା ପରିବାର ଓ ମାଆବାପାଙ୍କ ସହାୟତାରେ ରାସ୍ତା ପାର୍ଶ୍ୱରେ ଜୀବନ ବିତାଉଛନ୍ତି। ଏହା ପଛକୁ ତାମିଲନାଡୁର ୧୨୪ ଥିବାବେଳେ କର୍ଣ୍ଣାଟକର ୧୦୫, ଦିଲ୍ଲୀର ୬୧, ମଧ୍ୟପ୍ରଦେଶର ୪୫ ଏବଂ ମହାରାଷ୍ଟ୍ରର ୩୯ ପିଲା ରହିଛନ୍ତି। ଏହି ପିଲାମାନେ ମୁଖ୍ୟତଃ ଭିକ୍ଷା ମାଗି, ଛୋଟମୋଟ କାମ କରି କିମ୍ବା ରାସ୍ତା କଡ଼ରେ ବିଭିନ୍ନ ସାମଗ୍ରୀ ବିକ୍ରି କରି ଜୀବନ ବଞ୍ଚାଇଥାନ୍ତି ବୋଲି ଏନ୍‌ସିପିସିଆର୍ କହିଛି। ସେମାନଙ୍କ ମଧ୍ୟରୁ କେତେଜଣ ଭିନ୍ନକ୍ଷମ, ମାଆବାପା ଛେଉଣ୍ଡ ଯୋଗୁ ଏକୁଟିଆ ଫୁଟ୍‌ପାଥରେ ରହିବାକୁ ବାଧ ହୋଇଛନ୍ତି।

# ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ ଲୋକାର୍ପିତ




ସଭାରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ . ପାଣ୍ଡିଆନ, ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ସଦର ବିଧାୟକ ମୋହନ ଚରଣ ମାଝି, ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକ, ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ଜିଲା ଉନ୍ନୟନ କାଉନ୍‌ସିଲର ଅଧ୍ୟକ୍ଷା ଲକ୍ଷ୍ମୀ ନାଏକ, ଜିଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ।

**■ ୪୭୦୩ କୋଟିର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ**

**■ ମହିଳାଙ୍କୁ ଉଦ୍ୟୋଗୀ କରିବା ମୋର ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ**

କେନ୍ଦୁଝର,୧୩।୨(ସ୍ୱ.ପ୍ର.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର କେନ୍ଦୁଝର ଜିଲାରେ ନବନିର୍ମିତ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲକୁ ଲୋକାର୍ପଣ କରିଛନ୍ତି। ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ହାତରେ ବିଶ୍ୱବିଦ୍ୟାଳୟର ମାନ୍ୟତାପତ୍ର ପ୍ରଦାନ କରି ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଥିଲେ। ଏଥିସହ ବିଭିନ୍ନ ପ୍ରକଳ୍ପ ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରିଥିଲେ।

ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟା୧୫ରେ କେନ୍ଦୁଝର ସହର ହେଲିପ୍ୟାଡ୍‌ରେ ଓହ୍ଲାଇ କବିତ୍ରାସ୍ଥିତ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ ଅଭିମୁଖେ ଯାଇଥିଲେ। ସେଠାରେ ପହଞ୍ଚି ଡାକ୍ତରୀ ପଢୁଥିବା ଛାତ୍ରୀଛାତ୍ର ଓ ଅଧ୍ୟାପକଙ୍କ ସହିତ ଆଲୋଚନା କରିଥିଲେ। ପରେ ସେଠାରେ ଆୟୋଜିତ ସଭାସ୍ଥଳକୁ ଯାଇ ନବନିର୍ମିତ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲକୁ ଲୋକାର୍ପଣ କରିଥିଲେ। ଆରମ୍ଭରୁ ଆପଣମାନେ ଖୁସି ତ.. ମୁଁ ବି ବହୁତ ଖୁସି ବୋଲି ସମ୍ବୋଧନକରି ଖୁସି ଜାହିର କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ, ଭିତ୍ତିଭୂମି ଦେଇଥିବା କ୍ୟାନ୍‌ସର ଚିକିତ୍ସା କେନ୍ଦ୍ର ଓ ନର୍ସିଂ କଲେଜ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ। ଏହାଦ୍ୱାରା ଡାକ୍ତର ସମସ୍ୟା ଦୂରହେବା ସହ ଜିଲାରେ ଉନ୍ନତମାନର ଚିକିତ୍ସା ସୁବିଧା ମିଳିପାରିବ। ଜିଲାବାସୀଙ୍କୁ ଆଉ କଟକ ଓ ଭୁବନେଶ୍ୱର ଯାଇ ହଇରାଣ ହେବାକୁ ପଡ଼ିବ ନାହିଁ। ସବୁ ଜୀବନ ମୋ ପାଇଁ ମୂଲ୍ୟବାନ୍। ଏଣୁ ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିକାଶ କରାଯାଉଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାରା ରାଜ୍ୟରେ ୮, ୩୦, ୭୭୩ ଲୋକ ଉପକୃତ ହେଉଥିବା ବେଳେ ଏଥିପାଇଁ ୧୮୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି। କେବଳ କେନ୍ଦୁଝର ଜିଲାରେ ୨୪ ହଜାର ଲୋକ ଉପକାର ପାଇଛନ୍ତି। ସେ ବାବଦକୁ ୪୭ କୋଟିରୁ ଅଧିକ ଖର୍ଚ୍ଚ କରାଯାଇଛି ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲା ପାଇଁ ସମୁଦାୟ ୪୭୦୩ କୋଟିର ୨୫୯ଟି ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶୁଭାରମ୍ଭ କରିଥିଲେ। ଏଥିରେ ୧୧୦୩ କୋଟି ୫ ଲକ୍ଷ ଟଙ୍କାର ୧୩୮ ଟି ପ୍ରକଳ୍ପ ଭିତ୍ତିଭୂମି ଦିଆଯାଇଥିବା ବେଳେ ୮୬୮ କୋଟି ୩୩ ଲକ୍ଷ ଟଙ୍କାର ୯୮ ଟି ପ୍ରକଳ୍ପ ଉଦ୍‌ଘାଟନ କରାଯାଇଛି। ସେହିପରି ୨୭୩୧ କୋଟି ୮୬ ଲକ୍ଷ ଟଙ୍କାର ୨୩ ଟି ନୂଆ ପ୍ରକଳ୍ପ ଘୋଷଣା କରିଥିଲେ। ଏଥିସହ ଜିଲାର ୧୪ ହଜାର ୩୭୨ ମିଶନ ଶକ୍ତି ଗୋଷ୍ଠୀ ଜରିଆରେ ୧.୬୦ଲକ୍ଷ ମହିଳା ସ୍ୱାବଲମ୍ବୀ ହୋଇପାରିଛନ୍ତି। ସେମାନଙ୍କ ପାଇଁ ୩୭୮ କୋଟି ଟଙ୍କାର ବିନା ସୁଧରେ ଋଣ ବ୍ୟବସ୍ଥା କରାଯାଇଥିବା ସେ କହିଥିଲେ। ଏହି ଅବସରରେ ବାଂଶପାଳ ବ୍ଲକ୍‌ର ବଣପୁଷ୍ପ ସ୍ୱୟଂ ସହାୟକ ଗୋଷ୍ଠୀକୁ ମୁଖ୍ୟମନ୍ତ୍ରୀ ୨୦ ଲକ୍ଷ ଟଙ୍କାର ଋଣ ଚେକ୍ ଓ ଘଷିପୁରା ବ୍ଲକ୍‌ର ବିଜୟା ସ୍ୱୟଂ ସହାୟିକା ଗୋଷ୍ଠୀକୁ ୨୫,୭୫୭ ଟଙ୍କାର ସୁଧ ରିହାତି ଚେକ୍ ପ୍ରଦାନ କରିଥିଲେ। ମିଶନ ଶକ୍ତିର ମା'ମାନଙ୍କୁ ଉଦ୍ୟୋଗୀ କରିବା ମୋ ଲକ୍ଷ୍ୟ। ଚାଷୀ, ମହିଳା ଓ ଯୁବସମାଜ ରାଜ୍ୟ ପ୍ରଗତିର ତ୍ରିଶକ୍ତି। ଏହି ତ୍ରିଶକ୍ତି ବିକଶିତ ଓଡ଼ିଶାର ସ୍ୱପ୍ନକୁ ପୂରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି କହିଥିଲେ।

କାର୍ଯ୍ୟ ଆରମ୍ଭରେ ଭୂୟାଁ ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇ ମା' ତାରିଣୀଙ୍କ ଫଟୋଚିତ୍ର ପ୍ରଦାନ କରାଯାଇଥିଲା। ପାଟଣା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଜଗନ୍ନାଥ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ସଦର ବିଧାୟକ ମୋହନ ଚରଣ ମାଝି, ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକ, ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ଜିଲା ଉନ୍ନୟନ କାଉନ୍‌ସିଲର ଅଧ୍ୟକ୍ଷା ଲକ୍ଷ୍ମୀ ନାଏକ, ଜିଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ଜିଲାପାଳ ଆଶିଷ ଠାକ୍‌ରେଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ କାର୍ଯ୍ୟାବଳୀକୁ ପ୍ରଶଂସା କରିଥିଲେ। ସଦର ବିଧାୟକ ମାଝି ପରୋକ୍ଷରେ ମେଡିକାଲ କଲେଜରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଗଦାନ ବିଷୟରେ ଉତ୍ଥାପନ କରିଥିଲେ। ଏଥିସହ ଜିଲାରେ ଏକ ବୃହତ୍ ଇସ୍ପାତ କାରଖାନା ସ୍ଥାପନ, ଓଏମ୍‌ସି ଜରିଆରେ ଶିଳ୍ପ କ୍ଷେତ୍ରର ବିକାଶ ଉପରେ ପ୍ରାଧାନ୍ୟ ଦେଇ ଜିଲାକୁ ବିକାଶ କରିବାରେ ସହାୟକ ହେବାକୁ ସେ ନିବେଦନ କରିଥିଲେ।

### ଛାତ୍ରୀଛାତ୍ରଙ୍କ ହାତରେ ବିଶ୍ୱବିଦ୍ୟାଳୟର ଅନୁମୋଦନ ପତ୍ର

ସଭାରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ଧରଣୀଧର ମହାବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେଇଛନ୍ତି ବୋଲି ଘୋଷଣା କରିଥିଲେ। ମାନ୍ୟତାପତ୍ର ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଦେବା ପାଇଁ ଚାହୁଁଥିବା କହିଥିଲେ। ପରେ ଛାତ୍ରୀଛାତ୍ର ମଞ୍ଚକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ହାତରୁ ଏହାକୁ ଗ୍ରହଣ କରିଥିଲେ। ପ୍ରତିବଦଳରେ ଛାତ୍ରୀଛାତ୍ର ଧନ୍ୟବାଦ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ଧରଣୀଧର ନାଏକଙ୍କ ଏକ ଫଟୋଚିତ୍ର ପ୍ରଦାନ କରିଥିଲେ।



DSPL-451



OIPR-01102/13/0024/2223

**ଆଜିର ମନ୍ତବ୍ୟ**

"ସେନା ପାଇଁ ଭାରତ କେବଳ 'ଆସେମ୍ବଲି ୱାର୍କଶପ୍‌' ହୋଇ ରହିବାକୁ ଚାହେଁ ନାହିଁ। ଏହା ଏବେ ଅତ୍ୟାଧୁନିକ ପ୍ରତିରକ୍ଷା ସରଞ୍ଜାମ ଉତ୍ପାଦନ ଲକ୍ଷ୍ୟ ରଖିଛି।
– ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆହା କରିବାକୁ ସାହା ନାହିଁ କେହି**
**କା' ଆଗେ କହିବି ଦୁଃଖ?**
**ବାହା କରିବାକୁ ଯାହାକୁ ଡାକିଲି**
**ତାକୁ ନ ଲାଗଇ ସୁଖ ।**

ଜୀବନରେ ଦୁଃଖ ଶୁଣିବାକୁ ଯେମିତି କେହି ନାହିଁ, ସୁଖର ମର୍ମ ବୁଝିବାକୁ ବି କାହାର ସ୍ପୃହା ନାହିଁ। ନିଃସଙ୍ଗ ନିଃସ୍ୱ ବ୍ୟକ୍ତି ସବୁକ୍ଷେତ୍ରରେ ନିଜକୁ ଅସହାୟ ମଣିବା ସହ ନିରାଶା ଭୋଗୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଡ଼ ନୟନ, ବଙ୍କା ଭ୍ରୁ,**
**ତାଙ୍କୁ ଜାଣିବ ଠକଙ୍କ ଗୁରୁ।**

ସାଧାରଣତଃ ଟେରା ଆଖିଥିବା ବ୍ୟକ୍ତି ଓ ଭ୍ରୁ ବଙ୍କା ଥିବା ବ୍ୟକ୍ତି ଆଦୌ ବିଶ୍ୱାସଯୋଗ୍ୟ ହୋଇ ନ ଥାନ୍ତି। ଏହି ଧରଣର ବ୍ୟକ୍ତି ଅନ୍ୟକୁ ଚିଟା କାଟିବାରେ ବା ଠକିବାରେ ବେଶ୍‌ ସିଦ୍ଧହସ୍ତ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ହାଇକୋର୍ଟରେ ରାଜ୍ୟର ୩ ଡଙ୍ଗାବୁଡ଼ି ମାମଲା
# ଏକତ୍ର ଶୁଣାଣି ପାଇଁ ନିର୍ଦ୍ଦେଶ

କଟକ ଅଫିସ, ୧୩।୨

ହାଇକୋର୍ଟରେ ବିଚାରାଧୀନ ଥିବା ଓଡ଼ିଶାରେ ସଂଘଟିତ ୩ଟି ଡଙ୍ଗାବୁଡ଼ି ମାମଲାର ଏକତ୍ର ଶୁଣାଣି ପାଇଁ ହାଇକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଡ. ଏସ୍‌. ମୁରଲୀଧର ଏବଂ ବିଚାରପତି ଏମ୍‌.ଏସ୍‌. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତ ଗୋଟିଏ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ପାଇଁ ଫେବୃୟାରୀ ୨୧ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ପ୍ରକାଶ ଯେ, କୋରାପୁଟ ଜିଲା କୋଲାବ ନଦୀର ଶାଖା ପାତାଳି ନଦୀରେ ୨୦୧୪ ମେ ୨୪ରେ ଏକ ଡଙ୍ଗାବୁଡ଼ି ଘଟଣାରେ ୬ଜଣଙ୍କ ମୃତ୍ୟୁ ହୋଇଥିଲା। କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ଚିତଲପଡ଼ା ଗ୍ରାମର କେତେଜଣ ଲୋକ ନଦୀ ପାର ହୋଇ ଆନ୍ଧ୍ରପ୍ରଦେଶର ଏକ ହାଟକୁ



ଯାଇଥିଲେ। ହାଟ ସାରି ସେମାନେ ଡଙ୍ଗାରେ ଘରକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଆଇନଜୀବୀ ପ୍ରବୀର ଦାସ ଏନେଇ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଡଙ୍ଗାରେ ଯାତ୍ରା କରୁଥିବା ଯାତ୍ରୀଙ୍କ ନିରାପତ୍ତା ପାଇଁ ଡଙ୍ଗାର ପଞ୍ଜୀକରଣ, ଜୀବନ ରକ୍ଷାକାରୀ ସରଞ୍ଜାମ ମହଜୁଦ ଆଦି ବ୍ୟବସ୍ଥା ଗ୍ରହଣ କରାଯିବା ସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ରାଶି ଦେବା ନିମନ୍ତେ ଆବେଦନରେ ଦର୍ଶାଯାଇଥିଲା।

ସେହିପରି ୨୦୧୪ ଫେବୃୟାରୀରେ ଆଉ ଏକ ଡଙ୍ଗାବୁଡ଼ି ଦୁର୍ଘଟଣା ହୀରାକୁଦରେ ହୋଇଥିଲା। ଏଥିରେ ୩୧ ଜଣଙ୍କ ଜୀବନ ଯାଇଥିଲା। ଏହି ଘଟଣାରେ ହାଇକୋର୍ଟ ନିଜ ଆଡୁ ଏକ ମାମଲା ରୁଜୁ କରି ରାଜ୍ୟ ସରକାରଙ୍କୁ ପକ୍ଷଭୁକ୍ତ କରିଥିଲେ। ଏହି ଦୁଇଟି ମାମଲାର ଏକତ୍ର ଶୁଣାଣି ଚାଲିଥିବାବେଳେ ରାଜ୍ୟର ଅନ୍ୟ ଏକ ସ୍ଥାନରେ ୨୦୧୩ରେ ଘଟିଥିବା ଆଉ ଏକ ଡଙ୍ଗାବୁଡ଼ି ମାମଲାର ଶୁଣାଣି ପୃଥକ ଭାବେ ହେଉଥିଲା। ୨୦୧୩ ମାମଲାର ଶୁଣାଣି ଆଗାମୀ ୨୧ ତାରିଖରେ ହେବାର ଥିଲା। ତେବେ ଆବେଦନକାରୀ ପ୍ରବୀର ଦାସ ଏହି ୩ଟି ଯାକ ମାମଲାକୁ ଏକତ୍ର ଶୁଣାଣି କରିବା ନିମନ୍ତେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହାଇକୋର୍ଟ ଏହି ଆବେଦନକୁ ଗ୍ରହଣ କରିବା ସହ ଏକତ୍ର ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ରିମାଣ୍ଡ ଶେଷ, ଜେଲ ଗଲେ ଗୋପାଳ

**ନବ ଦାସ ହତ୍ୟା ମାମଲା**

ବ୍ରଜରାଜନଗର, ୧୩।୨(ଡି.ଏନ.ଏ.)

ରିମାଣ୍ଡ ଅବଧି ସରିବା ପରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ଅଭିଯୁକ୍ତ ଏଏସ୍‌ଆଇ ଗୋପାଳକୃଷ୍ଣ ଦାସଙ୍କୁ କ୍ରାଇମବ୍ରାଞ୍ଚ ସୋମବାର ଝାରସୁଗୁଡ଼ା ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିଥିଲା। ପରେ ତାଙ୍କୁ ଅଦାଲତଙ୍କ ନିର୍ଦ୍ଦେଶରେ ଝାରସୁଗୁଡ଼ା ଉପକାରାଗାରକୁ ପଠାଇ ଦିଆଯାଇଛି।

ବହୁଚର୍ଚ୍ଚିତ ଏହି ହତ୍ୟା ଘଟଣାକୁ ଇତିମଧ୍ୟରେ ୧୬ଦିନ ବିତିଲାଣି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କ୍ରାଇମବ୍ରାଞ୍ଚ ତଦନ୍ତ ଦାୟିତ୍ୱ ନେଇଥିଲା। ଏହା ମଧ୍ୟରେ କ୍ରାଇମବ୍ରାଞ୍ଚ ତିନୋଟି ପର୍ଯ୍ୟାୟରେ ୧୩ଦିନ ରିମାଣ୍ଡରେ ନେଇ ଅଭିଯୁକ୍ତ ଗୋପାଳଙ୍କୁ ପଚରାଉଚୁରା କରିଛି। ଏପରି କି ଗୁଜରାଟର ଗାନ୍ଧୀନଗରକୁ ନେଇ ପଲିଗ୍ରାଫ, ନାର୍କୋ ଟେଷ୍ଟ କରିଛି। ତଥାପି ହତ୍ୟାର ରହସ୍ୟ ବିଶେଷ କରି କାହିଁକି ଗୋପାଳ ମନ୍ତ୍ରୀଙ୍କୁ ଗୁଳି ମାରିଲେ ତାହା ସ୍ପଷ୍ଟ ହୋଇପାରି ନାହିଁ। ତୃତୀୟ ପର୍ଯ୍ୟାୟର ଶେଷଦିନ ଅର୍ଥାତ୍‌ ସୋମବାର ରିମାଣ୍ଡ ଅବଧି ସରିବା ପରେ କ୍ରାଇମବ୍ରାଞ୍ଚ ଗୋପାଳଙ୍କୁ କୋର୍ଟରେ ହାଜର କରି ସମସ୍ତ ତଥ୍ୟ ପ୍ରଦାନ କରିଥିଲା। ପରେ କୋର୍ଟ ତାଙ୍କୁ ଜେଲକୁ ପଠାଇ ଦେଇଛନ୍ତି। ନାର୍କୋ ଓ ପଲିଗ୍ରାଫ ଟେଷ୍ଟ ରିପୋର୍ଟ ଆସିବାକୁ ଏକସପ୍ତାହ ଲାଗିବ ବୋଲି କ୍ରାଇମବ୍ରାଞ୍ଚ ତରଫରୁ ସୂଚନା ଦିଆଯାଇଛି।

# ୧୫ରୁ କ୍ଷେତ୍ର ପରିଦର୍ଶନରେ ଯିବେ ଟ୍ରିବ୍ୟୁନାଲ

**ମହାନଦୀ ଜଳ ବିବାଦ ମାମଲା**

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ମହାନଦୀ ଜଳ ବିବାଦ ମାମଲାର ଫଇସଲା ପାଇଁ ଆସନ୍ତା ମାର୍ଚ୍ଚ ୧୫ରୁ ସପ୍ତାହେ ଧରି କ୍ଷେତ୍ର ପରିଦର୍ଶନରେ ଯିବେ ଟ୍ରିବ୍ୟୁନାଲ। ଏନେଇ ସୋମବାର ମହାନଦୀ ଜଳ ବିବାଦ ମାମଲାରେ ଟ୍ରିବୁନାଲ ଅଧ୍ୟକ୍ଷ ଜଷ୍ଟିସ୍‌ ଏ.ଏମ. ଖାନୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଶୁଣାଣି କରିଛନ୍ତି। ଟ୍ରିବ୍ୟୁନାଲ ସଦସ୍ୟଙ୍କ ପରିଦର୍ଶନ ବେଳେ ଟେକ୍ନିକାଲ ଟିମ୍‌ ଏବଂ ଆସେସର ସ୍ଥାନ ନିରୂପଣ କରିବେ। କ୍ଷେତ୍ର ପରିଦର୍ଶନ ପରେ ବିଚାର ପ୍ରକ୍ରିୟା ଓ ସାକ୍ଷ୍ୟ ଗ୍ରହଣ ଆରମ୍ଭ ହେବ। ମାର୍ଚ୍ଚ ୨୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ସ୍ଥିର ହୋଇଛି। ସେପଟେ ଟ୍ରିବ୍ୟୁନାଲରର କାର୍ଯ୍ୟକାଳ ମାର୍ଚ୍ଚରେ ସରୁଥିବାରୁ ରାଜ୍ୟଗୁଡ଼ିକ ଅବଧି ବଢ଼ାଇବା ସମ୍ବନ୍ଧରେ ସରକାରଙ୍କୁ ଟ୍ରିବ୍ୟୁନାଲ ପକ୍ଷରୁ କୁହାଯାଇଛି। ଏନେଇ ଛତିଶଗଡ଼ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ କହିଛନ୍ତି, ଓଡ଼ିଶା ଓ ଛତିଶଗଡ଼ ଭିତରେ ଥିବା ଏହି ସମସ୍ୟା ସମାଧାନ କରିବାକୁ ୨ ପକ୍ଷଙ୍କ ଯୁକ୍ତିକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନକୁ ଯାଞ୍ଚ କରାଯିବ। ମହାନଦୀର ଉତ୍ପତ୍ତି ସ୍ଥଳରୁ ଶେଷ ସ୍ଥଳ ପର୍ଯ୍ୟନ୍ତ ସବୁ ସ୍ଥାନକୁ ଯାଞ୍ଚରେ ନିଆଯିବ। ଛତିଶଗଡ଼ ଓ ଓଡ଼ିଶା ଭିତରେ ନଦୀର ଗତିପଥ ଯାଞ୍ଚ କରିବାରୁ ୪ଦିନ ଲେଖାଏ ସମୟ ଲାଗିପାରେ। ଆବଶ୍ୟକ ପଡ଼ିଲେ ଏରିଏଲ୍‌ ସର୍ଭେ ମଧ୍ୟ ହୋଇପାରେ। ଏହା ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଓ ସଦସ୍ୟଙ୍କ ନିଷ୍ପତ୍ତି ଉପରେ ନିର୍ଭର କରିବ।

# ମାଗଣାରେ ବ୍ୟବହାର କରିହେବ ସରକାରୀ ଶୌଚାଳୟ

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ରାଜ୍ୟର ସବୁ ସହରରେ ସର୍ବସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିବା ସରକାରୀ ଶୌଚାଳୟଗୁଡ଼ିକୁ ଲୋକମାନେ ଏଣିକି ମାଗଣାରେ ଉପଯୋଗ କରିପାରିବେ। ଏଥିପାଇଁ ଲୋକଙ୍କୁ ଆଉ କୌଣସି ଅର୍ଥ ଦେବାକୁ ପଡ଼ିବ ନାହିଁ। ରାଜ୍ୟର ସମସ୍ତ ପବ୍ଲିକ ଓ କମ୍ୟୁନିଟି ଟଏଲେଟଗୁଡ଼ିକ ସମ୍ମୁଖରେ ସ୍ପଷ୍ଟ ଦୃଶ୍ୟମାନ ହେଉଥିବା ଡିସପ୍ଲେ ବୋର୍ଡ ଅବା କାନ୍ଥଲେଖା ରହିବ। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋଚିତ୍ର ସହ 'ମାଗଣା ଶୌଚାଳୟ ଉପଯୋଗ' ଲେଖିବା ନିମନ୍ତେ ରାଜ୍ୟ ଉନ୍ନୟନ ବିଭାଗ ନିର୍ଦ୍ଦେଶ ଦେଇଛି। ଆଉ ଶୌଚାଳୟ ପରିଚାଳନା ଓ ଡିସପ୍ଲେ ବୋର୍ଡ ବାବଦ ଅର୍ଥ ସ୍ୱଚ୍ଛ ଭାରତ ମିଶନ(ସହରାଞ୍ଚଳ) ପାଣ୍ଠିରୁ ଭରଣା କରାଯିବ। ରାଜ୍ୟର ସହରାଞ୍ଚଳ ଗୁଡ଼ିକରେ ଥିବା ଶୌଚାଳୟ ଉପଯୋଗ ନିମନ୍ତେ କୌଣସି ଅର୍ଥ ବା ଫି' ଦେବାକୁ ପଡ଼ିବ ନାହିଁ ବୋଲି ନଗର ଉନ୍ନୟନ ବିଭାଗ ପକ୍ଷରୁ ସବୁ ମ୍ୟୁନିସିପାଲ କର୍ପୋରେସନର କମିଶନର, ମ୍ୟୁନିସିପାଲିଟି ଏବଂ ଏନ୍‌ଏସିର ଏକଜିକ୍ୟୁଟିଭ ଅଫିସରଙ୍କୁ ଚିଠି କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଯଦି କେହି ଶୌଚାଳୟ ଉପଯୋଗ ପାଇଁ ୟୁଜର୍ସ ଫି ଦାବି କରୁଛନ୍ତି, ତା'ହେଲେ ନଗର ଉନ୍ନୟନ ବିଭାଗର 'ମୋ ସହର ସରକାର' ହେଲପଲାଇନ ନମ୍ବର–୦୬୭୪ ୨୩୯୧୩୯୫ରେ ଅଭିଯୋଗ କରିପାରିବେ। ୟୁଜର୍ସ ଫି' ନ ନେବା ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳ, ବିଡିଏ କର୍ତ୍ତୃପକ୍ଷ ଓ ସୁଲଭ ଇଣ୍ଟରନ୍ୟାସନାଲ କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି।

# ଚତୁର୍ଥୀରେ ନବଦମ୍ପତିଙ୍କ ମୃତ୍ୟୁ

**ବିବାହର ୩ ଦିନ ପରେ ଦୁର୍ଘଟଣା**

ଗୋପାଳପୁର, ୧୩।୨(ଡି.ଏନ.ଏ.)

ଚାରିଦିନ ଦିନ ପୂର୍ବେ ପଡ଼ିଥିଲା ହାତଗଣ୍ଠି। ପାଦରୁ ଅଳତା ଲିଭିନି। ଘରୁ ମଧ୍ୟ ବିଦା ହୋଇନାହାନ୍ତି ବନ୍ଧୁବାନ୍ଧବ। ହେଲେ ଚତୁର୍ଥୀ ଦିନରେ ଲିଭିଗଲା ନବ ଦମ୍ପତିଙ୍କ ଜୀବନ ଦୀପ। ସୋମବାର ସଡ଼କ ଦୁର୍ଘଟଣାରେ ନବଦମ୍ପତିଙ୍କ ମୃତ୍ୟୁ ଘଟଣା ଗଞ୍ଜାମ ଜିଲା ଗୋଳନ୍ଥରାରେ ଶୋକ ଖେଳାଇଦେଇଛି।


ଜି.ବେଣୁଙ୍କ ସହ ସି.ଏଚ୍‌.ପ୍ରବଣିକା

ବ୍ରହ୍ମପୁର ଅଞ୍ଚଳର ସି.ଏଚ.ପ୍ରବଣିକା ଓ ତାଙ୍କ ସ୍ୱାମୀ ଆନ୍ଧ୍ରପ୍ରଦେଶ ଇଚ୍ଛାପୁରମ ଅଞ୍ଚଳର ଜି.ବେଣୁ ବିବାହର ଚାରି ଦିନ ଅର୍ଥାତ ସୋମବାର ପରମ୍ପରା ଅନୁସାରେ ବାପ ଘରକୁ ବୁଲି ଆସୁଥିବା ବେଳେ ଗୋଳନ୍ଥରା ଥାନା ସମ୍ମୁଖ ୧୬ ନମ୍ବର ଜାତୀୟ ରାଜପଥରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଗତ ୧୦ ତାରିଖରେ ବ୍ରହ୍ମପୁର ଅଞ୍ଚଳର ସି.ଏଚ.ପ୍ରବଣିକାଙ୍କ ସହ ଆନ୍ଧ୍ରପ୍ରଦେଶ ଇଚ୍ଛାପୁରମ ଅଞ୍ଚଳର ଜି.ବେଣୁଙ୍କ ବିବାହ ହୋଇଥିଲା। ବିବାହର ଚତୁର୍ଥ ଦିନ ଝିଅ ଓ ଜ୍ୱାଇଁ ବାଇକ୍‌ ଯୋଗେ ବ୍ରହ୍ମପୁର ଆସୁଥିବା ବେଳେ ସନ୍ଧ୍ୟାରେ ଗୋଳନ୍ଥରା ଥାନା ସମ୍ମୁଖରେ ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଉଭୟ ରାସ୍ତା କଡ଼ରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଗୋଳନ୍ଥରା ପୋଲିସ ଉଭୟଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଛନ୍ତି। ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ଓ ବାଇକ୍‌କୁ ପୋଲିସ ଜବତ କରିଛି। ପୋଲିସ ୯୧/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମଙ୍ଗଳବାର ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

# ୪ ଜଣଙ୍କ ନାମରେ ମାମଲା ରୁଜୁ

**ଜେନାପଦା ଗୁଳିମାଡ଼ ଘଟଣା**

ଆଠଗଡ଼, ୧୩।୨(ସ୍ୱ.ପ୍ର.)

କଟକ ଜିଲା ଆଠଗଡ଼ ଥାନା ଅନ୍ତର୍ଗତ ଜେନାପଦାଦେଶ ମଝିସାହିରେ ରବିବାର ସନ୍ଧ୍ୟାରେ ହୋଇଥିବା ଗୁଳିମାଡ଼ ଘଟଣାରେ ଗୁରୁତର ଦୀନବନ୍ଧୁ ନାୟକଙ୍କ ସ୍ତ୍ରୀ ଭାନୁମତି ସୋମବାର ଥାନାରେ ୪ ଜଣଙ୍କ ନାମରେ ଅଭିଯୋଗ କରିଛନ୍ତି। ମୁଖ୍ୟ ଅଭିଯୁକ୍ତ ହେଲେ ଟିଗିରିଆ ଥାନା ଅନ୍ତର୍ଗତ ହରିଡ଼ାପୋଷି ଗ୍ରାମର ପୂର୍ବତନ ସେନାବାହିନୀ କର୍ମଚାରୀ ସଦାନନ୍ଦ ଦାସ(ଲିଟୁ)। ତାଙ୍କର ଆଠଗଡ଼ ଥାନା ଅନ୍ତର୍ଗତ ୬୫ ନଂ. ରାଜ୍ୟ ରାଜପଥର ମାରୁଗୋଠ ଛକରେ ଏକ ଗାଡ଼ି ସର୍ଭିସିଂ ସେଣ୍ଟର ରହିଛି। ଅନ୍ୟ ଅଭିଯୁକ୍ତମାନେ ହେଲେ ଜେନାପଦାଦେଶ ଗ୍ରାମର ଦିପୁନା ରାଉତ. ବିଜୟ ସାହୁ, ପିରୁ ମହାନ୍ତି।

ଅଭିଯୋଗକୁ ଭିତ୍ତିକରି ପୋଲିସ ଥାନାରେ ମାମଲା (ନଂ. ୪୩/୨୩) ରୁଜୁ କରି ତଦନ୍ତ ଚଳାଇଛି। ଭାନୁମତିଙ୍କ ଅଭିଯୋଗ ଅନୁଯାୟୀ, ରବିବାର ସନ୍ଧ୍ୟାରେ ମୁଖ୍ୟ ଅଭିଯୁକ୍ତ ସଦାନନ୍ଦଙ୍କ ସହ ଦିପୁନା, ବିଜୟ ଓ ପିରୁ ଗୋଟିଏ ମୋଟରସାଇକେଲ ଏବଂ ସ୍କୁଟି ଯୋଗେ ଆସି ମଝିସାହିସ୍ଥିତ ବଂଶୀଧର ନାୟକଙ୍କ ଘରେ ପହଞ୍ଚି ଥିଲେ। ଏହି ସମୟରେ ସେ ଘର ବାରଣ୍ଡାରେ ବସିଥିଲେ। ଅଭିଯୁକ୍ତମାନେ ସେଠାରେ କୌଣସି କାରଣକୁ ନେଇ ବଂଶୀଧରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ପାଟି ଶୁଣି ଘରେ ଥିବା ତାଙ୍କ ଭାଇ ଦୀନବନ୍ଧୁ ଓ ପୁଅ ଜିତେନ୍ଦ୍ର ବାହାରକୁ ଚାଲି ଆସିଥିଲେ। ଏହି ସମୟରେ ସଦାନନ୍ଦ ପାଖରେ ରଖିଥିବା ବନ୍ଧୁକରୁ ୭ ରାଉଣ୍ଡ ଗୁଳି ଚାଳନା କରିଥିଲେ। ଫଳରେ ବଂଶୀଧର, ଦୀନବନ୍ଧୁ ଓ ଜିତେନ୍ଦ୍ର ଗୁରୁତର ହୋଇଥିଲେ। ଏହାପରେ ସଦାନନ୍ଦ ସହଯୋଗୀମାନଙ୍କ ସହ ସ୍କୁଟି ଯୋଗେ ପଳାଇ ଯାଇଥିବାବେଳେ ମୋଟରସାଇକେଲ ଛାଡ଼ି ଯାଇଥିଲେ। ପୋଲିସ ଉକ୍ତ ଗାଡ଼ି ଜବତ କରିଛି। ଅପରପକ୍ଷେ ଗୁରୁତର ୨ ଭାଇ ବଂଶୀଧର ଓ ଦୀନବନ୍ଧୁ କଟକ ବଡ଼ ମେଡ଼ିକାଲରେ ଚିକିତ୍ସାଧୀନ ରହିଛନ୍ତି। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଜିତେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇଛି। ଆଠଗଡ ଥାନା ଅଧିକାରୀ ବାମଦେବ ସ୍ୱାଇଁ ତଦନ୍ତ ଚଳାଇଛନ୍ତି।

# ରବି ନନ୍ଦ ଅସୁସ୍ଥ

ଜୟପୁର, ୧୩।୨(ନି.ପ୍ର.)

ପୂର୍ବତନ ଗଣଶିକ୍ଷା ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ରବି ନାରାୟଣ ନନ୍ଦ ଅସୁସ୍ଥ ହୋଇଛନ୍ତି। ତାଙ୍କୁ ପ୍ରଥମେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ବିଶାଖାପାଟଣାସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ବରିଷ୍ଠ ବିଜେଡି ନେତ୍ରୀ ତଥା ରବି ନନ୍ଦଙ୍କ ସ୍ତ୍ରୀ ଡ. ଇନ୍ଦିରା ନନ୍ଦ ସୂଚନା ଦେଇଛନ୍ତି।



ରବି ନନ୍ଦ ଦକ୍ଷିଣ ଓଡ଼ିଶାର ଜଣେ ଅନ୍ୟତମ ଟାଣୁଆ ନେତା। ସେ ବିଧାୟକ ଭାବେ ଜୟପୁର ନିର୍ବାଚନମଣ୍ଡଳୀରୁ ୨୦୦୦, ୨୦୦୪ ଓ ୨୦୦୯ରେ ନିର୍ବାଚିତ ହୋଇଥିଲେ। ୨୦୦୪ରେ ରବି ନନ୍ଦ ଜଳସେଚନ ରାଷ୍ଟ୍ରମନ୍ତ୍ରୀ ଥିଲେ। ସେହିପରି ୨୦୦୯ରେ ସେ ଗଣଶିକ୍ଷା ମନ୍ତ୍ରୀ ହୋଇଥିଲେ।

**ପ୍ରଥମ ପୃଷ୍ଠାରୁ...**

## 'ପିର୍‌ଭାକରନ ଜୀବିତ'...

ବେଳେ ପିର୍‌ଭାକରନ୍‌ ନିହତ ହୋଇଥିବା ଘୋଷଣା କରାଯାଇଥିଲା। ସେତେବେଳେ ମହିନ୍ଦା ରାଜପାକ୍ସେ ଶ୍ରୀଲଙ୍କା ରାଷ୍ଟ୍ରପତି ଥିଲେ। ତାଞ୍ଜାଭୁର୍‌ରେ ଖବରଦାତାମାନଙ୍କୁ ସୂଚନା ଦେଇ ନେଦୁମାରାନ କହିଛନ୍ତି, ଆମେ ଖୁସିର ସହ ସାରା ବିଶ୍ୱକୁ ଜଣାଉଅଛୁ ଯେ ଏଲ୍‌ଟିଟିଇ ମୁଖ୍ୟ ପିର୍‌ଭାକରନ ଜୀବିତ ଓ ସୁସ୍ଥ ଅଛନ୍ତି। ତାମିଲ ଇଲମ ପାଇଁ ସେ ଖୁବ୍‌ଶୀଘ୍ର ନିଜର ଯୋଜନା ସମ୍ପର୍କରେ ଘୋଷଣା କରିବେ। ଶ୍ରୀଲଙ୍କାରେ ସିଂହଳୀମାନଙ୍କ ଆନ୍ଦୋଳନ ଯୋଗୁ ରାଜପାକ୍ସେ ସରକାରଙ୍କ ପତନ ଅନୁକୂଳ ସ୍ଥିତି ସୃଷ୍ଟି କରିଛି। ପିର୍‌ଭାକରନ୍‌ଙ୍କ ଆତ୍ମପ୍ରକାଶ ପାଇଁ ଏହା ଉପଯୁକ୍ତ ସମୟ ବୋଲି ନେଦୁମାରାନ କହିଛନ୍ତି।

ସୂଚନାଯୋଗ୍ୟ, ୨୦୦୯ରେ ପିର୍‌ଭାକରନଙ୍କୁ ସରକାର ମୃତ ଘୋଷଣା କରିବା ସମୟରେ ଏକ ମୃତଦେହର ଏକାଧିକ ଫଟୋ ଓ ଭିଡିଓ ଶେୟାର କରାଯାଇଥିଲା। ଏଥିରେ ଜାଲିଆତି କରାଯାଇଥିବା ସେତେବେଳେ ଅନେକେ ଅଭିଯୋଗ କରିଥିଲେ। ଏକ ଚୁକ୍ତିନାମା ଅନୁଯାୟୀ ପିର୍‌ଭାକରନ ଆତ୍ମସମର୍ପଣ ଲାଗି ଆସୁଥିବାବେଳେ ତାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା, ଯାହା ଅନ୍ତର୍ଜାତୀୟ ଚୁକ୍ତି ନିୟମର ଉଲ୍ଲଂଘନ ବୋଲି କେତେଜଣ କହିଥିଲେ।

୧୯୯୧ରେ ଶ୍ରୀପେରୁମ୍ବୁଦୁରଠାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ହତ୍ୟା ଘଟଣାରେ ପିର୍‌ଭାକରନ ମୁଖ୍ୟ ଅଭିଯୁକ୍ତ। ଏହି ହତ୍ୟାକାଣ୍ଡ ପରେ ତାଙ୍କୁ କୋର୍ଟ ଅପରାଧୀ ଘୋଷଣା କରିଥିଲେ। ଏଥିସହିତ ସେ ଶ୍ରୀଲଙ୍କାରେ ଅନେକ ହତ୍ୟାକାଣ୍ଡରେ ଅଭିଯୁକ୍ତ ଥିଲେ। ଏଲ୍‌ଟିଟିଇକୁ ବେଆଇନ ଆତଙ୍କବାଦୀ ସଂଗଠନ ଘୋଷଣା କରାଯାଇଥିଲା। ଶ୍ରୀଲଙ୍କାରେ ତାମିଲମାନଙ୍କ ପ୍ରତି ବର୍ଷବର୍ଷ ଧରି ପକ୍ଷପାତ କରାଯାଇ ଆସୁଥିବାବେଳେ କେତେକ ସଂଗଠନ ସହ ମିଶି ପିର୍‌ଭାକରନ ସ୍ୱାଧୀନତା ଆନ୍ଦୋଳନ ଚଳାଇଥିଲେ। ପରେ ଏଲ୍‌ଟିଟିଇ ମୁଖ୍ୟ ଗେରିଲା ଯୁଦ୍ଧକୌଶଳ ଏବଂ ଆତ୍ମଘାତୀ ଆକ୍ରମଣ ସହିତ ସଶସ୍ତ୍ର ସଂଘର୍ଷରେ ସାମିଲ ହୋଇଥିଲେ। ଏଲ୍‌ଟିଟିଇ ପ୍ରଥମ ଆତଙ୍କବାଦୀ ସଂଗଠନ ଯାହାର ଏକ ବାୟୁସେନା ରହିଥିଲା। ଏଲ୍‌ଟିଟିଇକୁ ଦମନ କରିବା ପାଇଁ ଶ୍ରୀଲଙ୍କା ସେନା ଏହା ବିରୋଧରେ ଯୁଦ୍ଧ ଘୋଷଣା କରିଥିଲା, ଯେଉଁଥିରେ ଲକ୍ଷାଧିକ ତାମିଲ ନାଗରିକ ନିହତ ହୋଇଥିଲେ। ଜାତିସଂଘର ଏକ କମିଶନ ଏନେଇ ତଦନ୍ତ କରିଥିଲେ ମଧ୍ୟ ଶ୍ରୀଲଙ୍କା ଏପର୍ଯ୍ୟନ୍ତ ଏହାର ଜବାବ ଦେଇନାହିଁ।

## ୩.୪ କୋଟିରେ...

ବିଦେଶୀ ଖେଳାଳିଙ୍କ ମଧ୍ୟରେ ଇଂଲଣ୍ଡର ନାଟାଲି ସ୍କିଭର ବ୍ରଣ୍ଟ ଓ ଅଷ୍ଟ୍ରେଲିଆର ଆସ୍‌ଲେ ଗାର୍ଡନର ସର୍ବାଧିକ ୩.୨କୋଟି ଟଙ୍କା ମୂଲ୍ୟରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଗୁଜରାଟ ଜାଏଣ୍ଟ୍ସକୁ ଯାଇଥିଲେ। ଭାରତୀୟ ଅଧିନାୟିକା ହରମନପ୍ରୀତ କୌର ୧.୮ କୋଟି ଟଙ୍କା ମୂଲ୍ୟରେ ମୁମ୍ବାଇ ଇଣ୍ଡିଆନ୍ସରେ ସାମିଲ ହୋଇଥିଲେ। ତେବେ ହରମନ୍‌ପ୍ରୀତଙ୍କ ମୂଲ୍ୟ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଷଷ୍ଠ ସର୍ବାଧିକ ରହିଥିଲା। ଦୀପ୍ତି ଶର୍ମା ୨.୬ କୋଟି ଟଙ୍କା ମୂଲ୍ୟରେ ୟୁପି ୱାରିୟର୍ସରେ ସାମିଲ ହୋଇଥିଲେ। ଜେମିମା ରୋଡ୍ରିଗୁଏଜ୍‌ ୨.୨ କୋଟି ଓ ଶେଫାଳି ବର୍ମା ୨ କୋଟି ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସରେ ସାମିଲ ହୋଇଥିଲେ। ଅଲ୍‌ରାଉଣ୍ଡର ପୂଜା ବସ୍ତ୍ରକାର ଓ ଉଇକେଟ୍‌କିପର ବ୍ୟାଟର ରିଚା ଘୋଷ୍‌ ସମାନ ୧.୯ କୋଟି ଟଙ୍କା ମୂଲ୍ୟରେ ଯଥାକ୍ରମେ ମୁମ୍ବାଇ ଇଣ୍ଡିଆନ୍ସ ଓ ଆର୍‌ସିବିରେ ସାମିଲ ହୋଇଥିଲେ। ମନ୍ଧାନାଙ୍କ ବ୍ୟତୀତ ଆରସିବି ୧.୭ କୋଟି ଟଙ୍କାରେ ଏଲିସ୍‌ ପେରୀଙ୍କୁ ଓ ସୋଫି ଡିଭାଇନଙ୍କୁ ୫୦ ଲକ୍ଷ ଟଙ୍କାର ବେସ୍‌ ପ୍ରାଇସରେ କିଣିଥିଲା। ଏହି ୩ ଖେଳାଳିଙ୍କ ପ୍ରତିବଦ୍ଧତା ଆମକୁ ଫାଇଦା ପ୍ରଦାନ କରିବ ବୋଲି କହିଛନ୍ତି ଆର୍‌ସିବିର ଡାଇରେକ୍ଟର ଅଫ୍‌ କ୍ରିକେଟ ମାଇକ ହସନ୍‌। ଭାରତୀୟ ଉପମହାଦେଶରେ ସ୍ମୃତିଙ୍କ ଅଭିଜ୍ଞତା କାରଣରୁ ସେ ଆମ ଦଳର ଅଧିନାୟିକା ରହିବାର ସମ୍ଭାବନା ଅଧିକ। ଅଷ୍ଟ୍ରେଲିଆର ସଫଳ ଅଧିନାୟିକା ମେଗ୍‌ ଲାନିଙ୍ଗଙ୍କୁ ୧.୧ କୋଟି ଟଙ୍କାରେ କ୍ରୟ କରିଥିଲା ଦିଲ୍ଲୀ କ୍ୟାପିଟାଲ୍ସ। ଇଂଲଣ୍ଡର ବାମହାତୀ ସ୍ପିନର ସୋଫି ଏକେଲଷ୍ଟୋନଙ୍କୁ ୧.୮ କୋଟି ଟଙ୍କାରେ କିଣିଛି ୟୁପି। ତେବେ ଶ୍ରୀଲଙ୍କା ଅଧିନାୟିକା ଚମାରି ଅଟ୍ଟାପଟ୍ଟୁ ଓ ଦକ୍ଷିଣ ଆଫ୍ରିକାର ଲୌରା ଓଲ୍ଭୁଡର୍ଟଙ୍କ ପରି ଖେଳାଳିଙ୍କୁ କିଣିନାହାନ୍ତି କୌଣସି ଫ୍ରାଞ୍ଚାଇଜ୍‌।

## ହାଇସ୍କୁଲ ପାଇଁ ୬,୦୨୫...

(ପେନ୍‌ସନ) ନିୟମାବଳୀ– ୧୯୯୨ର ସଂଶୋଧନ କରିଛନ୍ତି। ଅର୍ଥ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ କରାଯାଇଛି। ଉକ୍ତ ନିୟମ ସଂଶୋଧନ ହେବା ପରେ ୨୦୨୦ ଜାନୁୟାରୀ ୧୦ ଅଥବା ଏହାପରେ ମୃତ୍ୟୁ ଘଟିଥିବା ସରକାରୀ କର୍ମଚାରୀ କିମ୍ବା ପେନ୍‌ସନ ଭୋଗୀଙ୍କର ସାଥୀହୀନ କିନ୍ନରଙ୍କୁ ଅବିବାହିତ କନ୍ୟା ଭାବେ ବିବେଚନା କରାଯିବ। ଯଦି ମୃତ କର୍ମଚାରୀଙ୍କର ଅନ୍ୟ କୌଣସି ବଡ଼ ଅବିବାହିତା ଅଥବା ଦିବ୍ୟାଙ୍ଗ କନ୍ୟା ନ ଥିବେ ତେବେ କିନ୍ନର ସନ୍ତାନଙ୍କୁ ପରିବାର ପେନ୍‌ସନ ମିଳିବ। ୨୫ ବର୍ଷରୁ ଊର୍ଦ୍ଧ୍ୱ ସନ୍ତାନ (ନିୟମାନୁଯାୟୀ ପରିବାର ପେନ୍‌ସନ ପାଇବାକୁ ହକଦାର ହେଉଥିଲେ) ସରକାରୀ କର୍ମଚାରୀ କିମ୍ବା ପେନ୍‌ସନ ଭୋଗୀଙ୍କ ଉପରେ ନିର୍ଭରଶୀଳ ହୋଇଥିଲେ ପରିବାର ପେନ୍‌ସନ ପାଇପାରିବେ। ଏଥିସହିତ ପରିବାର ପେନ୍‌ସନ ପାଇବା ପାଇଁ ୨୫ ବର୍ଷରୁ ଊର୍ଦ୍ଧ୍ୱ ଅବିବାହିତା, ବିଧବା, ସ୍ୱାମୀ ପରିତ୍ୟକ୍ତା କନ୍ୟାଙ୍କ କ୍ଷେତ୍ରରେ ମାସିକ ଆୟ ସୀମା ୪,୪୪୦ ଟଙ୍କାରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯିବ। ଓଡ଼ିଶା ବେସାମରିକ ସେବା (ପେନ୍‌ସନ) ନିୟମାବଳୀ–୧୯୯୨ରେ ଟ୍ରାନ୍ସଜେଣ୍ଡରମାନଙ୍କୁ ସନ୍ତାନ ଭାବେ ବିବେଚନା କରାଯାଉ ନ ଥିଲା। ଫଳରେ ସରକାରୀ କର୍ମଚାରୀ କିମ୍ବା ପେନ୍‌ସନ ଭୋଗୀଙ୍କର ମୃତ୍ୟୁ ହେଲେ, ସେମାନଙ୍କର ଟ୍ରାନ୍ସଜେଣ୍ଡର ସନ୍ତାନ ପରିବାର ପେନ୍‌ସନ ପାଇବାରୁ ବଞ୍ଚିତ ହେଉଥିଲେ।

## ୟୁଏଫ୍‌ଓ: ଆମେରିକା...

ଲେଖାଏ ଉଡ଼ନ୍ତା ବସ୍ତୁକୁ ତଳକୁ ଖସାଇଥିଲା। ଗ୍ଲେନ୍‌ଙ୍କ ମତରେ ୟୁନାଇଟେଡ୍‌ ଷ୍ଟେଟ୍‌ ନର୍ଦ୍ଦର୍ନ କମାଣ୍ଡରେ ଉଡ଼ନ୍ତା ବସ୍ତୁ ପ୍ରଥମ ଥର ଲାଗି ଦୃଷ୍ଟିଗୋଚର ହୋଇଛି। ଏ ନେଇ ଟୁଇଟର ସିଇଓ ଏଲନ୍‌ ମସ୍କ ସୋମବାର ଏକ ପୋଷ୍ଟ ଶେୟାର କରିଛନ୍ତି। ସେ ଲେଖିଛନ୍ତି, 'ବ୍ୟସ୍ତ ହୁଅ ନାହିଁ, ମୋ ଏଲିଅନ୍‌ ବନ୍ଧୁମାନେ ଏହି ଉଡ଼ନ୍ତା ବସ୍ତୁକୁ ଅଟକାଇ ରଖିଛନ୍ତି।'

ଅନ୍ୟପକ୍ଷେ ୨୦୨୨ ଜାନୁୟାରୀ ପରଠୁ ଅଦ୍ୟାବଧି ଚାଇନା ଆକାଶକୁ ଆମେରିକା ୧୦ଟି ବେଲୁନ ପଠାଇଥିବା ନେଇ ବେଜିଂ ଅଭିଯୋଗ ଆଣିଛି। ବେଆଇନ୍‌ ଭାବେ ଅନ୍ୟ ରାଷ୍ଟ୍ରର ଏୟାରସ୍ପେସ୍‌ରେ ପ୍ରବେଶ କରିବା ଆମେରିକା ପାଇଁ କୌଣସି ନୂଆ କଥା ନୁହେଁ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ୱାଙ୍ଗ୍‌ ୱେନ୍‌ବିନ୍‌ କହିଛନ୍ତି। ଚାଇନାର ଏଭଳି ଅଭିଯୋଗକୁ ଆମେରିକା ଖଣ୍ଡନ କରିଛି। ଚାଇନାର ଅଭିଯୋଗ ଭିତ୍ତିହୀନ। ୫ ମହାଦେଶ ଓ ଆମେରିକା ସମେତ ୪୦ ଦେଶର ଗୋଇନ୍ଦା ସୂଚନା ହସ୍ତଗତ କରବା ଲାଗି ଚାଇନା ବେଲୁନ୍‌ ପ୍ରୋଗ୍ରାମ ଆରମ୍ଭ କରିଥିବା ନ୍ୟାଶନାଲ ସିକ୍ୟୁରିଟି କାଉଂସିଲ୍‌ର ମୁଖପାତ୍ର ଆଡ୍ରିନ୍‌ ୱାଟସନ୍‌ ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଯେଉଁ କାମରେ ଯାତ୍ରା କରୁଛନ୍ତି ସେଥିରେ କିଛି ଅସୁବିଧା ହେବ ନାହିଁ। କୃତ୍ତିକା ନକ୍ଷତ୍ର ଆଶା କରିଥିବା ଜିନିଷଟି ଆଜି ଅପରାହ୍ନେ ପାଇପାରନ୍ତି। ବନ୍ଧୁଙ୍କ ମନୋଭାବରେ ପରିବର୍ତ୍ତନ କାରଣରୁ ଭୁଲ୍‌ ବୁଝାମଣା ହୋଇପାରେ। ଶିକ୍ଷା, ପରୀକ୍ଷା, ଇଣ୍ଟରଭ୍ୟୁ, ଯୋଗାଯୋଗ କ୍ଷେତ୍ରରେ ସଫଳତା ନିଶ୍ଚିତ ମିଳିବ।

**ବୃଷ** – ପ୍ରତ୍ୟେକ କ୍ଷେତ୍ରରେ ନିଜର ଲୋକମାନେ ମଧ୍ୟ କ୍ରମଶଃ ଦୂରେଇଯାଉଥିବାର ଲକ୍ଷ୍ୟ କରିବେ। ଆର୍ଥିକ ସମସ୍ୟା ଦୂରେଇବାରେ ଜଣେ ବିଜାତୀୟବନ୍ଧୁ ସାହାଯ୍ୟ କରିବେ। ଅତୀତର ପରିସ୍ଥିତିକୁ ଯେତିକି ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ମୃଗଶିରା ନକ୍ଷତ୍ର ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ମିଥୁନ** – ଆଜି ଅନୁକୂଳ ବାତାବରଣ ମଧ୍ୟରେ ପ୍ରତ୍ୟେକ କାମ ସମ୍ପନ୍ନ କରିବେ। ଆର୍ଥିକ ସଙ୍କଟ ରହିବ ନାହିଁ, ଜଣେ ବନ୍ଧୁଙ୍କଠାରୁ ଉଧାରି ଟଙ୍କା ଆଣି ଆବଶ୍ୟକତା ପୂରଣ କରିବେ। ପଡ଼ୋଶୀ ପ୍ରତିବାଦ କଲେ ମଧ୍ୟ ଅନ୍ୟମାନେ ସପକ୍ଷରେ ମତ ଦେବେ। ଆରଦ୍ରା ନକ୍ଷତ୍ର ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ।

**କର୍କଟ** – ଆଜିର ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଠିକ୍‌ ହେବ। ଅଶ୍ଳେଷା ପରୋକ୍ଷ ଶତ୍ରୁତା ପ୍ରତି ସାବଧାନ ରହିବା ଭଲ ହେବ। ସଭାସମିତି, ପରିବହନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ** – ଅଧିକାଂଶ ସମୟ ବାହାରେ ରହିବା କାରଣରୁ ମନ ବିବ୍ରତ ରହିବ। ସ୍ଥଗିତ କାମ ବିଳମ୍ବରେ ହେଉଥିବାରୁ ଉଦ୍‌ବେଗ ପ୍ରକାଶ କରିବେ। କାର୍ଯ୍ୟବ୍ୟସ୍ତ ଯୋଗୁ ମଉଜ କରିବାକୁ ଅବସର ପାଇବେ ନାହିଁ। ମଘା ନକ୍ଷତ୍ର ସକାଶେ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ କରିବାକୁ ବାଧ ହେବେ।

**କନ୍ୟା** – ସମ୍ପର୍କୀୟଙ୍କ ଭଲ କରିବାକୁ ଯାଇ ନିଜକୁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ହସ୍ତା ନକ୍ଷତ୍ରର ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଅସାବଧାନତାରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି। ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ସାହିତ୍ୟ କ୍ଷେତ୍ରରେ ବେଶ୍‌ ଆଦୃତ ହେବେ।

**ତୁଳା** – କର୍ମକ୍ଷେତ୍ରରେ କୌଣସି ମହିଳାଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ଚିତ୍ରା ନକ୍ଷତ୍ରର ପରିବାରରେ ବିଭିନ୍ନ ଅନାକାଂକ୍ଷିତ ସମସ୍ୟା ଦେଖାଦେଇପାରେ। କରୁଥିବା ବ୍ୟବସାୟରେ ବିଶେଷ ଲାଭ ନ ହେଲେ ସୁଦ୍ଧା କ୍ଷତିର ସମ୍ଭାବନା ପ୍ରାୟତଃ ନାହିଁ କହିଲେ ଚଳେ। ସାଧାରଣ କଥାକୁ ନେଇ ଉତ୍ତେଜନା କାରଣରୁ ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

**ବିଛା** – ସମସ୍ୟାର ଯଥାବିଧି ସମାଧାନ ପାଇଁ ତତ୍ପରତା ପ୍ରକାଶକରି ସଫଳତା ପାଇବେ। ବିଶାଖା ନକ୍ଷତ୍ରର ପରିବାର ଭିତରେ ଭୁଲ୍‌ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସମ୍ପର୍କୀୟମାନେ ଉପର ମନରେ ସ୍ନେହ, ଶ୍ରଦ୍ଧା ଦେଖାଇ ଭିତରେ ଚେର କାଟିପାରନ୍ତି। ଆର୍ଥିକ ସ୍ଥିତି ପୂର୍ବପରି ରହିବ ଓ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବା ସୂଚନା ରହିଛି।

**ଧନୁ** – ଆରମ୍ଭ କରିଥିବା ଯୋଜନା ପାଇଁ ପରିବାରରୁ ସହଯୋଗ ପାଇବେ ନାହିଁ। ପୂର୍ବାଷାଢ଼ା ନକ୍ଷତ୍ର ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟିକ ସଫଳତା ଓ ରାଜନୈତିକ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ମନ ବୁଝିଲାଭଳି କଥା କହି ପାରିବାରିକ ସମସ୍ୟାକୁ ସୁଧାରି ନେବେ।

**ମକର** – ସ୍ୱାସ୍ଥ୍ୟ ସମସ୍ୟା ମନକୁ ବିଚଳିତ କରିପାରେ। ଅନ୍ୟର ମନ ଅନୁଯାୟୀ କାମକରି ବାହାବା ନେଇପାରନ୍ତି ଫଳରେ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଶ୍ରବଣା ନକ୍ଷତ୍ରର ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ବଢ଼ାଇବାର ସମ୍ଭାବନା ରହିଛି। ନିର୍ମାଣ, ମରାମତି କାମ ଓ ପ୍ରତିଟି ପଦକ୍ଷେପରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।

**କୁମ୍ଭ** – ଆର୍ଥିକ ପ୍ରଗତି କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ଶତଭିଷା ନକ୍ଷତ୍ର ଯାହା ଖୋଜୁଛନ୍ତି ତାହା ଅବଶ୍ୟ ଲାଭକରି ଉପକୃତ ହେବେ। ବିଭିନ୍ନ ପ୍ରକାର ଖାଦ୍ୟ ଖାଇ ପେଟ ଗୋଳମାଳ ଓ ଅଜୀର୍ଣ୍ଣ ଜନିତ ବ୍ୟାଧି ଦେଖାଦେଇପାରେ। ଭ୍ରମଣ ରାଜନୀତି, ପ୍ରଶାସନ ତଥା ବ୍ୟବସାୟ ପାଇଁ ଦିନଟି ବହୁତ ଭଲ।

**ମୀନ** – ବହୁ ପରିଶ୍ରମ କରିବା କାରଣରୁ ଶାରୀରିକ ଅସୁସ୍ଥତା ଦେଖାଦେଇପାରେ। ଅବହେଳା ଜନିତ ଅଟକି ରହିଥିବା କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ଆଗାମୀ ନୂତନ କାମଟିର ଆରମ୍ଭ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ରେବତୀ ନକ୍ଷତ୍ର ପାରିବାରିକ ବ୍ୟତିକ୍ରମକୁ ସୁଧାରିନେବାର ପ୍ରଯତ୍ନ କରିପାରନ୍ତି।

ଆଜି ଫାଲ୍‌ଗୁନ କୃଷ୍ଣ ଅଷ୍ଟମୀଯୁକ୍ତ ନବମୀ ମଙ୍ଗଳବାର, ଫେବୃୟାରୀ ୧୪ ତାରିଖ, ଭାଲେଣ୍ଟାଇନ୍ସ ଦିବସ। ରାଶି ନକ୍ଷତ୍ର–ଅନୁରାଧା/ବିଛା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୯।୧୦ ଗତେ, ଘ.୧୦।୫୨ ମଧ୍ୟେ,ଘ.୦୧।୦୯ ଗତେ,ଘ.୦୧।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୪୫ ଗତେ, ଘ.୦୯।୧୦ ମଧ୍ୟେ ରାହୁକାଳ।




# ଦୁଇ ପୁଅଙ୍କୁ ହତ୍ୟା କରି ମା'ଙ୍କ ଆତ୍ମହତ୍ୟା

**କେନ୍ଦୁଝର/ଚମ୍ପୁଆ, ୧୩।୨(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଦୁରୁକୁଳିଆ ଗ୍ରାମରେ ସୋମବାର ସନ୍ଧ୍ୟାରେ ଏକ ବନ୍ଦ ଘରୁ ଦୁଇ ପୁଅ ସହ ମା'ଙ୍କ ମୃତଦେହ ଜବତ ହୋଇଛି। ପୋଲିସ ଏନେଇ ତଦନ୍ତ ଚଳାଇଛି। ମୃତ ମହିଳା ହେଲେ ଭୀମସେନ ନାଏକଙ୍କ ସ୍ତ୍ରୀ କ୍ଷଣପ୍ରଭା ନାଏକ (୩୫) ଓ ତାଙ୍କ ଦୁଇ ପୁଅ। ଦୁଇ ପୁଅଙ୍କ ବୟସ ୩ ଓ ୪ ବର୍ଷ । ଦୁଇ ପୁଅଙ୍କୁ ହତ୍ୟା କରିବା ପରେ ମା' ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଏସ୍‌ଡିପିଓ ରାମରାୟ ମୁର୍ମୁ କହିଛନ୍ତି। ସୂଚନା ଅନୁଯାୟୀ, ଭୀମସେନ ଦିନରେ କ୍ଷେତକୁ କାମ କରିବାକୁ ଯାଇଥିଲେ। ବଡ ଝିଅ ସ୍କୁଲ ଯାଇଥିଲେ। ଘରେ କ୍ଷଣପ୍ରଭା ଓ ୨ ପୁଅ ଥିଲେ। ଝିଅ ସ୍କୁଲରୁ ଘରକୁ ଫେରିବା ପରେ କବାଟ ବନ୍ଦ ଥିବା ଦେଖିଥିଲେ। ସେ କବାଟ ବାଡ଼େଇବାରୁ କେହି ଖୋଲି ନ ଥିଲେ। ଝିଅଟି ପାଖ ପଡୋଶୀଙ୍କୁ ଡାକି ସବୁ କଥା କହିଥିଲେ। ଲୋକେ ଟାଇଲ ଭାଙ୍ଗିବାରୁ କ୍ଷଣପ୍ରଭାଙ୍କୁ ପିନ୍ଧା ଲୁଗାରେ ଝୁଲୁଥିବା ଓ ପାଖରେ ଦୁଇ ଶିଶୁଙ୍କ ମୃତଦେହ ପଡ଼ି ରହିଥିବା ଦେଖିଥିଲେ। ପୋଲିସ ପହଞ୍ଚି ମହିଳାଙ୍କ ବାପ ଘର ଲୋକଙ୍କୁ ଖବର ଦେଇଛି।

## ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି

# ଜେଲରେ ମୃତ୍ୟୁ ହେଲେ ସମ୍ପର୍କୀୟଙ୍କୁ ମିଳିବ କ୍ଷତିପୂରଣ

**ଭୁବନେଶ୍ୱର, ୧୩।୨(ବ୍ୟୁରୋ)**

ଜେଲ ଅନ୍ତେବାସୀଙ୍କ କୌଣସି କାରଣରୁ ମୃତ୍ୟୁ ହେଲେ ସେମାନଙ୍କର ନିକଟ ସମ୍ପର୍କୀୟଙ୍କୁ ରାଜ୍ୟ ସରକାର ଆର୍ଥିକ କ୍ଷତିପୂରଣ ପ୍ରଦାନ କରିବେ। ହାଇକୋର୍ଟ ଏବଂ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ଜେଲ ଅନ୍ତେବାସୀଙ୍କ ଉଦ୍ଦେଶ୍ୟରେ କ୍ଷତିପୂରଣ ପ୍ରଦାନ ରୁଲ୍ସ-୨୦୨୩ ପ୍ରଣୟନ କରିଛନ୍ତି। ଗୃହ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ସୋମବାର ରାଜ୍ୟ କ୍ୟାବିନେଟ୍ ବୈଠକରେ ଅନୁମୋଦନ ମିଳିଛି। ଏଭଳି କ୍ଷତିପୂରଣ ଦେବା ପାଇଁ ପୂର୍ବରୁ କୌଣସି ବ୍ୟବସ୍ଥା ନ ଥିଲା। ଜାତୀୟ ମାନବାଧିକାର କମିଶନ କିମ୍ବା ଓଡ଼ିଶା ମାନବାଧିକାର କମିଶନଙ୍କ ସୁପାରିସ ଆଧାରରେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଏ। ଏକ ରିଟ୍ ପିଟିସନ ଉପରେ ହାଇକୋର୍ଟ ୨୦୨୧ ଡିସେମ୍ବର ୨୩ରେ କାରାଗାରରେ ବନ୍ଦୀମାନଙ୍କ ମୃତ୍ୟୁ ପାଇଁ କ୍ଷତିପୂରଣ ଦେବା ସକାଶେ ସ୍କିମ୍ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜାତୀୟ ମାନବାଧିକାର କମିଶନ ମଧ୍ୟ କ୍ଷତିପୂରଣ ପାଇଁ ଏକ ସ୍ୱତନ୍ତ୍ର ପଲିସି ଆଣିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ।

# ଭୁବନେଶ୍ୱରରେ ହେବ ଆଉ ଏକ ଜଳ ବିଶୋଧନାଗାର

■ ୨୮୬.୭୩ କୋଟିର ଟେଣ୍ଡରକୁ କ୍ୟାବିନେଟ ମୋହର

ରାଜଧାନୀ ଭୁବନେଶ୍ୱର କଳେବର ବଢ଼ିଚାଲିଛି। ବର୍ଦ୍ଧିତ ଜନସଂଖ୍ୟାକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ୧୩୦ ଏମ୍‌ଏଲ୍‌ଡି (ଦୈନିକ ନିୟୁତ ଲିଟର) ବିଶିଷ୍ଟ ଏକ ଜଳ ବିଶୋଧନାଗାର ନିର୍ମାଣ କରିବେ। ଏଥିସହିତ ସହରକୁ ନିରବଚ୍ଛିନ୍ନ ଜଳ ଯୋଗାଣ ବ୍ୟବସ୍ଥାର ଉନ୍ନତୀକରଣ ପାଇଁ ଆନୁଷଙ୍ଗିକ ସଂରଚନା, ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଆହ୍ୱାନ କରାଯାଇଥିବା ୨୮୬ କୋଟି ୭୩ ଲକ୍ଷ ୨୨ ହଜାର ୧୪୨ ଟଙ୍କାର ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏହି ପ୍ରକଳ୍ପ ୨୦୩୮ ପର୍ଯ୍ୟନ୍ତ ଭୁବନେଶ୍ୱରର ସମସ୍ତ ପରିବାରକୁ ୨୪ ଘଣ୍ଟିଆ 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ମାନର ଜଳ ଯୋଗାଣରେ ସହାୟକ ହେବ। ଏହି ପ୍ରକଳ୍ପ ଅଧୀନରେ ମହାନଦୀ ଉପରମୁଣ୍ଡରେ ଥିବା ମୁଣ୍ଡଳୀଠାରେ ୧୩୦ ଏମ୍‌ଏଲ୍‌ଡି କ୍ଷମତା ବିଶିଷ୍ଟ ଇନ୍‌ଟେକ୍ ୱେଲ୍ ନିର୍ମାଣ କରାଯିବ। ଏଥିସହିତ ୧୩୦ ଏମ୍‌ଏଲ୍‌ଡି ଡବ୍ଲ୍ୟୁଟିପି ନିର୍ମାଣ କରାଯିବ। ବ୍ୟବହୃତ ଜଳର ପୁନଃ ପ୍ରକ୍ରିୟାକରଣ ଓ ବର୍ଜ୍ୟଜଳର ଉପଚାର କେନ୍ଦ୍ର, ୩୦ ନିୟୁତ ଲିଟର (ଏମ୍‌ଏଲ୍) କ୍ଷମତା ସମ୍ପନ୍ନ ଆରସିସି ୨ଟି ଚାମ୍ବର ବିଶିଷ୍ଟ ମୁଖ୍ୟ ସନ୍ତୁଳନ ଜଳଭଣ୍ଡାର (ଏମ୍‌ବିଆର୍) ନିର୍ମାଣ ହେବ। ସେହିପରି ୩ ଏମ୍‌ଏଲ୍ ବିଶିଷ୍ଟ ୨ଟି ଉଚ୍ଚତର ସଂରକ୍ଷଣ ଜଳଭଣ୍ଡାର, ୪ଟି ୪୦୦ ଏଚ୍‌ପି କ୍ଷମତା ବିଶିଷ୍ଟ ଭିଏଫ୍‌ଡି ସହିତ ଭିଟି ପମ୍ପସେଟ ସ୍ଥାପନ କରାଯିବ। ସ୍ୱଚ୍ଛ ଜଳ ପମ୍ପ କରିବା ପାଇଁ ୩୫୦ ଏଚ୍‌ପିର ୬ଟି ସେଣ୍ଟ୍ରିଫୁଗଲ ପମ୍ପ ସ୍ଥାପନ କରାଯିବା ସହିତ ୧୯.୫ କିଲୋମିଟର ପର୍ଯ୍ୟନ୍ତ ୧୪୨୦ ମିଲିମିଟର ସ୍ୱଚ୍ଛ ଜଳ ଯୋଗାଣ ପାଇପ୍ ବିଛାଯିବ। ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୨୦୨୩ ମାର୍ଚ୍ଚ ପହିଲାରୁ ଆରମ୍ଭ ହୋଇ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।

# ଜେଲ ଗଲେ ଦୁଇ ଏବିଭିପି ସଦସ୍ୟ




ଜେଏନ୍‌ୟୁ ପ୍ରଫେସରଙ୍କୁ ମାଡ଼ ପ୍ରତିବାଦରେ ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଛାତ୍ର କଂଗ୍ରେସ ଓ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

## ବାଣୀବିହାରରେ ଜେଏନ୍‌ୟୁ ପ୍ରଫେସରଙ୍କୁ ମାଡ଼ ଘଟଣା

■ ଥାନା ହାଜତରେ ଅଭିଯୁକ୍ତଦ୍ୱୟଙ୍କୁ ମାଡ଼ ଅଭିଯୋଗ
■ ଏବିଭିପି ବିରୋଧରେ ଛାତ୍ର କଂଗ୍ରେସ, ଛାତ୍ର ବିଜେଡିର ପ୍ରତିବାଦ
■ ଘଟଣାକୁ ପ୍ରାୟୋଜିତ ହିଂସା କହିଲା ସିଟିଜେନ୍ସ ଫୋରମ୍

**ଭୁବନେଶ୍ୱର, ୧୩।୨(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ୍ ହଲ୍‌ରେ ସିଟିଜେନ୍ସ ଫୋରମ୍ ପକ୍ଷରୁ ସେମିନାର ଚାଲିଥିବାବେଳେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ସଦସ୍ୟମାନେ ଜେଏନ୍‌ୟୁ ପ୍ରଫେସର, କର୍ମକର୍ତ୍ତା ଓ ଅନ୍ୟ ଅତିଥିଙ୍କୁ ଗାଳିଗୁଲଜ କରି ମାଡ଼ ମାରିବା ଘଟଣାରେ କମିଶନରେଟ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହୋଇଛି। ଏଥିରେ ସମ୍ପୃକ୍ତ ଦୁଇ ପୂର୍ବତନ ଛାତ୍ର ତଥା ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ଶହୀଦନଗର ଥାନା ପୋଲିସ ସୋମବାର ଗିରଫ କରିଛି। ସେମାନେ ହେଲେ ଭଦ୍ରକ ଜିଲା ବାସୁଦେବପୁର ଥାନା ଅନ୍ତର୍ଗତ କୁରୁଡ଼ା ଗ୍ରାମର ମାନସ କୁମାର ସାହୁ (୩୧) ଓ ନୂଆଗାଁ ଗ୍ରାମର ସଞ୍ଜୟ କୁମାର ମଲ୍ଲିକ (୩୨)। ମାମଲା (ନଂ.୫୯/୨୦୨୩)ରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ମାନସଙ୍କ ନାମରେ ପୂର୍ବରୁ ୮ଟି ଓ ସଞ୍ଜୟଙ୍କ ନାମରେ ୯ଟି ଆପରାଧିକ ମାମଲା ରହିଥିବା ପୋଲିସ କହିଛି। ଅନ୍ୟପକ୍ଷରେ ଗିରଫ ଅଭିଯୁକ୍ତଦ୍ୱୟଙ୍କୁ ଥାନା ହାଜତରେ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏବିଭିପିର ରାଜ୍ୟ ମିଡିଆ ସଂଯୋଜକ ବିଶ୍ୱଜିତ ପାତ୍ର କହିଛନ୍ତି, ପୋଲିସ ଗୁଣ୍ଡା ସାଜି ଏବିଭିପି ସଦସ୍ୟଙ୍କୁ ମାଡ଼ ମାରିଛି। ଛାତ୍ର ନେତା ସଞ୍ଜୟ କୋର୍ଟରେ ଅଚେତ ହୋଇପଡ଼ିଥିଲେ। ହେଲେ ତାଙ୍କୁ ମେଡିକାଲ ନ ନେଇ ଝାରପଡ଼ା ଜେଲ ପଠାଇ ଦିଆଯାଇଥିବା ସେ କହିଛନ୍ତି।

ଅନ୍ୟପକ୍ଷରେ ଏବିଭିପି ସଦସ୍ୟଙ୍କ ଏଭଳି ଆଚରଣକୁ ବିରୋଧ କରି ଛାତ୍ର କଂଗ୍ରେସ ଓ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସନ୍ଧ୍ୟାରେ ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସାମ୍ନାରେ ପ୍ରତିବାଦ କରାଯାଇଥିଲା। ଛାତ୍ର କଂଗ୍ରେସର ୩୦ରୁ ଅଧିକ କର୍ମୀ ଟାୟାର ଜାଳି ନାରାବାଜି ଦେବା ସହ ବିକ୍ଷୋଭ କରିଥିଲେ। ଛାତ୍ର କଂଗ୍ରେସ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି, ବାଣୀବିହାର ପରିସର ଅଶାନ୍ତ କରିବାକୁ ଏବିଭିପି ଚକ୍ରାନ୍ତ କରୁଛି। ଉତ୍କଳ ବିଶ୍ୱବିଦ୍ୟାଳୟର ଯଶ ଗରିମାକୁ କ୍ଷୁଣ୍ଣ କରିବା ସହ ଏହାର ଚେହେରା ଓ ପରିଚୟକୁ ସାରା ଭାରତରେ ମଳିନ କରାଇବା ଅପପ୍ରୟାସରୁ ଏବିଭିପି ନିବୃତ୍ତ ରହୁ ବୋଲି ଛାତ୍ର କଂଗ୍ରେସ କହିଛି। ସେହିପରି ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବା ସହ ପ୍ରତିବାଦ କରାଯାଇଥିଲା। ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ନଷ୍ଟ କରି ଅରାଜକତା ସୃଷ୍ଟି କରିଥିବା ଅଣଛାତ୍ରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ସେହିପରି ସିଟିଜେନ୍ସ ଫୋରମ ପକ୍ଷରୁ ମଧ୍ୟ ମାଷ୍ଟର କ୍ୟାଣ୍ଟିନଠାରେ ଖବରଦାତା ସମ୍ମିଳନୀ କରାଯାଇ ପ୍ରତିବାଦ କରାଯାଇଥିଲା। ବିଶ୍ୱ ବିଦ୍ୟାଳୟରେ ଏବିଭିପିର ଏହା ପ୍ରାୟୋଜିତ ଗୁଣ୍ଡାରାଜ ଓ ହିଂସା ବୋଲି ଫୋରମ୍ ଅଭିଯୋଗ ଆଣିଛି।




ଗିରଫ ଏବିଭିପି ସଦସ୍ୟ ମାନସ କୁମାର ସାହୁ ଓ ସଞ୍ଜୟ କୁମାର ମଲ୍ଲିକ।

ସୂଚନାଯୋଗ୍ୟ, ରବିବାର ସିଟିଜେନ୍ସ ଫୋରମ ପକ୍ଷରୁ 'ଭାରତ ସମ୍ବିଧାନ ଏବଂ ଶିକ୍ଷାନୀତି' ଉପରେ ରାଜ୍ୟସ୍ତରୀୟ ସେମିନାର୍ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଦିଲ୍ଲୀ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ପ୍ରଫେସର ସୁର୍‌ଜିତ ମଜୁମ୍‌ଦାର ବକ୍ତବ୍ୟ ରଖୁଥିବା ସମୟରେ ଏବିଭିପିର ସଦସ୍ୟମାନେ ବିରୋଧ କରିଥିଲେ। ଦେଶ ବିରୋଧୀ ମନ୍ତବ୍ୟ ଦିଆଯାଉଥିବା ଅଭିଯୋଗ ଆଣି ୭ରୁ ଅଧିକ ଏବିଭିପି ସଦସ୍ୟ ଗାଳିଗୁଲଜ କରିବା ସହ ସିଟିଜେନ୍ସ ଫୋରମର ଆବାହକ ପ୍ରଦୀପ୍ତ ନାୟକ, ଜେଏନ୍‌ୟୁ ପ୍ରଫେସର ଓ ଅନ୍ୟ ଅତିଥିଙ୍କୁ ମାଡ଼ ମାରିଥିଲେ। ଏହି ସମୟରେ ଉଭୟ ପକ୍ଷ ମଧ୍ୟରେ ଠେଲାପେଲା ଓ ଧସ୍ତାଧସ୍ତି ହୋଇଥିଲା। ଏନେଇ ପ୍ରଦୀପ୍ତ ନାୟକ ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷରେ ଏବିଭିପି ପକ୍ଷରୁ ମଧ୍ୟ ପାଲଟା ଅଭିଯୋଗ କରାଯାଇଥିଲା।

# ଏଟିଏଫ୍ ଉପରୁ ୧% ଭାଟ୍ କମିଲା

ଓଡ଼ିଶାରେ ଅବସ୍ଥାପିତ ଯେକୌଣସି ବିମାନବନ୍ଦର, ହଲିପୋର୍ଟ, ହେଲିପ୍ୟାଡ୍, ୱାଟର ଏରୋଡ୍ରମ୍‌ରେ ବିମାନ, ହେଲିକପ୍ଟର, ସାମୁଦ୍ରିକ ବିମାନଗୁଡ଼ିକ ପାଇଁ ରାଜ୍ୟ ସରକାର ଅଟୋମେଟିକ୍ ଟ୍ରାନ୍ସମିଶନ ଫ୍ଲୁଇଡ୍ (ଏଟିଏଫ୍) ତୈଳ ବିକ୍ରୟ ଉପରେ ଭାଟକୁ ୧% ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ୨୦୨୭ ଅଗଷ୍ଟ ୨୧ ପର୍ଯ୍ୟନ୍ତ ବଳବତ୍ତର ରହିବ। ଅର୍ଥ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି। ଝାରସୁଗୁଡ଼ା, ରାଉରକେଲା, ଜୟପୁର ଏବଂ ଉତକେଲା ବିମାନବନ୍ଦର ବର୍ତ୍ତମାନ ରିଜିଓନାଲ କନେକ୍ଟିଭିଟି ସ୍କିମ୍ (ଆରସିଏସ୍) ବିମାନବନ୍ଦର ଭାବେ ମାନ୍ୟତା ପାଇଛି। ଏହି ସ୍ଥାନରେ ଅବସ୍ଥାପିତ ତୈଳ କମ୍ପାନୀଗୁଡ଼ିକ ଏଟିଏଫ୍ ବିକ୍ରୟ ଉପରେ ଥିବା ଭାଟ୍‌କୁ ୧% ହ୍ରାସ କରିଛନ୍ତି। ଏହି ସମସ୍ତ ବିମାନବନ୍ଦରକୁ ମୁଖ୍ୟତଃ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ସହ ସଂଯୋଗ କରାଯାଇଛି କିମ୍ବା ସଂଯୋଗ କରାଯିବା ନିମନ୍ତେ ଯୋଜନା ରହିଛି। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଏକ ଅଣ ଆରସିଏସ୍ ବିମାନବନ୍ଦର ହୋଇଥିବାରୁ ଏଠାରେ ଏଟିଏଫ୍ ବିକ୍ରି ଉପରେ ଥିବା ଭାଟ୍‌କୁ ୧% ହ୍ରାସ କରାଯାଇପାରିନାହିଁ। ଉପରୋକ୍ତ ପ୍ରସ୍ତାବ କାର୍ଯ୍ୟକାରୀ ହେବା ପରେ ଭୁବନେଶ୍ୱର ବିମାନବନ୍ଦର ଆରସିଏସ୍ ଏୟାରଲାଇନ୍ସ ଅପରେଟରମାନଙ୍କ ମୁଖ୍ୟ କାର୍ଯ୍ୟସ୍ଥଳୀରେ ପରିଣତ ହେବ। ଏହା ରାଜ୍ୟରେ ଆଞ୍ଚଳିକ ବିମାନ ସଂଯୋଗକୁ ବୃଦ୍ଧି କରିବା ସହ ରୋଜଗାର ସୃଷ୍ଟି ଏବଂ ବିମାନ ଯାତ୍ରା ମୂଲ୍ୟ ହ୍ରାସ କରିବାରେ ସହାୟକ ହେବ।

■ ଭିଜନ୍ ଇଣ୍ଡିଆ ଫାଉଣ୍ଡେଶନକୁ ୫ ଏକର ମାଗଣା ଜମି
■ ଶ୍ରୀ ଭିଲେ ପାର୍ଲେ କେଲାବାଣୀ ମଣ୍ଡଳକୁ ୪୦ ଏକର ଲିଜ୍

ଅନ୍ୟପକ୍ଷରେ ରାଜ୍ୟ ସରକାର ସମ୍ବଲପୁର ଜିଲାର ସମ୍ବଲପୁର ତହସିଲ ଅନ୍ତର୍ଗତ ପାଣ୍ଡିରିପାଲି ମୌଜାରେ ଭିଜନ୍ ଇଣ୍ଡିଆ ଫାଉଣ୍ଡେଶନ (ମାର୍ଫତ୍ ତ୍ରିଲୋଚନ ନେତ୍ରାଳୟ)କୁ ଏକ ଚକ୍ଷୁ ଚିକିତ୍ସାଳୟ ପ୍ରତିଷ୍ଠା ପାଇଁ ୫ ଏକର ସରକାରୀ ଜମି ମାଗଣାରେ ଯୋଗାଇ ଦେଇଛନ୍ତି। ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ସେହିପରି ଶ୍ରୀ ଭିଲେ ପାର୍ଲେ କେଲାବାଣୀ ମଣ୍ଡଳ(ଏସ୍‌ଭିକେଏମ୍) ନାମକ ଏକ ବେସରକାରୀ ବିଶ୍ୱବିଦ୍ୟାଳୟକୁ ରାଜ୍ୟ ସରକାର ୪୦ ଏକର ଜମି ଲିଜ୍ ସୂତ୍ରରେ ଯୋଗାଇ ଦେବେ। ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ବିଶ୍ୱବିଦ୍ୟାଳୟରେ ଅବହେଳିତ ସମ୍ପ୍ରଦାୟର ମେଧାବୀ ଛାତ୍ରୀଛାତ୍ରଙ୍କ ନାମ ଲେଖାଇବା ପାଇଁ ୩୦% ସ୍ଥାନ ସଂରକ୍ଷଣ ରହିବ।

## ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଓଡ଼ିଶା ବିଲ୍-୨୦୨୨ ସଂଶୋଧନକୁ ମୋହର

ଡ୍ରିମସ ବିଶ୍ୱବିଦ୍ୟାଳୟ ଓଡ଼ିଶା ବିଲ-୨୦୨୨ର ଧାରା ୧୬, ୩୮ ଓ ୫୨କୁ ସଂଶୋଧନ କରାଯାଇଛି। ଆଇନ ଓ ଅର୍ଥ ବିଭାଗ ସହମତି ପରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଅନୁମୋଦନ ମିଳିଛି। ଏହି ସଂଶୋଧନ ଫଳରେ ବିଶ୍ୱବିଦ୍ୟାଳୟ ଅଧିକାରୀ, ଶିକ୍ଷକ ଏବଂ ଅଣ ଶିକ୍ଷକଙ୍କୁ ହଟାଇବା ପାଇଁ କୁଳପତିଙ୍କୁ କ୍ଷମତା, ବୋର୍ଡ ଅଫ୍ ଗଭର୍ଣ୍ଣର ନିଷ୍ପତ୍ତି ବିରୋଧରେ ଆବେଦନ ଏବଂ ବୋର୍ଡ ଅଫ ଗଭର୍ନରକୁ ବରଖାସ୍ତ କରାଯାଇପାରିବ।

## ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୧୩ ସଂଶୋଧନକୁ ମଞ୍ଜୁରୀ

ରାଜ୍ୟ ସରକାର ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୧୩କୁ ସଂଶୋଧନ କରିଛନ୍ତି। ଏହି ନୀତି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ପାଇଁ ବିଭିନ୍ନ ଆର୍ଥିକ ସହାୟତା ଯୋଗାଇ ଦେଇଥାଏ। ଉଦ୍ୟୋଗଗୁଡ଼ିକ ଆବେଦନପତ୍ର ଦାଖଲ କରିବାରେ ବିଳମ୍ବ ଯୋଗୁ ଉଦ୍ୟୋଗୀମାନେ ପ୍ରୋତ୍ସାହନ ରାଶି ପାଇପାରି ନ ଥାଆନ୍ତି। କୋଭିଡ-୧୯ ମହାମାରୀ ଯୋଗୁ କେତେକ ଉଦ୍ୟୋଗ ଠିକ୍ ସମୟରେ ସେମାନଙ୍କ ଆବେଦନପତ୍ର ଦାଖଲ କରି ନ ପାରିବାରୁ ତାହା ପ୍ରତ୍ୟାଖାନ ହୋଇଯାଇଥିଲା। ଏହି ସଂଶୋଧନ ଫଳରେ ପୂର୍ବରୁ ଆବେଦନ ପାଇଁ ଥିବା ୬ ମାସ ଅବଧିକୁ ୨ ବର୍ଷକୁ ବୃଦ୍ଧି କରାଯିବ। ଯେଉଁ ଉଦ୍ୟୋଗଗୁଡ଼ିକ ଉତ୍ପାଦନ ଆରମ୍ଭ କରିଛନ୍ତି, ମାତ୍ର ପ୍ରୋତ୍ସାହନ ରାଶି ପାଇଁ ଆବେଦନପତ୍ର ଦାଖଲ କରିବାରେ ବିଫଳ ହୋଇଛନ୍ତି ସେମାନଙ୍କ ପାଇଁ ଆବେଦନ ଦାଖଲ ୨୦୨୩ ଜୁନ ୩୦ ଯାଏ ବୃଦ୍ଧି କରାଯାଇଛି।

## ଡିଆଇପି: ୫ ବର୍ଷ ସକାଶେ ୧୪୦୦ କୋଟିର ବ୍ୟୟବରାଦ

ଡ୍ରେନେଜ ଉନ୍ନତି କାର୍ଯ୍ୟକ୍ରମ(ଡିଆଇପି)ର ସଂଶୋଧିତ ମୂଲ୍ୟ ଆକଳନ ୮୦୦ କୋଟି ଟଙ୍କାକୁ ରାଜ୍ୟ ପାଣ୍ଠିରୁ ଅନୁମୋଦନ ଦିଆଯାଇଛି। ୯ ଜିଲାର ୧୭ଟି ଅବାବହିକା ଓ ୩ଟି ଅଣ ଅବବାହିକା ଅଞ୍ଚଳରେ ଚାଷ ଜମିକୁ ଜଳବନ୍ଦୀ ମୁକ୍ତ କରିବା ସହିତ ଜଳ ନିଷ୍କାସନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଡିଆଇପି ଯୋଜନା ଆରମ୍ଭ କରାଯାଇଥିଲା। ୨୦୧୯-୨୦ରୁ ୨୦୨୨-୨୩ ପର୍ଯ୍ୟନ୍ତ ଏଥିପାଇଁ ୫୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ଏଥିସହିତ ସହରାଞ୍ଚଳରୁ ପ୍ରାକୃତିକ ଡ୍ରେନ୍‌ଗୁଡ଼ିକରୁ ଜଳ ନିଷ୍କାସନ କରିବା ପାଇଁ ମଧ୍ୟ ସରକାର ଯୋଜନା କରିଛନ୍ତି। ଆଗାମୀ ୫ ବର୍ଷ ପାଇଁ ଡିଆଇପି ଯୋଜନାରେ ୧୪୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର କରିଛି।

# ରାଜ୍ୟବ୍ୟାପୀ ଶିକ୍ଷକଙ୍କ ଆନ୍ଦୋଳନ



ନବରଙ୍ଗପୁରରେ ଆନ୍ଦୋଳନ କରୁଥିବା ଶିକ୍ଷୟିତ୍ରୀଶିକ୍ଷକ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨ ଦଫା ଦାବିପତ୍ର ପ୍ରଦାନ

**ଭୁବନେଶ୍ୱର, ୧୩।୨(ବ୍ୟୁରୋ)**

ଦୁଇ ଦଫା ଦାବି ପୂରଣ ପାଇଁ ଶିକ୍ଷୟିତ୍ରୀଶିକ୍ଷକମାନେ ସୋମବାର ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇବା ସହ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାରଙ୍କ ଶିକ୍ଷାନୀତିକୁ ଶିକ୍ଷକମାରଣ ନୀତି ତଥା ପାତରଅନ୍ତର ନୀତି ଦର୍ଶାଇ ଜିଲାର ହାଇସ୍କୁଲ ନୂତନ ପେନସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷୟିତ୍ରୀଶିକ୍ଷକ ତଥା ଜିଲା ନୂତନ ପେନସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ଜିଲାସ୍ତରରେ ଏହି ଆନ୍ଦୋଳନ ଓ ଦାବିପତ୍ର ପ୍ରଦାନ କରାଯାଇଥିଲା। ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କର ୬ ବର୍ଷ ଚୁକ୍ତି ଅବଧିକୁ ମୂଳ ଚାକିରି ସହ ଯୋଗ କରିବା ସହ ୬ଟି ନୋଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା ଓ ୨୦୧୬ରୁ ୨୦୨୨ ମଧ୍ୟରେ ନିଯୁକ୍ତ ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ତୁରନ୍ତ ନିୟମିତ କରିବା ଦାବି ରହିଛି। ତେବେ ସରକାର ଏହି ଦୁଇ ଦାବିକୁ ପୂରଣ ନ କଲେ ୧୫ ତାରିଖରେ ରାଜ୍ୟର ସମସ୍ତ ବିଧାୟକ, ଏମ୍‌ପି, ମନ୍ତ୍ରୀମାନଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଏହା ପରେ ଯଦି ସରକାର କୌଣସି ନିଷ୍ପତ୍ତି ଗ୍ରହଣ ନ କରନ୍ତି ତା'ହେଲେ ଆସନ୍ତା ବିଧାନସଭା ଅଧିବେଶନ ସମୟରେ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ ଚେତାବନୀ ଦେଇଛନ୍ତି।

# ୪ ଦଫା ଦାବି ନେଇ ଅଧ୍ୟାପକଙ୍କ ବିକ୍ଷୋଭ

## ଯୁକ୍ତ ୨, ଯୁକ୍ତ ୩ ପରୀକ୍ଷାରେ ଅସହଯୋଗ ଚେତାବନୀ

**ଭୁବନେଶ୍ୱର, ୧୩।୨(ବ୍ୟୁରୋ)**

ନିଖିଳ ଓଡ଼ିଶା ୬୬୨ ବର୍ଗ ବେସରକାରୀ କଲେଜ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ସୋମବାର ୪ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ହଜାର ହଜାର ଅଧ୍ୟାପକ ଏକାଠି ହୋଇ ମାଷ୍ଟରକ୍ୟାଣ୍ଟିନ୍ ଛକରୁ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ଲୋୟର ପିଏମ୍‌ଜିର ଧାରଣା ସ୍ଥଳରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଶିକ୍ଷକ ନେତାମାନେ ସମାନ ଗ୍ରେଡ୍ ପେ ଆଧାରରେ ସମାନ ଦରମା ବୃଦ୍ଧି, ସମସ୍ତଙ୍କୁ ଗ୍ରାଚ୍ୟୁଇଟି ଓ ପେନସନ୍ ପ୍ରଦାନ ସମେତ ୪ଦଫା ଦାବି ପୂରଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ସଂଘ ସଭାପତି ଗୋଲକ ନାୟକଙ୍କ କହିବାନୁସାରେ, ଶିକ୍ଷାଦାନ କାର୍ଯ୍ୟରେ ନିୟୋଜିତ ହେବାର ୩୦ବର୍ଷ ପରେ ମଧ୍ୟ ସବୁ କ୍ଷେତ୍ରରେ ବରିଷ୍ଠ ଥିବା ଅଧ୍ୟାପକ ଓ କର୍ମଚାରୀମାନେ ବାରମ୍ବାର ବୈମାତୃକ ମନୋଭାବର ଶିକାର ହୋଇ ଆସୁଛନ୍ତି। ତେଣୁ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନିଅନ୍ତୁ। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଯଥାଶୀଘ୍ର ହସ୍ତକ୍ଷେପ କରନ୍ତୁ ଓ ଏହାର ଆଶୁ ସମାଧାନ କରିବା ପାଇଁ ସଂଘ ଦାବି କରୁଛି। ଯଦି ଏହି ନିଷ୍ପତ୍ତିର ଶୀଘ୍ର ପୁନର୍ବିଚାର କରା ନ ଯାଏ, ତେବେ ଏହି ଆନ୍ଦୋଳନ ଆମରଣ ଅନଶନ ଭଳି କଠୋର ହେବ। ଆବଶ୍ୟକ ପଡ଼ିଲେ ଆଗାମୀ ଯୁକ୍ତ୨ ଓ ଯୁକ୍ତ୩ ବାର୍ଷିକ ପରୀକ୍ଷାରେ ଅସହଯୋଗ କରିବ ଏବଂ ପରବର୍ତ୍ତୀ ସମୟରେ ମୂଲ୍ୟାଙ୍କନ ବର୍ଜନ ଭଳି କଠୋର ନିଷ୍ପତ୍ତି ନିଆଯିବ। ଏହି ବିକ୍ଷୋଭରେ ସଂଘର ଦୁଇ ସାଧାରଣ ସମ୍ପାଦକ ସତାପଉଦ୍ଦିନ୍ ଅହମ୍ମଦ, ଗଗନ ବେଉରା ପ୍ରମୁଖ ସଂଘର ଦାବିକୁ ନେଇ ସରକାରଙ୍କ ଆଭିମୁଖ୍ୟର ପ୍ରତିବାଦ କରିଥିଲେ।




ନିଖିଳ ଓଡ଼ିଶା ୬୬୨ ବର୍ଗ ବେସରକାରୀ କଲେଜ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ସୋମବାର ମାଷ୍ଟରକ୍ୟାଣ୍ଟିନ୍ ଛକରେ ବିକ୍ଷୋଭ। (ଫଟୋ: ମନୋରଞ୍ଜନ)

ମୁଁ ଜଣେ ଭକ୍ତ ନୁହେଁ, ମୁଁ ମଧ୍ୟ ଜ୍ଞାନୀ ନୁହେଁ। ମୁଁ ମଧ୍ୟ ଭଗବାନଙ୍କର ଜଣେ କର୍ମୀ ନୁହେଁ। ମୁଁ ତା'ହେଲେ କ'ଣ ? ମୁଁ ପ୍ରଭୁଙ୍କ ହାତରେ ଏକ ଯନ୍ତ୍ର। ମୁଁ ସେହି ଗୋପାଳ ଭଗବାନ ବଜାଉଥିବା ଖଣ୍ଡିଏ ବଂଶୀ ମାତ୍ର। ପ୍ରଭୁଙ୍କ ଶ୍ୱାସ- ପବନରେ ଉଡ଼ିଯାଉଥିବା ପତ୍ରଟିଏ। **-ଶ୍ରୀଅରବିନ୍ଦ**



# ଭାରତରେ ଲିଥିୟମ୍

ଖବର ମିଳିଛି ଜମ୍ମୁ ଓ କଶ୍ମୀରର ରିଆସି ଜିଲାରେ ଥିବା ଖଣିରେ ୫.୯ ନିୟୁତ ଟନ୍ ଲିଥିୟମ୍ ଅଛି। ଏହା ଏକ ଅଣ-ଲୌହଯୁକ୍ତ ପଦାର୍ଥ। ଏହି ତେଜସ୍କ୍ରିୟ ଖଣିଜ ପଦାର୍ଥ ସ୍ୱଚ୍ଛ ଶକ୍ତି ଭାବେ ପରିଗଣିତ ହୋଇଥାଏ ଓ ସ୍ୱଳ୍ପ ସ୍ଥାନରେ ପ୍ରଚୁର ପରିମାଣର ଶକ୍ତିକୁ ଗଚ୍ଛିତ କରି ରଖାଯାଇପାରୁଥିବାରୁ ବ୍ୟାଟେରିରେ ଏହାକୁ ପ୍ରମୁଖ ଉପାଦାନ ଭାବେ ବ୍ୟବହାର କରାଯାଇଥାଏ। ମୋବାଇଲ, ଲାପ୍‌ଟପ୍ ଓ ଇଲେକ୍‌ଟ୍ରିକ୍ ଭେହିକିଲ୍ସ (ଇଭି) ସକାଶେ ଏହାର ଯଥେଷ୍ଟ ଆବଶ୍ୟକତା ଥିବାରୁ ଏହି ଶକ୍ତି ଉତ୍ସ ପଛରେ ସାରା ବିଶ୍ୱ ପଡ଼ି ରହିଛି। ଆମେରିକା ଭୂତାତ୍ତ୍ୱିକ ସର୍ଭେ (ୟୁଏସ୍‌ଜିଏସ୍) ତଥ୍ୟ ଅନୁଯାୟୀ ବିଶ୍ୱରେ ୮୦ ନିୟୁତ ଟନ୍ ପରିମାଣର ଲିଥିୟମ୍ ଖଣି ଚିହ୍ନଟ ହୋଇଥିବା ବେଳେ ସେଥିରୁ ମାତ୍ର ୨୨ ନିୟୁତ ଟନ୍ ଖଣି ଉତ୍ତୋଳନ ଉପଯୋଗୀ ହୋଇପାରିଛି। ବିଶ୍ୱରେ ଗଚ୍ଛିତ ଲିଥିୟମର ଅଧାରୁ ଅଧିକ ଦକ୍ଷିଣ ଆମେରିକୀୟ ଦେଶରେ ରହିଛି। ତେବେ ଲିଥିୟମ୍-ଆୟନ୍ ବ୍ୟାଟେରି ଉତ୍ପାଦନରେ ଚାଇନା ଆଗରେ ରହିଛି। ଭାରତ ଏହି ଖଣିଜ ପଦାର୍ଥର ବହୁଳ ପରିମାଣ ଆମଦାନୀ କରି ଚାହିଦା ମେଣ୍ଟାଉଛି।

ଏବେ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନ ସମଗ୍ର ପୃଥିବୀ ପାଇଁ ବିପଦ ଭାବେ ଉଭା ହୋଇଛି। ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ପ୍ରଦୂଷଣକାରୀ ପଦାର୍ଥରୁ ରକ୍ଷାପାଇବା ଲାଗି ମଣିଷ ବିକଳ୍ପ ଶକ୍ତି ଉତ୍ସ ସନ୍ଧାନ କରିଚାଲିଛି। ଲିଥିୟମ୍ ପରିବେଶ ଅନୁକୂଳ ଧାତୁ ଓ ଅଳ୍ପ ପରିମାଣରୁ ଅଧିକ ଶକ୍ତି ଏଥିରୁ ମିଳିପାରୁଥିବାରୁ ଯେଉଁ ଦେଶରେ ଏହାକୁ ଠାବ କରାଯାଉଛି, ସେହି ରାଷ୍ଟ୍ର ଧନୀ ହେଉଛନ୍ତି ବୋଲି କୁହାଯାଉଛି। କିନ୍ତୁ ଭାରତରେ ଲିଥିୟମ୍ ଖନନରୁ ଆସିବାକୁ ଥିବା ଧନ ଦେଶବାସୀଙ୍କ ପାଖରେ ପହଞ୍ଚିବ ନାହିଁ। କ୍ଷମତାସୀନ ବ୍ୟକ୍ତିଙ୍କ ନିକଟତର ଘରୋଇ କମ୍ପାନୀକୁ ସୁନିଶ୍ଚିତ ଉତ୍ତୋଳନ ଦାୟିତ୍ୱ ମିଳିବ ଏବଂ ବିନା ଦ୍ୱନ୍ଦ୍ୱରେ କହିହେବ ଯେ, ଦେଶର ଦୁଇରୁ ଚାରିଟି ପରିବାର ଅପର୍ଯ୍ୟାପ୍ତ ଧନର ମାଲିକ ପାଲଟିବେ। ଏଥିସହିତ ଲିଥିୟମ୍ ଉତ୍ତୋଳନ ଏକ କଠିନ ବ୍ୟାପାର। ଉପଯୁକ୍ତ ପ୍ରଯୁକ୍ତି ବ୍ୟବହାର କରାଯାଇ ଦକ୍ଷତାର ସହିତ ଉତ୍ତୋଳନ କରାଯାଇ ନ ପାରିଲେ ତାହା ଅର୍ଥନୈତିକ ଓ ପରିବେଶଗତ କ୍ଷତି ପହଞ୍ଚାଇଥାଏ। ଜମ୍ମୁ ଓ କଶ୍ମୀର କଥା ଦେଖିଲେ ରିଆସି ଅଞ୍ଚଳ ହିମାଳୟ ପରିବେଷ୍ଟିତ ହୋଇଥିବାରୁ ତାହା ପରିବେଶ ଦୃଷ୍ଟିକୋଣରୁ ଭଙ୍ଗୁର ବା ନରମା ରହିଛି। ତେଣୁ ସେଠାରୁ ବୈଜ୍ଞାନିକ ଉପାୟରେ ଖନନ ନ ହେଲେ ଅଧିକ କ୍ଷତି ଘଟାଇବ। ଭାରତ ଗବେଷଣା ଓ ବିକାଶ (ଆର୍ ଅଣ୍ଡ୍ ଡି)କୁ ସେଭଳି ଗୁରୁତ୍ୱ ଦେଉ ନ ଥିବାରୁ ହୁଣ୍ଡା ଭାବେ ସେହି ଇଲାକାକୁ ଖୋଳିଚାଲିଲେ ପର୍ଯ୍ୟାପ୍ତ ଅର୍ଥ ବ୍ୟୟ ହେବା ଥୟ। ୨୦୨୧ରେ କର୍ଣ୍ଣାଟକରେ ସ୍ୱଳ୍ପ ପରିମାଣର ଲିଥିୟମ୍ ଗଚ୍ଛିତ ଥିବା ଭଣ୍ଡାରର ସନ୍ଧାନ ମିଳିଥିଲା। କିନ୍ତୁ ତାହାକୁ ବ୍ୟବହାର ଉପଯୋଗୀ ସ୍ତରକୁ ଅଣାଯାଇପାରି ନାହିଁ। ପୁନଶ୍ଚ କୁହାଯାଇପାରେ ଯେ, ଜମ୍ମୁ ଓ କଶ୍ମୀରରେ ପ୍ରଚୁର ପରିମାଣର ଲିଥିୟମ ଗଚ୍ଛିତ ଥିବା ଜଣାପଡ଼ିବା ପରେ ଦେଶର ବୃହତ୍ କର୍ପୋରେଟ୍ ସଂସ୍ଥା ତାହାକୁ ହାତେଇବା ପାଇଁ ଲାଗିପଡ଼ିପାରନ୍ତି। ଭାରତରେ ବଡ଼ ଶିଳ୍ପ ସଂସ୍ଥା ସହ ସରକାରଙ୍କ ସମ୍ପର୍କ ଉତ୍ତମ ଥିବାରୁ ଏ ଦିଗରେ ଅନୁମତି ମିଳିବା ସହଜ ହୋଇପାରେ। କିନ୍ତୁ ସରକାର ସେହି ଭୁଲ୍ କରିବସିଲେ ପରିବେଶଗତ ବିପଦ ଅଧିକ ଘନୀଭୂତ ହେବ। ଘରୋଇ ସଂସ୍ଥାଗୁଡ଼ିକ ମନଇଚ୍ଛା ଉତ୍ତୋଳନ କରିବା ପାଇଁ ଲାଗିପଡ଼ି ସମ୍ପୃକ୍ତ ଅଞ୍ଚଳକୁ ଛାରଖାର କରିଦେବେ। ତେଣୁ ସରକାର ଏଭଳି ମୂଲ୍ୟବାନ ଧାତୁକୁ ନିଜ ନିୟନ୍ତ୍ରଣ ଭିତରେ ରଖି ଉତ୍ତୋଳନ କରିବା ଦରକାର। ପ୍ରଥମେ ଏହାର ଖନନ ଲାଗି ଆର୍ ଆଣ୍ଡ୍ ଡି ବ୍ୟବସ୍ଥା କରାଯାଉ। ଲିଥିୟମ୍ ସମୃଦ୍ଧ ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ବଲିଭିଆ, ଆର୍ଜେଣ୍ଟିନା ଓ ଚିଲି ସହ ଭାରତ ଯୋଗାଯୋଗ କରିବା ଦରକାର। ଚିଲି ରାଷ୍ଟ୍ରପତି ଗାବ୍ରିଏଲ୍ ବୋରିକ୍ ଫଣ୍ଟ୍ ଲିଥିୟମ୍ ଗଚ୍ଛିତ ଅଞ୍ଚଳକୁ ସରକାରୀ ନିୟନ୍ତ୍ରଣାଧୀନ କରିଛନ୍ତି। ଏଥିଲାଗି ଏକ ଜାତୀୟ ଲିଥିୟମ୍ ସଂସ୍ଥା ପ୍ରତିଷ୍ଠା କରିବାକୁ ରାଷ୍ଟ୍ରପତି ପ୍ରସ୍ତାବ ଦେଇଛନ୍ତି। ଆବଶ୍ୟକ ସ୍ଥଳେ ଘରୋଇ କମ୍ପାନୀକୁ କ୍ଷୁଦ୍ର ଭାଗୀଦାରି ଭାବେ ଗ୍ରହଣ କରାଯାଇପାରେ ବୋଲି ସେ କହିଛନ୍ତି। କାରଣ ପରିବେଶ ସଂରକ୍ଷଣ ତାଙ୍କ ପାଇଁ ଅଧିକ ଗୁରୁତ୍ୱ ବହନ କରୁଥିବା ଫଣ୍ଟ୍ ଦର୍ଶାଇଛନ୍ତି। ଚିଲି ରାଷ୍ଟ୍ରପତିଙ୍କ ଚିନ୍ତାଧାରାକୁ ଭାରତ ଗ୍ରହଣ କରିବା ଦରକାର। କାରଣ ଏହି ଧାତୁ ପ୍ରତି ପ୍ରବଳ ଲୋଭ ରହୁଥିବାରୁ ଘରୋଇ କମ୍ପାନୀଙ୍କ ହସ୍ତକ୍ଷେପ ବିଡ଼ମ୍ବନା ସୃଷ୍ଟି କରିପାରେ। ଏଠାରେ ଆହୁରି ମନେରଖିବାକୁ ହେବ ଯେ, ଜମ୍ମୁ ଓ କଶ୍ମୀର ଏଭଳି ଏକ ପ୍ରାନ୍ତ ଯାହାକୁ ଦେଶର ଅନ୍ୟ ରାଜ୍ୟଗୁଡ଼ିକ ସହ ତୁଳନା କରିହେବ ନାହିଁ। କେବଳ ପରିବେଶ ସୁରକ୍ଷାରେ ସମସ୍ୟା ସୀମିତ ରହିବ ନାହିଁ। ଲିଥିୟମ୍ ଖନନ ବେଳେ ଅନେକ ରାଜନୈତିକ ସମସ୍ୟା ଉପୁଜିବା ସୁନିଶ୍ଚିତ ମନେହେଉଛି।

ମଣିଷର ଲୋଭ ଉତ୍ତରାଖଣ୍ଡର ଜୋଶୀମଠକୁ କେଉଁଭଳି ସ୍ତରକୁ ନେଇ ଆସିଛି ତାହା ଦେଶବାସୀ ଦେଖିଲେ। ବର୍ତ୍ତମାନ ପରିସ୍ଥିତିରେ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନକୁ ରୋକିବା ଲାଗି ସ୍ୱଚ୍ଛ ଶକ୍ତିର ବ୍ୟବହାର ଆବଶ୍ୟକ ହୋଇପଡ଼ିଲାଣି। କିନ୍ତୁ ବିକଳ୍ପ ଉପଯୋଗିତା ପାଇଁ ଧାଇଁ ଯଦି ତରବରିଆ ଭାବେ ପଦକ୍ଷେପ ନିଆଯିବ, ତେବେ ସ୍ଥିତି ଆହୁରି ସଙ୍ଗିନ ହୋଇଯିବ। ଲିଥିୟମ୍ ଭଣ୍ଡାର ଠାବ ହେବା ଦେଶ ପାଇଁ ଶୁଭ ଖବର। କିନ୍ତୁ ତାହାକୁ ବ୍ୟବହାର ଉପଯୋଗୀ କରିବା ସ୍ତରକୁ ଆଣିବା ସକାଶେ ସରକାରଙ୍କୁ ଅଧିକ ଦାୟିତ୍ୱବାନ୍ ହେବାକୁ ପଡ଼ିବ।

# ଅମୃତକାଳରେ ଚାଷୀ କେଉଁଠି



ବିଚିତ୍ର ବିଶ୍ୱାଳ

୨୦୨୩ର ବଜେଟ ଯଦି ଆସନ୍ତା ୨୫ବର୍ଷ ମଧ୍ୟରେ ଆସିବାକୁ ଥିବା ଅମୃତକାଳକୁ ଏକ ରାସ୍ତା, ତେବେ ବୁଝିବାକୁ ହେବ ଯେ, ଏହି ଈପ୍‌ସିତ ଅମୃତକାଳର ପରିକଳ୍ପନାରେ ଚାଷ ଓ ଚାଷୀ ନାହାନ୍ତି। ଦେଶରେ ଥିବା ବିଷମତାକୁ ନେଇ ଯେଉଁ ଇଣ୍ଡିଆ ଓ ଭାରତର ତତ୍ତ୍ୱ ବ୍ୟବହାର କରାଯାଏ, ସେହି ଅନୁସାରେ ଅମୃତକାଳ କେବଳ ଇଣ୍ଡିଆ ପାଇଁ, ଭାରତ ପାଇଁ ନୁହେଁ। କାରଣ ଭାରତ ଜନସଂଖ୍ୟାର ସିଂହଭାଗ ଚାଷୀମାନଙ୍କର ପରିସ୍ଥିତି ବଦଳିବା ପରି ବଜେଟରେ ବିଶେଷ କିଛି ନାହିଁ। ଏହି ବଜେଟରେ ପୁଞ୍ଜି ଖର୍ଚ୍ଚ, ଆର୍ଥିକ ଐକୀକରଣ, ନିରନ୍ତର ଅଭିବୃଦ୍ଧି ଆଦି ପ୍ରତିଶ୍ରୁତିକୁ ନେଇ ହୋହଲ୍ଲା ଶୁଣାଯାଉଥିବାବେଳେ ଅପରପାର୍ଶ୍ୱରେ ଚାଷୀଙ୍କ ପରିସ୍ଥିତିର ପରିବର୍ତ୍ତନ ବିଷୟରେ ବଜେଟ ନୀରବତା ଅବଲମ୍ବନ କରୁଛି।

ଗ୍ରାମାଞ୍ଚଳର ୭୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭରଶୀଳ। କିନ୍ତୁ କାହିଁକି ସେମାନଙ୍କ ରୋଜଗାର ବୃଦ୍ଧି ବିଷୟରେ ବଜେଟରେ କିଛି କୁହାଯାଇନାହିଁ, ତାହା ବୁଝିବା ବାହାରେ। ଯେତେବେଳେ ନିରନ୍ତର ଆର୍ଥିକ ଅଭିବୃଦ୍ଧି କଥା କୁହାଯାଉଛି, ସେତେବେଳେ ଜନସଂଖ୍ୟାର ସିଂହଭାଗ ଲୋକଙ୍କୁ ଛାଡ଼ି ଏହା କିପରି ସମ୍ଭବ ହେବ? ଗ୍ରାମାଞ୍ଚଳ ଭାରତ, ଯେଉଁଠି ଚାଷୀମାନେ ବସବାସ କରନ୍ତି, ସେମାନେ ଏହି ଅଭିବୃଦ୍ଧିର ବାହାରେ ରହିଯିବେ।

ଚାଷକ୍ଷେତ୍ରରେ ଆଖିଦୃଶିଆ ପୁଞ୍ଜିନିବେଶ ଓ ଚାଷୀଙ୍କ ରୋଜଗାର ସୁରକ୍ଷା ବିନା ଚାଷୀମାନଙ୍କର ଭାଗ୍ୟରେ ପରିବର୍ତ୍ତନ ହୋଇପାରିବ ନାହିଁ। ଚାଷ କ୍ଷେତ୍ରରେ ପୁଞ୍ଜି ନିବେଶର କଥା ଯେତେବେଳେ କୁହାଯାଉଛି, ତାହା କେବଳ ଚାଷୀମାନଙ୍କୁ ଋଣ ଯୋଗାଇଦେବା ନୁହେଁ। କାରଣ ଚାଷ ଉପକରଣ ତଥା ଯନ୍ତ୍ରପାତି ପାଇଁ ଯୋଗାଇ ଦିଆଯାଉଥିବା ଋଣର ଅସଲ ଲାଭ ନେଉଛନ୍ତି ଉପକରଣ ବିକ୍ରେତା କମ୍ପାନୀଗୁଡ଼ିକ। ତେଣୁ ସେସବୁ ବ୍ୟୟ ଅଟକଳକୁ ଚାଷୀଙ୍କ ପାଇଁ ତଥା ଚାଷ କ୍ଷେତ୍ରରେ ବ୍ୟୟ ବରାଦ ବୋଲି କହିବା ସତ୍ୟର ଅପଳାପ। ଗତ କିଛି ବର୍ଷର ବଜେଟକୁ ଲକ୍ଷ୍ୟକଲେ ଦେଖାଯାଏ , ସର୍ବସାଧାରଣ କ୍ଷେତ୍ରରେ ପୁଞ୍ଜି ନିବେଶ ନିୟମିତ ଭାବେ କମି ଚାଲିଛି ନ ହେଲେ ସ୍ଥିର ଅଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ତଥ୍ୟ ଅନୁସାରେ ୨୦୧୧-୧୨ରୁ ୨୦୧୭-୧୮ମଧ୍ୟରେ ସର୍ବସାଧାରଣ କ୍ଷେତ୍ରରେ ପୁଞ୍ଜିନିବେଶ ଜିଡିପିର ୦.୩ ରୁ ୦.୪ ପ୍ରତିଶତ ମଧ୍ୟରେ ଥିବା ବେଳେ ଏହି ସମୟ ମଧ୍ୟରେ ଶିଳ୍ପସଂସ୍ଥାଗୁଡ଼ିକୁ ଯେତିକି ଆର୍ଥିକ ଛାଡ଼ ଦିଆଯାଇଛି ତାହା ଜିଡିପିର ୫.୫ ପ୍ରତିଶତ। ଏହି ଗୋଟିଏ ପରିସଂଖ୍ୟାନରୁ ଅନୁମାନ କରାଯାଇପାରେ ଚାଷ କ୍ଷେତ୍ର ଯେଉଁଥିରେ ପାଖାପାଖି ୫୦% ଶ୍ରମଶକ୍ତି ନିୟୋଜିତ ତାହା କାହିଁକି ଅବହେଳିତ। ଏଥିସହ ୨୦୨୩ର ଅର୍ଥନୈତିକ ସର୍ଭେ ରିପୋର୍ଟ କହୁଛି, ୨୦୨୦-୨୧ରେ କୃଷିକ୍ଷେତ୍ରରେ କରାଯାଇଥିବା ପୁଞ୍ଜି ଏ ଦଶନ୍ଧିରେ ସର୍ବନିମ୍ନ।



ଏଥିରୁ ବୁଝିହେଉଛି ଯେ, ଚାଷ ଓ ଚାଷୀ ସରକାରଙ୍କ ପ୍ରାଥମିକତା ତାଲିକାରେ ନାହାନ୍ତି। ଚଳିତ ବର୍ଷ ବଜେଟରେ କୃଷି ଓ ଏହାର ଆନୁଷଙ୍ଗିକ କ୍ଷେତ୍ର ପାଇଁ ଯେତିକି ବ୍ୟୟ ବରାଦ ହୋଇଛି, ତାହା ପ୍ରମାଣ କରୁଛି ଯେ ସରକାରଙ୍କ ଅମୃତକାଳରେ ଚାଷ ଓ ଚାଷୀ ନାହାନ୍ତି। ଦେଶକୁ ଯଦି ସତରେ ଅମୃତକାଳକୁ ନେବାର ଅଛି ତେବେ କୃଷିକ୍ଷେତ୍ରର ଅର୍ଥନୈତିକ ବିକାଶ ପାଇଁ ବ୍ୟବସ୍ଥା କରିବାକୁ ହେବ।

ଚଳିତ ବର୍ଷ ବଜେଟରେ କୃଷିକ୍ଷେତ୍ରର ଭାଗକୁ ସମୁଦାୟ ବଜେଟର ୩.୨୦ ପ୍ରତିଶତକୁ କମେଇ ଦିଆଯାଇଛି। ପୂର୍ବ ବର୍ଷ ଏହା ୩.୮ପ୍ରତିଶତ ଥିଲା। ଚଳିତ ବର୍ଷ କୃଷି କ୍ଷେତ୍ର ପାଇଁ ୧.୨୫ ଲକ୍ଷ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ଗତ ବର୍ଷ ସଂଶୋଧିତ ବଜେଟରେ ଏହାର ପରିମାଣ ୧.୫୧ ଲକ୍ଷ କୋଟି ଟଙ୍କା ଥିଲା। ୨ ବର୍ଷ ତଳେ ୨୦୨୧ ବଜେଟରେ କୃଷିକ୍ଷେତ୍ର ପାଇଁ ବ୍ୟୟ ବରାଦର ପରିମାଣ ଥିଲା ୧.୪୮ ଲକ୍ଷ କୋଟି ଟଙ୍କା। ପରିସଂଖ୍ୟାନରୁ ଜଣାପଡୁଛି, କୃଷିକ୍ଷେତ୍ରର ବଜେଟକୁ ସ୍ଥିର ରଖାଯାଉଛି ନ ହେଲେ କମ୍ କରାଯାଉଛି। ବର୍ଷକୁ ବର୍ଷ ହେଉଥିବା ମୁଦ୍ରାସ୍ଫୀତିକୁ ଦେଖିଲେ ନିୟମ ଦୃଷ୍ଟିରୁ ପରବର୍ତ୍ତୀ ବର୍ଷର ବଜେଟର ପରିମାଣ ପୂର୍ବବର୍ତ୍ତୀ ବର୍ଷଠାରୁ ଅଧିକ ହେବା କଥା। କିନ୍ତୁ କୃଷି କ୍ଷେତ୍ରରେ ଏହାର ଓଲଟା ଦେଖାଯାଉଛି। ଧୀରେ ଧୀରେ ବଜେଟକୁ କମେଇ ଦିଆଯାଉଛି। ତା'ହେଲେ ଚାଷୀମାନେ କ'ଣ ସରକାରଙ୍କ ବିକାଶ ଯୋଜନାର ହିତାଧିକାରୀ ନୁହନ୍ତି? ଏଥିସହ ଚଳିତ ବର୍ଷ ବଜେଟରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ପରିମାଣକୁ ୧୨% କମେଇ ଦିଆଯାଇଛି। ପ୍ରତି ବର୍ଷ ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବ ବଢୁଛି ଓ ସେହି ହିସାବରେ ଫସଲ ହାନିର ପରିମାଣ ବି ବଢୁଛି। କିନ୍ତୁ ସରକାର ଫସଲ ବୀମା ଯୋଜନାରେ ବଜେଟ କମ୍ କରିଛନ୍ତି। ସେହିପରି ପିଏମ୍ କିଷାନ ଯୋଜନାର ପରିମାଣକୁ ମଧ୍ୟ ୧୩% କମେଇ ଦିଆଯାଇଛି। ଚାଷୀମାନଙ୍କୁ ଫସଲର ମୂଲ୍ୟ ଯୋଗାଇବାକୁ ନିଶ୍ଚିତ କରୁଥିବା ପିଏମ୍ ଆଶା ଯୋଜନା ଯାହା ଚାଷୀମାନଙ୍କୁ ତୈଳବୀଜ ଓ ଡାଲିଜାତୀୟ ଫସଲର ଉଚିତ ମୂଲ୍ୟ ମିଳିବାକୁ ନିଶ୍ଚିତ କରୁଥିଲା ଏବଂ ପିଏସ୍‌ଏସ୍-ଏମ୍‌ଆଇଏସ୍ ଯୋଜନା, ଯାହା ଚାଷୀମାନଙ୍କୁ ବଜାର ସହାୟତା ପ୍ରଦାନ କରୁଥିଲା, ସେଥିରେ ବ୍ୟୟ ବରାଦ ବହୁତ କମ୍ ରଖାଯାଇଛି। ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ବଜେଟ ନୀରବତା ଅବଲମ୍ବନ କରୁଛି। ଦିଲ୍ଲୀର ଚାଷୀ ଆନ୍ଦୋଳନ ଯୋଗୁ ତିନୋଟି କଳା ଆଇନକୁ ହଟେଇ ଦିଆଯିବା ପରେ ଚାଷୀମାନେ ସମସ୍ତ ପ୍ରକାର ଫସଲ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନଗତ ଭାବେ ନିଶ୍ଚିତ କରିବା ପାଇଁ ଦାବିକରି ଆସୁଛନ୍ତି। ଯଦିଓ ସରକାର ପ୍ରତି ବର୍ଷ ୨୩ଟି ଫସଲ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରୁଛନ୍ତି, କିନ୍ତୁ ତାହା କାଗଜରେ ସୀମିତ ରହିଯାଉଛି। ବଜେଟରେ ଏହାର କିଛି ଝଲକ୍ ନାହିଁ। କୃଷକ ପରିବାରର ପରିସ୍ଥିତି ଆକଳନ ସର୍ଭେ-୨୦୧୯ ଅନୁସାରେ ଉଭୟ କୃଷି ଓ ଅଣକୃଷି କାର୍ଯ୍ୟକୁ ମିଶାଇ ଗୋଟିଏ ଚାଷୀ ପରିବାରର ହାରାହାରି ବାର୍ଷିକ ଆୟ ମାତ୍ର ୧୦,୨୧୮ ଟଙ୍କା। ବର୍ତ୍ତମାନର ଦରଦାମ ବୃଦ୍ଧି ସମୟରେ ଗୋଟିଏ ଚାଷୀ ପରିବାର ପାଇଁ ଏହି ପରିମାଣ କିଛି ବି ନୁହେଁ। ଏପରି ପରିସ୍ଥିତିରେ ଯଦି ଚାଷୀମାନଙ୍କ ଫସଲର ଉଚିତ ମୂଲ୍ୟ ମିଳିବା ଉପରେ ଗୁରୁତ୍ୱ ଦିଆ ନ ଯାଏ, ତେବେ ଏହା ସେମାନଙ୍କର ଅବସ୍ଥାକୁ ଆହୁରି ବିପନ୍ନ କରିଦେବ।

ଏଥର ବଜେଟରେ ୧୦ ହଜାରଟି ଜୈବିକ ସମ୍ବଳ କେନ୍ଦ୍ର ପାଇଁ ବ୍ୟବସ୍ଥା ହୋଇଛି ଏବଂ ଆସନ୍ତା ୩ବର୍ଷରେ ୧ କୋଟି ଚାଷୀ ପରିବାରଙ୍କୁ ରାସାୟନିକ ଚାଷରୁ ଜୈବିକ ଚାଷକୁ ଫେରେଇ ଆଣିବାର ପ୍ରତିଶ୍ରୁତି ଦିଆଯାଇଛି। ଚଳିତ ବର୍ଷ ଅନ୍ତର୍ଜାତୀୟ କ୍ଷୁଦ୍ର ଶସ୍ୟର ବର୍ଷ ହୋଇଥିବାରୁ ସରକାର ଅଧିକ ପୋଷକତତ୍ତ୍ୱଯୁକ୍ତ ଓ ପରିବେଶ ଦୃଷ୍ଟିରୁ ସୁରକ୍ଷିତ କ୍ଷୁଦ୍ରଶସ୍ୟ ଚାଷକୁ ପ୍ରାଧାନ୍ୟ ଦିଆଯିବ ବୋଲି ଘୋଷଣା କରିଛନ୍ତି। କିନ୍ତୁ ଏସବୁ ପାଇଁ ପ୍ରଥମେ ଚାଷୀର ଉତ୍ପାଦନକୁ ଉଚିତ ମୂଲ୍ୟ ପ୍ରଦାନ କରିବାକୁ ହେବ। ଯେପର୍ଯ୍ୟନ୍ତ ସରକାର ଭିନ୍ନ ଭିନ୍ନ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନଗତ ଭାବେ କଡ଼ାକଡ଼ି ପାଳନ କରିନାହାନ୍ତି, ସେପର୍ଯ୍ୟନ୍ତ ଯାହା ଯୋଜନା କଲେ ବି ତାହା କାର୍ଯ୍ୟରେ ରୂପାନ୍ତରିତ ହେବା କଷ୍ଟକର । ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ଓ ପରିବେଶ ଦୃଷ୍ଟିରୁ ଉପଯୋଗୀ କରିବା ହିଁ ଏକ ଭବିଷ୍ୟତମୁଖୀ ଚାଷ ବ୍ୟବସ୍ଥାର ପ୍ରଥମ ପାହାଚ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ, ଏ ଉଭୟ ଏହି ବଜେଟରେ ନାହିଁ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ-୯୪୩୮୪୬୮୪୭୪**

# ଭଲମଣିଷଙ୍କ ନିୟତି



ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

ଏବେ ଏକ ବିଚିତ୍ର ପରିବେଶ ଆଉ ପରିସ୍ଥିତି ମଧ୍ୟରେ ଆଗେଇ ଚାଲିଛି ଏଇ ଦୁନିଆ। ଏଇଠି ଭଲ ମଣିଷଟିଏ ବାରମ୍ବାର ଅବହେଳିତ ତଥା ଅପମାନିତ ହୋଇ ଚାଲିଥିବା ବେଳେ, 'ବିଷକୁମ୍ଭଂ ପୟୋମୁଖମ୍' ପ୍ରକୃତିର କୁଟିଳ ମଣିଷମାନେ ପାଇ ଚାଲିଛନ୍ତି ସାମାଜିକ ପ୍ରତିଷ୍ଠା ଆଉ ସମ୍ମାନ। ଆଜିକାର ସମୟ ହେଉଛି ସ୍ୱାର୍ଥସର୍ବସ୍ୱ ମଣିଷମାନଙ୍କର, ପରଛିଦ୍ରାନ୍ୱେଷଣକାରୀ ମାମଲତକାରମାନଙ୍କର। 'ଅନାହୁତଃ ପ୍ରବିଶତି, ଅପୃଷ୍ଟୋ ବହୁ ଭାଷତେ' ହେଉଛି ସେମାନଙ୍କର ମାନସିକତା। କମ୍ ଶୁଣିବେ, ବେଶି କଥା ହାଙ୍କିବେ। ଅଯଥାରେ ମୁଣ୍ଡ ପୂରେଇବେ ପରକଥାରେ। ସଜ ମାଉଁସରେ ଅଂଶେଇ ପକେଇ ପାରୁଥିବା ଏଇ ଅମଣିଷମାନେ ପ୍ରତିଟି ଘଟଣାକୁ ଏପରି ମାଲ୍‌ମସଲା ଦେଇ ବର୍ଣ୍ଣନା କରିବେ, ଯେପରିକି ସେମାନେ ହିଁ ଏକମାତ୍ର ପ୍ରତ୍ୟକ୍ଷଦର୍ଶୀ। ତା' ଉପରେ ପୁଣି ଅବିଚାରିତ ଭାବେ ଦେଇଚାଲିଥିବେ ଏଣୁତେଣୁ ବାଜେ ମତ ଓ ମନ୍ତବ୍ୟ, ଯାହାର କିଛି ଆଦର୍ଶଗତ କି ସାମାଜିକ ଭିତ୍ତିଭୂମି ହିଁ ନଥିବ। ସେଥିରେ କାହାର ମାନସିକ ଏବଂ/ଅଥବା ପାରିବାରିକ କି ସାମାଜିକ ଜୀବନ ଉପରେ କି ପ୍ରକାର ପ୍ରଭାବ ପଡୁଛି, ସେସବୁ ବିଚାର କରିବାକୁ ସେମାନଙ୍କ ପାଖରେ କୋଉଠି ସମୟ ଅଛି ଯେ ସେମାନେ ଦେଖିବେ କି ଜାଣିବେ? ଏଇ ଟାଉଟରମାନେ ଆଜିକାଲି ଗାଆଁଠୁ ସହର ସବୁଠି ମିଳିଯାଉଛନ୍ତି ବହୁ ପରିମାଣରେ, ଯେଉଁମାନଙ୍କ ଜୀବନାଦର୍ଶ ହିଁ ହେଉଛି ନେଗେଟିଭିଟି। ଏମିତି ଲୋକମାନଙ୍କ ଆଖିକୁ କେବେହେଲେ ଦେଖାଯାଏନାହିଁ ଭଲକଥା କି ଭଲକାମ କିଛି ହେଲେ। ଏମାନେ ସବୁ ହେଉଛନ୍ତି ଜଣେ ଜଣେ ବର୍ଣ୍ଣାନ୍ଧ, ଯାହାଙ୍କ ଆଖିକୁ ଦେଖାଯାଏ ନାହିଁ ସୁନ୍ଦର ପୃଥିବୀ। ଅନ୍ୟର ଜୀବନରେ ବିଷ ଗୋଳିଦେବା ଏମାନଙ୍କ ପାଇଁ ଏକ ସାଧାରଣ କଥା। ତାଙ୍କ କୁମନ୍ତ୍ରଣାର ଫଳଶ୍ରୁତି ହେଉଛି ଯାବତୀୟ ସାମାଜିକ ବିଭ୍ରାଟ। ଏମିତି ହୀନକର୍ମା ମଣିଷଠାରୁ ସମ୍ବେଦନା କି ସହାନୁଭୂତି ଆଶା କରିବା ବୃଥା। ଠିକେ ଠିକେ କହିବାକୁ ଗଲେ ମାନବିକତା ଏବଂ ମାନବ ଜାତି ପାଇଁ ଏମାନେ ସମସ୍ତେ ହେଉଛନ୍ତି ଶତ୍ରୁ। ଏମାନଙ୍କୁ ଭସ୍ମାସୁର କହିଲେ ଅତ୍ୟୁକ୍ତି ହେବ ନାହିଁ।

ଆହୁରି ମଧ୍ୟ ଦ୍ୱେଷଦର୍ଶୀ ହୋଇ ଗଲେଣି ଆଜିକାର ଲୋକଙ୍କ ମଧ୍ୟରୁ ଅନେକେ। ସର୍ବାଧିକ କହିଲେ ବି ଅତ୍ୟୁକ୍ତି ହେବନାହିଁ। ସ୍ଥାନ-କାଳ-ପାତ୍ର କିଛି ହିଁ ଭେଦାଭେଦ ନରଖି ସଦାବେଳେ ସେମାନେ ଏମିତି ହେଉଥା'ନ୍ତି, ଯେମିତି ହୁଏ ମାଛି। ସେଇଠି ଅମୃତତୁଲ୍ୟ ଖାଦ୍ୟ ଦରବରେ ବସି ରସ ଆସ୍ୱାଦନ କରୁଥିବ ମାଛି, ହେଲେ ସୁଯୋଗ ପାଇଲେ ଚଟାପଟ୍ ଉଡ଼ିଯାଇ ବସି ପଡ଼ିବ ଘାଆରେ। ଏଥିରୁ କି ସ୍ୱର୍ଗୀୟ ସୁଖ ପାଏ ମାଛି? ତାହା କେବଳ ମାଛିକୁ ହିଁ ଜଣା। କିନ୍ତୁ ଆଜିକାଲି ଆମ ସମାଜରେ ଏମିତି ମାଛି ପ୍ରକୃତିର ମଣିଷମାନଙ୍କର ପ୍ରାବଲ୍ୟ ବେଶି। ନିଜର କୁଟିଳ ମାମଲତକାରୀ ବୁଦ୍ଧିବିଦ୍ୟାରେ ପରଘର ଭାଙ୍ଗିବାରେ ଖୁବ୍ ଓସ୍ତାଦ୍ ଏଇ ନରାଧମମାନେ। କୌରବର ଖାଇ ପାଣ୍ଡବର ମଙ୍ଗଳ ଚିନ୍ତା କରୁଥିବା ଜଣେ ଜଣେ ଘରଭଙ୍ଗା ଶକୁନିଏମାନେ ସମସ୍ତେ। ଆପଣାର ନିହିତ ସ୍ୱାର୍ଥ ସାଧନ ପାଇଁ ଏମାନେ ଅଚିରେ ଧ୍ୱସ୍ତବିଧ୍ୱସ୍ତ କରିଦେଇପାରନ୍ତି ଗୋଟିଏ ସୁଖଶାନ୍ତି, ଧନବୈଭବ ପରିପୂର୍ଣ୍ଣ ସମୃଦ୍ଧ ସାମ୍ରାଜ୍ୟକୁ, ସମୁନ୍ନତ ସଭ୍ୟତାକୁ,



ମହାନ୍ ସଂସ୍କୃତିକୁ। ଏଇମାନେ ଦେଶ ଦୁନିଆରୁ ନିରନ୍ତର ନଷ୍ଟଭ୍ରଷ୍ଟ କରି ଚାଲିଥା'ନ୍ତି ଶାନ୍ତିମୈତ୍ରୀ, ସାମାଜିକ ସଂହତି ଓ ସୌହାର୍ଦ୍ଦ୍ୟ। ଲଜ୍ଜାର ବିଷୟ ହେଲା, ସଦାବେଳେ ମାନବ ସମାଜର ଆଗଧାଡ଼ିରେ ରହି ଆସୁଛନ୍ତି ଏଇ ଘରଭାଙ୍ଗୁ, ଦ୍ୱେଷଦର୍ଶୀ, ପରଶ୍ରୀକାତର ମଣିଷମାନେ, ଯେଉଁମାନଙ୍କ ଜୀବନର ଆଦର୍ଶ ହେଉଛି କେବଳ ଅନ୍ୟର ଅମଙ୍ଗଳ ତଥା ଅନିଷ୍ଟ ଚିନ୍ତା। ଧାନରୁ ଚାଉଳ ବାହାର କରିବା କି ଚାଉଳରୁ ଗୋଡ଼ି ବାଛି ବାହାର କରିବାଟା ଗୋଟେ ସାଧାରଣ କଥା। କିନ୍ତୁ ସମାଜରେ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ ଚାଉଳରୁ ମଧ୍ୟ ଧଡ଼ାଧଡ଼ ବାହାର କରିପକେଇବେ ମଞ୍ଜି। ଧିକ୍ ସେମାନଙ୍କ ପାରିବାପଣକୁ। ହଇହୋ ବାବୁ, ଚାଉଳରେ କ'ଣ ମଞ୍ଜି ଥାଏ? ସତ୍ୟାସତ୍ୟ, ଭଲମନ୍ଦ କିଛି ନ ଦେଖି କି ନପରଖି ଯେଉଁମାନେ ନିରନ୍ତର ଦେଇ ଚାଲିଥା'ନ୍ତି ପ୍ରତି ଘଟଣା/ଦୁର୍ଘଟଣା ଉପରେ କିଛିନା କିଛି ପ୍ରତିକୂଳ ମତ ଓ ମନ୍ତବ୍ୟ, ସେମାନେ ସବୁ ଗୋଟେ ଗୋଟେ ନାରକୀୟ କୀଟ। ଅନେକ ସମୟରେ ଏପରି ଦୁଷ୍ଟ ମାନସିକତା ଅତିଶୟ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ ସୁସ୍ଥ ସମାଜ ପାଇଁ। ହେଲେ ଏହା ଦେଖୁଛି କିଏ? ଏଇ ଶ୍ରେଣୀର ଅସାମାଜିକ ମଣିଷମାନଙ୍କ ଦୃଷ୍ଟିରେ ତ ସ୍ୱୟଂ ସେଇମାନେ ହିଁ ଖାଣ୍ଟି ସୁନା, ପୂରାପୂରି ଚବିଶ କ୍ୟାରେଟ୍। ଆଉ ବାକି ସମସ୍ତେ ଚୋର ଖଣ୍ଟ ମିଛୁଆ ରାଧୁଆ। ଅନ୍ୟକୁ ଗାଳିମନ୍ଦ କରିବାଟା ସେମାନଙ୍କ ମୌଳିକ ଅଧିକାର ଯେମିତି। ଜଣେ ଭଲ ମଣିଷର ହୃଦୟକୁ ଖୁବ୍‌କଷ୍ଟ ଦେଇଥାଏ ନିନ୍ଦା, ଅପମାନ ତଥା ବଦନାମ ସୂଚକ ଅପଶବ୍ଦ ସବୁ। ଏପରିକି ତା'ର ମନୋବଳ ଭାଙ୍ଗି ଦେଇଥାଏ ଅତ୍ୟନ୍ତ ନିର୍ଦ୍ଦୟ ଭାବେ। ବେଳେବେଳେ ଗୋଟେ ଦୋଦୁଲ୍ୟମାନ ସ୍ଥିତିରେ ରହିବାକୁ ବାଧ୍ୟ ହୋଇଥାଏ ସତ୍‌ପଥର ପଥିକଟିଏ। କ'ଣ କରିବ/ନ କରିବ ସ୍ଥିର କରି ପାରେନାହିଁ ସେ। ଜଣେ ଭଲମଣିଷ ପାଇଁ ଏଇ ସ୍ଥିତି ସବୁଠୁ ଯନ୍ତ୍ରଣାଦାୟକ।

ଏହା ଅବଶ୍ୟ ସତ ଯେ ଆପଣା ଆପଣାର ନିଜସ୍ୱ ଦୃଷ୍ଟିଭଙ୍ଗୀକୁ ନେଇ ଦୁନିଆକୁ ଦେଖିବାକୁ ଭଲ ପାଇଥାଆନ୍ତି ମଣିଷମାନେ, ଯାହା ହୋଇଥାଏ ମୁଖ୍ୟତଃ ସ୍ୱାର୍ଥସର୍ବସ୍ୱ ତଥା ଆତ୍ମକୈନ୍ଦ୍ରିକ। ଆପଣାର ଲକ୍ଷ୍ୟ ହାସଲରେ ସାମାନ୍ୟ କିଛି ଅସୁବିଧା ଦେଖାଦେଲେ କି ସ୍ୱାର୍ଥରେ ଆଘାତ ଲାଗିଲେ, ସଙ୍ଗେସଙ୍ଗେ ଆରମ୍ଭ ହୋଇଯାଏ ତୁମ୍ଫିତୋଫାନ, ନିନ୍ଦା ବଦନାମ। ଏହା ହିଁ ବଡ଼ଲଜ୍ଜାର ବିଷୟ। ହେଲେ ଏହା କାହାକୁ କହିବା? ନିନ୍ଦା ଅପମାନ ହେଉଛି ଭଲ ମଣିଷଙ୍କ ନିୟତି। ଅନେକ ମହାମନୀଷୀଙ୍କ ଜୀବନରେ ଏହା ହିଁ ନିଷ୍ଠୁର ଉପଲବ୍ଧି। କିନ୍ତୁ ଏହା ମଧ୍ୟ ସତ ଯେ ନିତିଦିନ ଭଲମନ୍ଦ, ନିନ୍ଦାସ୍ତୁତି, ଯଶ ଅପଯଶ ପ୍ରତିଟି ଆଚାର ବ୍ୟବହାରର ଠିକ୍ ହିସାବ ରଖୁଥାଏ କାଳ। ଧର୍ମନିକିତିରେ ତଉଲି ଦେଖୁଥାଏ ମଧ୍ୟ। ଉପଯୁକ୍ତ ସମୟରେ ଉପଯୁକ୍ତ ବିଚାର କରିବା ହେଉଛି ତାର ପରମଧର୍ମ। ତେଣୁ ନିନ୍ଦା କି ସ୍ତୁତି ପ୍ରତି ଦୃଷ୍ଟି ନ ଦେଇ, ଆପଣାର କର୍ମପଥରେ ଅବିଚଳିତ ଭାବେ ଆଗେଇଯିବା ହେଉଛି ବୁଦ୍ଧିମାନର କାର୍ଯ୍ୟ। ବାକି କଥା ସମୟ ହିଁ କହିବ।

**ଭାରତୀ କୁଟୀର, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର**
**ମୋ: ୮୨୪୯୮୦୭୨୬୭**

## ଏଇ ଭାରତରେ

ବିବିଧତାର ଦେଶ ଭାରତ। ଏଠାରେ ବିଭିନ୍ନ ଜାତି କିମ୍ବା ବର୍ଗର ଲୋକଙ୍କ ସଂସ୍କୃତି ଓ ପରମ୍ପରାରେ ଭିନ୍ନତା ଦେଖିବାକୁ ମିଳେ। ଏଥିମଧ୍ୟରେ ବସନ୍ତ ଋତୁର ଆଗମନ ପୂର୍ବରୁ କଶ୍ମୀରରେ ପାଳିତ ବାସ୍କେଟ ଫିଶିଂ ଫେଷ୍ଟିଭାଲ ଅନ୍ୟତମ। ଏହା ଏକ ନିଆରା ମାଛଧରା ପର୍ବ। ଲୋକମାନେ ସ୍ଥାନୀୟ ଝରଣା କିମ୍ବା ନଦୀକୂଳରେ ଏକାଠି ହୁଅନ୍ତି। ପୁରୁଷ, ମହିଳା ଏପରି କି ପିଲାମାନେ ଏହି ମାଛଧରା ପର୍ବରେ ସାମିଲ ହୋଇଥା'ନ୍ତି। ସେମାନେ ଟୋକେଇ ଧରି ମାଛ ଧରିବାକୁ ପ୍ରସ୍ତୁତ ହୋଇ ରହିଥାଆନ୍ତି। 'ଯାଅ' କହିବା କ୍ଷଣି ସେମାନେ ପାଣିରେ ପଶି ଟୋକେଇରେ ମାଛ ଧରିବା ଆରମ୍ଭ କରିଦିଅନ୍ତି। ଟୋକେଇକୁ ପାଣିରେ ବୁଡ଼ାଇ ଉଠାଇବା ପରେ ସେଥିରେ ଦଳ, ଶିଉଳି ଓ ଘାସ ସହ ମାଛ ବି ଥାଏ। ଏଭଳି ମାଛ ଧରିବା ସେମାନଙ୍କ ଭାଗ୍ୟକୁ ଦର୍ଶାଇଥାଏ। ଅର୍ଥାତ୍ ଯେଉଁମାନଙ୍କ ଟୋକେଇରେ ଦଳ ମଧ୍ୟରେ ଅଧିକ ମାଛ ରହେ, ସେମାନେ ଭାଗ୍ୟଶାଳୀ ବୋଲି ବିବେଚିତ ହୁଅନ୍ତି। ଲୋକମାନେ ଧରୁଥିବା ମାଛକୁ ସେମାନଙ୍କ ମୁଣ୍ଡରେ ବନ୍ଧା ହୋଇଥିବା ବ୍ୟାଗରେ ରଖନ୍ତି। ଉକ୍ତ ପର୍ବ ପାଳନ କରିବା ପଛରେ ଥିବା ଆଉ କାହାଣୀ କହେ ଯେ, ଏଭଳି ମାଛଧରା ଯୋଗୁ ଝରଣା ଓ ନଦୀରୁ ଘାସ ଓ ଶିଉଳି ସଫା ହୋଇଯାଏ ; ଯାହା ବ୍ୟବହାର ଉପଯୋଗୀ ହୋଇଥାଏ।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଫେବୃୟାରୀ ୧୯୯୮

- ପ୍ରତିଦିନ ୭୦୦ରୁ ଊର୍ଦ୍ଧ୍ୱ ବାଂଲାଦେଶୀ ବ୍ୟାପକ ପୁଷ୍ଟିହୀନତାର ଶିକାର ହୋଇ ମୃତ୍ୟୁବରଣ କରୁଥିବା ନେଇ ଢାକାର ଜାୟାରିଆଲ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଏକ ରିପୋର୍ଟ ପ୍ରକାଶ।
- ଆସାମର ସିଲଚର ଲୋକସଭା ନିର୍ବାଚନମଣ୍ଡଳୀରେ ବିଜେପିର ମଣ୍ଡଳ ଉପସଭାପତି ନରେଶ ଗୋଆଲାଙ୍କୁ ଅଜ୍ଞାତ ଦୁର୍ବୃତ୍ତମାନେ ଅପହରଣ କରିନେଇ ହତ୍ୟା କରିଛନ୍ତି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 7 | | 5 | | | |
| | | 3 | | | 6 | | | |
| 9 | | | | | 4 | 6 | | |
| | | | | | | | | |
| | 5 | | | 2 | | 3 | 7 | 4 |
| 8 | | 9 | | | 1 | | 6 | |
| 7 | | | | | | | | 5 |
| | 3 | | | 4 | | | | 8 |
| 2 | 8 | | 5 | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 3 | 8 | 2 | 1 | 5 | 4 | 6 |
| 1 | 2 | 6 | 4 | 5 | 9 | 8 | 7 | 3 |
| 8 | 4 | 5 | 6 | 3 | 7 | 1 | 2 | 9 |
| 3 | 1 | 7 | 9 | 4 | 5 | 2 | 6 | 8 |
| 4 | 8 | 9 | 7 | 6 | 2 | 3 | 5 | 1 |
| 5 | 6 | 2 | 3 | 1 | 8 | 7 | 9 | 4 |
| 9 | 5 | 4 | 2 | 8 | 3 | 6 | 1 | 7 |
| 6 | 3 | 1 | 5 | 7 | 4 | 9 | 8 | 2 |
| 2 | 7 | 8 | 1 | 9 | 6 | 4 | 3 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅବସରକାଳୀନ ପ୍ରାପ୍ୟ ଦିଆଯାଉ

ମହାଶୟ,

ମୁଁ ଜଣେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ। ୨୦୧୮ ନଭେମ୍ବରରେ ମୁଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଧର୍ମଦାସପୁର ଖୋର୍ଦ୍ଧାରୁ ଅବସର ନେଇଛି। ଅବସର ନେବାର ୨୦ଦିନ ଭିତରେ ସମସ୍ତ କାଗଜପତ୍ର ଠିକ୍ କରି ୩ଟି ପେନ୍‌ସନ ପେପର ଦାଖଲ କରିଥିଲି। ଜିଲା ଶିକ୍ଷାଧିକାରୀଙ୍କ ଅଫିସକୁ ବାରମ୍ବାର ଯାଉଥିଲେ ବି ମୋ କଥା କୌଣସି କିରାଣି କର୍ଣ୍ଣପାତ କରୁନାହାନ୍ତି। ଏ ସମ୍ପର୍କରେ ଶିକ୍ଷା ଅଧିକାରୀଙ୍କ ପାଖରେ ଗୁହାରି କରିବାରୁ ସେ କିରାଣିମାନଙ୍କୁ ପଚାରି ସମସ୍ୟାର ସମାଧାନ କରିବାକୁ ପରାମର୍ଶ ଦେଲେ। ମୁଁ ଜିଲାପାଳଙ୍କୁ ଜଣାଇଲି। ସେ କହିଲେ, ଜିଲା ଶିକ୍ଷା ଅଧିକାରୀଙ୍କ ପାଖକୁ ଯାଇ ମୁଁ ଏକଥା କହିଛି ବୋଲି କହିବାକୁ । ପୁଣି ଜିଲା ଶିକ୍ଷା ଅଧିକାରୀଙ୍କୁ ସାକ୍ଷାତ୍ କଲି। ସେ ପୁନର୍ବାର କିରାଣିମାନଙ୍କୁ ଡକାଇ ସମସ୍ୟା ସମାଧାନ କରିବାକୁ କହିଲେ। ସବୁ କାଗଜପତ୍ର ଠିକ୍ ଥାଇ ମୁଁ ଅବସରକାଳୀନ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଆସୁଛି। ମୁଁ ଏବେ କର୍କଟ ରୋଗରେ ପୀଡ଼ିତ। ଡାକ୍ତରଙ୍କ କଥାନୁସାରେ ଚିକିତ୍ସା ହୋଇପାରୁନି। ୨ୟରେ ଅବସରକାଳୀନ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛି। ଏଣୁ ଉଚ୍ଚ କର୍ତ୍ତୃପକ୍ଷ ମୋ କଥା ବିଚାରକୁ ନେଲେ ମୁଁ ହୁଏତ କର୍କଟ ରୋଗ ଚିକିତ୍ସା କରିପାରନ୍ତି।

**-ମାଧବ ଚନ୍ଦ୍ର ରାଉତ, ଧର୍ମଦାସପୁର, ଖୋର୍ଦ୍ଧା**

## ଚିରନ୍ତନୀ

ଚାଲିଛି ଏକା ବିପଥେ ପଥେ
ନାହିଁରେ ସାହା ସାଥୀ,
ଚାଲିଛି ଏକା ନ ମାନି ଖରା
ବରଷା ଦିନ ରାତି।

-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ**

ବଡ଼ମ୍ବା,(ଡି.ଏନ୍.ଏ.): ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୫ତମ ଜନ୍ମ ମହୋତ୍ସବ ବଡ଼ମ୍ବାସ୍ଥିତ ସତସଙ୍ଗ ବିହାରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ରଥରେ ଠାକୁରଙ୍କ ପ୍ରତିକୃତିକୁ ନଗର ପରିକ୍ରମା କରାଯାଇ ସନ୍ଧ୍ୟାରେ ସତସଙ୍ଗ କରାଯାଇଥିଲା। ସାମ୍ପ୍ରଦାୟିକ ସଦ୍‌ଭାବ ଓ ଆଦର୍ଶ ସମାଜ ଗଠନ ଦିଗରେ ପୁରୁଷୋତ୍ତମ ହିଁ ଏକମାତ୍ର ଅନୁସରଣୀୟ ବୋଲି ବକ୍ତାମାନେ ମତ ରଖିଥିଲେ। ସମାବେଶରେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ଅନୁକୂଳଚନ୍ଦ୍ରଙ୍କ ଜୀବନୀ ଉପରେ ଆଧ୍ୟାତ୍ମିକ ବାର୍ତ୍ତା ପ୍ରଦାନ କରିଥିଲେ। ପଦ୍ମନାଭ ମହାନ୍ତି ଓ ସୀତାରାମ ଚୌଧୁରୀ ଉତ୍ସବକୁ ସଞ୍ଚାଳନା କରିଥିଲେ।

## ସଂକ୍ଷେପରେ

### ନିଖୋଜ ଦିବ୍ୟାଙ୍ଗ ଛାତ୍ରଙ୍କ ମୃତଦେହ ଜବତ

**ନିଶ୍ଚିନ୍ତକୋଇଲି,୧୩।୨(ସ୍ୱ.ପ୍ର)**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଫଗୋଳ ପଞ୍ଚାୟତ ଜଗନ୍ନାଥପୁର (ପାଟପାରୀ)



ଗ୍ରାମର ନିଖୋଜ ଦିବ୍ୟାଙ୍ଗ ଛାତ୍ର ରାକେଶଙ୍କ ମୃତଦେହ ସୋମବାର ସ୍ଥାନୀୟ ପାଟନାଳୀରୁ ଜବତ କରାଯାଇଛି। ଗତ ୧୧ ତାରିଖ ସନ୍ଧ୍ୟାରେ ଜଗନ୍ନାଥପୁର ଗ୍ରାମର ରଞ୍ଜନ କୁମାର ପରିଡ଼ାଙ୍କ ଏକମାତ୍ର ଦିବ୍ୟାଙ୍ଗ ପୁତ୍ର ରାକେଶ(୧୪) ନିଖୋଜ ହୋଇଯାଇଥିଲେ। ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଥିଲେ ମଧ୍ୟ ପରିବାର ଲୋକେ କୌଣସି ପତ୍ତା ପାଇନଥିଲେ। ତେବେ ସୋମବାର ସକାଳେ ସ୍ଥାନୀୟ ସର୍ପୋଯୋଡି ପାଟନାଳୀ ଭିତରେ ରାକେଶ ପାଣିରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏ ସମ୍ପର୍କରେ ଖବର ପାଇ ତାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ତାଙ୍କର ଜେଜେ ପ୍ରଭାକର ପରିଡା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ମୃତ ରାକେଶଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି। ସାଲେପୁର ଥାନାରେ ୪୯/୨୦୨୩ରେ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ରାକେଶ ସ୍ଥାନୀୟ ରାମକୃଷ୍ଣପୁର ଓସ୍ତପୁର ଉଚ୍ଚ ବିଦ୍ୟାଳୟ ୯ମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ତାଙ୍କ ମୃତ୍ୟୁରେ ବିଦ୍ୟାଳୟରେ ଏକ ଶୋକସଭା କରାଯାଇ ବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଥିଲା।

### ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ

**ଚୌଦ୍ୱାର/ମଙ୍ଗୁଳି-ଜଗତପୁର, ୧୩।୨ (ଡି.ଏନ୍.ଏ.):** ଚୌଦ୍ୱାର ପୌର ଅଧୀନ ୱାର୍ଡ ନଂ.୮ସ୍ଥିତ ଓଟିଏମ ହାଇସ୍କୁଲର ପୁରାତନ ଛାତ୍ର ସଂସଦର ୨୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡା. ଉତ୍ତମ ଚରଣ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍କଳ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କମଲଜିତ ସିଂ, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ଅରବିନ୍ଦ ବେହେରା, ବିଶେଷ ସମ୍ମାନିତ ଅତିଥି ଭାବେ ଟାଙ୍ଗୀ ଡ୍ରିମ୍ସର ଡାଇରେକ୍ଟର ବଳରାମ କର, ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସ, ପ୍ରଫେସର ରମେଶ ଚନ୍ଦ୍ର ମଲ୍ଲିକ, ପ୍ରଧାନ ଶିକ୍ଷୟିତ୍ରୀ ମମତା ସାହୁ, ସଦସ୍ୟ ରବୀନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଏକ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ପରେ ସ୍କୁଲର ମାଟ୍ରିକ ଟପ୍ପର, ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ ନାୟକ, ନମିତା ନାୟକ କୁଇଜ୍ ପ୍ରତିଯୋଗିତାର ପରିଚାଳନା କରିଥିବା ବେଳେ ପୁରାତନ ଛାତ୍ର ସଂସଦର ସମ୍ପାଦକ ବିଶ୍ୱ କଲ୍ୟାଣ ଦାସ ଧନ୍ୟବାଦ ଦେଇଥିଲେ। ମାନସ ସାମଲ, ଜାକିର ସା, କମଲେନ୍ଦ୍ର ଜେନା, ରଶ୍ମିକାନ୍ତ ସାହୁ, ଜୀବନ ବଲ୍ଲଭ ବଳ, ମୃତ୍ୟୁଞ୍ଜୟ ପଟ୍ଟନାୟକ, ସାକାୱତ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

# ମଲାଚଣ୍ଡିଆ ଛକଠାରୁ ପ୍ରେସ୍ ଛକ ରାସ୍ତା ପ୍ରଶସ୍ତ ହେବ

## ସିଏନ୍‌ବିଟି କାର୍ଯ୍ୟକ୍ଷମ ପାଇଁ ପ୍ରସ୍ତୁତି ବୈଠକ

### ସରକାରୀ ଜମିରୁ ଉଚ୍ଛେଦ ହେବ ଜବରଦଖଲ

**କଟକ ଅଫିସ,୧୩।୨**

ଖୁବ୍‌ଶୀଘ୍ର ରିଙ୍ଗ୍ ବନ୍ଧର ଖାନନଗର ମଲାଚଣ୍ଡିଆ ଛକଠାରୁ ପ୍ରେସ୍ ଛକ ପର୍ଯ୍ୟନ୍ତ ରାସ୍ତାକୁ ପ୍ରଶସ୍ତ କରାଯିବ। ୬ ଲେନ୍ ରାସ୍ତା ପାଇଁ ଆବଶ୍ୟକ ଥିବା ସ୍ଥାନ ଅଧିକୃତ କରାଯିବ। ସରକାରୀ ଜମିରେ ଥିବା ଜବରଦଖଲ ଉଚ୍ଛେଦ ହେବ। ଏଥିପାଇଁ କୌଣସି ବେସରକାରୀ ସ୍ଥାନରୁ ଉଚ୍ଛେଦ କରାଯିବ ନାହିଁ ବୋଲି ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ କହିଛନ୍ତି। ଖାନନଗରସ୍ଥିତ କଟକ ନେତାଜୀ ବସ୍ ଟର୍ମିନାଲ(ସିଏନ୍‌ବିଟି)କୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏନେଇ ସୋମବାର କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ସିଏନ୍‌ବିଟିର ନିର୍ମାଣ କାର୍ଯ୍ୟ ଆପାତତଃ ଶେଷ ହୋଇଆସୁଥିବା ବେଳେ ବସ୍ ଚଳାଚଳ କରିବା ରାସ୍ତାକାମକୁ ଖୁବ୍‌ଶୀଘ୍ର ଶେଷ କରିବା ପରେ ଦେଢ଼ମାସ ମଧ୍ୟରେ ଏହି ବସ୍ ଟର୍ମିନାଲ କାର୍ଯ୍ୟ କରିବ ବୋଲି ସିଡିଏ ଅଧ୍ୟକ୍ଷ କୁମାର ସାମଲ ପ୍ରକାଶ କରିଛନ୍ତି। ଆର୍‌ଡିସି ଡ. ସୁରେଶ ଚନ୍ଦ୍ର ଦଳାଇ, ଜିଲାପାଳ ଡ. ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ତଥା ସିଡିଏ ଉପାଧ୍ୟକ୍ଷ ନିଖିଲ ପଓ୍ୱନ କଲ୍ୟାଣ ଅନୁଷ୍ଠିତ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେହିପରି ଲିଙ୍କ୍‌ରୋଡର ସୌନ୍ଦର୍ଯ୍ୟକରଣ ସହ ମଲାଚଣ୍ଡିଆଠାରେ ଏକ ଚକ୍ରାକୃତି ପଥ ପ୍ରସ୍ତୁତ କରାଯିବ। ଏହି ପଥର ସୌନ୍ଦର୍ଯ୍ୟକରଣ ସହ ଆଧୁନିକ ଆଲୋକୀକରଣ କରାଯାଇ ଅଧିକ ଆକର୍ଷଣୀୟ କରାଯିବ। ଏତଦ୍‌ବ୍ୟତୀତ ଟ୍ରାଫିକ ସେଲ୍ ଓ ପୋଲିସ ଫାଣ୍ଡି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

କଠିନ ବର୍ଜ୍ୟବସ୍ତୁର ପରିଚାଳନା କିପରି ସୁରୁଖୁରୁରେ କରାଯିବ, ଯାତ୍ରୀଙ୍କ ପାଇଁ ୱାଇ-ଫାଇ ବ୍ୟବସ୍ଥା ସହ ଘରୋଇ ବସ୍, ଓଏସ୍ଆର୍‌ଟିସି ଓ ମୋ ବସ୍‌ଗୁଡ଼ିକର ପାର୍କିଂକୁ ବ୍ୟବସ୍ଥିତ କରାଯିବ। ବସ୍‌ଗୁଡ଼ିକର ପ୍ରବେଶ ଓ ପ୍ରସ୍ଥାନର ସମୟ ପରିଚାଳନା ବ୍ୟବସ୍ଥାକୁ ବୈଷୟିକ ଜ୍ଞାନ କୌଶଳରେ କରାଯିବ। ଖାନନଗର ନିକଟରେ ରେଲୱେ ବ୍ରିଜର ତଳ ରାସ୍ତାକୁ ପିଡବ୍ଲୁଡି ପକ୍ଷରୁ ସର୍ଭେ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଓବିସିସି ମୁଖ୍ୟ ଯନ୍ତ୍ରୀ ଦୁଃଖବନ୍ଧୁ ବେହେରା, ଡିପିଆଇଆଣ୍ଡଆର ମୁଖ୍ୟ ଯନ୍ତ୍ରୀ ତାରାପ୍ରସାଦ ମିଶ୍ର, ମହାନଦୀ ସାଉଥ୍ ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ମହାନ୍ତି, ଆରଏଣ୍ଡବିର ସର୍କଲ ଚିଫ ଇଞ୍ଜିନିୟର ପ୍ରଦୀପ କୁମାର ରଥ, ସିଆରୟୁଟିର ସାଧାରଣ ପରିଚାଳକ ଚନ୍ଦନ ମିଶ୍ର, ଓଏସଆରଟିସିର ଡିଟିଏମ ପ୍ରସନ୍ନ କୁମାର ହୋତା, ପ୍ରକଳ୍ପ ଅଧିକାରୀ ସନ୍ଦିପ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ।

# ତହସିଲ ଆଗରେ ସେବାୟତଙ୍କ ଧାରଣା



ତହସିଲ କାର୍ଯ୍ୟାଳୟ ଆଗରେ ସେବାୟତମାନେ ଧାରଣାରେ ବସିଛନ୍ତି।

**ନିଶ୍ଚିନ୍ତକୋଇଲି, ୧୩।୨ (ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବନ୍ଧକାଟିଆ ପଞ୍ଚାୟତ ମଲ୍ଲିକପୁର ଗ୍ରାମର ଶ୍ରୀକାଳିଆଦେଈ ଠାକୁରାଣୀଙ୍କ ସେବାୟତମାନେ ଧାରଣା ଦେଇଛନ୍ତି। ମଲ୍ଲିକପୁର ବନ୍ଦୋବସ୍ତ ଖତିଆନରେ ଶ୍ରୀକାଳିଆଦେଈ ଠାକୁରାଣୀ ବିଜେ ମଲ୍ଲିକପୁର ମାର୍ଫତଦାରଙ୍କ ନାମରେ ଜମି ରେକର୍ଡଭୁକ୍ତ ହୋଇଛି। ଏହି ଜମି ଉପରେ ଦୀର୍ଘ ଦିନ ହେଲା ମାର୍ଫତଦାରମାନେ ଫୁଲଚାଷ ଓ ଜଳାଶୟରେ ମାଛଚାଷ କରି ତହିଁରୁ ଲବ୍ଧ ଅର୍ଥରେ ଠାକୁରାଣୀଙ୍କ ସେବା ପୂଜାର୍ଚ୍ଚନାରେ ଖର୍ଚ୍ଚ କରିବା ସହ ନିଜର ପରିବାର ପ୍ରତିପୋଷଣ କରିଆସୁଥିଲେ। ତେବେ ଏହି ଜମି ଉପରେ ପ୍ରଶାସନ ତରଫରୁ ଏକ ସ୍ଥାୟୀ ପକ୍କାଗୃହ ନିର୍ମାଣ କରାଯିବା ପ୍ରତିବାଦରେ ସେବାୟତମାନେ ଜିଲାପାଳ, ନିଶ୍ଚିନ୍ତକୋଇଲି ତହସିଲଦାର ଓ ନିଶ୍ଚିନ୍ତକୋଇଲି ବିଡିଓଙ୍କୁ ଲିଖିତ ଆକାରରେ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏହାର ପ୍ରତିବାଦରେ ସେବାୟତ ସର୍ବଶ୍ରୀ ଶତ୍ରୁଘ୍ନ ରଣା, ସୁମତୀ ରଣା, ଜୟନ୍ତୀ ରଣା, ଅହଲ୍ୟା ରଣା, ପ୍ରଭାକର ରଣା ପ୍ରମୁଖ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ତହସିଲଦାର ଦିଲୀପ କୁମାର ନାୟକ ପହଞ୍ଚି ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିବା ପ୍ରକାଶ କରିଥିଲେ। ଏ ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନାୟକ ପ୍ରତିଶ୍ରୁତି ଦେବା ପରେ ଧରଣା ପ୍ରତ୍ୟାହୃତ ହୋଇଥିଲା।

# 'ଓଡ଼ିଆ କଳା ସାହିତ୍ୟ ପରମ୍ପରାକୁ ଉଜ୍ଜୀବିତ କରିଛନ୍ତି ଗୋଲକ'



ବୀର ଭଦ୍ରେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଆୟୋଜିତ ସମାରୋହରେ ମଞ୍ଚାସୀନ ବିଧାୟକ ପ୍ରତାପ ଜେନା ଓ ଅନ୍ୟ ଅତିଥି।

**ମାହାଙ୍ଗା,୧୩।୨(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକର ସାରସ୍ୱତ ସାଧକ ଗୋଲକ ଚନ୍ଦ୍ର ପ୍ରଧାନଙ୍କ ସ୍ୱାରସ୍ୱତ ସାହିତ୍ୟ ସଭା ଓ ଜୟନ୍ତୀ ଗୋପାଳପୁରସ୍ଥିତ ବୀର ଭଦ୍ରେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଭଞ୍ଜ ଗୋଲକ ପ୍ରଧାନ ସାହିତ୍ୟ ସଂସ୍କୃତି ସଂସଦ ଗୋପାଳପୁର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରତାପ ଜେନା ଯୋଗଦେଇ କବି ପ୍ରଧାନଙ୍କ ରଚିତ ସାହିତ୍ୟ ଓ କବିତା ଓଡିଆ କଳା ସାହିତ୍ୟ ପରମ୍ପରାକୁ ଉଜ୍ଜିବୀତ କରିଛି ବୋଲି କହିଥିଲେ। ସଂସଦର ସଭାପତି ବିଦ୍ୟୁଲତା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଅବସରପ୍ରାପ୍ତ ପ୍ରଫେସର ଡ. କୁମାରବର ଦାସ , ମୁଖ୍ୟବକ୍ତାଭାବେ ସଂଗ୍ରାମ କେଶରୀ ସମାନ୍ତରାୟ, ସମ୍ମାନିତ ଅତିଥିଭାବେ ଅସରପ୍ରାପ୍ତ ପ୍ରାଧ୍ୟାପକ ନିରୋଦ ଦାସ, ବକ୍ତାଭାବେ ଅବସରପ୍ରାପ୍ତ ଶିକ୍ଷକ ବ୍ରଜସୁନ୍ଦର ନାୟକ, ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ରାଜକିଶୋର ଜେନା, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା ଓ ପ୍ରଧାନଶିକ୍ଷକ ଦିଲୀପ ରାଉତରାୟ ପ୍ରମୁଖ ଯୋଗଦେଇ ଭଞ୍ଜ ସାହିତ୍ୟ ଓ ଗୋଲକ ଚନ୍ଦ୍ର ପ୍ରଧାନଙ୍କ ମଧ୍ୟରେ ଥିବା ସାହିତ୍ୟ ତତ୍ତ୍ୱ ଉପରେ ଆଲୋଚନା କରିଥିଲେ। କବି ରାଜକିଶୋର ମିଶ୍ର, ଭକ୍ତଚରଣ ସାହୁ, ନରେନ୍ଦ୍ର ପରିଡା, ତ୍ରିନାଥ ଜେନା, ଆଲୋକ ସେଠୀ, କବି ଗୌତମ ଚରଣ ଜେନା, ପ୍ରଧାନଶିକ୍ଷକ ବିଭୂତିଭୂଷଣ ଶତପଥୀ ସହଯୋଗ କରିଥିଲେ। ପରେ ୨୦ ଜଣଙ୍କୁ ଦ୍ୱିତୀୟ ଭଞ୍ଜ ଗୋଲକ ପ୍ରଧାନ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ କବି ନରେନ୍ଦ୍ର ପରିଡାଙ୍କ ପୁସ୍ତକ 'ସାହିତ୍ୟ ନିର୍ଝରଣୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ।

# ବିଜେଡି ଯୁବଛାତ୍ର କାର୍ଯ୍ୟକାରିଣୀ କମିଟି ବୈଠକ

**ବାଙ୍କୀ,୧୩।୨(ସ୍ୱ.ପ୍ର.)**

ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ମା'ବ୍ରହ୍ମେଇଦେବୀଙ୍କ ପୀଠରେ ବାଙ୍କୀ ଉପଖଣ୍ଡ ଯୁବଛାତ୍ର ଜନତାଦଳର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ତଥା ରାଜ୍ୟ ବିଜୁ ଛାତ୍ର ଜନତା ଦଳ ସଭାପତି ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଦଳର ସାଙ୍ଗଠନିକ କ୍ଷେତ୍ରକୁ ଦୃଢ଼ କରିବା ପାଇଁ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ତୃଣମୂଳ ସ୍ତରରେ ସଙ୍ଗଠନକୁ ମଜଭୁତ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ଏନ୍‌ଏସି ଉପନଗରପାଳ ଆଇନଜୀବୀ ସନ୍ତୋଷ କୁମାର ରଣା, କାଉନ୍‌ସିଲର ସନାତନ ବେହେରା, ସୌମେନ୍ଦ୍ର ମିଶ୍ର, କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ହିତେସ ନାୟକ, ଏନଏସି ସଭାପତି ଭାଗୀରଥି ବିଶ୍ୱାଳ, ଡମପଡ଼ା ବ୍ଲକ ଯୁବ ବିଜେଡି ସଭାପତି ଭାଗୀରଥି ପାଣି, ବାଙ୍କୀ ବ୍ଲକ ଛାତ୍ର ବିଜେଡି ସଭାପତି ବିକାଶ ପ୍ରଧାନ, ଡମପଡ଼ ବ୍ଲକ ଛାତ୍ର ବିଜେଡି ସଭାପତି ଗୌରବ ବଳିୟାର ସିଂହ, ସୂର୍ଯ୍ୟକାନ୍ତ ସାହୁ, ସୁରେନ କୁମାର ରଣା, ପି.ଚିରଞ୍ଜିବୀ ପାତ୍ର, ଆଶିଷ କୁମାର ପାଢ଼ୀ, ଶୁଭଜିତ୍ ସ୍ୱାଇଁ ପ୍ରମୁଖ ଯୋଗଦେଇ ସଙ୍ଗଠନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ।

# କଲେଜ ସମ୍ମୁଖରେ ଛାତ୍ର ବିଜେଡିର ନୀରବ ପ୍ରତିବାଦ



ବାଙ୍କୀ କଲେଜ ସମ୍ମୁଖରେ ଛାତ୍ର ବିଜେଡିର ସଦସ୍ୟମାନେ ନୀରବ ପ୍ରତିବାଦ କରୁଛନ୍ତି।

**ବାଙ୍କୀ,୧୩।୨(ସ୍ୱ.ପ୍ର.)**

ରାଜ୍ୟ ଛାତ୍ର ବିଜୁ ଜନତାଦଳର ସଭାପତି ଦେବୀରଞ୍ଜନ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ସୋମବାର ଏକ ନୀରବ ପ୍ରତିବାଦ ସଭା କରାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟରେ ରବିବାର ଯେଉଁ ଅଭାବନୀୟ ଘଟଣା ଘଟିଛି ତାହା ସୈକ୍ଷିକ ବାତାବରଣ ନଷ୍ଟ କରିବା ସହ ଛାତ୍ର ସମାଜକୁ ବହୁତ ଆଘାତ କରିଛି ବୋଲି ଛାତ୍ର ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଘଟଣାକୁ ନିନ୍ଦା କରାଯିବା ସହ ଦଳ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ଏହି ନୀରବ ପ୍ରତିବାଦ ସଭାରେ ପୂର୍ବତନ ବାଙ୍କୀ ବିଜୁ ଛାତ୍ରଜନତା ଦଳ ସଭାପତି ପି. ଚିରଞ୍ଜୀବି ପାତ୍ର , ନଗର ସଭାପତି ମାନସ କର, ବାଙ୍କୀ ବ୍ଲକ ଛାତ୍ର ବିଜେଡି ସଭାପତି ବିକାଶ ପ୍ରଧାନ, ଡମପଡ଼ା ବ୍ଲକ ସଭାପତି ଗୌରବ ବଳିୟାର ସିଂହ, ଛାତ୍ର ନେତା ବିଧାନ ବେହେରା ପ୍ରମୁଖ ଯୋଗଦେଇ ପ୍ରତିବାଦ କରିଥିଲେ।

# ସାଲେପୁରକୁ ସବ୍‌ଡିଭିଜନ ମାନ୍ୟତା ମିଳୁ

**ସାଲେପୁର,୧୩।୨(ଡି.ଏନ୍.ଏ.)**

ସାଲେପୁରକୁ ସବ୍‌ଡିଭିଜନ୍ ମାନ୍ୟତା ଦାବି କରିଛି ଟାଙ୍ଗୀ-ସାଲେପୁର ବିକାଶ ମଞ୍ଚ। ସୋମବାର ଏକ ଖବରଦାତା ସମ୍ମିଳନୀରେ ମଞ୍ଚର ଅଧ୍ୟକ୍ଷ ବିଶେଶ୍ୱର ସ୍ୱାଇଁ କହିଛନ୍ତି, ସାଲେପୁର କଟକ ଜିଲ୍ଲାର ଏକ ପ୍ରମୁଖ ସହର। ଏଠାରେ ବହୁ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ରହିଥିବାବେଳେ ଅଦ୍ୟାବଧି ସାଲେପୁରକୁ ସବ୍‌ଡିଭିଜନ୍‌ର ମାନ୍ୟତା ମିଳିନାହିଁ। ସେହିପରି ସାଲେପୁର-କଟକ ରାସ୍ତା ଅଣଚଉଡ଼ା ଯୋଗୁ ନିୟମିତ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଏ ଦିଗରେ ସ୍ଥାନୀୟ ରାଜନେତାମାନେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ସାଲେପୁର ଏକ ଗୁରୁତ୍ୱପୂର୍ଣ୍ଣ ସହର ହୋଇଥିଲେ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତି





ଖବରଦାତା ସମ୍ମିଳନୀରେ ଟାଙ୍ଗୀ-ସାଲେପୁର ବିକାଶ ମଞ୍ଚର ସଦସ୍ୟମାନେ।

### ଟାଙ୍ଗୀ-ସାଲେପୁର ବିକାଶ ମଞ୍ଚର ଦାବି

ଅଭାବରୁ ଏହି ଅଞ୍ଚଳକୁ ସବ୍‌ଡିଭିଜନ୍‌ର ମାନ୍ୟତା ମିଳିନାହିଁ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିବା ସହ ସାଲେପୁର ସହରକୁ ତୁରନ୍ତ ସବ୍‌ଡିଭିଜନ୍‌ର ମାନ୍ୟତା ପାଇଁ ଏକ ଦସ୍ତଖତ ଅଭିଯାନ ଆରମ୍ଭ କରି ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ ପନ୍ଥା ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଟାଙ୍ଗୀ-ସାଲେପୁର ବିକାଶ ମଞ୍ଚର ଉପାଧ୍ୟକ୍ଷ ଜୀବନାନନ୍ଦ ସାହୁ, ଉପଦେଷ୍ଟା ଏସ୍.କେ. ହାସିମ୍, କୋଷାଧ୍ୟକ୍ଷ ଚତୁର୍ଭୁଜ ପ୍ରଧାନ, ଉପକୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି କରେ କ୍ରୀଡ଼ା

**ମାହାଙ୍ଗା,୧୩।୨(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋକନ ପଞ୍ଚାୟତର ଗୋକନ ଉ.ପ୍ରା. ଓ ଗୋକନ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ସିଆରସିସି ନିହାର ରଞ୍ଜନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ଇଂ. ସହଦେବ ଖଟୁଆ ଯୋଗଦେଇ କ୍ରୀଡ଼ା ଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟ ଗଠନ ହେବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପାଠପଢା ପ୍ରତି ଆଗ୍ରହ ସୃଷ୍ଟି କରେ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ବିଇଓ ଚକ୍ରଧର ବେହେରା,ସମ୍ମାନିତ ଅତିଥିଭାବେ ମାହାଙ୍ଗା ଆଇଆଇସି ବିଜୟ କୁମାର ମଲ୍ଲିକ, ବ୍ଲକ ଯୁବ ବିଜେଡି ସଭାପତି ଶରତ ମହାପାତ୍ର, ସରପଞ୍ଚ ଜ୍ୟୋସ୍ନାରାଣୀ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଶ୍ମିରେଖା ରାଉଳ ପ୍ରଭୃଖ ଯୋଗଦେଇ କ୍ରୀଡାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସର୍ବଶ୍ରୀ ପ୍ରତିଭା ଜେନା, ସୁବାସ ଚନ୍ଦ୍ର ସାହୁ, ଚିତ୍ତରଞ୍ଜନ ସାହୁ, ରଶ୍ମିତା ପ୍ରଧାନ, ପ୍ରଭଞ୍ଜନ ସାମଲ, ପ୍ରଶାନ୍ତ ପରିଡା,ଗୌରାଙ୍ଗ ଜେନା ଓ ମନୋଜ କୁମାର ବରାଳ ପ୍ରମୁଖ ସହଯୋଗ କରିଥିଲ। ବରିଷ୍ଠ ବିଭାଗରେ ସୁଶାନ୍ତ କୁମାର ଦାସ ଓ ଜ୍ୟୋସ୍ନା ମହାରଣା ଚାମ୍ପିୟନ ହୋଇଥିବାବେଳେ କନିଷ୍ଠ ବିଭାଗରେ ରାକେଶ କୁମାର ପ୍ରଧାନ ଓ ନୀହାରିକା ଜେନା ଚାମ୍ପିୟନ ହୋଇ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ନିଳିମା ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉ.ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିବରଣୀ ପାଠ ଓ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ ।

# ସାଲେପୁର ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଉମିଦ୍'





ସାଲେପୁର ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

**ସାଲେପୁର,୧୩।୨(ଡି.ଏନ୍.ଏ.)**

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରାଘବପୁର, ସାଲେପୁର ଶାଖାର ସୋମବାର ପ୍ରଥମ ବାର୍ଷିକ ଉତ୍ସବ 'ଉମିଦ୍' ବିଦ୍ୟାଳୟର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥି ରୂପେ ଯୋଗଦେଇ କହିଥିଲେ, ପ୍ରତ୍ୟେକ କ୍ଷେତ୍ରରେ ଶିକ୍ଷାର ଆବଶ୍ୟକତା ରହିଛି। ଯେଉଁ ମଣିଷ ଯେତେ ଶିକ୍ଷିତ, ସେ ସେତେ ବିକଶିତ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଡ. ପ୍ରସନ୍ନ କୁମାର ମହାପାତ୍ର ଯୋଗଦେଇ ପିଲାମାନେ ଦେଶର ଭବିଷ୍ୟତ। ପିଲାମାନଙ୍କର ଶାରୀରିକ, ମାନସିକ ବିକାଶ ହେଲେ ଦେଶର ବିକାଶ ହୋଇପାରିବ। ତେଣୁ ପ୍ରତ୍ୟେକ ଅଭିଭାବକ ନିଜ ପିଲାମାନଙ୍କର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଦିଗରେ ଯତ୍ନବାନ୍ ହେଲେ ସବୁ ପିଲା ଜଣେ ଜଣେ ସୁନାଗରିକ ହୋଇପାରିବେ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ମଣ୍ଡଳ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ରାଉତ, ସାଲେପୁର ହାଇସ୍କୁଲର ପ୍ରଧାନଶିକ୍ଷକ ମନୋରଞ୍ଜନ ବାରିକ, ସାଲେପୁର ମଣ୍ଡଳ ଶିକ୍ଷାଧିକାରୀ ଜଗବନ୍ଧୁ ଶତପଥୀ ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷାପରିଷଦ ସଦସ୍ୟ ରଜନୀକାନ୍ତ ଦାଶ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଦୀପ୍ତିମୟୀ ବେହେରା, ରିହାନା ଅକ୍ତର, ଶ୍ରୀପଦ୍ମା ଦେବତା, ସ୍ୱର୍ଣ୍ଣପ୍ରଭା ନନ୍ଦ, ପ୍ରତାପ ସାହୁ, ବିଶ୍ୱବିଜୟୀ ବିବେକାନନ୍ଦ ବେହେରା, ଜାହିଦା ବିବି ଉପସ୍ଥିତ ଥିଲେ। ଶେଷରେ ସାମାଜିକ ବିଜ୍ଞାନ ଶିକ୍ଷକ ଲକ୍ଷ୍ମୀଧର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ପ୍ରକୃତି, ପରିବେଶ ସଂରକ୍ଷଣ ସଚେତନତା

**ବାଙ୍କୀ,୧୩।୨ (ସ୍ୱ.ପ୍ର.)**

ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ଛାତ୍ରମାନଙ୍କ ମଧ୍ୟରେ ପ୍ରକୃତି ଓ ପରିବେଶ ସଂରକ୍ଷଣ କ୍ଷେତ୍ରରେ ସଚେତନତା ସୃଷ୍ଟି ପାଇଁ ଏକ ବକ୍ତୃତା ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ସିଲ୍ଡ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଅନ୍ୟ ଛାତ୍ରମାନଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଥିଲା। ଆଇନଜୀବୀ ବିରଞ୍ଚି ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଶିକ୍ଷୟିତ୍ରୀ ଜ୍ୟୋର୍ତିମୟୀ ପଣ୍ଡା, ମିନୁଶ୍ରୀ ମଲ୍ଲିକ, ମଧୁସ୍ମିତା ସୁବୁଦ୍ଧି ପ୍ରମୁଖ ପରିଚାଳନା କରିଥିଲେ। ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘର ସମ୍ପାଦକ କୃତିବାସ ପଣ୍ଡା ଓ ଶିକ୍ଷାବିତ୍ ନୀଳମାଧବ ମିଶ୍ର ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜିଲାପାଳଙ୍କ ଜନଶୁଣାଣି ଶିବିରକୁ ବିରୋଧ

**ମଙ୍ଗୁଳି-ଜଗତପୁର,୧୩।୨(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରୁ ଜନତାଙ୍କର ବହୁବିଧ ସମସ୍ୟା ଜନଶୁଣାଣି ଶିବିରରେ ଉପସ୍ଥାପନ ସତ୍ତ୍ୱେ କୌଣସି ସମସ୍ୟା ସମାଧାନ କରାଯାଉ ନ ଥିବାରୁ କୃଷକ ସଭା ସୋମବାର ଜିଲାପାଳଙ୍କ ଜନ ଶୁଣାଣି କାର୍ଯ୍ୟକ୍ରମକୁ ବିରୋଧ କରିଥିଲେ। ସୂଚନା ମୁତାବକ, ବ୍ଲକରେ ସୋମବାର ଜିଲାପାଳଙ୍କ ଜନଶୁଣାଣି କାର୍ଯକ୍ରମ ଥିଲା। ଏହି ଜନଶୁଣାଣି କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ବ୍ଲକ କାର୍ଯ୍ୟାଳୟ ଗେଟ ସମ୍ମୁଖରେ ବ୍ଲକ କମିଟି ସଭାପତି ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ସିପିଆଇଏମ୍ ଏବଂ ଓଡ଼ିଶା କୃଷକ ସଭାର ଶତାଧିକ ସଦସ୍ୟ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜନଗଣଙ୍କର କୌଣସି ମୌଳିକ ସମସ୍ୟା ସମାଧାନ ହୋଇପାରୁ ନ ଥିବା ପ୍ରତାରଣାପୂର୍ଣ୍ଣ ଓ ଲୋକଦେଖାଣିଆ ଜନଶୁଣାଣି କାର୍ଯ୍ୟକ୍ରମ କାହା ସ୍ୱାର୍ଥରେ ବୋଲି ନାରାବାଜି କରିଥିଲେ। ଖବରପାଇ ଜିଲାପାଳ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିବା ସହ ମାସକ ମଧ୍ୟରେ ସେମାନଙ୍କ ଅଭିଯୋଗ କାର୍ଯ୍ୟକାରୀ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ବିଭିନ୍ନ ପଞ୍ଚାୟତରୁ ମୋଟ ୧୮୬ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୧୮୩ ବ୍ୟକ୍ତିଗତ, ୫୭ ଜଙ୍ଗଲ ଜମିପଟ୍ଟା, ୫୩ ଆବାସ, ୧୭ ଭତ୍ତା, ୩ଟି ସାମୂହିକ ଅଭିଯୋଗ କରାଯାଇଛି ବୋଲି ବିଡିଓ ଆଶୁତୋଷ ମିଶ୍ର ସୂଚନା ଦେଇଥିବା ବେଳେ ୨ଜଣଙ୍କୁ ୩ହଜାର ଟଙ୍କା ସ୍ୱାସ୍ଥ୍ୟଗତ ସହାୟତା ପ୍ରଦାନ କରାଯାଇଛି। ସେହିପରି ଜଗତପୁରସ୍ଥିତ ତହସିଲ କାର୍ଯ୍ୟାଳୟକୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ପରିସରରେ ପୁନଃ ପ୍ରତିଷ୍ଠା ପାଇଁ ଦୀର୍ଘ ୫୩ଦିନ ଧରି ବ୍ଲକ ସମ୍ମୁଖରେ ଧାରଣାରେ ବସି ରହିଥିବା ଆନ୍ଦୋଳନକାରୀଙ୍କ ସହ ଜିଲାପାଳ ଆଲୋଚନା କରି ଧାରଣାରୁ ଉଠିଯିବା ପ୍ରସ୍ତାବ ଦେଇ ବିଫଳ ହୋଇଛନ୍ତି ବୋଲି ଜଣାପଡ଼ିଛି।





ଜିଲାପାଳ ଜନଶୁଣାଣି ଶିବିରକୁ ବିରୋଧ କରି କୃଷକ ସଭାର ବିକ୍ଷୋଭ ପ୍ରଦର୍ଶନ।

## ସଂକ୍ଷେପରେ

### ମାଲିକଙ୍କ ଘରୁ ଚୋରି କରି ଯୁବକ ଗିରଫ ସୁନା ମୁଦି, ଚେନ ଜବତ

**ଭୁବନେଶ୍ୱର,୧୩।୨(ବ୍ୟୁରୋ):** ମାଲିକଙ୍କ ଘରୁ ସୁନା ଗହଣା ଚୋରି ଅଭିଯୋଗରେ ଶ୍ରୀଲିଙ୍ଗରାଜ ଥାନା ପୋଲିସ ଜଣେ ହାଉସ୍ କିପିଙ୍ଗ ବୟ୍‌ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲାର ରଞ୍ଜନ କୁମାର ନାୟକ। ତାଙ୍କଠାରୁ ୩ଟି ସୁନା ମୁଦି ଓ ୨ଟି ସୁନା ଚେନ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୁକ୍ତ ରଞ୍ଜନ ଗତ ଦୁଇବର୍ଷ ହେବ ଅଭିଯୋଗକାରୀଙ୍କ ନାଗେଶ୍ୱର ଟାଙ୍ଗୀସ୍ଥିତ ଘରେ ହାଉସ କିପିଙ୍ଗ ବୟ୍ ଭାବେ କାର୍ଯ୍ୟ କରୁଥିଲେ। ଘଟଣା ଦିନ ଅଭିଯୋଗକାରୀ ଉକ୍ତ ଘରୁ ବିଜେବି ନଗରରେ ଥିବା ଅନ୍ୟଏକ ଘରକୁ ଗୃହପୋକରଣ ସ୍ଥାନାନ୍ତର କରୁଥିଲେ। ଏହି ସମୟରେ ରଞ୍ଜନ ଟେବୁଲ-ଡ୍ର ଭାଙ୍ଗି ୨ ସୁନା ବ୍ରେସ୍‌ଲେଟ୍, ୨ ସୁନା ଚେନ ଏବଂ ୩ଟି ସୁନା ମୁଦି ଚୋରିକରି ନେଇଥିଲେ। ଏନେଇ ଘର ମାଲିକଙ୍କ ଅଭିଯୋଗପରେ ଲିଙ୍ଗରାଜ ଥାନା ପୋଲିସ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିଛି।

### ଧରାପଡ଼ି ପ୍ୟାଣ୍ଟରେ ପରିସ୍ରା କରିଦେଲେ ଲୁଟେରା

**ଭୁବନେଶ୍ୱର,୧୩।୨(ବ୍ୟୁରୋ)** ମୋ ବସ୍‌ରୁ ଚୋରି କରି ଫେରାର ହେଉଥିଲେ। ଧରାପଡ଼ିବା ପରେ ସର୍ବସମ୍ମୁଖରେ ପ୍ୟାଣ୍ଟରେ ପରିସ୍ରା କରିଦେଲେ। ଏଭଳି ଘଟଣା ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଧରି ଥାନାକୁ ନେଇ ପଚରାଉଚରା କରୁଛି। ଲୁଟ୍‌ର ଶିକାର ହୋଇଥିବା ମନୀଷଙ୍କ କହିବା ଅନୁଯାୟୀ, ସେ ଫାୟାର ଷ୍ଟେଶନରୁ କିଟ୍ ଛକ ଅଭିମୁଖ୍ୟ ମୋ ବସ୍‌ରେ ଯାଉଥିଲେ। ଅପରାହ୍ନ ୧ଟାରେ ପଟିଆ ଛକ ନିକଟରେ ଓହ୍ଲାଇ ପକେଟରେ ହାତ ମାରିବାରୁ ପର୍ସ ନଥିବା ଜାଣିବାକୁ ପାଇଲେ। ତେଣୁ କିଛି ସମୟ ଅପେକ୍ଷା କରିବା ପରେ ବସ୍‌ରେ ଯାତ୍ରା ବେଳେ ଜଣେ ବ୍ୟକ୍ତି ଆଗ ପଛ ବାରମ୍ବାର ହେଉଥିବା ତାଙ୍କର ମନେପଡ଼ିଲା। କିଛି ସମୟ ପରେ ଅଭିଯୁକ୍ତ ଜଣଙ୍କ ପୂର୍ବ ଛକରୁ ଓହ୍ଲାଇ କିଟ ଛକ ଆଡ଼େ ଆସୁଥିଲେ। ଏହି ସମୟରେ ମନୀଶ ତାଙ୍କୁ ସନ୍ଦେହରେ ପଚାରିବାରୁ ସେ ମାଡ଼ ମାରିବାକୁ ଉଦ୍ୟମ କରିଥିଲେ। ଏହାପରେ ସ୍ଥାନୀୟ ଲୋକଙ୍କୁ ଡାକିବାରୁ ସମସ୍ତେ ମିଶି ତା'ର ପକେଟ୍ ଯାଞ୍ଚ କରିବାରୁ ମନୀଷଙ୍କ ପର୍ସ ମିଳିଥିଲା।

### ପର୍ଯ୍ୟଟକଙ୍କଠାରୁ ଚୋରି, ଜଣେ ଗିରଫ

**ଭୁବନେଶ୍ୱର,୧୩।୨(ବ୍ୟୁରୋ):** ଲିଙ୍ଗରାଜ ମନ୍ଦିର ବୁଲିବାକୁ ଆସିଥିବା ପଶ୍ଚିମବଙ୍ଗ ପର୍ଯ୍ୟଟକଙ୍କଠାରୁ ପର୍ସ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଶ୍ରୀଲିଙ୍ଗରାଜ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ୟୁନିଟ-୬ ରେ ରହୁଥିବା ନୟାଗଡର ରକି ପ୍ରଧାନ ଓରଫ ସୁରେଷ। ତାଙ୍କଠାରୁ ଚୋରି ପର୍ସ ସହ ସେଥିରେ ଥିବା ୧୨୦୦ ଟଙ୍କା ଜବତ କରିଛି ପୋଲିସ। ସୂଚନାନୁସାରେ, ପଶ୍ଚିମବଙ୍ଗର ପର୍ଯ୍ୟଟକ ଜଣକ ଲିଙ୍ଗରାଜ ମନ୍ଦିର ବୁଲିବାକୁ ଆସିଥିଲେ। ଘଟଣା ଦିନ ସନ୍ଧ୍ୟାରେ ସେ ବିଏମ୍‌ସି ବସ୍‌ଷ୍ଟାଣ୍ଡ୍‌ରେ ଥିବା ସମୟରେ ଅଭିଯୁକ୍ତ ହଠାତ ତାଙ୍କ ପକେଟରୁ ଏକ ମନିପର୍ସ ଚୋରି କରି ଚମ୍ପଟ ମାରିଥିଲେ।

# ସ୍କୁଲ୍‌ବସ୍ ଭଙ୍ଗାରୁଜା, ପିଲାଙ୍କୁ ଡରାଇଲେ


ସ୍କୁଲ ବସ୍‌ର କାଚ ଭଙ୍ଗାଯାଇଛି।


ଆତଙ୍କ ଖେଳାଉଥିବା ଯୁବକମାନେ।

**ରାସ୍ତାରେ ଯୁବକଙ୍କ ଉନ୍ମତ୍ତକାଣ୍ଡ**
- ବିରୋଧ କରିବାରୁ ଡ୍ରାଇଭରଙ୍କୁ ମାଡ଼
- ୩ ଜଣଙ୍କୁ ଅଟକ ରଖି ପୋଲିସର ତଦନ୍ତ

**ଭୁବନେଶ୍ୱର,୧୩।୨(ବ୍ୟୁରୋ)**

ରାଜଧାନୀ ରାସ୍ତାରେ ଯୁବକଙ୍କ ଉନ୍ମତ୍ତକାଣ୍ଡ। ରିଲ୍ ଭିଡିଓ ଶୁଟ୍ କରୁଥିବାବେଳେ ସ୍କୁଲ ବସ୍ ଆସିଯିବାରୁ ରାଗି ଯାଇ ସଂପୃକ୍ତ ଯୁବକମାନେ ଗାଡି ଅଟକାଇ ପିଲାଙ୍କୁ ଗାଳିଗୁଲଜ କରିବା ସହ ଡ୍ରାଇଭରଙ୍କୁ ମାଡ ମାରିଛନ୍ତି। ଏଥିସହ ପଥର ମାଡ଼ କରି ବସ୍ ଭଙ୍ଗାରୁଜା କରିଛନ୍ତି। ଶହୀଦନଗର ଥାନା ଅନ୍ତର୍ଗତ ଖଡଓ୍ୱାଲି ମନ୍ଦିର ନିକଟ ବିଡିଏ ପାର୍କ ସମ୍ମୁଖରେ ଏହି ଘଟଣା ଘଟିଛି। ଯୁବକଙ୍କ ଏଭଳି କାଣ୍ଡ ଦେଖି ସ୍କୁଲ୍ ପିଲାମାନେ ଭୟଭୀତ ହୋଇପଡିଛନ୍ତି। ଏନେଇ ଡ୍ରାଇଭରଙ୍କ ଅଭିଯୋଗକ୍ରମେ ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁସାରେ, ସୋମବାର ଅପରାହ୍ନ ପ୍ରାୟ ୨ଟା ୩୦ରେ ଏକ ଘରୋଇ ସ୍କୁଲର ମିନି ବସ୍ ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ସମୟରେ ବିଡିଏ ପାର୍କ ସମ୍ମୁଖ ରାସ୍ତାରେ ୭ରୁ ୮ଜଣ ଯୁବକ ରିଲ୍ ଭିଡିଓ ଶୁଟ୍ କରୁଥିଲେ। ଏହି ସମୟରେ ବସ୍‌ରେ ଥିବା ପିଲାମାନେ ସେମାନଙ୍କୁ ଦେଖି କିଛି ବଡ଼ପାଟିରେ କିଛି କଥା କହି ଖୁସି ହେଉଥିଲେ। ହେଲେ ପିଲାମାନେ କମେଣ୍ଟ କରୁଥିବା ଭାବି ନିଶାଶକ୍ତ ଅବସ୍ଥାରେ ଥିବା ଯୁବକମାନେ ବସ୍‌କୁ ଅଟକାଇଥିଲେ। ପରେ ସେମାନେ ବସ୍ ଭିତରକୁ ଯାଇ ପିଲାମାନଙ୍କୁ ଧମକ ଦେଇ ଭୟଭୀତ କରାଇଥିଲେ। ଏହାକୁ ଗାଡିର ଡ୍ରାଇଭର ବିରୋଧ କରିବା ସହ ବୁଝାଇଥିଲେ। କିନ୍ତୁ ଯୁବକମାନେ କିଛି ନ ବୁଝି ଓଲଟା ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କର କାନମୁଣ୍ଡା ନିକଟରେ ଫାଟିଯାଇ ରକ୍ତସ୍ରାବ ହୋଇଥିଲା। ଏହାଦେଖି ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସି ଯୁବକଙ୍କ କବଳରୁ ଡ୍ରାଇଭରଙ୍କୁ ଉଦ୍ଧାର କରିବା ସହ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବାବେଳକୁ ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ।

# ଜନଶୁଣାଣି ଶିବିରରେ ୭୯୨ ଅଭିଯୋଗ



**ଖୋର୍ଦ୍ଧା ଅଫିସ/ବାଣପୁର,୧୩।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ବାଣପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ୍ ୭୯୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରୁ ୭୮୭ଟି ବ୍ୟକ୍ତିଗତ ଓ ୫ଟିସାମୂହିକ ରହିଥିଲା। ୪ଟିଅଭିଯୋଗ ତତ୍କାଳ ସମାଧାନ କରାଯାଇଥିବା ବେଳେ ୨ଜଣ ହିତାଧିକାରୀଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୮ହଜାର ୪ଶହ ଟଙ୍କା ପ୍ରଦାନ କରାଯାଇଛି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ଅତିରିକ୍ତ ଜିଲାପାଳ(ରାଜସ୍ୱ)ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଜିଲା

**୪ ସମାଧାନ, ୨ ଜଣଙ୍କୁ ରେଡ୍‌କ୍ରସ୍‌ରୁ ସହାୟତା**

ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ। ବାଣପୁର ବିଡିଓ ବୁଲ୍‌ବୁଲ୍ ବେହେରା, ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ବାଣପୁର ବିଜ୍ଞାପିତ ଅଞ୍ଚଳ ଅଧକ୍ଷ ମିଟୁ ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ବାଣପୁର ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।


ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୋମବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଥିବା 'ଓଡ଼ିଶୀ ନୃତ୍ୟ ଉତ୍ସବ'ର ଉଦ୍‌ଘାଟନୀ ସନ୍ଧ୍ୟାରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ୧୭ ୱାର୍ଡର ସଫେଇ ସମସ୍ୟା ଦୂର ହେବ

**ଭୁବନେଶ୍ୱର, ୧୩।୨(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୧୭ଟି ୱାର୍ଡରେ ସଫେଇ ସମସ୍ୟା ଦୂର ହେବ। ଏଥିପାଇଁ ଖୁବ୍‌ଶୀଘ୍ର ନୂଆ ଟେଣ୍ଡର ଡକାଯିବ। ଏନେଇ କର୍ପୋରେଟରଙ୍କଠାରୁ ମତାମତ ନିଆଯିବା ପରେ ଟେଣ୍ଡର ନେଇ ସରକାରଙ୍କୁ ଫାଇଲ୍ ପଠାଯାଇଛି। ଆସନ୍ତା ସପ୍ତାହ ସୁଦ୍ଧା ସରକାରଙ୍କ ଅନୁମୋଦନ ମିଳିବା ପରେ ଟେଣ୍ଡର ଡକାଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ଟେଣ୍ଡର ପାଇବାକୁ ଥିବା ସଂସ୍ଥା ସହିତ ୩ବର୍ଷିଆ ଚୁକ୍ତି କରାଯିବ ଏବଂ ଏଥିପାଇଁ ପ୍ରାୟ ୪କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବଜେଟ୍ ରହିବ। ତେବେ ଏଥର ଟେଣ୍ଡର ପ୍ରକ୍ରିୟାରେ ସୁଧାର ଆଣିବାକୁ ପ୍ରୟାସ କରାଯାଉଛି। ଡମ୍ପିଂୟାର୍ଡରେ ଅଳିଆ ପକାଇବା ପର୍ଯ୍ୟନ୍ତ

**ଖୁବ୍‌ଶୀଘ୍ର ନୂଆ ଟେଣ୍ଡର**

ସମସ୍ତ ଦାୟିତ୍ୱ ସମ୍ପୃକ୍ତ ସଂସ୍ଥାର ରହିବ। ବିଏମ୍‌ସି ଅଞ୍ଚଳର ମୋଟ ୬୭ଟି ୱାର୍ଡ ମଧ୍ୟରୁ ୫୦ଟି ୱାର୍ଡରେ ସଫେଇ ପାଇଁ ବିଭିନ୍ନ ସଂସ୍ଥା ନିୟୋଜିତ ଅଛନ୍ତି। ତେବେ ଟେଣ୍ଡର ହେବାକୁ ଥିବା ବାକି ୧୭ଟି ୱାର୍ଡରେ ବିଏମ୍‌ସି ନିଜେ ଏବଂ କିଛି ପୁରୁଣା ଏଜେନ୍ସି ମିଳିତ ଭାବେ ସଫେଇ କାର୍ଯ୍ୟ କରୁଛନ୍ତି। ୱାର୍ଡ ସଫେଇ ଟେଣ୍ଡର 'ମଞ୍ଜୁଶ୍ରୀ' ସଂସ୍ଥାକୁ ଦିଆଯାଇଥିଲା। ହାଇକୋର୍ଟ ଏହି ଟେଣ୍ଡରକୁ ରଦ୍ଦ କରିବା ପରେ ସଫେଇ ଦାୟିତ୍ୱ ବିଏମ୍‌ସି ନିଜେ ଏବଂ ଅନ୍ୟ ଏଜେନ୍ସିମାନେ ନେଇଥିଲେ। ଏବେ ଟେଣ୍ଡର ପ୍ରକ୍ରିୟା ନେଇ ତ୍ୱରିତ ପଦକ୍ଷେପ ନିଆଯାଉଥିବା ସୂଚନା ଦିଆଯାଇଛି।

# ବିଏମ୍‌ସି କାର୍ଯ୍ୟାଳୟ ଆଗରେ ଏକାମ୍ର ଜନଜାଗରଣ ମଞ୍ଚର ଧାରଣା

**ପୁରୁଣା ଭୁବନେଶ୍ୱର,୧୩।୨(ଡି.ଏନ୍.ଏ.)**

ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନଂ.୫୯ ଅନ୍ତର୍ଗତ କଣ୍ଡରା ପୋଖରୀ ପୁନଃରୁଦ୍ଧାର କାର୍ଯ୍ୟ ନେଇ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ସୋମବାର ଠାରୁ ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣା ଦିଆଯାଇଛି। ଏହି ଜଳାଶୟଟି ପ୍ରାୟ ୫ଏକର ଜମି ପରିମିତ ହୋଇଥିବା ବେଳେ ପରିତ୍ୟକ୍ତ ହୋଇପଡ଼ିଛି। ମଶା, ମାଛିଙ୍କ ବଂଶବୃଦ୍ଧି ଯୋଗୁ ଏହାର ଚତୁଃପାର୍ଶ୍ୱରେ ବସବାସ କରୁଥିବା ଶହେରୁ ଊର୍ଦ୍ଧ୍ୱ କଲୋନୀ ବାସିନ୍ଦା ହଇରାଣ ହେଉଛନ୍ତି। ଏହାର ପୁନଃରୁଦ୍ଧାର ନେଇ ଏକାମ୍ର ଜନଜାଗରଣ

**କଣ୍ଡରା ପୋଖରୀ ପୁନରୁଦ୍ଧାର ମାମଲା**

ମଞ୍ଚ ବିଏମ୍‌ସକୁ ଅଭିଯୋଗ କରିଆସୁଅଛି। ୨୦୧୮ ମସିହାରେ ସାଧାରଣ ନାଗରିକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେହିବର୍ଷ ହାଇକୋର୍ଟ ସ୍ୱଚ୍ଛ ପରିବେଶରେ ବଞ୍ଚିବାର ମୌଳିକ ଅଧିକାରକୁ ଅକ୍ଷୁର୍ଣ୍ଣ ରଖିବାକୁ ଡବ୍ଲ୍ୟୁପି(ସି)ନଂ ୮୭୬୨ର ୨୦୧୮ରେ ବିଏମ୍‌ସି ଆୟୁକ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଇତି ମଧ୍ୟରେ ୫ବର୍ଷ ବିତିଯାଇଥିଲେ ହେଁ ବିଏମ୍‌ସି ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏହାର ପ୍ରତିବାଦରେ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି। ତୁରନ୍ତ ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ସହ କଣ୍ଡରା ପୋଖରୀକୁ ପରିଷ୍କାର କରିବା ପାଇଁ ଦାବି କରିଛନ୍ତି। ଏନେଇ ସ୍ଥାନୀୟ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର କୁହନ୍ତି, ଉକ୍ତ ଜଳାଶୟର ଜମି ମାଲିକାନା ଯାଞ୍ଚ ପରେ ବିଏମ୍‌ସି କାର୍ଯ୍ୟ ଆରମ୍ଭ କରିବ ଅତିରିକ୍ତ କମିଶନର କହିଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପଟେ ଏହି ମନ୍ତବ୍ୟ ନିନ୍ଦନୀୟ ବୋଲି ମଞ୍ଚ ଅଧକ୍ଷ ଭୀଷ୍ମନାରାୟଣ ନାୟକ କହିଛନ୍ତି। ଧରଣୀଧର ସ୍ୱାଇଁ, ସୁଲତା ସାହାଣୀ, ପ୍ରଶାନ୍ତ ମହାପାତ୍ର, ଜୟନାରାୟଣ ଦାଶ, ରବି ତ୍ରିପାଠୀ, ହେମନ୍ତ ନାୟକ ପ୍ରମୁଖ ଧାରଣା ଦେଇଥିଲେ।



ବିଏମ୍‌ସି କାର୍ଯ୍ୟାଳୟ ଆଗରେ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି।

# ରାଜରାସ୍ତାକୁ ଓହ୍ଲାଇବେ ଆୟୁଷ ଡାକ୍ତର

**ଭୁବନେଶ୍ୱର,୧୩।୨(ବ୍ୟୁରୋ)**

୨୦୧୩ ପରଠାରୁ କରାଯାଇଥିବା ଠିକା ନିଯୁକ୍ତି ଉଚ୍ଛେଦ କରାଯିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ତେବେ ଏହା ପୂର୍ବରୁ ଠିକା ନିଯୁକ୍ତି ପାଇଥିବା ଆୟୁଷ ଡାକ୍ତରମାନେ ଏହି ନିଷ୍ପତ୍ତିକୁ ଦୃଢ଼ ବିରୋଧ କରିଛନ୍ତି। ଚୁକ୍ତିଭିତ୍ତିକ ଆରବିଏସ୍‌କେ ଆୟୁଷ ଡାକ୍ତରଙ୍କ ନିଯୁକ୍ତିକୁ ସ୍ଥାୟୀ କରାନଗଲେ ସାମୂହିକ ଛୁଟି ନେଇ ନିଜ ଅଧିକାରରୁ ବଞ୍ଚିତ ଡାକ୍ତରମାନେ ବିକ୍ଷୋଭ ପ୍ରଦର୍ଶନ କରିବେ । ୯ ବର୍ଷ ଧରି ନିରବଚ୍ଛିନ ସେବା ପ୍ରଦାନ କରିଆସିଥିବା ଡାକ୍ତରଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ବେତନ ଦେଖାଯାଇଥିବା ତାରତମ୍ୟର ପୁନର୍ବିଚାର ଆଦି କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ଦାବି ପୂରଣ ନହେଲେ ୨୦ ତାରିଖରେ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ଷ୍ଟେଟ୍ ଆରବିଏସ୍‌କେ ଆୟୁଷ୍ ଡକ୍ଟର୍ସ ଆସୋସିଏଶନ ପକ୍ଷରୁ ଚେତାବନୀ ଦିଆଯାଇଛି।

# ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



**ଖୋର୍ଦ୍ଧା ଅଫିସ,୧୩।୨**

ଖୋର୍ଦ୍ଧା ଜିଲା ନୂତନ ପେନ୍‌ସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ ଦୁଇ ଦଫା ଦାବି ନେଇ ସୋମବାର ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୦୪ରୁ ୨୦୧୩ ନିଯୁକ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ୬ ବର୍ଷ ଚୁକ୍ତି ଅବଧିକୁ ମୂଳ ଚାକିରି ସହ ଯୋଗ ସହ ୬ଟି ଇନ୍‌କ୍ରିମେଣ୍ଟ ପ୍ରଦାନ, ୨୦୧୬ରୁ ୨୦୨୨ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ନିୟମିତ ଦାବି କରିଛନ୍ତି।

ପ୍ରକାଶ ଯେ, ଉପରୋକ୍ତ ଦାବି ପୂରଣ ନେଇ କିଛିଦିନ ପୂର୍ବରୁ ଏହି ଶିକ୍ଷକମାନେ ଭୁବନେଶ୍ୱରସ୍ଥିତ ଗାନ୍ଧୀମାର୍ଗରେ ଦୀର୍ଘ ୧୭ ଦିନ ଧରି ଆନ୍ଦୋଳନରେ ବସିଥିଲେ। ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଥିଲେ। ତେବେ ପ୍ରତିଶ୍ରୁତିକୁ ଏକ ମାସ ବିତିଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସରକାର ଦେଇଥିବା ପ୍ରତିଶ୍ରୁତି ପ୍ରକାରେ ଏହି ଦୁଇ ଦଫା ଦାବି ପୂରଣ ଲାଗି ପୁଣି ଥରେ ଦାବିପତ୍ର ପୃଥକ୍‌ଭାବେ ଦିଆଯାଇଛି। ଆସନ୍ତା ୧୫ ତାରିଖରେ ଜିଲାର ସମସ୍ତ ବିଧାୟକ, ମନ୍ତ୍ରୀମାନଙ୍କୁ ଦାବିପତ୍ର ଦିଆଯିବ। ଏହାସତ୍ତ୍ୱେ ସରକାରଙ୍କ ପକ୍ଷରୁ କୌଣସି ନିଷ୍ପତ୍ତି ନିଆ ନ ଗଲେ, ଆଗାମୀ ବିଧାନସଭାରେ ରାଜ୍ୟ ସଂଘ ସହାୟତାରେ ଜିଲା ସଂଘ କର୍ମକର୍ତ୍ତା ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି। ଜିଲା ସଂଘ ସଭାପତି ନିରଞ୍ଜନ ସାହୁ, ସାଧାରଣ ସମ୍ପାଦକ ପ୍ରବୀର ମୋହନ ପଣ୍ଡା, ଜୋନାଲ ସମ୍ପାଦକ ଈପ୍ସିତା ରାଉଳ, ଉପଦେଷ୍ଟା ସନ୍ତୋଷ ସାହୁ, ସାଙ୍ଗଠନିକ ସମ୍ପାଦକ ମାନସ ସେଠୀ ଓ ପିଣ୍ଟୁ ବେହେରା, ସାମୁଏଲ ଗମାଙ୍ଗ, ଅଜୟ ନିଶଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

# ବିଏମ୍‌ସି ସଫେଇ କାର୍ଯ୍ୟକୁ ସ୍ୱଚ୍ଛ ଭାରତ ଅର୍ବାନର ପ୍ରଶଂସା

**ଭୁବନେଶ୍ୱର,୧୩।୨(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସହରରେ ସ୍ୱଚ୍ଛତା ରକ୍ଷା ପାଇଁ ନୂଆ ନୂଆ ପଦ୍ଧତି ଆପଣାଉଥିବାବେଳେ ସ୍ୱଚ୍ଛ ଭାରତ ଅର୍ବାନ ୨.୦ ପକ୍ଷରୁ ଏହି ଉଦ୍ୟମକୁ ପ୍ରଶଂସା କରାଯାଇଛି। ସଫେଇ କର୍ମୀମାନେ କିପରି ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିପାରୁଛନ୍ତି ସେନେଇ ଭୁବନେଶ୍ୱର ସମେତ ସମଗ୍ର ଓଡ଼ିଶାକୁ ସ୍ୱଚ୍ଛ ଭାରତ ଅର୍ବାନ ପକ୍ଷରୁ ପ୍ରଶଂସାଯୋଗ୍ୟ ପଦକ୍ଷେପ ବୋଲି ଉଲ୍ଲେଖ କରାଯାଇଛି। ଏହି ସଂସ୍ଥା କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ସର୍ବେକ୍ଷଣ ପାଇଁ କାମ କରୁଥିବା ବେଳେ ଗତ ମାସକ ମଧ୍ୟରେ ବିଏମ୍‌ସିର ପରିମଳ ବ୍ୟବସ୍ଥାକୁ ୪ଥର ପ୍ରଶଂସା କରିଛି। ପୂର୍ବରୁ ଜଟାୟୁ ମେସିନ ସହାୟତାରେ କିପରି ସଫେଇକର୍ମୀମାନେ ଅଳିଆକୁ ହାତ ନ ଲଗାଇ ସଫା କରୁଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ। ହ୍ୟୁମାନ କଣ୍ଟାକ୍ଟଲେସ କ୍ଲିନିଂ




ଲାଗି ବିଏମ୍‌ସିର ଏହି ଯୋଜନା ଅନ୍ୟ ମହାନଗର ନିଗମ ଲାଗି ଉଦାହରଣ ବୋଲି କୁହାଯାଇଛି। କଳିଙ୍ଗ ଷ୍ଟାଡିୟମରେ ପରିମଳଜନିତ କାର୍ଯ୍ୟ ସହ ସିଟି ଫେଷ୍ଟ ଓ ରାସ୍ତାଘାଟର ସଫେଇକୁ ମଧ୍ୟ ସମ୍ପୃକ୍ତ ସଂସ୍ଥା ପ୍ରଶଂସା କରିଛି। ତେଣୁ ଚଳିତବର୍ଷ ବିଏମ୍‌ସି ସ୍ୱଚ୍ଛତା ସର୍ଭେରେ ଭଲ ପ୍ରଦର୍ଶନ କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ସୂଚନାଥାଉ କି, କେନ୍ଦ୍ର ସରକାର ଦେଶର ୧୦୦ ସହର ମଧ୍ୟରେ କିଏ ସ୍ୱଚ୍ଛ ତା'ର ସର୍ଭେ ଆରମ୍ଭ କରିଛନ୍ତି। ସେବେଠାରୁ ବିଏମ୍‌ସିର ପ୍ରଦର୍ଶନ ଅନ୍ୟ ସହର ତାଲିକାରେ କିଛି ଖାସ ନାହିଁ। ସହର ପରିମଳ କ୍ଷେତ୍ରରେ ବିଏମ୍‌ସି ସଦା ସର୍ବଦା ପଛରେ ରହୁଥିବା ନଜରକୁ ଆସିଥିବାବେଳେ କେବେ ବ୍ରହ୍ମପୁର ତ କେବେ ଭଦ୍ରକ ବିଏମ୍‌ସିକୁ ସ୍ୱଚ୍ଛତା କ୍ଷେତ୍ରରେ ପଛରେ ପକାଇଛନ୍ତି। ଆସନ୍ତା ମାସରୁ ପୁଣି କେନ୍ଦ୍ର ସରକାରଙ୍କ ସ୍ୱଚ୍ଛତା ସର୍ଭେକ୍ଷଣ ଆରମ୍ଭ ହେବାକୁ ଥିବାବେଳେ ବିଏମ୍‌ସି ଚଳିତଥର କିପରି ଭଲ ପ୍ରଦର୍ଶନ କରିବ ସେନେଇ ମନସମନ୍ଥନ ଆରମ୍ଭ କରିଛି। ମୁଖ୍ୟାଳୟରେ ସାନିଟାରୀ ଇନ୍ସପେକ୍ଟର, ୱାର୍ଡ ଅଫିସର, ସ୍ୱଚ୍ଛସାଥୀ ଓ ସୁପରଭାଇଜରଙ୍କୁ ନେଇ ଘନ ଘନ ବୈଠକ ବସୁଛି। ଗତବର୍ଷ ବିଏମ୍‌ସି ସ୍ୱଚ୍ଛ ସହର ତାଲିକାରେ ୮୦ତମ ସ୍ଥାନରେ ଥିଲା। ଚଳିତବର୍ଷ ଏହା ୫୦ଟି ସହରମାନଙ୍କ ଭିତରେ ରହିବ ବୋଲି ଆଶା କରାଯାଉଛି।

# ଉଠାଦୋକାନୀଙ୍କୁ ଉଚ୍ଛେଦ କରିବାକୁ ଯାଇ ନାକେଦମ୍

**ଭୁବନେଶ୍ୱର, ୧୩।୨ (ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରରୁ ନିୟମିତ ଜବରଦଖଲ ଉଚ୍ଛେଦ କରାଯାଉଛି। ଏହି କ୍ରମରେ ସହରକୁ ସୁନ୍ଦର ଓ ବ୍ୟବସ୍ଥିତ କରିବା ଉଦ୍ଦେଶ୍ୟରେ ରାସ୍ତାକଡ଼ରୁ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରାଯାଉଛି। ତେବେ ବିନା ଥଇଥାନରେ ବିଏମ୍‌ସି ଓ ବିଡିଏର ଏହି ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରୁଛନ୍ତି ଉଠାଦୋକାନୀ। ଫଳରେ ଉଚ୍ଛେଦ କରିବାକୁ ଯାଇଥିବା ଟିମ୍‌କୁ ନାକେଦମ ହେବାକୁ ପଡୁଛି। ସୋମବାର ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଉଠା ଦୋକାନୀଙ୍କୁ ଉଠାଇବାକୁ ଯାଇ ନାକେଦମ ହୋଇଥିଲା ଟିମ୍। ଏପରିକି ବିରୋଧ ତୀବ୍ର ହେବାରୁ ଟିମ୍‌କୁ



ଖାଲି ହାତରେ ଫେରିବାକୁ ପଡିଛି। ରାଜମହଲରୁ କଳ୍ପନା ଛକ ପର୍ଯ୍ୟନ୍ତ ରାସ୍ତାର ତଳ ପାର୍ଶ୍ୱରେ ଥିବା ଫଳ ଏବଂ ଅନ୍ୟାନ୍ୟ ଉଠାଦୋକାନୀଙ୍କୁ ଉଚ୍ଛେଦ କରିବାକୁ ଟିମ୍ ପହଞ୍ଚିଥିଲା। ସେଠାରେ ଦୋକାନ ଦେଇଥିବା ୬୦ରୁ ୭୦ ଦୋକାନୀ ଏହାକୁ ବିରୋଧ କରିଥିଲେ। ହକି ପାଇଁ ସେମାନଙ୍କୁ ପୂର୍ବରୁ ଉଚ୍ଛେଦ କରାଯାଇଥିଲା। ସେ ସମୟରେ କୁହାଯାଇଥିଲା କି ହକି ପରେ ସେମାନେ ଦୋକାନ ଦେଇପାରିବେ। ମାତ୍ର ହକି ସରିବା ପରେ ମଧ୍ୟ ଏହି ଜୁଲୁମ ବନ୍ଦ ହେଉ ନ ଥିବା ସ୍ଥାନୀୟ ଦୋକାନୀମାନେ ଅଭିଯୋଗ କରିଛନ୍ତି। ପ୍ରାୟ ୫ମାସ ହେବ ବିଏମ୍‌ସି, ବିଡିଏ ସେମାନଙ୍କ ରୋଜଗାରର ବାଟ ବନ୍ଦ କରି ଦେଇଥିଲା। ଏବେ ଦୋକାନ ଖୋଲୁଥିବାବେଳେ ପୁଣି ଥରେ ଉଚ୍ଛେଦ କରୁଛି। ଏପରିକି ଦୋକାନରେ ଥିବା ସାମଗ୍ରୀକୁ ମଧ୍ୟ ନଷ୍ଟ କରି ଦେଉଥିବା ଅଭିଯୋଗ ହୋଇଛି। ଦୋକାନୀଙ୍କ କହିବା ଅନୁଯାୟୀ, ଦୀର୍ଘ ଦିନ ଧରି ରାସ୍ତା କଡ଼ରେ ଫଳ ବିକ୍ରି କରି ପରିବାର ପୋଷୁଛୁ। ଏଥିରୁ ଆମ ପିଲାମାନେ ପାଠ ପଢୁଛନ୍ତି। ମାତ୍ର ବିଏମ୍‌ସି ସହରକୁ ସୁନ୍ଦର କରିବା ନାଁରେ ଆମ ଉପରେ ଅତ୍ୟାଚାର କରୁଛି। ବାରମ୍ବାର ଆମ ରୋଜଗାର ଛଡାଇ ନେଉଛି। କରୋନାର ତାଡ଼ନା ଆମ ଅଣ୍ଟା ଭାଙ୍ଗି ଦେଇଥିବାବେଳେ ଏବେ ଧିରେ ଧିରେ ଠିଆ ହେବାକୁ ଚେଷ୍ଟା କରୁଥିଲୁ। ମାତ୍ର ହକି ନାମରେ ତାକୁ ବନ୍ଦ କରିଦେଲେ। ଏବେ ପୁଣି ଥରେ ଉଚ୍ଛେଦ କରୁଛନ୍ତି। ବିଏମ୍‌ସି ମେୟର କିମ୍ବା କମିଶନର ଆମ କଥା ଶୁଣୁ ନାହାନ୍ତି। ଏପରିକି ତାଙ୍କୁ ଦେଖା କରିବାକୁ ଗଲେ ମଧ୍ୟ ଦେଖା ହୋଇପାରୁନାହିଁ ବୋଲି ଅଭିଯୋଗ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୪ ଫେବୃୟାରୀ, ୨୦୨୩



### ରେଡିଓ ଦିବସ ପାଳିତ

ଚୌଦ୍ୱାର (ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ବାଣୀପଦା ପଞ୍ଚାୟତରେ ଥିବା ଉତ୍କଳ ଇଣ୍ଟରନ୍ୟାଶନାଲ ସ୍କୁଲରେ ଡ.ସରୋଜିନୀ ନାଇଡୁଙ୍କ ଜନ୍ମ ଦିବସ ଓ ରେଡିଓ ଦିବସ ସୋମବାର ପାଳିତ ହୋଇଯାଇଛି। ସ୍କୁଲର ପ୍ରତିଷ୍ଠାତା ଗଣେଶ ପ୍ରସାଦ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସହଦେବ ବରାଳ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ପିଲାଙ୍କୁ ସରୋଜିନୀ ନାଇଡୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିବା ସହିତ ରେଡିଓ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ବୁଝାଇଥିଲେ। ଏଥି ସହିତ ଛାତ୍ରୀଛାତ୍ରଙ୍କ ଦ୍ୱାରା ରେଡିଓ ପ୍ରଦର୍ଶନ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ସିଏମ୍‌ସି କାଉନସିଲ ବୈଠକରେ ତୁମ୍ବିତୋଫାନ

**ଅଫିସର-ମେୟର-କର୍ପୋରେଟର ବିବାଦ ପ୍ରସଙ୍ଗ**

- ବିଜେଡି କର୍ପୋରେଟରଙ୍କୁ ନେଇ ଚାଲିଲା ବୈଠକ
- ବିରୋଧୀ କର୍ପୋରେଟରଙ୍କ ଅହୋରାତ୍ର ଧାରଣା

କଟକ ଅଫିସ,୧୩।୨

ଉଦ୍‌ଘାଟିତ ହୋଇଥିବା ବିଭିନ୍ନ ପ୍ରକଳ୍ପର ଫଳକରେ ସ୍ଥାନୀୟ ବିଧାୟକଙ୍କ ନାମ ରହୁନାହିଁ। ଏପରିକି ୱାର୍ଡଗୁଡ଼ିକରେ ହେଉଥିବା କାର୍ଯ୍ୟକ୍ରମକୁ କର୍ପୋରେଟରଙ୍କୁ ଡକାଯାଉନାହିଁ। ଯନ୍ତ୍ରୀମାନେ ମନମୁଖି କାର୍ଯ୍ୟ କରୁଛନ୍ତି। ଏଭଳି ବିଭିନ୍ନ ଅଭିଯୋଗର ଲମ୍ବାଚିଠା ନେଇ ବିରୋଧୀ ଦଳର କର୍ପୋରେଟରମାନେ ସୋମବାର ବିଜୁ ଭବନରେ ଆୟୋଜିତ କଟକ ମହାନଗର ନିଗମ (ସିଏମ୍‌ସି)ର କାଉନସିଲ ବୈଠକ ଆରମ୍ଭରୁ ତୁମ୍ବିତୋଫାନ କରିଛନ୍ତି। କଂଗ୍ରେସ ବିଧାୟକ ଓ ବିରୋଧୀ ଦଳର କର୍ପୋରେଟରମାନଙ୍କୁ ଅଣଦେଖା ବନ୍ଦ କରିବା ସହ ସିଏମ୍‌ସିର ମୁଖ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ବଦଳି ଦାବି କରି ବିରୋଧୀ କର୍ପୋରେଟରମାନେ ସିଏମସି କାର୍ଯ୍ୟାଳୟ ଆଗରେ ଅହୋରାତ୍ର ଧାରଣାରେ ବସି ରହିଥିବାବେଳେ କେବଳ ଶାସକ ଦଳ କର୍ପୋରେଟରଙ୍କୁ ନେଇ ବୈଠକ ଚାଲିଥିଲା। ଖବର ପାଇ ରାତିରେ କଂଗ୍ରେସ ବିଧାୟକ ମହମ୍ମଦ ମୋକିମ, ଭାଜପା ନଗର ସଭାପତି ଲଲାଟେନ୍ଦୁ ବଡୁ, ବରିଷ୍ଠ ଭାଜପା ନେତା ନୟନ କିଶୋର ମହାନ୍ତି ଏବଂ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଧାରଣାସ୍ଥଳରେ ପହଞ୍ଚିଥିବା ସୂଚନା ମିଳିଛି।



ସିଏମ୍‌ସି କାଉନସିଲ ବୈଠକରେ କଂଗ୍ରେସ ଓ ଭାଜପା କର୍ପୋରେଟର ମେୟରଙ୍କୁ ଘେରୁଛନ୍ତି ।

ବୈଠକ ଆରମ୍ଭରେ ପ୍ରଥମେ ବିଭିନ୍ନ ପ୍ରକଳ୍ପର ଫଳକରେ ବିଧାୟକ ମୋକିମଙ୍କ ନାଁ ନ ଥିବା ଅଭିଯୋଗ ଆଣି କଂଗ୍ରେସ କର୍ପୋରେଟରମାନେ ମେୟର ଓ କମିଶନରଙ୍କୁ ଘେରିଥିଲେ। ଏଭଳି କାହିଁକି କରାଯାଉଛି ବୋଲି ପ୍ରଶ୍ନ କରି ଉତ୍ତର ଦାବିକରିଥିଲେ। ପରେ ଶୋକସଭାରେ ପୂର୍ବତନ ମେୟର ନିବେଦିତା ପ୍ରଧାନଙ୍କୁ ଅଣଦେଖା ନେଇ ଭାଜପା କର୍ପୋରେଟରମାନେ ହୋହାଲ୍ଲା କରିଥିଲେ। ବିରୋଧି ଦଳର କର୍ପୋରେଟରମାନେ ମିଶି ସଭାଗୃହରେ ଧାରଣା ଦେଇଥିଲେ। ଏନେଇ ମୋର କିଛି ଭୁଲ ନାହିଁ ବୋଲି କମିଶନର କହିଥିଲେ। କମିଶନରଙ୍କ ବଦଳରେ ଡେପୁଟି କମିଶନର ଅଜୟ ମହାନ୍ତି ଆସି ଉତ୍ତର ରଖିଥିଲେ। ହେଲେ ବିରୋଧୀ ଏଥିରେ ସନ୍ତୁଷ୍ଟ ନ ହୋଇ ହୋହାଲ୍ଲା କରିଥିଲେ। ତେବେ ମେୟର ସୁବାସ ସିଂ ଦୀର୍ଘ ସମୟ ଧରି ବୁଝାଶୁଝା କରିବା ପରେ ବିରୋଧୀ ଶାନ୍ତ ପଡ଼ିଥିଲେ ଏବଂ ସଭା କାର୍ଯ୍ୟ ଆଗକୁ ବଢ଼ିଥିଲା। ଏହାପରେ ଗତ କାଉନସିଲରେ ବାଲିଯାତ୍ରା ନେଇ ସ୍ୱତନ୍ତ୍ର ଅଡିଟ ହେବା ନେଇ କୁହାଯାଇଥିଲା। ହେଲେ ତାହାକୁ ବୈଠକରେ ଉପସ୍ଥାପନ କାହିଁକି କରାଗଲା ନାହିଁ ବୋଲି କର୍ପୋରେଟର ପ୍ରଶ୍ନ କରିଥିଲେ। ଆଉ ୧୫ ଦିନ ମଧ୍ୟରେ ଯାଞ୍ଚ ଶେଷ ହେବ ଏବଂ ରିପୋର୍ଟ ଉପସ୍ଥାପନ କରାଯିବ ବୋଲି କମିଶନର କହିଥିଲେ। ଏହାପରେ କଂଗ୍ରେସ କର୍ପୋରେଟର ସନ୍ତୋଷ ଭୋଳ କହିଥିଲେ, ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ ମୋତେ ପଚାରୁଛନ୍ତି ଆପଣ କାହିଁକି ବିରୋଧ କରୁଛନ୍ତି। ଏଭଳି ପ୍ରଶ୍ନ କରିବାକୁ ସେ କିଏ? ଅନ୍ୟପକ୍ଷରେ ଯନ୍ତ୍ରୀ ତ୍ରିପାଠୀ ନିଜ ସ୍ଥାନରେ ବସି ହସିବା ଯୋଗୁ ସ୍ଥିତି ଆହୁରି ଜଟିଳ ହୋଇଥିଲା। ଯନ୍ତ୍ରୀଙ୍କ ବ୍ୟବହାରରେ ଉତକ୍ଷିପ୍ତ ହୋଇ କର୍ପୋରେଟରମାନେ ତାଙ୍କୁ ଘେରିବା ସହ ବଦଳି ଦାବି କରିଥିଲେ। ଏହାକୁ ନେଇ ଉଭୟ ବିରୋଧୀ ଦଳ ଓ ଶାସକ ଦଳ କର୍ପୋରେଟରଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି, କାଉନସିଲ୍ ହଲରେ କାଚଗ୍ଲାସ ଭଙ୍ଗାରୁଜା ହୋଇଥିବା ଦେଖିବାକୁ ମିଳିଥିଲା। ସଭାଗୃହରେ ଏଭଳି ଘଟଣା ଯୋଗୁ ପ୍ରଥମେ କମିଶନର ବୈଠକରୁ ଉଠି ପଳାଇଥିଲେ । ଏହାପରେ ମେୟର ମଧ୍ୟ ଚାଲିଯାଇଥିଲେ। ପରେ ବିରୋଧୀ ଦଳ କର୍ପୋରେଟରମାନେ ସଭାଗୃହ ବାହାରେ ତଳେ ବସି କମିଶନରଙ୍କ ବିରୋଧରେ ନାରାବାଜି ଦେଇଥିଲେ। ମେୟର ସଭାଗୃହକୁ ଫେରି ସାଙ୍ଗରେ ଶାସକ ଦଳର କେତେଜଣ କର୍ପୋରେଟରଙ୍କୁ ନେଇ କମିଶନରଙ୍କୁ ଡାକି ବୈଠକ ଆରମ୍ଭ କରିଥିଲେ। ହେଲେ ଉକ୍ତ ବୈଠକରେ ବିରୋଧୀ କର୍ପୋରେଟରମାନେ ସାମିଲ ନ ହୋଇ ବିଜୁ ଭବନ ମୁଖ୍ୟ ଫାଟକ ନିକଟରେ ଧାରଣାରେ ବସି ରହିଛନ୍ତି।



ଉତ୍ତେଜିତ କଂଗ୍ରେସ କର୍ପୋରେଟରଙ୍କୁ ବୁଝାଉଛନ୍ତି ଭାଜପା କର୍ପୋରେଟର ।

### ଦବିଗଲା ବାଲିଯାତ୍ରାରେ ଅର୍ଥ ହେରଫେର ଅଭିଯୋଗ

ବିରୋଧୀଙ୍କ ହଟ୍ଟଗୋଳରେ ବାଲିଯାତ୍ରାରେ ଅର୍ଥ ହେରଫେର ଘଟଣା ଦବିଯାଇଥିଲା। ବାଲିଯାତ୍ରା ଆୟୋଜନରେ ଆର୍ଥିକ ହେରଫେର ହୋଇଥିବା ନେଇ ଅଭିଯୋଗ ହେବା ପରେ ସମସ୍ତ ଆୟବ୍ୟୟର ଅଡିଟ କରାଯିବାକୁ ଗତ କାଉନ୍‌ସିଲ ବୈଠକରେ ସ୍ଥିର ହୋଇଥିଲା। ସିଏମ୍‌ସି ପକ୍ଷରୁ ଇଣ୍ଟରନାଲ ଅଡିଟ ଏବଂ ପରେ ରାଜ୍ୟ ସରାକରଙ୍କ ପକ୍ଷରୁ ଅଡିଟ କରାଯିବ ବୋଲି ଗତ ବୈଠକରେ କମିଶନର କହିଥିଲେ। ଏହାର ୨ମାସ ପରେ ଅନୁଷ୍ଠିତ ବୈଠକରେ ଅଡିଟ ହୋଇ ନ ଥିବା ଜଣାପଡ଼ିଛି। ଯାହାକୁ ନେଇ ସୋମବାର ବୈଠକରେ କଂଗ୍ରେସ ଓ ଭାଜପା କର୍ପୋରେଟରମାନେ ହଟ୍ଟଗୋଳ କରିଥିଲେ। ବାଲି ଯାତ୍ରାର ଅଡିଟ ବିନା ବିଭିନ୍ନ କାର୍ଯ୍ୟର ବିଲ୍ ରିଲିଜ କରାଯାଇଥିବା ସେମାନେ ଅଭିଯୋଗ କରିଥିଲେ। ତେବେ ଆସନ୍ତା ୧୫ଦିନ ମଧ୍ୟରେ ସମସ୍ତ ଆୟବ୍ୟୟର ଯାଞ୍ଚ କରାଯାଇ କାଉନସିଲ ବୈଠକରେ ତଥ୍ୟ ଉପସ୍ଥାପନ କରାଯିବ ବୋଲି କମିଶନର କହିଥିଲେ।

### ଅସନ୍ତୋଷ ବ୍ୟକ୍ତ କଲେ ବିଜେଡି କର୍ପୋରେଟର

ବୈଠକରେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ବିରୋଧୀ ଏହାକୁ ବିରୋଧ କରିଥିବା ବେଳେ ଶାସକ ଦଳ ଅସନ୍ତୋଷ ବ୍ୟକ୍ତ କରିଥିଲେ। ନିର୍ବାହୀ ଯନ୍ତ୍ରୀ ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟକଳାପ ନେଇ କର୍ପୋରେଟରମାନେ ମେୟରଙ୍କୁ ଅଭିଯୋଗ କରିଥିଲେ। ପ୍ଲାନିଂ ଷ୍ଟାଣ୍ଡିଂ କମିଟି ଅଧକ୍ଷା ମୋନାଲିସା ଦାସ ନର୍ସରି କାହିଁକି କାର୍ଯ୍ୟକ୍ଷମ କରାଯାଉନି ଓ ପାର୍କଗୁଡ଼ିକର ସ୍ଥିତି ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟି ଅଧକ୍ଷା ଦିପ୍ତିମୟୀ ମୁଳିଆ କୃମିନାଶ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ କମିଟିକୁ ଅବଗତ କରାଯାଇ ନ ଥିବା କହିଥିଲେ । ପ୍ରଦୀପ୍ତ ଖୁଣ୍ଟିଆ କହିଥିଲେ ଫେକ ଲିଷ୍ଟ କରାଯାଇ ୪୭୫ ଜଣ କୁଲିଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି। ଏନେଇ ସ୍ୱତନ୍ତ୍ର ତଦନ୍ତ କରାଯିବାକୁ ସେ ଦାବି କରିଥିଲେ । ତେବେ ବିରୋଧୀଙ୍କଠାରୁ ଶାସକ ଦଳ କର୍ପୋରେଟରଙ୍କ ନିକଟରେ ସିଏମ୍‌ସି ଅଧିକାରୀଙ୍କ ବିରୋଧରେ ଅଭିଯୋଗର ଲମ୍ବା ଚିଠାଥିବାବେଳେ ଅସନ୍ତୋଷ ବ୍ୟକ୍ତ କରିବା ବ୍ୟତୀତ ଅନ୍ୟ କୌଣସି ରାସ୍ତା ନ ଥିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

### ମୋ' ଅଜାଣତରେ ଖଣ୍ଡେ ଇଟା ବି ବସିବନି: ମେୟର

ମେୟରଙ୍କ ଅଜାଣତରେ ସିଏମ୍‌ସିରେ ବିଭିନ୍ନ କାର୍ଯ୍ୟ କରାଯାଉଛି ବୋଲି ସୁବାସ ସିଂ ବୈଠକରେ କହିବା ସହ ଏନେଇ ସମସ୍ତ ଯନ୍ତ୍ରୀ ଏବଂ ଅଧିକାରୀଙ୍କୁ ତାଗିଦ କରିଥିଲେ। ଏଣିକି ତାଙ୍କ ଅଜାଣତରେ ଇଟା ଖଣ୍ଡିଏ ବସିପାରିବ ନାହିଁ ବୋଲି କହିବା ସହ ଜିଆଇ ଟ୍ୟାଗ୍ ନ ଥିଲେ କୌଣସି କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁରୀ କରାଯିବ ନାହିଁ ବୋଲି କହିଥିଲେ।

### ଗଠନ ହେବ ୩ ଜଣିଆ ସ୍ୱତନ୍ତ୍ର କମିଟି

୫୯ଟି ୱାର୍ଡରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଏବଂ ସମସ୍ୟାଗୁଡ଼ିକର ସମୀକ୍ଷା କରିବେ ସିଏମସି ମେୟର ଏବଂ କମିଶନର। ସେମାନେ ପ୍ରତି ୱାର୍ଡରେ ୨ଦିନ ଲେଖାଏ ରହିବେ। ୱାର୍ଡୱାରୀ ସବୁ କାର୍ଯ୍ୟର ତଥ୍ୟ ସଂଗ୍ରହ କରାଯିବ। ଏଥିନିମନ୍ତେ ଏକ ୩ ଜଣିଆ ସ୍ୱତନ୍ତ୍ର କମିଟି ଗଠନ କରାଯିବ ବୋଲି ମେୟର ସୁବାସ ସିଂ ବୈଠକରେ ପ୍ରସ୍ତାବ ଦେଇଛନ୍ତି।



ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ଓ ଭାଜପା କର୍ପୋରେଟରଙ୍କ ସହ ବିଧାୟକ ମହମ୍ମଦ ମୋକିମ ରାତିରେ ଧାରଣାରେ ବସିଛନ୍ତି ।

### ଯନ୍ତ୍ରୀଙ୍କ ଉପରେ ବର୍ଷିଲେ ମେୟର

ସହରର ବହୁ ଅଞ୍ଚଳରେ ଖଣ୍ଡିଏ ଭଲ ରାସ୍ତା ନ ଥିବାବେଳେ ଲୋକେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ବର୍ଷସାରା ପାଣି କାଦୁଅରେ ସେମାନଙ୍କୁ ଯାତାୟାତ କରିବାକୁ ପଡୁଛି। ଏପରିସ୍ଥଳେ ଯେଉଁ ଅଞ୍ଚଳରେ କୌଣସି ଜନବସତି ନାହିଁ ସେଠାରେ ସିଏମ୍‌ସି ପକ୍ଷରୁ ସ୍ମାର୍ଟ ରାସ୍ତା ନିର୍ମାଣ କରାଯାଇଛି। ଯନ୍ତ୍ରୀ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟବରାଦ କରାଯାଇ କାର୍ଯ୍ୟ ହୋଇଛି, ଯାହାକୁ ନେଇ ମେୟର ଯନ୍ତ୍ରୀମାନଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ୩ ନମ୍ବର ୱାର୍ଡ ଧବଳେଶ୍ୱର ଗଡ଼ା ଅଞ୍ଚଳରେ କୌଣସି ଲୋକ ରହୁ ନ ଥିବାବେଳେ ସେଠାରେ ଫିଭର ବ୍ଲକର ରାସ୍ତା ତିଆରି ହୋଇଛି। ପରବର୍ତ୍ତୀ ସମୟରେ ଏଭଳି କାର୍ଯ୍ୟ କଲେ ଯନ୍ତ୍ରୀଙ୍କ ଦରମା ବନ୍ଦ କରିଦିଆଯିବ କହି ମେୟର ତାଗିତ କରିଥିଲେ।

## ସଂକ୍ଷେପରେ

### ଘରେ ନିଆଁ ଲଗାଇବା ଅଭିଯୋଗରେ ୨ ଗିରଫ

ବାରଙ୍ଗ,୧୩।୨(ଡି.ଏନ୍.ଏ.): ଚନ୍ଦକା ଥାନା ଅଧୀନ ଗିରିଙ୍ଗାପୁଟ ଗାଁ ଆଦିବାସୀ ସାହିର ଜଣେ ମହିଳାଙ୍କୁ ମାରିଦେବାକୁ ଧମକ ଦେବା ସହ ରାତିରେ ତାଙ୍କ ଘରେ ନିଆଁ ଲଗାଇବା ଅଭିଯୋଗରେ ଚନ୍ଦକା ପୋଲିସ ୨ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ୨ ଅଭିଯୁକ୍ତ ହେଲେ ଗିରିଙ୍ଗାପୁଟ ଗାଁର ଘନିଆ ପ୍ରଧାନ ଓରଫ ଭୀମା ଓ ଶଙ୍କର ଘଡ଼େଇ। ଏନେଇ ପୋଲିସ ଏକ ମାମଲା (ନଂ. ୫୧/୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଆଦିବାସୀ ସାହିର ଟୁନା ଦେଈ ତାଙ୍କ ପୁଅ ବଳରାମ ରାଉଳଙ୍କ ସହ ରୁହନ୍ତି। ବଳରାମ ୨ଟି ବିବାହ କରିଛନ୍ତି। କିଛି ମାସ ହେବ ତାଙ୍କ ପ୍ରଥମ ସ୍ତ୍ରୀ ତାଙ୍କ ବାପଘରକୁ ପଳାଇ ଯାଇଥିଲେ। ସେତେବେଳେ ବଳରାମଙ୍କ ସ୍ତ୍ରୀଙ୍କୁ ବାପଘରକୁ ପଠାଇ ଦିଆଯାଇଥିବା ଶଙ୍କର ଅଭିଯୋଗ କରିବାରୁ ସେ ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଗତ ଶନିବାର ଏହି ଘଟଣାକୁ ନେଇ ପୁନର୍ବାର ପାଟିତୁଣ୍ଡ ଲାଗିବାରୁ ଟୁନା ଏବଂ ବଳରାମଙ୍କୁ ଜୀବନରୁ ମାରି ଦେବାକୁ ଶଙ୍କର ଏବଂ ଘନିଆ ଧମକ ଦେଇଥିବା ଟୁନା ଅଭିଯୋଗ କରିଥିଲେ। ଖବରପାଇ ଘଟଣାସ୍ଥଳରେ ପିସିଆର ପହଞ୍ଚି ଉଭୟଙ୍କୁ ବୁଝାଶୁଝା କରିଥିଲେ। ପରେ ନିଜକୁ ଅସୁରକ୍ଷିତ ମନେ କରି ମା' ପୁଅ ଘର ଛାଡ଼ି ପଳାଇ ଯାଇଥିଲେ। ସେହିଦିନ ବିଳମ୍ବିତ ରାତିରେ ଟୁନାଙ୍କ ଚାଳଘରେ ନିଆଁ ଲାଗିଯିବାରୁ ଘରର ଆସବାବପତ୍ର ଜଳି ପାଉଁଶ ହୋଇଯାଇଥିଲା। ଶଙ୍କର ଏବଂ ଘନିଆ ସେହି ନିଆଁ ଲଗାଇ ଥିବା ଟୁନା ଅଭିଯୋଗରେ ଦର୍ଶାଇଥିଲେ। ଏହାପରେ ସେ ଦୁହେଁ ଫେରାର ହୋଇ ଯାଇଥିବାବେଳେ ସୋମବାର ପୋଲିସ ସେମାନଙ୍କୁ କାବୁ କରିଛି।

### ମଦ ଜବତ, ଜଣେ ଗିରଫ

ବାଲିଅନ୍ତା,୧୩।୨(ଡି.ଏନ୍.ଏ.): ଚୋରା ଦେଶୀମଦ ବିକ୍ରି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଜିଡିକାର ସୁଆଁଲୋ ଅଞ୍ଚଳର ପ୍ରଶାନ୍ତ ନାୟକ(୪୬)। ପୋଲିସ ପ୍ରଶାନ୍ତଙ୍କ ପାଖରୁ ୭୨ଟି ମଦ ବୋତଲ ଜବତ କରିଛି। ଏନେଇ ଏକ ମାମଲା (ନଂ. ୫୮/୨୩) ରୁଜୁ କରି ତଦନ୍ତ ଚଳାଇଛି। ତେବେ ବାଲିଅନ୍ତା ଥାନା ପୋଲିସ ପକ୍ଷରୁ ଚୋରାମଦ କାରବାର ଉପରେ ରୋକ ଲଗାଇବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ସେହିପରି ଗତ ଶୁକ୍ରବାର ଏକ ନିଛାଟିଆ ଅଞ୍ଚଳରେ ମଦ ବିକ୍ରି ହେଉଥିବାବେଳେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ପାଠପଢ଼ା ସମୟରେ କାମ କରୁଛନ୍ତି ଛାତ୍ର




ଖୋର୍ଦ୍ଧା ଅଫିସ,୧୩।୨

ବିଦ୍ୟାଳୟର ଭିତ୍ତିଭୂମି, ଶୈକ୍ଷିକ ବାତାବରଣ ଲାଗି ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ୫–ଟି ଅଧୀନରେ ବିଦ୍ୟାଳୟ ରୂପାନ୍ତରଣ ଚାଲିଛି। ତେବେ ସ୍କୁଲ ନିର୍ମାଣ କାମରେ ଲାଗିଛନ୍ତି ଛାତ୍ର। ସ୍କୁଲ ୟୁନିଫର୍ମ ପିନ୍ଧି ପିଲାମାନେ ପାଠପଢ଼ା ସମୟରେ ମାଟି ତାଡ଼ିବା ସହ ପଥର ଉଠାଉଛନ୍ତି। ସେମାନଙ୍କୁ ଶ୍ରମିକଙ୍କ ଭଳି ବ୍ୟବହାର କରାଯାଉଛି। ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ପାଇକ ଟିଗିରିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ପିଲାମାନେ କାମ କରୁଥିବା ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହାର ତଦନ୍ତ କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ କହିଛନ୍ତି। ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟ ଏବେ ୫–ଟିରେ ସ୍ଥାନ ପାଇଛି। ନିର୍ମାଣ କାର୍ଯ୍ୟ ପାଇଁ ୪୫ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ତେବେ ପିଲାମାନେ ପାଠପଢ଼ା ସମୟରେ କାମ କରୁଛନ୍ତି। ପାଖରେ ଜଣେ ଶିକ୍ଷକ ଛିଡ଼ା ହୋଇ କାମର ତଦାରଖ କରୁଥିବା ଭିଡିଓ ଭାଇରାଲ ହୋଇଛି। ତେବେ ନିର୍ମାଣ କାର୍ଯ୍ୟରେ କାହିଁକି ଶ୍ରମିକଙ୍କ ଭଳି ସ୍କୁଲ ପିଲାଙ୍କୁ ନିୟୋଜିତ କରାଯାଉଛି ବୋଲି ପ୍ରଶ୍ନ କରିଛନ୍ତି ଅଭିଭାବକ। ଅନ୍ୟପଟେ ବିଦ୍ୟାଳୟ ନିର୍ମାଣ କାମକୁ ନେଇ ବିବାଦ ଥିବାରୁ କେହି ଜାଣିଶୁଣି ପିଲାଙ୍କ ଫଟୋ ଉଠାଇ ଭାଇରାଲ କରିଛି ବାଲି ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମହେଶ୍ୱର ମହାନ୍ତି କହିଛନ୍ତି ଯେ, ବିଦ୍ୟାଳୟ କାମରେ ପିଲାଙ୍କୁ ନିୟୋଜିତ କରାଯାଉ ନାହିଁ। ଛୁଟିସମୟରେ କେହି ପିଲା ଖୁସିରେ କରିଥାଇପାରନ୍ତି। ଆଗକୁ ଯେପରି ଏଭଳି ଘଟଣା ନ ଘଟିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ।

# ଡିଜିଟାଇଜେଶନ ହେବ ସାହିତ୍ୟ ମୁଖପତ୍ର 'କୋଣାର୍କ'

**ପ୍ରକାଶ ପାଇବ ତ୍ରୈମାସିକ ପତ୍ରିକା 'ସାରଳା'**

ଭୁବନେଶ୍ୱର,୧୩।୨(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତ୍ରୈମାସିକ ସାହିତ୍ୟ ମୁଖପତ୍ର 'କୋଣାର୍କ' ପ୍ରକାଶ ପାଉଛି। ଏଣିକି ଏହାର ଡିଜିଟାଇଜେଶନ କରାଯାଇ ଓଡ଼ିଆ ଭର୍ଚୁଆଲ ଏକାଡେମୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ୱେବ୍ ପୋର୍ଟାଲରେ ଉପଲବ୍ଧ ହେବ। ଏଥିସହ ଗତ ସପ୍ତାହରେ କାର୍ଯ୍ୟକାରୀ ପରିଷଦ ବୈଠକରେ ଏହି ପତ୍ରିକାକୁ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟଭିତ୍ତିକ କରାଯିବା ସହ 'ସାରଳା' ନାମରେ ଆଉଏକ ପତ୍ରିକାର ପ୍ରକାଶନ ପାଇଁ ନିଷ୍ପତ୍ତି ନିଆଯାଇଛି। ଉପନ୍ୟାସ, ଗଳ୍ପ, କବିତା, ନାଟକ ଓ ଏକାଙ୍କିକା, ଅନୁବାଦ, ଜୀବନୀ, ଭ୍ରମଣ ସାହିତ୍ୟ, ଶିଶୁ ସାହିତ୍ୟ, ଐତିହାସିକ ଗବେଷଣା ଓ ଗୀତି–କବିତା ଭଳି ୯ଟି ବିଭାଗକୁ ନେଇ ପତ୍ରିକା 'ସାରଳା' ପ୍ରକାଶ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ତେବେ ଏହି ପତ୍ରିକା ପାଇଁ ଏକାଡେମୀ ମେଲ୍ ମାଧ୍ୟମରେ ଲେଖକ ସେମାନଙ୍କ ଲେଖା ପଠାଇପାରିବେ । ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ଏହି ପତ୍ରିକାର ପ୍ରଥମ ପ୍ରକାଶନ ପାଇଁ ଉଦ୍ୟମ କରାଯାଉଥିବା ଏକାଡେମୀ ସଚିବ ପ୍ରବୋଧ ରାଉତ ସୂଚନା ଦେଇଛନ୍ତି।

# ପୁରାତନ ଛାତ୍ରୀଛାତ୍ର ଡ୍ରିମ୍‌ସର ବ୍ରାଣ୍ଡ ଆମ୍ବାସାଡର

କଟକ ଅଫିସ,୧୩।୨

ଡ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟ ଆଲୁମ୍‌ନି ଆସୋସିଏଶନ ପକ୍ଷରୁ ପୁରାତନ ଛାତ୍ରୀଛାତ୍ରଙ୍କ ସମାବେଶ ଶିକ୍ଷାନୁଷ୍ଠାନ ପରିସରସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ପୁରାତନ ଛାତ୍ରୀଛାତ୍ରମାନେ ଡ୍ରିମ୍‌ସର ବ୍ରାଣ୍ଡ ଆମ୍ବାସାଡର ବୋଲି କହିଥିଲେ। ଏଥିସହ ଶିକ୍ଷାନୁଷ୍ଠାନ ପ୍ରଗତିରେ ସେମାନଙ୍କ ଯୋଗଦାନ ପ୍ରଶଂସନୀୟ ବୋଲି ରଥ କହିଥିଲେ। ଏହି ଅବସରରେ ୨୦୨୪ରେ ଡ୍ରିମ୍‌ସ ପ୍ରତିଷ୍ଠାର ୨୫ବର୍ଷ ପୂର୍ତ୍ତି ରୌପ୍ୟଜୟନ୍ତୀ ଆୟୋଜନ ଏବଂ ପୁରାତନ ଛାତ୍ରୀଛାତ୍ର ସହଯୋଗ କରିବାକୁ ଆଲୁମ୍‌ନି ମତ ଦେଇଥିଲେ। ଆସୋସିଏଶନ ସଭାପତି ତଥା ଅଧ୍ୟକ୍ଷ ଡ. ନୟନ ରଞ୍ଜନ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ପ୍ରାଧ୍ୟାପିକା ଡ. ଲୀନା ପଟ୍ଟନାୟକ, ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ସୁରଜିତ ମହାନ୍ତି, ପ୍ରାଧ୍ୟାପକ ଶେଖରେଶ ବାରିକ ପ୍ରମୁଖ ସାମିଲ ଥିଲେ। ଏଥିରେ ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ରମାକାନ୍ତ କାସ୍ତା, ଜିତେନ୍ଦ୍ର ଶତପଥୀ, ଦୀପକ ରଞ୍ଜନ ବିଶ୍ୱାଳ, ରଶ୍ମିରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।




୨୦୦୮ ମସିହା ପରବର୍ତ୍ତୀ ଅଣଅନୁଦାନ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ ସହ ବିଭିନ୍ନ ଦାବିରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।

# ସୂର୍ଯ୍ୟମନ୍ଦିର ପରିସରରୁ ୫୦ରୁ ଊର୍ଦ୍ଧ୍ୱ ଗଛ କାଟିଦେଲେ

କୋଣାର୍କ,୧୩।୨(ଡି.ଏନ୍.ଏ.)

ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିରର କଳାକୃତି, ଭାସ୍କର୍ଯ୍ୟ, ସ୍ଥାପତ୍ୟ, କାରୁକାର୍ଯ୍ୟକୁ ସୁରକ୍ଷିତ ରଖିବା ପାଇଁ ପୁନରୁଦ୍ଧାର ଏବଂ ଉନ୍ନୟନମୂଳକ କାର୍ଯ୍ୟ ଚାଲିଛି। ସ୍ଥାନୀୟ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍ଆଇ) ଅଧୀନରେ ଏହିସବୁ କାର୍ଯ୍ୟ କରାଯାଉଛି। ଏହି ପରିପ୍ରେକ୍ଷୀରେ ସୂର୍ଯ୍ୟମନ୍ଦିର ବେଢ଼ା ପରିସରରେ ସୁରକ୍ଷା ପାଚେରି ମଧ୍ୟ ନିର୍ମାଣ ହେଉଛି। ହେଲେ ଏହି ପାଚେରି ପାଇଁ ମନ୍ଦିର ପରିସରରେ ଥିବା ବହୁ ବର୍ଷର ପୁରୁଣା ଗଛଗୁଡ଼ିକ ଉଭାନ୍ ହୋଇଯାଇଥିବା ଦେଖିବାକୁ ମିଳିଛି। ଏପରି କି ବିନା ନୋଟିସରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଗଛ କାଟି ଦିଆଯାଇଥିବା ଅଭିଯୋଗ ହୋଇଛି। ତେବେ ସୂର୍ଯ୍ୟମନ୍ଦିର ଦାୟିତ୍ୱରେ ଥିବା ସ୍ଥାନୀୟ ଏଏସ୍ଆଇ ଅଧିକାରୀ ଓ ପ୍ରାଚୀର ନିର୍ମାଣ କାର୍ଯ୍ୟ କରୁଥିବା ଠିକାଦାରଙ୍କ ସଲାସୁତରାରେ ଏହି ଗଛଗୁଡ଼ିକ ବେଆଇନ ଭାବେ କଟାଯାଇଛି ବୋଲି ବୁଦ୍ଧିଜୀବୀ, ପରିବେଶବିତ୍, ସଂସ୍କୃତି ବିଶାରଦ, ଐତିହାସିକ, ଗବେଷକ ଓ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଅଭିଯୋଗ କରିଛନ୍ତି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ଦାବି ହେଉଛି।



ସୂର୍ଯ୍ୟମନ୍ଦିରରେ ବିଭିନ୍ନ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟ ହେଉଛି। ମନ୍ଦିରର କାରୁକାର୍ଯ୍ୟ ସଂରକ୍ଷଣ, ଭାଙ୍ଗିଯାଇଥିବା ପଥର ବଦଳରେ ପୂର୍ଣ୍ଣାଙ୍ଗ ପଥର ବସାଇବା, ମନ୍ଦିର ଉନ୍ନତୀକରଣ ଆଦି କାର୍ଯ୍ୟ ସହ ମନ୍ଦିର ବେଢ଼ା ପରିସରରେ ସୁରକ୍ଷା ପାଚେରି ନିର୍ମାଣ ହେଉଛି। ତେବେ କିଛିଦିନ ହେବ ଦେଖିବାକୁ ମିଳିଛି ଏହି ପାଚେରି ନିର୍ମାଣ ଆଳରେ ପାର୍ଶ୍ୱରେ ଥିବା ଅଧିକାଂଶ ଗଛକୁ କାଟିଦିଆଯାଇଛି। ଏପରି କି ସେହି ଗଛଗୁଡ଼ିକ ପାଚେରି ନିର୍ମାଣ ସ୍ଥାନରେ ରହି ନ ଥିବା ସତ୍ତ୍ୱେ କଟାଯାଇଛି। ପୁରୁଣା ଝାଉଁ ଓ ଅନ୍ୟ କେତେକ ଗଛ ଉଭାନ୍ ହେବା ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଗଛଗୁଡ଼ିକ ଦୀର୍ଘଦିନ ଧରି ସୂର୍ଯ୍ୟମନ୍ଦିରର ପରିବେଶକୁ ଉଷ୍ମତାରୁ ରକ୍ଷା କରିବା ସହ ପର୍ଯ୍ୟଟକଙ୍କୁ ଛାଇ ପ୍ରଦାନ କରିଆସୁଥିଲା। ମାତ୍ର ଏହି ଗଛଗୁଡ଼ିକ ପାଚେରି ନିର୍ମାଣ ସ୍ଥଳରେ ନ ଥାଇ କାହା ଇସାରା ଓ ନିର୍ଦ୍ଦେଶକ୍ରମେ କଟାଯାଇଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ନିୟମ ଅନୁଯାୟୀ, ସୂର୍ଯ୍ୟ ମନ୍ଦିର ପରିସରରେ ଥିବା ଗଛଗୁଡ଼ିକ ପ୍ରକଳ୍ପ ଅଞ୍ଚଳ ମଧ୍ୟରେ ଆସିଲେ ସେଗୁଡ଼ିକ କଟାଯାଇ ଏଏସ୍ଆଇ ପକ୍ଷରୁ ବନ ବିଭାଗକୁ ଜଣାଇବା ସହ ନୋଟିସ ଜାରି କରି ଟେଣ୍ଡର ମାଧ୍ୟମରେ ବିକ୍ରି ପାଇଁ ସ୍ପଷ୍ଟ ନିର୍ଦ୍ଦେଶନାମା ରହିଛି। ମାତ୍ର ଏବେ ସରକାରୀ ନିୟମର ଖୋଲାଖୋଲି ଉଲ୍ଲଂଘନ କରି ଠିକାଦାର ଗଛଗୁଡ଼ିକୁ କାଟିଦେଇଛନ୍ତି, ଯାହା ଏଏସ୍ଆଇର ଦାୟିତ୍ୱହୀନତା ଓ ଖାମଖିଆଲ ମନୋଭାବ ବୋଲି ସ୍ପଷ୍ଟ ବାରି ହୋଇପଡୁଛି। ସେହିଭଳି ସୂର୍ଯ୍ୟମନ୍ଦିର ପରିସର ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଆସୁଛି। ତେଣୁ ଏହାର ଠିକ୍ ତଦନ୍ତ କରାଯାଇ ସମ୍ପୃକ୍ତ ଠିକାଦାର ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳର ସାମାଜିକ କର୍ମୀ, ବୁଦ୍ଧିଜୀବୀ, ପରିବେଶବିତ୍, ସାମ୍ବାଦିକ ସମୂହ, ସଂସ୍କୃତି ବିଶାରଦ, ଐତିହାସିକ, ଗବେଷକଙ୍କ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ସୂର୍ଯ୍ୟମନ୍ଦିର ଦାୟିତ୍ୱରେ ଥିବା ଏଏସ୍ଆଇ ଅଧିକାରୀ ନିରୋଜ ସିଂଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୩।୨।୨୦୨୩

| | |
|---|---|
| ୫,୬୭,୫୪୮ ଟଙ୍କା | |
| ସୁନା | ୨.୭୯୦ ଗ୍ରାମ୍ |
| ରୁପା | ୩୮.୭୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

**ପୁରୀ**

- ପୁରୀ ଜିଲା ଅଟୋଚାଳକ ମହାସଂଘ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ, ଜାଗରପଦା ପରିସର, ଲୋକନାଥ ଘାଟ, ସକାଳ ୮ଟା।
- ପିତୃମାତୃ ପୂଜନ ଦିବସ, ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିର, ରାମମନ୍ଦିର ନିକଟ, ସକାଳ ୯ଟା।
- ପ୍ରିୟପତ୍ର ସମ୍ମାନ ପ୍ରଦାନ ଉତ୍ସବ, ସଂସ୍କୃତି ଭବନ, ପୂର୍ବାହ୍ନ ୧୦ ଟା।
- ସିପିଏମ ପକ୍ଷରୁ ବଜେଟ ପ୍ରତିବାଦ ଧାରଣା, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।

# ସୁଚାରୁ ରୂପେ ନୀତି ସମ୍ପନ୍ନ ଉପରେ ଗୁରୁତ୍ୱ

## ପଙ୍କୋଦ୍ଧାର ଏକାଦଶୀ, ଜାଗରଯାତ୍ରା ପାଇଁ ପ୍ରସ୍ତୁତି

ପୁରୀ ଅଫିସ, ୧୩।୨:



ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଏବଂ ଅନ୍ୟ ଅଧିକାରୀଙ୍କ ସହ ସେବାୟତମାନେ।

ଚଳିତ ମାସ ୧୮ତାରିଖରେ ମହାଶିବରାତ୍ରି ବା ଜାଗର ଯାତ୍ରା। ପୁରୀର ପ୍ରସିଦ୍ଧ ଶୈବ ପୀଠ ଶ୍ରୀଲୋକନାଥ ମନ୍ଦିରରେ ପ୍ରଭୁ ଶ୍ରୀଲୋକନାଥ ଦେବଙ୍କ ଜାଗର ଯାତ୍ରାକୁ ସୁଚାରୁ ରୂପେ ପରିଚାଳନା ପାଇଁ ସୋମବାର ସର୍କିଟ ହାଉସରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଜାଗର ଯାତ୍ରାରେ ବିପୁଳ ଜନସମାଗମ ହୋଇଥାଏ। ତେଣୁ ଜାଗର ଯାତ୍ରାକୁ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ପରିଚାଳନା କରିବା ସହ ଯେପରି ଶ୍ରଦ୍ଧାଳୁ ସୁଖଦ ଅନୁଭୂତି ନେଇ ଫେରିବେ ସେଥିପ୍ରତି ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ପୂର୍ବରୁ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୀତିକାନ୍ତି ଓ ପୂଜା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହି ଆଧାରରେ ସମସ୍ତ କାର୍ଯ୍ୟକୁ ପାରସ୍ପରିକ ସମନ୍ୱୟ ମାଧ୍ୟମରେ ନିର୍ବାହ କରିବାକୁ ସେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା ଆଇନଶୃଙ୍ଖଳା ରକ୍ଷା ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ପ୍ରତ୍ୟେକ ବିଭାଗ ମଧ୍ୟରେ ସୁସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଜାଗର ସମୟରେ ହରିହର ଭେଟ ନୀତିକୁ ସୁଚାରୁ ରୂପେ କରାଯିବାକୁ ପଦକ୍ଷେପ ନିଆଯାଇଛି ବୋଲି କହିଥିଲେ। ଆସନ୍ତା ୧୬ ତାରିଖରେ ହେବାକୁ ଥିବା ପଙ୍କୋଦ୍ଧାର ଏକାଦଶୀ ଓ ଜାଗର ଯାତ୍ରାର ନୀତିକାନ୍ତି ସମୟ ନିର୍ଘଣ୍ଟ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ ସୂଚନା ଦେବା ସହ ବିଭିନ୍ନ ପଦକ୍ଷେପ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା, ଆମ୍ବୁଲାନ୍ସ, ପାର୍କିଂ, ପାନୀୟଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ପରିମଳ, ବିଦ୍ୟୁତ, ବ୍ୟାରିକେଡ୍, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର, ସୂଚନା କେନ୍ଦ୍ର, ଅଗ୍ନି ନିର୍ବାପକ ବ୍ୟବସ୍ଥା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ସୁଚାରୁ ରୂପେ ଭାବେ କାର୍ଯ୍ୟ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ସେବାୟତ ନିଯୋଗ ସଭାପତି ରବିନାରାୟଣ ପଣ୍ଡା, ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ପଙ୍କୋଦ୍ଧାର ଏକାଦଶୀ ପାଳିଆ ସେବାୟତ ଦୟାନିଧି ମହାପାତ୍ର ଏବଂ ଯୋଗାଣିଆ ସେବାୟତ ନରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମା'ଙ୍କୁ ଭାରରେ ବୋହି ଜଗନ୍ନାଥ ଦର୍ଶନ କରାଇଲେ ପୁଅ

ପୁରୀ ଅଫିସ, ୧୩।୨:

ଜଣେ ବ୍ୟକ୍ତି ତାଙ୍କ ମା'ଙ୍କୁ ବୋଝରେ ବୋହି ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆଣିଥିବା ଭିଡିଓ ଭାଇରାଲ ହେବାରେ ଲାଗିଛି। ସୂଚନାଯୋଗ୍ୟ, ରବିବାର କଟକ ପାଟସୁନ୍ଦରପୁର ଅଞ୍ଚଳର ବସନ୍ତ ବେହେରା ତାଙ୍କ ମା'ଙ୍କ ଇଛା ପୁରଣ କରିବାକୁ ଯାଇ ଭାରରେ ମା' ଶାରଦା ବେହେରା(୯୫)ଙ୍କୁ ଶ୍ରୀମନ୍ଦିରକୁ ଆଣିଥିଲେ। ପରେ ଶ୍ରୀମନ୍ଦିର କର୍ମଚାରୀଙ୍କ ସହାୟତାରେ ତାଙ୍କ ମା' ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏଭଳି

### ଭିନ୍ନ ଜଣେ ଶ୍ରବଣ କୁମାର

ଭିଡିଓ ଦେଖିବା ପରେ ତ୍ରେତୟା ଯୁଗର ଶ୍ରବଣ କୁମାର କଥା ଚର୍ଚ୍ଚା ହେଉଛି। ଦୃଷ୍ଟିହୀନ ମା'ବାପାଙ୍କୁ କାନ୍ଧରେ ବୋହି ପୁଅ ଶ୍ରବଣ କୁମାର ତୀର୍ଥ ଦର୍ଶନ କରାଇବା ଭଳି କଳିଯୁଗରେ ବସନ୍ତ ମା'ଙ୍କୁ ଭାରରେ ବୋହି ବଡ଼ଦାଣ୍ଡରେ ଚାଲି ଚାଲି ଶ୍ରୀମନ୍ଦିରରେ ପହଞ୍ଚିଥିଲେ। କଳିଯୁଗରେ ମା' ପ୍ରତି ପୁଅର ଏପରି ନିଷ୍ଠାପର ସେବା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇପଡ଼ିଛନ୍ତି। ଜଗା ଦର୍ଶନ କରି ଜୀବନର ସବୁ ଅଭିଳାଷ ପୂର୍ଣ୍ଣ ହୋଇଥିବା ଶାରଦା କହିଛନ୍ତି।



ବସନ୍ତ ବେହେରା ତାଙ୍କ ମା'ଙ୍କୁ ଭାରରେ ବୋହି ପୁରୀ ଆଣୁଛନ୍ତି।

# 'ଓଡ଼ିଶା ଅବସ୍ଥାର ପରିବର୍ତ୍ତନ ପାଇଁ ପ୍ରାର୍ଥନା କରିଛି'

## ମହାପ୍ରଭୁଙ୍କୁ ଦର୍ଶନ କଲେ ବିଜୟ

ପୁରୀ ଅଫିସ, ୧୩।୨:

ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ କଂଗ୍ରେସରେ ଯୋଗଦେବା ପରେ ସୋମବାର ଅପରାହ୍ନରେ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ପଟ୍ଟନାୟକ ପୁରୀରେ ପହଞ୍ଚିବା ପରେ ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କିଂଠାରୁ ଚାଲିଚାଲି ଶ୍ରୀମନ୍ଦିର ଅଭିମୁଖେ ଆସିଥିଲେ। ଦଳୀୟ କର୍ମୀ ଓ ନେତାମାନେ ତାଙ୍କୁ ମରିଚିକୋଟ ଛକଠାରେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପଟ୍ଟନାୟକ ଦଳୀୟ କର୍ମୀ ଓ ନେତାଙ୍କ ସହ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯାଇଥିଲେ। ପରେ ଭିତରକାଠ ନିକଟରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଭିତରବେଢ଼ାରେ ଥିବା ପାର୍ଶ୍ୱଦେବଦେବୀଙ୍କ ଦର୍ଶନ ସାରି କିଛି ସମୟ ବିତାଇ ଫେରିଥିଲେ। ଏହି ଅବସରରେ ପଟ୍ଟନାୟକ କହିଥିଲେ, ବର୍ତ୍ତମାନ ଓଡ଼ିଶା ଯେଉଁ ଅବସ୍ଥାରେ ଅଛି ତା'ର ପରିବର୍ତ୍ତନ ହେଉ ବୋଲି ମହାପ୍ରଭୁଙ୍କୁ ପ୍ରାର୍ଥନା କରିଛି। ଓଡ଼ିଶା ଦେଶରେ ତଳ ଆଡୁ ସମସ୍ତ କ୍ଷେତ୍ରରେ ଆଗୁଆ ରହୁଛି ଅର୍ଥାତ୍ ସମସ୍ତ କ୍ଷେତ୍ରରେ ପଛୁଆ ରହିଛି। ଭୋଟ ସର୍ବସ୍ୱ ରାଜନୀତିରେ ପରିବର୍ତ୍ତନ ହେବା ଦରକାର। ଓଡ଼ିଶା ପାଇଁ ଚିନ୍ତା କରିବାର ସମୟ ଆସିଛି। ଓଡ଼ିଶା ଉପରକୁ ଯିବ ଓ ଅଗ୍ରଗତି କରିବ ସେ ନେଇ ଏକ ଭିଜନ ପ୍ରସ୍ତୁତି କରାଯିବ। ଯେତେଦିନ ପର୍ଯ୍ୟନ୍ତ ମହାପ୍ରଭୁ ଅଛନ୍ତି ଏବଂ ତାଙ୍କ ଆଶୀର୍ବାଦ ରହିଛି ସେତେଦିନ ପର୍ଯ୍ୟନ୍ତ ଓଡ଼ିଶା କଂଗ୍ରେସମୁକ୍ତ ହେବ ନାହିଁ। ଆଗକୁ ଓଡ଼ିଶାରେ କଂଗ୍ରେସ ଭଲ ପ୍ରଦର୍ଶନ କରିବ ବୋଲି ପଟ୍ଟନାୟକ କହିଥିଲେ।



ବିଶିଷ୍ଟ ଶିଳ୍ପପତି ତଥା ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କୁ ପୁରୀ କୁମ୍ଭାରପଡ଼ାର ଯୁବ ଶିଳ୍ପୀ ଶାଶ୍ୱତ ରଞ୍ଜନ ସାହୁ ଦିଆସିଲି କାଠିରେ ନିର୍ମାଣ କରିଥିବା ଏକ ନାଗା ପ୍ରତିମୂର୍ତ୍ତି ଉପହାର ସ୍ୱରୂପ ପ୍ରଦାନ କରୁଛନ୍ତି। ଉକ୍ତ କଳାକୃତିରେ ୪୭୨୭ଟି ଦିଆସିଲି କାଠି ବ୍ୟବହାର ହୋଇଛି। କଳାକୃତିର ଉଚ୍ଚତା ୨୨ ଇଞ୍ଚ ଓ ଚଉଡ଼ା ୧୪ ଇଞ୍ଚ ରହିଛି। ଏହାକୁ ତିଆରି କରିବା ପାଇଁ ୨୩ ଦିନ ସମୟ ଲାଗିଛି।

# ଶ୍ରୀଜଗନ୍ନାଥ ସମ୍ପତ୍ତି ହଡ଼ପ: ପୁନରୁଦ୍ଧାର ପାଇଁ ଦାବି

କୋଣାର୍କ, ୧୩।୨(ଡି.ଏନ୍.ଏ.)

କୋଣାର୍କ ଥାନା ଅଧୀନ କୁରୁଜଙ୍ଗ ପଞ୍ଚାୟତର ଭାଣପୁର ଗ୍ରାମରେ ଥିବା ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀ ମାର୍ଫତ ଦକ୍ଷିଣ ପାର୍ଶ୍ୱ ମଠର କିଛି ଜମିକୁ ଜଣେ ବ୍ୟକ୍ତି ହଡ଼ପ କରିଛନ୍ତି। ଏନେଇ କୁରୁଜଙ୍ଗ ଗ୍ରାମ ପଞ୍ଚାୟତ ଶ୍ରୀଜଗନ୍ନାଥ ସମ୍ପତ୍ତି ସୁରକ୍ଷା ସମିତି ପକ୍ଷରୁ ପୁରୀ ଜିଲାପାଳ, ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ୫-ଟି ସଚିବ ଓ ଦେବୋତ୍ତର କମିଶନର ପ୍ରମୁଖଙ୍କୁ ଲିଖିତ ଅଭିଯୋଗ କରାଯାଇଛି।

ସୂଚନା ମୁତାବକ, ଉକ୍ତ ମଠ ୨ ଏକର ୬୦ ଡିସିମିଲିରେ ରହିଛି। ଭାଣପୁର ମୌଜାସ୍ଥିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମ୍ପତ୍ତିକୁ ଗ୍ରାମର ଅମୂଲ୍ୟ ରତ୍ନ ଦାଶ ଚଞ୍ଚକତା କରି ହାଲ ପ୍ଲଟନଂ. ୬୯୫ରେ ୧ ଏକର ୨୫ ଡିସିମିଲକୁ ନିଜ ନାମରେ ଖାତାନଂ. ୧୫୨/୭୬ ଭାବେ ରେକର୍ଡଭୁକ୍ତ କରି ହଡ଼ପ କରିଛନ୍ତି। ଏନେଇ ଶ୍ରୀଜଗନ୍ନାଥ ସମ୍ପତ୍ତି ସୁରକ୍ଷା ସମିତିର ଆବାହକ ବ୍ରଜବନ୍ଧୁ ପରିଡ଼ା, ସୁରେନ୍ଦ୍ର ଖୁଣ୍ଟିଆ, ରଘୁନାଥ ପରିଡ଼ା, ରବି ନାରାୟଣ ବାରିକ, ଘନଶ୍ୟାମ ପରିଡ଼ା, ବିଜୟ କାଣ୍ଡି, ତ୍ରିନାଥ କାଣ୍ଡି, ମାନସ ଜେନା, ପ୍ରଶାନ୍ତ ଭୂୟାଁ, କୈଳାସ ଚନ୍ଦ୍ର କାଣ୍ଡି, ଦେବେନ୍ଦ୍ର କାଣ୍ଡି, ନଟ କାଣ୍ଡିଙ୍କ ସମେତ ଶତାଧିକ ଅନୁସୂଚିତ ଜାତି ସମ୍ପ୍ରଦାୟର ବ୍ୟକ୍ତି ଅଭିଯୋଗ କରିଛନ୍ତି। ଉକ୍ତ ସମ୍ପତ୍ତି ଉପରେ ଦୀର୍ଘ ସମୟ ଧରି ୧୦ ଅନୁସୂଚିତ ଜାତି ସମ୍ପ୍ରଦାୟର ପରିବାର ବସବାସ କରୁଛନ୍ତି। ତେବେ ଉକ୍ତ ସମ୍ପତ୍ତିକୁ ବେଆଇନ ଭାବେ ନିଜ ନାମରେ ରେକର୍ଡଭୁକ୍ତ କରିଥିବା ସମ୍ପୃକ୍ତ ବ୍ୟକ୍ତି ଅନ୍ୟଜଣେ ବ୍ୟକ୍ତିଙ୍କୁ ସେହି ସମ୍ପତ୍ତି ବିକ୍ରି କରିଥିବା ଶ୍ରୀଜଗନ୍ନାଥ ସମ୍ପତ୍ତି ସୁରକ୍ଷା ସମିତିର ଆବାହକ ବ୍ରଜବନ୍ଧୁ ପରିଡ଼ା ଅଭିଯୋଗ କରିଛନ୍ତି। ଉକ୍ତ ଘଟଣା ଉପରେ ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତିକୁ ବେଆଇନ ଭାବେ ନିଜ ନାମରେ କରିଥିବା ରେକର୍ଡ ବାଜ୍ୟାପ୍ତି କରି ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମିତି ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ପୁରୀ ଜିଲାପାଳ, ଦେବୋତ୍ତର କମିଶନର, ୫-ଟି ସଚିବ ଓ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପ୍ରମୁଖଙ୍କୁ ସମିତି ପକ୍ଷରୁ ଦୀର୍ଘ ଦିନ ଧରି ଅଭିଯୋଗ ହୋଇଥିଲା। ତେବେ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ବୋଲି ଆବାହକ ପରିଡ଼ା ଗୁରୁତର ଅଭିଯୋଗ ଆଣିଛନ୍ତି। ଏ ଦିଗରେ ଦେବୋତ୍ତର କମିଶନର, ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ୫-ଟି ସଚିବ ଓ ପୁରୀ ଜିଲାପାଳ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀଜଗନ୍ନାଥ ସମ୍ପତ୍ତି ସୁରକ୍ଷା ସମିତିର ଆବାହକ ପରିଡ଼ାଙ୍କ ସମେତ ଶତାଧିକ ଅନୁସୂଚିତ ଜାତି ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ଅନୁରୋଧ କରିଛନ୍ତି।

# ଓଡ଼ିଆ ଭାଗବତ ଆଧ୍ୟାତ୍ମିକ, ସାଂସ୍କୃତିକ ଚେତନାର ବାର୍ତ୍ତାବହ

ସାକ୍ଷୀଗୋପାଳ, ୧୩।୨
(ସ୍ୱ.ପ୍ର./ଡି.ଏନ୍.ଏ.)

ସତ୍ୟବାଦୀ ସେବା ଟ୍ରଷ୍ଟ, ସାକ୍ଷୀଗୋପାଳ ପକ୍ଷରୁ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବିଶ୍ୱନାଥପୁର ନୂଆସାହିରେ ଭଗ୍ନ ଅବସ୍ଥାରେ ଥିବା ବହୁ ପୁରାତନ ଭାଗବତ ବାସୁଦେବ ଟୁଙ୍ଗିର ପୁନରୁଦ୍ଧାର ପାଇଁ ସୋମବାର ନୂତନ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ପ୍ରଥମେ ଭାଗବତ ପୀଠରେ ହୋମଯଜ୍ଞ ହୋଇଥିଲା। ପରେ ବିଶ୍ୱନାଥପୁରର ଆରାଧ୍ୟ ଦେବତା ଶ୍ରୀ ଗୋପୀନାଥ ଦେବଙ୍କ ଆଜ୍ଞାମାଳ ନିଆଯାଇ ସଂକୀର୍ତ୍ତନମଣ୍ଡଳୀ ସହ ହରିବୋଲ ସହ ଆଧ୍ୟାତ୍ମିକ ପରିବେଶରେ ଟ୍ରଷ୍ଟ କର୍ମକର୍ତ୍ତାମାନେ ଭାଗବତ ଟୁଙ୍ଗିରେ ପହଞ୍ଚିଥିଲେ। ଏଥିରେ ବିଶ୍ୱନାଥପୁର ଗ୍ରାମବାସୀ ଏମ୍ସର ପୂର୍ବତନ ଡାଇରେକ୍ଟର ଅଶୋକ ମହାପାତ୍ର, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ଉମାବଲ୍ଲଭ ମହାପାତ୍ର, ଆଇଓସିଏଲ୍‌ର ପୂର୍ବତନ ଡାଇରେକ୍ଟର ସତୀଶ ଷଡ଼ଙ୍ଗୀ, ଆଇନଜୀବୀ ପୁଷ୍କର ମହାପାତ୍ର, ସ୍ଥାନୀୟ ସରପଞ୍ଚ ସର୍ବେଶ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଭକ୍ତିଭାବକୁ ବଞ୍ଚାଇ ରଖିଛି ଭାଗବତ। ଓଡ଼ିଆ ଭାଗବତ ଆଧ୍ୟାତ୍ମିକ ଓ ସଂସ୍କୃତି ଚେତନାର ବାର୍ତ୍ତାବହ। ସତ୍ୟବାଦୀ ସେବାଟ୍ରଷ୍ଟ ମାଧ୍ୟମରେ ଅଞ୍ଚଳରେ ଭାଗବତ ଚେତନା ପାଇଁ ଗ୍ରାମଲୋକଙ୍କ ସହଯୋଗରେ ଭାଗବତ ଟୁଙ୍ଗି ଗଢ଼ିବା ପାଇଁ ପୁନଃ ପ୍ରୟାସ ଜାରି ରଖାଯିବ ବୋଲି ଡାକ୍ତର ଅଶୋକ ମହାପାତ୍ର କହିଛନ୍ତି। ଆଇନଜୀବୀ ମହାପାତ୍ର, ସତିଶ ଷଡ଼ଙ୍ଗୀ, ଭାଗବତ ପୀଠରେ ନଡ଼ିଆ ବାଡ଼େଇ ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ଶୁଭ ଦେଇଥିଲେ। କାର୍ଯ୍ୟକ୍ରମକୁ ସତ୍ୟବାଦୀ ସେବା ଟ୍ରଷ୍ଟ ସମ୍ପାଦକ ଆଇନଜୀବୀ ସୁଶାନ୍ତ ରଥ ପରିଚାଳନା କରିଥିଲେ। ସୁଦର୍ଶନ ପ୍ରଧାନ, ସନ୍ତୋଷ ବେହେରା, ନୀଳକଣ୍ଠ ବାରିକ, ଉପେନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ନାୟକ, ଟିଙ୍କିନା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ଓଡ଼ିଶାରେ ଭାଜପା ଆସିଲେ ମୋଦିଙ୍କ ସ୍ୱପ୍ନ ପୂରଣ ହେବ

ନିମାପଡ଼ା, ୧୩।୨(ଡି.ଏନ୍.ଏ.)

ଓଡ଼ିଶାରେ ପଦ୍ମ ଫୁଲ ସଶକ୍ତ ହେଲେ ରାଜ୍ୟର ଘରେ ଘରେ ମା' ଲକ୍ଷ୍ମୀ ଆସିବେ। ଆଗାମୀ ଦିନରେ ଓଡ଼ିଶାରେ ପଦ୍ମ ଫୁଟିବ ଓ ମୋଦିଜୀଙ୍କ ସ୍ୱପ୍ନ ସାକାର ହେବ। ଭାରତ ବର୍ଷରେ ସାମଗ୍ରିକ ଭାବେ ମହିଳାଙ୍କର ବିକାଶ ହୋଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସରକାରରେ ମହିଳାମାନଙ୍କର ଜୀବନଶୈଳୀ ବଦଳିଛି। ନିମାପଡ଼ା ନିର୍ବାଚନମଣ୍ଡଳୀ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ କେନ୍ଦ୍ର ସରକାରଙ୍କ ଯୋଜନା ହିତାଧିକାରୀ ସମ୍ମିଳନୀ ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ପାଟପୁର ଗ୍ରାମଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସେଠାରେ ଭାଜପା ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ଅଧ୍ୟକ୍ଷା ବନଥି ଶ୍ରୀନିବାସନ୍ ନିମାପଡ଼ାଠାରେ ଏହା କହିଛନ୍ତି। ପ୍ରଧାନମନ୍ତ୍ରୀ ଓଡ଼ିଶା ପାଇଁ ଆବାସ ଯୋଜନା, ମାଗଣା ଚାଉଳ ଯୋଜନା, ମହିଳାଙ୍କ ପାଇଁ ଉଜ୍ଜ୍ୱଳା ଯୋଜନା, ମୁଦ୍ରା ଯୋଜନା ସମେତ ବହୁବିଧ ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନା ତୃଣମୂଳ ସ୍ତରରେ ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିବା ଆବଶ୍ୟକ ଓ ଲୋକେ ଯୋଜନାଗୁଡ଼ିକର ଲାଭ ଉଠାଇବା ଦରକାର। ବିଭିନ୍ନ ଯୋଜନା ମାଧ୍ୟମରେ ପ୍ରଧାନମନ୍ତ୍ରୀ ମହିଳାଙ୍କୁ ମାନସିକ କ୍ଷେତ୍ରରେ ମଧ୍ୟ ସଶକ୍ତ କରିଛନ୍ତି ବୋଲି ରାଜ୍ୟ ମହିଳାମୋର୍ଚ୍ଚା ଅଧ୍ୟକ୍ଷା ସ୍ମୃତି ପଟ୍ଟନାୟକ କହିଛନ୍ତି। ସମାରୋହରେ ସମ୍ମାନିତ ଅତିଥି ଭାବେ ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବରିଷ୍ଠ ନେତା ଦିଲ୍ଲୀପ ନାୟକ, ନିର୍ବାଚନମଣ୍ଡଳୀ ସଂଯୋଜକ ପ୍ରଦୀପ ନାୟକ, ନଗର ମଣ୍ଡଳ ସଭାପତି ନିରଞ୍ଜନ ନାୟକ, ଜିଲା ମହିଳା ମୋର୍ଚ୍ଚା ସମ୍ପାଦିକା ମୀନଲତା ମହାନ୍ତି, ରାଷ୍ଟ୍ରୀୟ ସୋସିଆଲ ମିଡିଆର ମହିଳାମୋର୍ଚ୍ଚା ସୁଜାତା ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ରାଜ୍ୟ ସରକାର ନିଜ ନାମରେ ନାମିତ କରି ଲୋକଙ୍କୁ ଅଯଥାରେ ଭୁଆଁ ବୁଲାଇ ବିଭ୍ରାନ୍ତ କରୁଥିବା ନେତୃବୃନ୍ଦମାନେ କହିଛନ୍ତି। ଏହି ଅବସରରେ ଏନ୍‌ଏସି ଅଞ୍ଚଳର ଶତାଧିକ ମହିଳା ଓ ଭାଜପା କର୍ମୀ ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚାର ଅଧ୍ୟକ୍ଷା ଶ୍ରୀନିବାସନ୍ ଓ ରାଜ୍ୟ ମହିଳା ମୋର୍ଚ୍ଚା ଅଧ୍ୟକ୍ଷା ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ମହିଳାମାନଙ୍କର ଏକ ଶୋଭାଯାତ୍ରା ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିଥିଲା।




ସମ୍ମିଳନୀରେ ଯୋଗଦେଇଥିବା ଭାଜପା କର୍ମକର୍ତ୍ତା।

# 'ବିଶ୍ୱକୁ ଏକ ପରିବାର ଭଳି ଯୋଡ଼ିରଖିଛି ବେତାର'

## ପୂଜା ପାଇଲା ବିଭିନ୍ନ ମଡେଲ୍‌ର ପୁରାତନ ରେଡିଓ

ପୁରୀ ଅଫିସ, ୧୩।୨:

ସବୁଠାରୁ ବିଶ୍ୱାସଯୋଗ୍ୟ ଗଣମାଧ୍ୟମ ହେଉଛି ରେଡିଓ। ବିଶ୍ୱକୁ ଏକ ପରିବାର ଭଳି ବେତାର ତଥା ରେଡିଓ ଯୋଡ଼ିରଖିଛି। ଚଳିତ ବର୍ଷ ବିଶ୍ୱ ରେଡିଓ ଦିବସରେ ଜାତିସଂଘର ବାର୍ତ୍ତା ହେଉଛି ରେଡିଓ ଓ ଶାନ୍ତି। ଏହି ଅବସରରେ ସୋମବାର ବଡ଼ଦାଣ୍ଡ ସେବା ସଙ୍ଗଠନ ପକ୍ଷରୁ ବିଶ୍ୱ ରେଡିଓ ଦିବସ ପାଳିତ ହୋଇଛି। ବଡ଼ଦାଣ୍ଡସ୍ଥିତ ମରିଚିକୋଟ ଛକ ନିକଟରେ ସ୍ଥାନୀୟ ବ୍ୟବସାୟୀ, ବାସିନ୍ଦା ଓ ଯାତ୍ରୀଙ୍କ ଉପସ୍ଥିତିରେ ବିଶ୍ୱ ରେଡିଓ ଦିବସ ପାଳନ କରାଯିବା ସହ ସମସ୍ତଙ୍କୁ ରସଗୋଲା ବଣ୍ଟନ କରାଯାଇଥିଲା। ଏହି ଅବସରରେ ସଂଗୃହୀତ ହୋଇଥିବା ବିଭିନ୍ନ ମଡେଲର ପୁରାତନ ରେଡିଓଗୁଡ଼ିକୁ ପୁଷ୍ପ ମାଧ୍ୟମରେ ସୁସଜ୍ଜିତ ରଖାଯାଇ ବେଦ ପାଠ ଓ ଶଙ୍ଖଧ୍ୱନି ସହ ପୂଜା କରାଯାଇଥିଲା। ଉପସ୍ଥିତ ଥିବା ବ୍ୟକ୍ତିମାନେ ରେଡିଓ ସହ ଯୋଡ଼ିହୋଇଥିବା ନିଜର ସ୍ମୃତି ଓ ଅନୁଭବକୁ ପ୍ରକାଶ କରିଥିଲେ। ବଡ଼ଦାଣ୍ଡରେ ଯାତାୟାତ କରୁଥିବା ଅନେକ ଯାତ୍ରୀ ଏବଂ ପର୍ଯ୍ୟଟକ ପୁରୁଣା ରେଡିଓ ସହ ସେଲ୍ଫି ଓ ଫଟୋ ଉଠାଉଥିବା ଦେଖିବାକୁ ମିଳିଥିଲା। ରେଡିଓ ବ୍ୟବହାରକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଅନୁଷ୍ଠାନ ତରଫରୁ ସ୍ଥାନୀୟ ବ୍ୟବସାୟୀ ରତ୍ନାକର ନାଥଙ୍କୁ ଏକ ରେଡିଓ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବଡ଼ଦାଣ୍ଡ ସେବା ସଙ୍ଗଠନର ମନୋଜ କୁମାର ସାହୁ, ମଞ୍ଜୁଲତା ସାହୁ, ସୁନିଲ ମହାପାତ୍ର, ବାଲକୃଷ୍ଣ ମହାପାତ୍ର, ଜଗନ୍ନାଥ ପାଢ଼ୀ, କୁମୁଦିନୀ ପାଢ଼ୀ, ନାରାୟଣ ରାୟସିଂ, ଭାସ୍କର ମହାନ୍ତି, ସତ୍ୟନାରାୟଣ ସାହୁ ଏବଂ ବିପିନ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ମରିଚିକୋଟ ଛକଠାରେ ବଡ଼ଦାଣ୍ଡ ସେବା ସଙ୍ଗଠନ ପକ୍ଷରୁ ରେଡିଓକୁ ପୂଜାର୍ଚ୍ଚନା କରାଯାଉଛି।

# ମଡେଲ କୃଷି ବିଜ୍ଞାନକେନ୍ଦ୍ର ଲକ୍ଷ୍ୟରେ କାମ କରିବାକୁ ପରାମର୍ଶ

## ଆଇସିଏଆର୍‌ର ଉପମହାନିର୍ଦ୍ଦେଶକଙ୍କ ପୁରୀ କେଭିକେ ପରିଦର୍ଶନ

ସାକ୍ଷୀଗୋପାଳ, ୧୩।୨
(ଡି.ଏନ୍.ଏ./ସ୍ୱ.ପ୍ର.)

ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଉପମହାନିର୍ଦ୍ଦେଶକ (ସମ୍ପ୍ରସାରଣ) ଡ. ୟୁ. ଏସ୍. ଗୌତମ ସୋମବାର ସାକ୍ଷୀଗୋପାଳସ୍ଥିତ ଜିଲାର କୃଷି ବିଜ୍ଞାନ କେନ୍ଦ୍ର(କେଭିକେ) ପରିଦର୍ଶନ କରିଛନ୍ତି। ଉପମହାନିର୍ଦ୍ଦେଶକଙ୍କ ସହିତ ଅଟାରି କଲିକତାର ନିର୍ଦ୍ଦେଶକ ଡ. ପ୍ରଦୀପ ଦେ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସମ୍ପ୍ରସାରଣ ଅଧ୍ୟକ୍ଷ ଡ. ପ୍ରସନ୍ନଜିତ୍ ମିଶ୍ର କୃଷିବିଜ୍ଞାନ କେନ୍ଦ୍ରର ନମୁନା କ୍ଷେତ୍ର ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଥିଲେ। କେନ୍ଦ୍ରକୁ ଏକ ମଡେଲ କରିବା ନିମନ୍ତେ ଉପସ୍ଥିତ ବୈଜ୍ଞାନିକଙ୍କୁ ପରାମର୍ଶ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ରହିଥିବା ମଡେଲ ୟୁନିଟ୍ ଯଥା ପୁଷ୍ଟିକର ବଗିଚା, ଛତୁ ଉତ୍ପାଦନ, ଯାଆଁଳ ଉତ୍ପାଦନ, ଚାରା ଉତ୍ପାଦନ ଗୃହ, ମେଶିନ ସାହାଯ୍ୟରେ ଧାଡ଼ି ପଦ୍ଧତିରେ ମୁଗବୁଣା, ଔଷଧୀୟ ବଗିଚା, ଟ୍ରେଲି ପଦ୍ଧତିରେ ପୋଟଳ ଚାଷ, କଡ଼କନାଥ କୁକୁଡ଼ା ଇତ୍ୟାଦି କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଜିଲାରେ ଥିବା ଅନେକ ଚାଷୀଙ୍କୁ ଅନୁପ୍ରାଣିତ କରିପାରିବ। ଫଳରେ ଏହି କେନ୍ଦ୍ରରେ ଥିବା ଉଦ୍ୟାନ ଓ ମତ୍ସ୍ୟଭିତ୍ତିକ ସମନ୍ୱିତ କୃଷି ମଡେଲ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବ। ପୁରୀ ଜିଲାରେ ଅଧିକ ଖାଲୁଆ ଏବଂ ଜଳମଗ୍ନ ଜମି ରହିଥିବାରୁ ପୋଖରୀଭିତ୍ତିକ ସମନ୍ୱିତ କୃଷିକୁ ଗୁରୁତ୍ୱାରୋପ କରି ୩ ଗୋଟି ଅନୁକରଣୀୟ ମଡେଲ କେଭିକେ ପରିସରରେ ସ୍ଥାପନ ହୋଇଥିବାରୁ ବୈଜ୍ଞାନିକଙ୍କୁ ପ୍ରଶଂସା ମଧ୍ୟ କରିଥିଲେ। ସେହିପରି ଯାତିପୁର ଗ୍ରାମରେ ଭାରତୀୟ ପରିବର୍ତ୍ତିତ ଜଳବାୟୁରେ କୃଷିକାର୍ଯ୍ୟ ନିକ୍ରା ପ୍ରକଳ୍ପର ଅନୁଭୂତି ଏବଂ ପର୍ଯ୍ୟାୟକ୍ରମେ ଧାନ ସହ ମାଛଚାଷ ସହିତ ହୁଡ଼ାରେ ଉଦ୍ୟାନ ଫସଲ ଜିଲାରେ ଏକ ଆଲୋଡ଼ନ ସୃଷ୍ଟି କରିଥିବାରୁ ଏ ଦିଗରେ ଜିଲା ପ୍ରଶାସନ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ କହିଥିଲେ। ଏଭଳି କାର୍ଯ୍ୟଶୈଳୀ ଜାରି ରହିଲେ ଆଗାମୀ ଦିନରେ ପୁରୀ କେଭିକେ ସାରା ଦେଶରେ ଶ୍ରେଷ୍ଠ ସଫଳତା ହାସଲ କରିପାରିବ ବୋଲି ଉପମହାନିର୍ଦ୍ଦେଶକ କହିଥିଲେ। ଏହି କ୍ଷେତ୍ର ପରିଦର୍ଶନରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୟ ମହାନ୍ତି, ମତ୍ସ୍ୟ ବୈଜ୍ଞାନିକ ଡ. ଅମ୍ବିକା ପ୍ରସାଦ ନାୟକ, ଗୃହ ବିଜ୍ଞାନୀ ଡ. ସୁମିତା ଆଚାର୍ଯ୍ୟ, କୃଷି ସମ୍ପ୍ରସାରଣ ବୈଜ୍ଞାନିକ ସୋନିତା ରାଣୀ ସେଠୀ, କୃଷି ଯାନ୍ତ୍ରିକୀକରଣ ବୈଜ୍ଞାନିକ ଡ. ଦୀପଶିଖା ପରମଜିତା ଓ ବିଭୁ ପ୍ରସାଦ ଦାଶ ପ୍ରମୁଖ ସାମିଲ ହୋଇଥିଲେ।



କେଭିକେ ବୁଲି ଦେଖୁଛନ୍ତି ଆଇସିଏଆର୍ ଉପମହାନିର୍ଦ୍ଦେଶକ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ୧୫ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୦ଟା।
- ଟିମ୍ ଇନ୍‌ସାନିୟତ ପକ୍ଷରୁ କଳାଦିବସ ପାଳନ, ମାଷ୍ଟରକ୍ୟାଣ୍ଟିନ୍, ପୂର୍ବାହ୍ନ ୧୦ଟା ୩୦।
- ଅଖିଳ ଭାରତ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ପ୍ରତିବାଦ ସଭା, ମାଷ୍ଟରକ୍ୟାଣ୍ଟିନ୍ ଛକ, ପୂର୍ବାହ୍ନ ୧୧ଟା।
- ସହଯୋଗ ସହାୟତା ସମ୍ବର୍ଦ୍ଧନା ସମାରୋହ, ବୁଦ୍ଧ ମନ୍ଦିର, ଅପରାହ୍ନ ୫ଟା।
- ସମାଜ ଓ ସଂସ୍କୃତିର ୧୮ତମ ବାର୍ଷିକ ଉତ୍ସବ ଅବସରରେ ସଙ୍ଗୀତ କାର୍ଯ୍ୟକ୍ରମ 'ଏଇ ଆମରି ଗାଁ', ସୂଚନା ଭବନ, ସନ୍ଧ୍ୟା ୬ଟା ୧୫।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ପକ୍ଷରୁ ୩୧ତମ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ଓ ୮ମ ରାଜ୍ୟ ଓଡ଼ିଆ ଟେଲି ପୁରସ୍କାର ବିତରଣ ଉତ୍ସବ, ଉତ୍କଳ ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଓଡ଼ିଶୀ ନୃତ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ୩୭ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ଜଳଯାତ୍ରା, ଆଖଣ୍ଡଳେଶ୍ୱର ମହାଦେବ ପୀଠ, ପ୍ରତାପରୁଦ୍ରପୁର, ସକାଳ ୭ଟା ୩୦।
- ଅଖଣ୍ଡ ଶାନ୍ତି ଜ୍ଞାନଯଜ୍ଞ ଓ ପ୍ରବଚନ, ସାଇ ମନ୍ଦିର ନିକଟ, ବଂଶୀ ବିହାର, ସନ୍ଧ୍ୟା ୬ଟା।

# ସ୍କୁଲ୍ ବସ୍ ଭାଙ୍ଗିଲେ, ପିଲାଙ୍କୁ ଡରାଇଲେ

**ରାସ୍ତାରେ ଯୁବକଙ୍କ ଉନ୍ମତ୍ତକାଣ୍ଡ**

- ବିରୋଧ କରିବାରୁ ଡ୍ରାଇଭରଙ୍କୁ ମାଡ଼
- ୩ ଜଣଙ୍କୁ ଅଟକ ରଖି ପୋଲିସର ତଦନ୍ତ


ସ୍କୁଲ ଗାଡ଼ିର କାଚ ଭଙ୍ଗା ଯାଇଛି।


ଘଟଣାସ୍ଥଳରେ ଆତଙ୍କ ସୃଷ୍ଟି କରୁଥିବା ଯୁବକମାନେ।

ଭୁବନେଶ୍ୱର,୧୩।୨(ବ୍ୟୁରୋ)

ରାଜଧାନୀ ରାସ୍ତାରେ ଯୁବକଙ୍କ ଉନ୍ମତ୍ତକାଣ୍ଡ। ରିଲ୍ ଭିଡିଓ ଶୁଟ୍ କରୁଥିବାବେଳେ ସ୍କୁଲ ବସ୍ ଆସିଯିବାରୁ ରାଗି ଯାଇ ସଂପୃକ୍ତ ଯୁବକମାନେ ଗାଡି ଅଟକାଇ ପିଲାଙ୍କୁ ଗାଳିଗୁଲଜ କରିବା ସହ ଡ୍ରାଇଭରଙ୍କୁ ମାଡ ମାରିଛନ୍ତି। ଏଥିସହ ପଥର ମାଡ଼ କରି ବସ୍ ଭଙ୍ଗାରୁଜା କରିଛନ୍ତି। ଶହୀଦନଗର ଥାନା ଅନ୍ତର୍ଗତ ଖଡୱାଲି ମନ୍ଦିର ନିକଟ ବିଡିଏ ପାର୍କ ସମ୍ମୁଖରେ ଏହି ଘଟଣା ଘଟିଛି। ଯୁବକଙ୍କ ଏଭଳି କାଣ୍ଡ ଦେଖି ସ୍କୁଲ୍ ପିଲାମାନେ ଭୟଭୀତ ହୋଇପଡିଛନ୍ତି। ଏନେଇ ଡ୍ରାଇଭରଙ୍କ ଅଭିଯୋଗକ୍ରମେ ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁସାରେ, ସୋମବାର ଅପରାହ୍ନ ପ୍ରାୟ ୨ଟା ୩୦ରେ ଏକ ଘରୋଇ ସ୍କୁଲର ମିନି ବସ୍ ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ସମୟରେ ବିଡିଏ ପାର୍କ ସମ୍ମୁଖ ରାସ୍ତାରେ ୭ରୁ ୮ଜଣ ଯୁବକ ରିଲ୍ ଭିଡିଓ ଶୁଟ୍ କରୁଥିଲେ। ଏହି ସମୟରେ ବସ୍‌ରେ ଥିବା ପିଲାମାନେ ସେମାନଙ୍କୁ ଦେଖି ବଡ଼ପାଟିରେ କିଛି କଥା କହି ଖୁସି ହେଉଥିଲେ। ହେଲେ ପିଲାମାନେ କମେଣ୍ଟ କରୁଥିବା ଭାବି ନିଶାସକ୍ତ ଅବସ୍ଥାରେ ଥିବା ଯୁବକମାନେ ବସ୍‌କୁ ଅଟକାଇଥିଲେ। ପରେ ସେମାନେ ବସ୍ ଭିତରକୁ ଯାଇ ପିଲାମାନଙ୍କୁ ଧମକ ଦେଇ ଭୟଭୀତ କରାଇଥିଲେ। ଏହାକୁ ଗାଡିର ଡ୍ରାଇଭର ବିରୋଧ କରିବା ସହ ବୁଝାଇଥିଲେ। କିନ୍ତୁ ଯୁବକମାନେ କିଛି ନ ବୁଝି ଓଲଟା ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କର କାନମୁଣ୍ଡା ନିକଟରେ ଫାଟିଯାଇ ରକ୍ତସ୍ରାବ ହୋଇଥିଲା। ଏହାଦେଖି ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସି ଯୁବକଙ୍କ କବଳରୁ ଡ୍ରାଇଭରଙ୍କୁ ଉଦ୍ଧାର କରିବା ସହ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବାବେଳକୁ ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ।

# ଧରାପଡ଼ି ପ୍ୟାଣ୍ଟରେ ପରିସ୍ରା କରିଦେଲେ ଲୁଟେରା

**ମୋ ବସ୍‌ରୁ ଚୋରିକରି ଫେରାର ହେଉଥିଲେ**

ଭୁବନେଶ୍ୱର,୧୩।୨(ବ୍ୟୁରୋ)

ମୋ ବସ୍‌ରୁ ଚୋରି କରି ଫେରାର ହେଉଥିଲେ। ଧରାପଡ଼ିବା ପରେ ସର୍ବସମ୍ମୁଖରେ ପ୍ୟାଣ୍ଟରେ ପରିସ୍ରା କରିଦେଲେ। ଏଭଳି ଘଟଣା ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଧରି ଥାନାକୁ ନେଇ ପଚରାଉଚରା କରୁଛି। ଏହାସହ ଅଭିଯୁକ୍ତଙ୍କ ସହଯୋଗୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଲୁଟ୍‌ର ଶିକାର ହୋଇଥିବା ମନୀଷଙ୍କ କହିବା ଅନୁଯାୟୀ, ସେ ଫାୟାର ଷ୍ଟେଶନରୁ କିଟ୍ ଛକ ଅଭିମୁଖ୍ୟ ମୋ ବସ୍‌ରେ ଯାଉଥିଲେ । ଦିନ ୧ଟା ସମୟରେ ପଟିଆ ଛକ ନିକଟରେ ଓହ୍ଲାଇ ପକେଟରେ ହାତ ମାରିବାରୁ ପର୍ସ ନଥିବା ଜାଣିବାକୁ ପାଇଲେ। ତେଣୁ କିଛି ସମୟ ଅପେକ୍ଷା କରିବା ପରେ ବସ୍‌ରେ ଯାତ୍ରା ବେଳେ ଜଣେ ବ୍ୟକ୍ତି ଆଗ ପଛ ବାରମ୍ବାର ହେଉଥିବା ତାଙ୍କର ମନେପଡ଼ିଲା। କିଛି ସମୟ ପରେ ଅଭିଯୁକ୍ତ ଜଣଙ୍କ ପୂର୍ବ ଛକରୁ ଓହ୍ଲାଇ କିଟ ଛକ ଆଡ଼େ ଆସୁଥିଲେ। ଏହି ସମୟରେ ମନୀଶ ତାଙ୍କୁ ସନ୍ଦେହରେ ପଚାରିବାରୁ ସେ ମାଡ଼ ମାରିବାକୁ ଉଦ୍ୟମ କରିଥିଲେ। ଏହାପରେ ସ୍ଥାନୀୟ ଲୋକଙ୍କୁ ଡାକିବାରୁ ସମସ୍ତେ ମିଶି ତା'ର ପକେଟ୍ ଯାଞ୍ଚ କରିବାରୁ ମନୀଷଙ୍କ ପର୍ସ ମିଳିଥିଲା। ସେଥିରେ ଥିବା ଟଙ୍କା ଉକ୍ତ ବସରେ ତାଙ୍କ ସହଯୋଗୀକୁ ଦେଇଦେଇଥିବା କହିଥିଲେ। ତେଣୁ ଅଭିଯୁକ୍ତ ଜଣଙ୍କୁ ଏକ ଖୁଣ୍ଟରେ ବାନ୍ଧି ପୋଲିସକୁ ଖବର ଦେବାକୁ କହିବାରୁ ଅଭିଯୁକ୍ତ ଜଣଙ୍କ ପ୍ୟାଣ୍ଟରେ ପରିସ୍ରା କରିଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଏକ ଶୌଚାଳୟକୁ ନେଇଥିଲା। ସେଠାରୁ ଥାନାକୁ ନେଇ ପଚରାଉଚରା ଚଳାଇଛି।



## ମାଲିକଙ୍କ ଘରୁ ଚୋରି କରି ଯୁବକ ଗିରଫ ସୁନା ମୁଦି, ଚେନ ଜବତ

ଭୁବନେଶ୍ୱର,୧୩।୨(ବ୍ୟୁରୋ): ମାଲିକଙ୍କ ଘରୁ ସୁନା ଗହଣା ଚୋରି ଅଭିଯୋଗରେ ଶ୍ରୀଲିଙ୍ଗରାଜ ଥାନା ପୋଲିସ ଜଣେ ହାଉସ୍ କିପିଙ୍ଗ ବୟଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲାର ରଞ୍ଜନ କୁମାର ନାୟକ। ତାଙ୍କଠାରୁ ୩ଟି ସୁନା ମୁଦି ଓ ୨ଟି ସୁନା ଚେନ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୁକ୍ତ ରଞ୍ଜନ ଗତ ଦୁଇବର୍ଷ ହେବ ଅଭିଯୋଗକାରୀଙ୍କ ନାଗେଶ୍ୱର ଟାଙ୍ଗିସ୍ଥିତ ଘରେ ହାଉସ କିପିଙ୍ଗ ବୟ ଭାବେ କାର୍ଯ୍ୟ କରୁଥିଲେ। ଘଟଣା ଦିନ ଅଭିଯୋଗକାରୀ ଉକ୍ତ ଘରୁ ବିଜେବି ନଗରରେ ଥିବା ଅନ୍ୟଏକ ଘରକୁ ଗୃହପୋକରଣ ସ୍ଥାନାନ୍ତର କରୁଥିଲେ। ଏହି ସମୟରେ ରଞ୍ଜନ ଟେବୁଲ-ଡ୍ର ଭାଙ୍ଗି ୨ ସୁନା ବ୍ରେସ୍‌ଲେଟ୍, ୨ ସୁନା ଚେନ ଏବଂ ୩ଟି ସୁନା ମୁଦି ଚୋରିକରି ନେଇଥିଲେ। ଏନେଇ ଘର ମାଲିକଙ୍କ ଅଭିଯୋଗପରେ ଲିଙ୍ଗରାଜ ଥାନା ପୋଲିସ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିଛି।

## ପର୍ଯ୍ୟଟକଙ୍କଠାରୁ ଚୋରି, ଜଣେ ଗିରଫ

ଭୁବନେଶ୍ୱର,୧୩।୨(ବ୍ୟୁରୋ): ଲିଙ୍ଗରାଜ ମନ୍ଦିର ବୁଲିବାକୁ ଆସିଥିବା ପଶ୍ଚିମବଙ୍ଗ ପର୍ଯ୍ୟଟକଙ୍କଠାରୁ ପର୍ସ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଶ୍ରୀଲିଙ୍ଗରାଜ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ୟୁନିଟ-୬ ରେ ରହୁଥିବା ନୟାଗଡର ରକି ପ୍ରଧାନ ଓରଫ ସୁରେଶ। ତାଙ୍କଠାରୁ ଚୋରି ପର୍ସ ସହ ସେଥିରେ ଥିବା ୧୨୦୦ ଟଙ୍କା ଜବତ କରିଛି ପୋଲିସ। ସୂଚନାନୁସାରେ, ପଶ୍ଚିମବଙ୍ଗର ପର୍ଯ୍ୟଟକ ଜଣକ ଲିଙ୍ଗରାଜ ମନ୍ଦିର ବୁଲିବାକୁ ଆସିଥିଲେ। ଘଟଣା ଦିନ ସନ୍ଧ୍ୟାରେ ସେ ବିଏମ୍‌ସି ବସ୍‌ଷ୍ଟାଣ୍ଡ୍‌ରେ ଥିବା ସମୟରେ ଅଭିଯୁକ୍ତ ହଠାତ ତାଙ୍କ ପକେଟରୁ ଏକ ମନିପର୍ସ ଚୋରି କରି ଚମ୍ପଟ ମାରିଥିଲେ। ପର୍ଯ୍ୟଟକ ଜଣକ କିଛି ବାଟ ଗୋଡାଇଥିଲେ ମଧ ତାଙ୍କୁ ଧରି ନ ପାରି ଥାନାରେ ଅଭିଯୋଗ କରିଥିଲେ।


ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱର ପକ୍ଷରୁ ସୋମବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଥିବା 'ଓଡ଼ିଶୀ ନୃତ୍ୟ ଉତ୍ସବ'ର ଉଦ୍‌ଘାଟନୀ ସନ୍ଧ୍ୟାରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ-ମୌସମ)

# ୧୭ ୱାର୍ଡର ସଫେଇ ସମସ୍ୟା ଦୂର ହେବ

**ଖୁବ୍‌ଶୀଘ୍ର ନୂଆ ଟେଣ୍ଡର**

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୧୭ଟି ୱାର୍ଡରେ ସଫେଇ ସମସ୍ୟା ଦୂର ହେବ। ଏଥିପାଇଁ ଖୁବ୍‌ଶୀଘ୍ର ନୂଆ ଟେଣ୍ଡର ଡକାଯିବ। ଏନେଇ କର୍ପୋରେଟରଙ୍କଠାରୁ ମତାମତ ନିଆଯିବା ପରେ ଟେଣ୍ଡର ନେଇ ସରକାରଙ୍କୁ ଫାଇଲ୍ ପଠାଯାଇଛି। ଆସନ୍ତା ସପ୍ତାହ ସୁଦ୍ଧା ସରକାରଙ୍କ ଅନୁମୋଦନ ମିଳିବା ପରେ ଟେଣ୍ଡର ଡକାଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ଟେଣ୍ଡର ପାଇବାକୁ ଥିବା ସଂସ୍ଥା ସହିତ ୩ବର୍ଷିଆ ଚୁକ୍ତି କରାଯିବ ଏବଂ ଏଥିପାଇଁ ପ୍ରାୟ ୪କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବଜେଟ୍ ରହିବ। ତେବେ ଏଥର ଟେଣ୍ଡର ପ୍ରକ୍ରିୟାରେ ସୁଧାର ଆଣିବାକୁ ପ୍ରୟାସ କରାଯାଉଛି। ୱାର୍ଡରୁ ଅଳିଆ ସଂଗ୍ରହ କରିବାଠାରୁ ନେଇ ଡମ୍ପିଙ୍ଗୟାର୍ଡରେ ଅଳିଆ ପକାଇବା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ସମ୍ପୃକ୍ତ ସଂସ୍ଥାର ରହିବ।

ବର୍ତ୍ତମାନ ବିଏମ୍‌ସି ଅଞ୍ଚଳର ମୋଟ ୬୭ଟି ୱାର୍ଡ ମଧ୍ୟରୁ ୫୦ଟି ୱାର୍ଡରେ ସଫେଇ ପାଇଁ ବିଭିନ୍ନ ସଂସ୍ଥା ନିୟୋଜିତ ଅଛନ୍ତି। ତେବେ ଟେଣ୍ଡର ହେବାକୁ ଥିବା ବାକି ୧୭ଟି ୱାର୍ଡରେ ବିଏମ୍‌ସି ନିଜେ ଏବଂ କିଛି ପୁରୁଣା ଏଜେନ୍ସି ମିଳିତ ଭାବେ ସଫେଇ କାର୍ଯ୍ୟ କରୁଛନ୍ତି। ଏହି ୱାର୍ଡଗୁଡିକ ହେଉଛି ପ୍ୟାକେଜ୍ ୫ ଅନ୍ତର୍ଗତ ଦକ୍ଷିଣପଶ୍ଚିମ ଜୋନ୍‌ର ୱାର୍ଡ ନଂ.୨୪, ୨୫, ୨୭, ୩୭, ୩୮, ୩୯, ୪୭,୪୮,୪୯, ୫୦, ୫୧ ଏବଂ ପ୍ୟାକେଜ ୮ ଅନ୍ତର୍ଗତ ଦକ୍ଷିଣପୂର୍ବ ଜୋନ୍‌ର ୱାର୍ଡ ନଂ ୩୧, ୩୨, ୩୩, ୪୨, ୪୩ ଏବଂ ୪୫। ଏହି ୱାର୍ଡରେ ସଫେଇ ଟେଣ୍ଡର 'ମଞ୍ଜୁଶ୍ରୀ' ସଂସ୍ଥାକୁ ଦିଆଯାଇଥିଲା। ତେବେ ହାଇକୋର୍ଟ ଏହି ଟେଣ୍ଡରକୁ ରଦ୍ଦ କରିବା ପରେ ସଫେଇ ଦାୟିତ୍ୱ ବିଏମ୍‌ସି ନିଜେ ଏବଂ ଅନ୍ୟ ଏଜେନ୍ସିମାନେ ନେଇଥିଲେ। ମାତ୍ର ନିର୍ଦ୍ଦିଷ୍ଟ ଏକ ସଂସ୍ଥା ଏହାର ଦାୟିତ୍ୱରେ ନ ଥିବାରୁ ଅନେକ ସମୟରେ ପରିମଳ ବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଏଥିପାଇଁ ୧୭ଟି ଯାକ ୱାର୍ଡରେ ନୂଆ ଟେଣ୍ଡର କରିବା ନେଇ ବିଗତ କର୍ପୋରେଶନ ବୈଠକରେ ଆଲୋଚନା ହୋଇଥିଲା। ମାତ୍ର ବିଶ୍ୱକପ୍ ହକି ଚାଲିଥିବାରୁ ଏହି କାର୍ଯ୍ୟକୁ କିଛିଦିନ ପାଇଁ ବନ୍ଦ ରଖାଯାଇଥିଲା। ହକି ସରିବା ପରେ ଏବେ ଟେଣ୍ଡର ପ୍ରକ୍ରିୟା ନେଇ ତ୍ୱରିତ ପଦକ୍ଷେପ ନିଆଯାଉଥିବର ସୂଚନା ଦିଆଯାଇଛି।

# ବିଏମ୍‌ସି ଅଫିସ୍ ଆଗରେ ଏକାମ୍ର ଜନଜାଗରଣ ମଞ୍ଚର ଧାରଣା

**କଣ୍ଡରା ପୋଖରୀ ପୁନରୁଦ୍ଧାର ମାମଲା**

ପୁରୁଣା ଭୁବନେଶ୍ୱର,୧୩।୨(ଡି.ଏନ୍.ଏ.)

ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନଂ.୫୯ ଅନ୍ତର୍ଗତ କଣ୍ଡରା ପୋଖରୀ ପୁନଃରୁଦ୍ଧାର କାର୍ଯ୍ୟ ନେଇ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ସୋମବାର ଠାରୁ ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣା ଦିଆଯାଇଛି। ଏହି ଜଳାଶୟଟି ପ୍ରାୟ ୫ଏକର ଜମି ପରିମିତ ହୋଇଥିବା ବେଳେ ପରିତ୍ୟକ୍ତ ହୋଇପଡ଼ିଛି। ମଶା, ମାଛିଙ୍କ ବଂଶବୃଦ୍ଧି ଯୋଗୁ ଏହାର ଚତୁଃପାର୍ଶ୍ୱରେ ବସବାସ କରୁଥିବା ଶହେରୁ ଊର୍ଦ୍ଧ୍ୱ କଲୋନୀ ବାସିନ୍ଦା ହଇରାଣ ହେଉଛନ୍ତି। ଏହାର ପୁନଃରୁଦ୍ଧାର ନେଇ ଏକାମ୍ର ଜନଜାଗରଣ ମଞ୍ଚ ବିଏମ୍‌ସକୁ ଅଭିଯୋଗ କରିଆସୁଅଛି। ୨୦୧୮ ମସିହାରେ ସାଧାରଣ ନାଗରିକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେହିବର୍ଷ ହାଇକୋର୍ଟ ସ୍ୱଚ୍ଛ ପରିବେଶରେ ବଞ୍ଚିବାର ମୌଳିକ ଅଧିକାରକୁ ଅକ୍ଷୁର୍ଣ୍ଣ ରଖିବାକୁ ଡବ୍ଲ୍ୟୁପି(ସି)ନଂ ୮୭୬୨ର ୨୦୧୮ରେ ବିଏମ୍‌ସି ଆୟୁକ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଇତି ମଧ୍ୟରେ ୫ବର୍ଷ ବିତିଯାଇଥିଲେ ହେଁ ବିଏମ୍‌ସି ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏହାର ପ୍ରତିବାଦରେ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି। ତୁରନ୍ତ ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ସହ କଣ୍ଡରା ପୋଖରୀକୁ ପରିଷ୍କାର କରିବା ପାଇଁ ଦାବି କରିଛନ୍ତି। ଏନେଇ ସ୍ଥାନୀୟ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର କୁହନ୍ତି, ଉକ୍ତ ଜଳାଶୟର ଜମି ମାଲିକାନା ଯାଞ୍ଚ ପରେ ବିଏମ୍‌ସି କାର୍ଯ୍ୟ ଆରମ୍ଭ କରିବ ଅତିରିକ୍ତ କମିଶନର କହିଛନ୍ତି ବୋଲି ବୋଲି ସେ କହିଛନ୍ତି। ଅନ୍ୟପଟେ ଏହି ମନ୍ତବ୍ୟ ନିନ୍ଦନୀୟ ବୋଲି ମଞ୍ଚ ଅଧ୍ୟକ୍ଷ ଭୀଷ୍ମନାରାୟଣ ନାୟକ କହିଛନ୍ତି। ଧରଣୀଧର ସ୍ୱାଇଁ, ସୁଲତା ସାହାଣୀ, ପ୍ରଶାନ୍ତ ମହାପାତ୍ର, ଜୟନାରାୟଣ ଦାଶ, ରବି ତ୍ରିପାଠୀ, ହେମନ୍ତ ନାୟକ ପ୍ରମୁଖ ଧାରଣା ଦେଇଥିଲେ।



ବିଏମ୍‌ସି ଅଫିସ୍ ଆଗରେ ଧାରଣାରେ ବସିଥିବା ଏକାମ୍ର ଜନଜାଗରଣ ମଞ୍ଚର କର୍ମକର୍ତ୍ତା ଓ ସ୍ଥାନୀୟ ଲୋକେ।

## ରାଜରାସ୍ତାକୁ ଓହ୍ଲାଇବେ ଆୟୁଷ ଡାକ୍ତର

ଭୁବନେଶ୍ୱର,୧୩।୨(ବ୍ୟୁରୋ)

୨୦୧୩ ପରଠାରୁ କରାଯାଇଥିବା ଠିକା ନିଯୁକ୍ତି ଉଚ୍ଛେଦ କରାଯିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ତେବେ ଏହା ପୂର୍ବରୁ ଠିକା ନିଯୁକ୍ତି ପାଇଥିବା ଆୟୁଷ ଡାକ୍ତରମାନେ ଏହି ନିଷ୍ପତ୍ତିକୁ ଦୃଢ଼ ବିରୋଧ କରିଛନ୍ତି। ଚୁକ୍ତିଭିତ୍ତିକ ଆରବିଏସ୍‌କେ ଆୟୁଷ ଡାକ୍ତରଙ୍କ ନିଯୁକ୍ତିକୁ ସ୍ଥାୟୀ କରାନଗଲେ ସାମୂହିକ ଛୁଟି ନେଇ ନିଜ ଅଧିକାରରୁ ବଞ୍ଚିତ ଡାକ୍ତରମାନେ ବିକ୍ଷୋଭ ପ୍ରଦର୍ଶନ କରିବେ । ୯ ବର୍ଷ ଧରି ନିରବଚ୍ଛିନ୍ନ ସେବା ପ୍ରଦାନ କରିଆସିଥିବା ଡାକ୍ତରଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ବେତନ ଦେଖାଯାଇଥିବା ତାରତମ୍ୟର ପୁନର୍ବିଚାର ଆଦି କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ଦାବି ପୂରଣ ନହେଲେ ୨୦ ତାରିଖରେ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ଷ୍ଟେଟ୍ ଆରବିଏସ୍‌କେ ଆୟୁଷ୍ ଡକ୍ଟର୍ସ ଆସୋସିଏଶନ ପକ୍ଷରୁ ଚେତାବନୀ ଦିଆଯାଇଛି।

# 'ଯୁବପିଢ଼ି ପାଇଁ ଅଧିକ ସୁଯୋଗ ରହିଛି'

**ଆଡ୍‌ଭାନ୍ସ ମ୍ୟାନେଜ୍‌ମେଣ୍ଟ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ ଉଦ୍‌ଘାଟିତ**

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ଇଏସ୍‌ଡିପି ଯୋଜନା ଅଧୀନରେ 'ସ୍ଥାୟୀ ଭବିଷ୍ୟତ ପାଇଁ ଖଣିଜ ଏବଂ ଧାତୁ ସାମଗ୍ରୀ ଉଦ୍ଭାବନ' ଉପରେ ଏକ ଆଡ୍‌ଭାନ୍ସ ମ୍ୟାନେଜମେଣ୍ଟ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ(ଏଏମ୍‌ଡିପି) ଭୁବନେଶ୍ୱର ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟିଠାରେ ଉଦ୍‌ଘାଟିତ ହୋଇଯାଇଛି। ୧୮ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ଡ. ଜି. ନରହରି ଶାସ୍ତ୍ରୀ ଉଦ୍‌ଘାଟନ କରି କହିଛନ୍ତି, ସ୍ଥାୟୀ ବିକାଶ ପାଇଁ ମୁଁ ବର୍ତ୍ତମାନ ସ୍ଥିତିରେ ଉଦ୍ୟୋଗର ଅଭିନବତାକୁ ଅନୁଭବ କରୁଛି। ବର୍ତ୍ତମାନ ସମୟରେ ଯୁବପିଢ଼ି ପାଇଁ ସୁଯୋଗ ବାସ୍ତବରେ ବହୁତ ଅଧିକ ରହିଛି। ମୁଁ ନିଶ୍ଚିତ ଯେ ଏହି ସାପ୍ତାହିକ କାର୍ଯ୍ୟକ୍ରମ ଆପଣଙ୍କୁ ଆପଣଙ୍କ ଷ୍ଟାର୍ଟ-ଅପ ଏବଂ ପ୍ରଡକ୍ଟକୁ ଏକ ରୂପ ଦେବାରେ ସାହାଯ୍ୟ କରିବ। ଏଥିପାଇଁ ଏହି କାର୍ଯ୍ୟକ୍ରମ ଆପଣଙ୍କ ପାଇଁ ଉତ୍କୃଷ୍ଟ ପରିସର ପ୍ରଦାନ କରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜୀବନରେ କିଛି ହାସଲ କରିବା ପାଇଁ ଆମ ଚିନ୍ତାଧାରାକୁ ଏବଂ ଲକ୍ଷ୍ୟକୁ ଠିକ ଭାବେ ତଦାରଖ କରିବା। ଭର୍ଚୁଆଲ ମାଧ୍ୟମରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଗବେଷଣା ଓ ବିକାଶ ଅନୁଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟର ଉଦ୍ୟୋଗୀ, ଆଶାୟୀ ଟେକ୍ନୋଲୋଜିଷ୍ଟଙ୍କ ସମେତ ପ୍ରାୟ ୬୦ଜଣ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ବୈଜ୍ଞାନିକ ଡ. ଏ.କେ ସାହୁ ଓ ବରିଷ୍ଠ ବୈଜ୍ଞାନିକ ଡ. ଟି. ପବନ କୁମାର ପ୍ରମୁଖ ଯୋଗଦେଇଥିଲେ।

# ବିଏମ୍‌ସି ସଫେଇ କାର୍ଯ୍ୟକୁ ସ୍ୱଚ୍ଛ ଭାରତ ଅର୍ବାନର ପ୍ରଶଂସା

ଭୁବନେଶ୍ୱର,୧୩।୨(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସହରରେ ସ୍ୱଚ୍ଛତା ରକ୍ଷା ପାଇଁ ନୂଆ ନୂଆ ପଦ୍ଧତି ଆପଣାଉଥିବାବେଳେ ସ୍ୱଚ୍ଛ ଭାରତ ଅର୍ବାନ ୨.୦ ପକ୍ଷରୁ ଏହି ଉଦ୍ୟମକୁ ପ୍ରଶଂସା କରାଯାଇଛି। ସଫେଇ କର୍ମୀମାନେ କିପରି ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିପାରୁଛନ୍ତି ସେନେଇ ଭୁବନେଶ୍ୱର ସମେତ ସମଗ୍ର ଓଡ଼ିଶାକୁ ସ୍ୱଚ୍ଛ ଭାରତ ଅର୍ବାନ ପକ୍ଷରୁ ପ୍ରଶଂସାଯୋଗ୍ୟ ପଦକ୍ଷେପ ବୋଲି ଉଲ୍ଲେଖ କରାଯାଇଛି। ଏହି ସଂସ୍ଥା କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ସର୍ବେକ୍ଷଣ ପାଇଁ କାମ କରୁଥିବା ବେଳେ ଗତ ମାସକ ମଧ୍ୟରେ ବିଏମ୍‌ସିର ପରିମଳ ବ୍ୟବସ୍ଥାକୁ ୪ଥର ପ୍ରଶଂସା କରିଛି। ପୂର୍ବରୁ ଜଟାୟୁ ମେସିନ ସହାୟତାରେ କିପରି ସଫେଇକର୍ମୀମାନେ ଅଳିଆକୁ ହାତ ନ ଲଗାଇ ସଫା କରୁଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ। ହ୍ୟୁମାନ କଣ୍ଟାକ୍ଟଲେସ କ୍ଲିନିଂ ଲାଗି ବିଏମ୍‌ସିର ଏହି ଯୋଜନା ଅନ୍ୟ ମହାନଗର ନିଗମ ଲାଗି ଉଦାହରଣ ବୋଲି କୁହାଯାଇଛି। କଳିଙ୍ଗ ଷ୍ଟାଡିୟମରେ ପରିମଳଜନିତ କାର୍ଯ୍ୟ ସହ ସିଟି ଫେଷ୍ଟ ଓ ରାସ୍ତାଘାଟର ସଫେଇକୁ ମଧ ସମ୍ପୃକ୍ତ ସଂସ୍ଥା ପ୍ରଶଂସା କରିଛି। ତେଣୁ ଚଳିତବର୍ଷ ବିଏମ୍‌ସି ସ୍ୱଚ୍ଛତା ସର୍ଭେରେ ଭଲ ପ୍ରଦର୍ଶନ କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ସୂଚନାଥାଉ କି, କେନ୍ଦ୍ର ସରକାର ଦେଶର ୧୦୦ ସହର ମଧ୍ୟରେ କିଏ ସ୍ୱଚ୍ଛ ତା'ର ସର୍ଭେ ଆରମ୍ଭ କରିଛନ୍ତି। ସେବେଠାରୁ ବିଏମ୍‌ସିର ପ୍ରଦର୍ଶନ ଅନ୍ୟ ସହର ତାଲିକାରେ କିଛି ଖାସ ନାହିଁ। ସହର ପରିମଳ କ୍ଷେତ୍ରରେ ବିଏମ୍‌ସି ସଦା ସର୍ବଦା ପଛରେ ରହୁଥିବା ନଜରକୁ ଆସିଥିବାବେଳେ କେବେ ବ୍ରହ୍ମପୁର ତ କେବେ ଭଦ୍ରକ ବିଏମ୍‌ସିକୁ ସ୍ୱଚ୍ଛତା କ୍ଷେତ୍ରରେ ପଛରେ ପକାଇଛନ୍ତି। ଆସନ୍ତା ମାସରୁ ପୁଣି କେନ୍ଦ୍ର ସରକାରଙ୍କ ସ୍ୱଚ୍ଛତା ସର୍ଭେକ୍ଷଣ ଆରମ୍ଭ ହେବାକୁ ଥିବାବେଳେ ବିଏମ୍‌ସି ଚଳିତଥର କିପରି ଭଲ ପ୍ରଦର୍ଶନ କରିବ ସେନେଇ ମନସମନ୍ଥନ ଆରମ୍ଭ କରିଛି। ମୁଖ୍ୟାଳୟରେ ସାନିଟାରୀ ଇନ୍ସପେକ୍ଟର, ୱାର୍ଡ ଅଫିସର, ସ୍ୱଚ୍ଛସାଥୀ ଓ ସୁପରଭାଇଜରଙ୍କୁ ନେଇ ଘନ ଘନ ବୈଠକ ବସୁଛି। ଗତବର୍ଷ ବିଏମ୍‌ସି ସ୍ୱଚ୍ଛ ସହର ତାଲିକାରେ ୮୦ତମ ସ୍ଥାନରେ ଥିଲା। ଚଳିତବର୍ଷ ଏହା ୫୦ଟି ସହରମାନଙ୍କ ଭିତରେ ରହିବ ବୋଲି ଆଶା କରାଯାଉଛି।




# ଉଠାଦୋକାନୀଙ୍କୁ ଉଚ୍ଛେଦ କରିବାକୁ ଯାଇ ନାକେଦମ୍

ଭୁବନେଶ୍ୱର, ୧୩।୨ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରୁ ନିୟମିତ ଜବରଦଖଲ ଉଚ୍ଛେଦ କରାଯାଉଛି। ଏହି କ୍ରମରେ ସହରକୁ ସୁନ୍ଦର ଓ ବ୍ୟବସ୍ଥିତ କରିବା ଉଦ୍ଦେଶ୍ୟରେ ରାସ୍ତାକଡ଼ରୁ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରାଯାଉଛି। ତେବେ ବିନା ଥଇଥାନରେ ବିଏମ୍‌ସି ଓ ବିଡିଏର ଏହି ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରୁଛନ୍ତି ଉଠାଦୋକାନୀ। ଫଳରେ ଉଚ୍ଛେଦ କରିବାକୁ ଯାଇଥିବା ଟିମ୍‌କୁ ନାକେଦମ ହେବାକୁ ପଡୁଛି। ସୋମବାର ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଉଠା ଦୋକାନୀଙ୍କୁ ଉଠାଇବାକୁ ଯାଇ ନାକେଦମ ହୋଇଥିଲା ଟିମ୍। ଏପରିକି ବିରୋଧ ତୀବ୍ର ହେବାରୁ ଟିମ୍‌କୁ ଖାଲି ହାତରେ ଫେରିବାକୁ ପଡିଛି। ରାଜମହଲରୁ କଳ୍ପନା ଛକ ପର୍ଯ୍ୟନ୍ତ ରାସ୍ତାର ତଳ ପାର୍ଶ୍ୱରେ ଥିବା ଫଳ ଏବଂ ଅନ୍ୟାନ୍ୟ ଉଠାଦୋକାନୀଙ୍କୁ ଉଚ୍ଛେଦ କରିବାକୁ ଟିମ୍ ପହଞ୍ଚିଥିଲା। ସେଠାରେ ଦୋକାନ ଦେଇଥିବା ୬୦ରୁ ୭୦ ଦୋକାନୀ ଏହାକୁ ବିରୋଧ କରିଥିଲେ। ହକି ପାଇଁ ସେମାନଙ୍କୁ ପୂର୍ବରୁ ଉଚ୍ଛେଦ କରାଯାଇଥିଲା। ସେ ସମୟରେ କୁହାଯାଇଥିଲା କି ହକି ପରେ ସେମାନେ ଦୋକାନ ଦେଇପାରିବେ। ମାତ୍ର ହକି ସରିବା ପରେ ମଧ ଏହି ଜୁଲମ ବନ୍ଦ ହେଉ ନ ଥିବା ସ୍ଥାନୀୟ ଦୋକାନୀମାନେ ଅଭିଯୋଗ କରିଛନ୍ତି। ପ୍ରାୟ ୫ମାସ ହେବ ବିଏମ୍‌ସି, ବିଡିଏ ସେମାନଙ୍କ ରୋଜଗାରର ବାଟ ବନ୍ଦ କରି ଦେଇଥିଲା। ଏବେ ଦୋକାନ ଖୋଲୁଥିବାବେଳେ ପୁଣି ଥରେ ଉଚ୍ଛେଦ କରୁଛି। ଏପରିକି ଦୋକାନରେ ଥିବା ସାମଗ୍ରୀକୁ ମଧ ନଷ୍ଟ କରି ଦେଉଥିବା ଅଭିଯୋଗ ହୋଇଛି। ଦୋକାନୀଙ୍କ କହିବା ଅନୁଯାୟୀ, ଦୀର୍ଘ ଦିନ ଧରି ରାସ୍ତା କଡ଼ରେ ଫଳ ବିକ୍ରି କରି ପରିବାର ପୋଷୁଛୁ। ଏଥିରୁ ଆମ ପିଲାମାନେ ପାଠ ପଢୁଛନ୍ତି। ମାତ୍ର ବିଏମ୍‌ସି ସହରକୁ ସୁନ୍ଦର କରିବା ନାଁରେ ଆମ ଉପରେ ଅତ୍ୟାଚାର କରୁଛି। ବାରମ୍ବାର ଆମ ରୋଜଗାର ଛଡାଇ ନେଉଛି। କରୋନାର ତାଡ଼ନା ଆମ ଅଣ୍ଟା ଭାଙ୍ଗି ଦେଇଥିବାବେଳେ ଏବେ ଧୀରେ ଧୀରେ ଠିଆ ହେବାକୁ ଚେଷ୍ଟା କରୁଥିଲୁ। ମାତ୍ର ହକି ନାମରେ ତାକୁ ବନ୍ଦ କରିଦେଲେ। ଏବେ ପୁଣି ଥରେ ଉଚ୍ଛେଦ କରୁଛନ୍ତି। ବିଏମ୍‌ସି ମେୟର କିମ୍ବା କମିଶନର ଆମ କଥା ଶୁଣୁ ନାହାନ୍ତି। ଏପରିକି ତାଙ୍କୁ ଦେଖା କରିବାକୁ ଗଲେ ମଧ ଦେଖା ହୋଇପାରୁନାହିଁ ବୋଲି ଅଭିଯୋଗ କରିଛନ୍ତି।


ଉଚ୍ଛେଦକୁ ବିରୋଧ କରୁଥିବା ଲୋକେ।

## ଆଜି କ'ଣ କେଉଁଠି

ଖୋର୍ଦ୍ଧା

- ପ୍ରତିଶ୍ରୁତି ପକ୍ଷରୁ ମାତୃପିତୃ ପୂଜନ ଉତ୍ସବ, ଗୀତା ଭବନ ପଡ଼ିଆ, ସକାଳ ୮ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ମାତୃପିତୃ ପୂଜନ ଉତ୍ସବ, ପଲ୍ଲା ଶିଶୁମନ୍ଦିର ପରିସର, ପୂର୍ବାହ୍ନ ୧୦ଟା ୩୦।

## ସଂକ୍ଷେପରେ

### ପୁସ୍ତକ ମେଳା କାର୍ଯ୍ୟକାରୀ ସମିତି ବୈଠକ

ଜଟଣୀ,୧୩।୨(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଉତ୍ତରାୟଣୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆସନ୍ତା ଏପ୍ରିଲ ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ୨୨ତମ ଜଟଣୀ ପୁସ୍ତକ ମେଳା ଅନୁଷ୍ଠିତ ହେବ। ଏନେଇ ସୋମବାର କାର୍ଯ୍ୟକାରୀ ସମିତିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁସ୍ତକ ମେଳା ସମିତି ସଭାପତି ପ୍ରଫେସର ଅମରେନ୍ଦ୍ର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ସମ୍ପାଦକ ଅକ୍ଷୟ କୁମାର ମହାନ୍ତି ଯୋଗଦେଇଥିଲେ। ପୁସ୍ତକ ମେଳାର ଅତିଥି ଚୟନ, ବାର୍ଷିକ ଆୟବ୍ୟୟ ଅଟକଳ, ପୁସ୍ତକ ପ୍ରକାଶିତ ସଂସ୍ଥା ଚୟନ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା, ସ୍ମରଣିକା ପ୍ରକାଶନ, କବିତା ପାଠ ଉତ୍ସବ ଆଦି ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଆସନ୍ତା ୨୮ ତାରିଖ ମଧ୍ୟରେ ସ୍ମରଣିକା ପାଇଁ ଲେଖା ପଠାଇବା ଲାଗି ସମିତିର ସ୍ମରଣିକା ଆବାହକ ଜବାହରଲାଲ ସୁବୁଦ୍ଧି ଅନୁରୋଧ କରିଥିଲେ। ବୈଠକରେ କାର୍ଯ୍ୟକାରୀ ସଭାପତି କୁମର ମୋହନ ମହାନ୍ତି, କୋଷାଧ୍ୟକ୍ଷ କ୍ଷୀରୋଦ କୁମାର ନନ୍ଦ, ଡ. ଶଶୀ ରଥ, ଡ. ସ୍ନିଗ୍ଧାରାଣୀ ସ୍ୱାଇଁ, ଆଦିନାରାୟଣ ଖଣ୍ଡୁଆଳ, ଡ. ଅନ୍ତର୍ଯ୍ୟାମୀ ପ୍ରଧାନ, କିଶୋର ଚନ୍ଦ୍ର ପାଇକରାୟ, ଦେବରାଜ ପ୍ରଧାନ, ସାହିତ୍ୟିକ ପଦ୍ମନାଭ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଭବାନୀ ଶଙ୍କର ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ନାଟ୍ୟ ନିର୍ଦ୍ଦେଶକ ବିଭୁ ପ୍ରସାଦଙ୍କ ସ୍ମୃତିଚାରଣ ସଭା

ଜଟଣୀ,୧୩।୨(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳସ୍ଥିତ ଉତ୍ତରାୟଣୀ କ୍ଲବ ପରିସରରେ ସାମାଜିକ କର୍ମୀ, ସଙ୍ଗଠକ ତଥା ନାଟ୍ୟ ନିର୍ଦ୍ଦେଶକ ବିଭୁପ୍ରସାଦ ମହାପାତ୍ରଙ୍କ ସ୍ମୃତିଚାରଣ ସଭା ଆୟୋଜିତ ହୋଇଯାଇଛି। ସୀତାକାନ୍ତ ଶତପଥୀ ପ୍ରଦୀପ ପ୍ରଜ୍ୱଳନ ସହ ବିଭୁପ୍ରସାଦଙ୍କ ଫଟୋରେ ପୁଷ୍ପମାଲ୍ୟାର୍ପଣ କରିବା ପରେ ନୀରବ ପ୍ରାର୍ଥନା କରାଯାଇଥିଲା। ସେ ଜଣେ ଦକ୍ଷ ନାଟ୍ୟ ନିର୍ଦ୍ଦେଶକ ଓ କଳାକାର ଥିଲେ ବୋଲି ମତପ୍ରକାଶ ପାଇଥିଲା। ବଡ଼ନୂଆଗାଁ ସାଂସ୍କୃତିକ ପରିଷଦ, ସନ୍ଧାନୀ ସାଂସ୍କୃତିକ ଅନୁଷ୍ଠାନ, ମହାବୀର କ୍ଲବ, ଉତ୍ତରାୟଣୀ କ୍ଲବ, ବଡ଼ନୂଆଗାଁ ରାମନାଟକ କମିଟି ସମେତ ଆଖପାଖ ଅଞ୍ଚଳର ବହୁ ଅନୁଷ୍ଠାନ ସହ ସେ ଜଡ଼ିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିପ୍ଳବ କେଶରୀ ଶତପଥୀ, ପଦ୍ମଚରଣ ଜେନା, ଅଶୋକ ଦାଶ, ସନାତନ ପ୍ରଧାନ, ଗଙ୍ଗାଧର କର, ଫକୀର ବେହେରା, ବିଚିତ୍ର ସିଂ, ଅରୁଣ କୁମାର ମହାନ୍ତି, ସରୋଜ ସାମଲ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

# ଜଙ୍ଗଲ ନିଆଁରେ ଗ୍ରାମବାସୀ ଅତିଷ୍ଠ

**ସଚେତନତା ଅଭାବ, ୨ଶହ ଏକର କାଜୁ ଫସଲ ନଷ୍ଟ**

ବେଗୁନିଆ,୧୩।୨(ଡି.ଏନ୍.ଏ.)



ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହେଉଥିବା ବେଳେ ଜଙ୍ଗଲରେ ନିଆଁ ଲାଗିଯିବାରୁ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଚଳିତ ବର୍ଷ ଫଗୁଣ ମାସ ଆରମ୍ଭରୁ ଦୈନିକ ଏବେ ଗ୍ରାମ୍ୟ ଜଙ୍ଗଲ କିମ୍ବା ଘରୋଇ କାଜୁ ବଗିଚାରେ ନିଆଁ ଲାଗିଯାଇଛି। ନିକଟରେ ପ୍ରାୟ ୨ଶହ ଏକର କାଜୁ ଫସଲ ପୋଡ଼ିଯାଇଛି। କେତେଜଣ ଅସାମାଜିକ ବ୍ୟକ୍ତି ଜାଣିଶୁଣି ନିଆଁ ଲଗାଉଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ଜଙ୍ଗଲ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରାଯାଉନାହିଁ ବୋଲି ପରିବେଶବିତ୍‌ଙ୍କ ପକ୍ଷରୁ ଦାବି ହେଉଛି। ଅନ୍ୟପକ୍ଷରେ ଅଗ୍ନିକାଣ୍ଡ ଯୋଗୁ ପରିବେଶ ପ୍ରଦୂଷଣ ହେବାରୁ ଅଞ୍ଚଳ ବାସିନ୍ଦା ଅତିଷ୍ଠ ହୋଇ ପଡୁଛନ୍ତି। ପ୍ରକାଶ ଯେ, ବେଗୁନିଆ ବ୍ଲକ ଅଞ୍ଚଳରେ ଥିବା କେତେକ ସରକାରୀ, ବେସରକାରୀ ଜଙ୍ଗଲ ଓ କାଜୁ ବଗିଚାରେ ନିଆଁ ଲାଗିବା ଏବେ ଦୈନିକ ଘଟଣାରେ ପରିଣତ ହୋଇଛି। ଗତ ଏକ ସପ୍ତାହ ମଧ୍ୟରେ ପଙ୍ଗାରସିଂହ, ଚିରାମାରୁ, ଡାଳତୋଳା, କଣ୍ଟାବାଡ ଆଦି ସଂରକ୍ଷିତ କାଜୁ ବଗିଚାରେ ନିଆଁ ଲାଗିଯିବାରୁ ପ୍ରାୟ ୨ଶହ ଏକର ପରିମିତି ଜମିରେ ଥିବା ଗଛ ଗୁଡ଼ିକ ନଷ୍ଟ ହୋଇଯାଇଛି। ଏଥିଯୋଗୁ କାଜୁ ଚାଷୀଙ୍କ ଆମଦାନୀରେ ପ୍ରଭାବ ପଡ଼ିଛି। ସେହିପରି ବନ ବିଭାଗ ଅଧୀନରେ ଥିବା ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଯିବାରୁ ଶାଳ, ପିଆଶାଳ, ଶାଗୁଆନ, ଶିଶୁ, କରଞ୍ଜ ଆଦି ବହୁ ମୂଲ୍ୟବାନ ଗଛ ପୋଡ଼ି ନଷ୍ଟ ହୋଇଯାଇଛି। ନିଆଁକୁ ଆୟତ୍ତ କରିବା ମଧ୍ୟ ଅଗ୍ନିଶମ ବିଭାଗ ପାଇଁ ମଧ୍ୟ କଷ୍ଟକର ହୋଇପଡୁଛି। ସଚେତନତା ଅଭାବରୁ ପୋଡୁଚାଷ ପାଇଁ ଜଙ୍ଗଲରେ ନିଆଁ ଲଗାଇ ଦିଆଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। କେତେଜଣ ଅସାମାଜିକ ବ୍ୟକ୍ତି ଜଙ୍ଗଲରୁ ପଶୁ, ପକ୍ଷୀ ଶିକାର ସହ ଗଛ ପୋଡ଼ି ଦେଇ ଅଙ୍ଗାର ଅମଳ କରି ଚଢ଼ା ଦରରେ ବିକ୍ରୀ କରୁଥିବା ଜଣାପଡ଼ିଛି।

**ଏମାନେ ଯାହା କୁହନ୍ତି ...**

"କେତେଜଣ ଦୁର୍ବୃତ୍ତ ଜାଣିଶୁଣି ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। ନିକଟରେ ବହୁ କାଜୁ ଫସଲ କ୍ଷତି ହେବା ସହ ପରିବେଶ ପ୍ରଦୂଷଣ ହେଉଛି। ସଚେତନତା ଅଭାବରୁ ଦୁର୍ବୃତ୍ତମାନେ ଏଭଳି କାଣ୍ଡ ଘଟାଉଛନ୍ତି ବୋଲି ଆଶଙ୍କା କରାଯାଉଛି।

**ରାଜ କିଶୋର ପାଣିଗ୍ରାହୀ, ପରିବେଶବିତ୍**

"ନୂତନ ଜଙ୍ଗଲ ସୃଷ୍ଟି ପାଇଁ ସଚେତନତା ସୃଷ୍ଟି କରାଯାଉନାହିଁ। ଅର୍ଗାନାଇଜେଶନ ଫର ଲାଇଫ୍ ଆଣ୍ଡ ନେଚର ପକ୍ଷରୁ ମଧ୍ୟ ବ୍ୟାପକ ଭାବେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉନାହିଁ। ଯେତିକି ଜଙ୍ଗଲ ଅଛି ରକ୍ଷଣାବେକ୍ଷଣ ଦାୟିତ୍ୱରେ ଆବଶ୍ୟକ କର୍ମଚାରୀ ନିଯୁକ୍ତି କରିବା ଆବଶ୍ୟକ। ପ୍ରତିବର୍ଷ ଜଙ୍ଗଲ ଓ ବଗିଚା ପରିସରରୁ ଘାସ ଏବଂ ଅନାବନାଲତା ସଫେଇ କରିବା ନିହାତି ଜରୁରୀ।

**ଦେବାଶିଷ ସାହୁ, ଯୁବ ଏଜୁକେଟର**

# ପାଠପଢ଼ା ସମୟରେ କାମ କରୁଛନ୍ତି ଛାତ୍ର



**ଭିଡିଓ ଭାଇରାଲ ପରେ ଚେତିଲେ ଶିକ୍ଷକ**

ଖୋର୍ଦ୍ଧା ଅଫିସ,୧୩।୨

ବିଦ୍ୟାଳୟର ଭିତ୍ତିଭୂମି, ଶୈକ୍ଷିକ ବାତାବରଣ ଲାଗି ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ୫-ଟି ଅଧୀନରେ ବିଦ୍ୟାଳୟ ରୂପାନ୍ତରଣ ଚାଲିଛି। ତେବେ ସ୍କୁଲ ନିର୍ମାଣ କାମରେ ଲାଗିଛନ୍ତି ଛାତ୍ର। ସ୍କୁଲ ୟୁନିଫର୍ମ ପିନ୍ଧି ପିଲାମାନେ ପାଠପଢ଼ା ସମୟରେ ମାଟି ତାଡ଼ିବା ସହ ପଥର ଉଠାଉଛନ୍ତି। ସେମାନଙ୍କୁ ଶ୍ରମିକଙ୍କ ଭଳି ବ୍ୟବହାର କରାଯାଉଛି। ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ପାଇକ ତିଗିରିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ପିଲାମାନେ କାମ କରୁଥିବା ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହାର ତଦନ୍ତ କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ କହିଛନ୍ତି।

ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟ ଏବେ ୫-ଟିରେ ସ୍ଥାନ ପାଇଛି। ନିର୍ମାଣ କାର୍ଯ୍ୟ ପାଇଁ ୪୫ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ତେବେ ପିଲାମାନେ ପାଠପଢ଼ା ସମୟରେ କାମ କରୁଛନ୍ତି। ପାଖରେ ଜଣେ ଶିକ୍ଷକ ଛିଡ଼ା ହୋଇ କାମର ତଦାରଖ କରୁଥିବା ଭିଡିଓ ଭାଇରାଲ ହୋଇଛି। ତେବେ ନିର୍ମାଣ କାର୍ଯ୍ୟରେ କାହିଁକି ଶ୍ରମିକଙ୍କ ଭଳି ସ୍କୁଲ ପିଲାଙ୍କୁ ନିୟୋଜିତ କରାଯାଉଛି ବୋଲି ପ୍ରଶ୍ନ କରିଛନ୍ତି ଅଭିଭାବକ। ଅନ୍ୟପଟେ ବିଦ୍ୟାଳୟ ନିର୍ମାଣ କାମକୁ ନେଇ ବିବାଦ ଥିବାରୁ କେହି ଜାଣିଶୁଣି ପିଲାଙ୍କ ଫଟୋ ଉଠାଇ ଭାଇରାଲ କରିଛି ବାଲି ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମହେଶ୍ୱର ମହାନ୍ତି କହିଛନ୍ତି ଯେ, ବିଦ୍ୟାଳୟ କାମରେ ପିଲାଙ୍କୁ ନିୟୋଜିତ କରାଯାଉ ନାହିଁ। ଛୁଟି ସମୟରେ କେହି ପିଲା ଖୁସିରେ କରିଥାଇପାରନ୍ତି। ଆଗକୁ ଯେପରି ଏଭଳି ଘଟଣା ନ ଘଟିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ।

# ଗୋଟିପୁଅ ନୃତ୍ୟରେ ଦର୍ଶକ ବିଭୋର

**ନୀଳାମ୍ବୁ ମହୋତ୍ସବର ୬ଷ୍ଠ ସନ୍ଧ୍ୟା**

ଟାଙ୍ଗୀ(ଖୋର୍ଦ୍ଧା),୧୩।୨(ଡି.ଏନ୍.ଏ.)

ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ବଳରାମ ଦେବ ବିଦ୍ୟାପୀଠ ଖେଳପଡ଼ିଆରେ ଅନୁଷ୍ଠିତ ନୀଳାମ୍ବୁ ମହୋତ୍ସବର ସୋମବାର ଥିଲା ୬ଷ୍ଠ ସନ୍ଧ୍ୟା। ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ସଭାପତିତ୍ୱରେ ଅତିଥିଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ, ସାହିତ୍ୟିକ ଶଶାଙ୍କ ଶେଖର ଚୁଡ଼ାମଣି, ଟାଙ୍ଗୀ ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ, ସାମାଜିକ କର୍ମୀ ପ୍ରକାଶ ଶ୍ରୀଚନ୍ଦନ, ପୂର୍ବତନ ବିଧାୟକ ରାଘବ ସେଠୀ, ଚାଷୀନେତା ଅକ୍ଷୟ କୁମାର, ଆନ୍ଧ୍ରପ୍ରଦେଶର ପୂର୍ବତନ ମନ୍ତ୍ରୀ କିଶୋର ବାବୁ ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ସଂଘ ସମ୍ପାଦକ ମନୋଜ ପଟ୍ଟନାୟକ, ପ୍ରବକ୍ତା ସରୋଜ ପାଇକରାୟ, ଉପଦେଷ୍ଟା ପ୍ରଦୋଷ କୁମାର ଦାସ, ସହସମ୍ପାଦକ ବିକ୍ରମ କେଶରୀ ସାହୁ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥି ଏବଂ ଟାଙ୍ଗୀ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅର୍କେଷ୍ଟ୍ରା ସାରେଗାମାପା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଚାନ୍ଦପୁର କଳିଙ୍ଗ ଡ୍ୟାନ୍ସ ଗ୍ରୁପ୍‌ର ନୃତ୍ୟ ପରିବେଷଣ, ଚାନ୍ଦପୁର ଏଜି ମିଶନ ଶିକ୍ଷାନୁଷ୍ଠାନ ପକ୍ଷରୁ ନୃତ୍ୟ, ମାଉଣ୍ଟ ଲିଟ୍ରା ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ, ଚାନ୍ଦପୁର ବୀଣାପାଣି ଶିଶୁମନ୍ଦିର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ଓ ଭୁବନେଶ୍ୱର ଆରାଧନା ଡ୍ୟାନ୍ସ ଏକାଡେମୀ କଳାକାରଙ୍କ ଦ୍ୱାରା ପରିବେଷିତ ଗୋଟିପୁଅ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଟାଙ୍ଗୀ ମଦର ଟେରେସା ଯୁବକ ସଂଘର ସଭ୍ୟମାନେ ସହଯୋଗ କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ସତ୍ୟନାରାୟଣ ପ୍ରଧାନ। ଶ୍ୟାମସୁନ୍ଦର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସନ୍ଦିପନି ମିଶ୍ର, ମନୋଜ କୁମାର ନାଇଡୁ, ଲଛମନ ନାୟକ, କମଳ ଲୋଚନ ପାଇକରାୟ, ରାକେଶ ଜଗଦ୍ଦେବ, ରଜନୀକାନ୍ତ ମିଶ୍ର, ରାକେଶ ଚନ୍ଦ୍ର ମହାନ୍ତି, ପ୍ରଶାନ୍ତ ବେହେରା, ଦୁର୍ଗାପ୍ରସାଦ ଦାଶ, ଅନନ୍ତ ପ୍ରଧାନ, ଜୟନ୍ତ ସୁବୁଦ୍ଧି, ହିମାଂଶୁ ଭୂଷଣ ଚମ୍ପତିରାୟ, ବିଭୂତି ଭୂଷଣ ଦାଶ, ରାମଚନ୍ଦ୍ର ପରିଡା, ବାଲୁଙ୍କେଶ୍ୱର ବେହେରା, ଅଜୟ ସେଠୀ, ସୂର୍ଯ୍ୟକାନ୍ତ ସାହୁ, ପ୍ରଶାନ୍ତ ବେହେରା, ଚନ୍ଦ୍ରଶେଖର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



ନୀଳାମ୍ବୁ ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

# ବିଦ୍ୟାଳୟର ୩୭ତମ ବାର୍ଷିକୋତ୍ସବ

ଜଟଣୀ,୧୩।୨(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ନାଇଜର ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଆଇଆଇଟି ଭୁବନେଶ୍ୱର ପ୍ରଫେସର ଡ. ସୁଜିତ ରାୟ, ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ଏଡିଆରଏମ୍ ଅଶୋକ କୁମାର, ମୁଖ୍ୟ ବକ୍ତା ସ୍ତମ୍ଭକାର ରବିନାରାୟଣ ପଣ୍ଡା ଯୋଗଦେଇଥିଲେ। ପ୍ରାଚୀନ ଗୁରୁକୁଳ ଭଳି ଶିଶୁମନ୍ଦିର ପ୍ରାଚୀନ ସଂସ୍କୃତିକୁ ଆଜିର ଆଧୁନିକ ଯୁଗରେ ବଞ୍ଚାଇ ରଖିବାରେ ଯେଉଁ ଭୂମିକା ଗ୍ରହଣ କରିଛି ତାହା ପ୍ରଶଂସନୀୟ ବୋଲି ମୁଖ୍ୟ ଅତିଥି କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ଅଶୋକ କୁମାର ଶର୍ମା ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନା ବିଦ୍ୟାଳୟର ବାର୍ଷିକ ବିବରଣୀ ସହିତ ବିଦ୍ୟାଳୟର ପ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ପ୍ରଧାନ ଆଚାର୍ଯ୍ୟଙ୍କ ସହିତ ୯ ଜଣ ଆଚାର୍ଯ୍ୟା, ଆଚାର୍ଯ୍ୟ ଓ ସେବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖୋର୍ଦ୍ଧା ସଂକୁଳ ଅନ୍ତର୍ଗତ ଅନ୍ୟ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା ସମିତିର ସଭାପତି ପ୍ରସନ୍ନ କୁମାର ରଥ ଧନ୍ୟବାଦ ଦେଇଥିଲେ।

# 'ବିଦ୍ୟାର୍ଥୀଙ୍କ ବୌଦ୍ଧିକ ବିକାଶ ଦିଗରେ କାର୍ଯ୍ୟ କର'




ମହୋତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଅନ୍ୟ ଅତିଥି।

**ପତିତପାବନ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ମହୋତ୍ସବ ଉଦ୍‌ଯାପିତ**

ଗମ୍ଭାରୀମୁଣ୍ଡା/ବାଣପୁର,୧୩।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟର ୬୦ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ହୀରକ ଜୟନ୍ତୀ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ସମ୍ମାନିତ ଅତିଥିଭାବେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ଶିକ୍ଷକ ଦୁର୍ଗାଚରଣ ମହାରଣା ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ଦିଗରେ କାର୍ଯ୍ୟ କରିବାକୁ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କୁ ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ଏକ ପ୍ରଶ୍ନ ପଚାରିଥିଲେ। ଉକ୍ତ ପ୍ରଶ୍ନର ଯିଏ ଉତ୍ତର ରଖିବ ତାଙ୍କୁ ୧ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ହରିଚନ୍ଦନପୁର ସରକାରୀ ୟୁ.ପି. ସ୍କୁଲର ଛାତ୍ର ସାଇନୀହାର ମାନସିଂ ଉକ୍ତ ପ୍ରଶ୍ନର ଠିକ୍ ଉତ୍ତର ଦେଇଥିଲେ। ତାଙ୍କୁ ଏପ୍ରିଲ ମାସରେ ୧ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକ ପଟ୍ଟନାୟକ କହିଥିଲେ, ଛାତ୍ରୀଛାତ୍ର ସଫଳତାର ଶୀର୍ଷରେ ପହଞ୍ଚିବାକୁ ହେଲେ ଇଚ୍ଛାଶକ୍ତି ସହିତ ପରିବାରର ସହଯୋଗ ଆବଶ୍ୟକ। ଏହି ଅବସରରେ ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ପ୍ରାରମ୍ଭରେ ଡା.ସୁରେନ୍ଦ୍ର ନାଥ ଦାସ ସ୍ୱାଗତ ଭାଷଣ ସହ ବିବରଣୀ ପାଠ କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସଚଳା ଗୁରୁ, ପ୍ରଦୀପ କୁମାର ଦାସ, ତ୍ରିନାଥ ହୋତା, ସମ୍ପାଦକ ଦିଲୀପ କୁମାର ସ୍ୱାଇଁ, ସହସମ୍ପାଦକ ଶଶିକାନ୍ତ ମହାପାତ୍ର, ଶିକ୍ଷକ ସୁଶ୍ରୀ ବିଦ୍ୟୁତ୍‌ପ୍ରଭା ସେଠୀ, ବିଶ୍ୱରଞ୍ଜିତା ପ୍ରଧାନ, ଜୟଶ୍ରୀ ପ୍ରଧାନ, କାଦମ୍ବିନୀ ଦେବୀ, ଜ୍ୟୋତିପ୍ରଭା ସାହୁ, ମଧୁସ୍ମିତା ନାୟକ ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ।

## କୁଶପଲ୍ଲା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ୧୯ରୁ

ବେଗୁନିଆ,୧୩।୨(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଅଧୀନ କୁଶପଲ୍ଲା ଗ୍ରାମସ୍ଥିତ ଖେଳପଡ଼ିଆରେ ଆସନ୍ତା ୧୯ ତାରିଖରୁ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। କୁଶପଲ୍ଲା ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୮ଟି ଫୁଟ୍‌ବଲ ଟିମ୍ ଅଂଶଗ୍ରହଣ କରିବେ। ୧୯ରେ ଢେଙ୍କାନାଳର ପପୁଲାର କ୍ଲବ ଓ ଘାଟିକିଆର ବଜରଙ୍ଗବାଲୀ ସ୍ପୋର୍ଟିଂ କ୍ଲବ ଏବଂ ୨୦ରେ ଭଞ୍ଜନଗର ବଳରାଜ କ୍ଲବ ଓ କଟକ ଚାନ୍ଦ କ୍ଲବ ମଧ୍ୟରେ ପ୍ରତିଯୋଗିତା ହେବ। ସେହିପରି ୨୧ ତାରିଖରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ହେବ। ୨୨ରେ ଯାଜପୁରର ଧର୍ମଶାଳା ଫୁଟବଲ ଏକାଡେମୀ ଓ ଭୁବନେଶ୍ୱରର ସାନ୍ କ୍ଲବ ଏବଂ ୨୩ରେ ବିଶାଖାପାଟଣାର ଭାଇଜାଗ୍ ସିଟି ଫୁଟବଲ କ୍ଲବ ଓ କୋଲ୍‌କାତାର ହାୱଡ଼ା ଫ୍ରେଣ୍ଡ୍ସ କ୍ଲବ ମଧ୍ୟରେ ମ୍ୟାଚ୍ ହେବ ବୋଲି ସ୍ଥିର ହୋଇଛି।

# କଲ୍ୟାଣପୁର, ଦେଉଳଟାଙ୍ଗୀ ବିଜୟୀ

**ରାଜ୍ୟସ୍ତରୀୟ ଗୁରୁଜଙ୍ଗ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ**

ଖୋର୍ଦ୍ଧା ଅଫିସ,୧୩।୨

ଗୁରୁଜଙ୍ଗ କ୍ରିକେଟ ଆସୋସିଏଶନ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ଗୁରୁଜଙ୍ଗ କପ୍ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟର ସୋମବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ ଗୁଡୁମ୍ ଓ କଲ୍ୟାଣପୁର ମଧ୍ୟରେ ହୋଇଥିଲା। ଟସ୍ ଜିତି ଗୁଡୁମ୍ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୮ ଉଇକେଟ ବିନିମୟରେ ୧୩୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାଜେଶ ଗୁରୁ ୬୬ ଓ କୃଷ୍ଣ ସାହୁ ୧୫ ରନ କରିଥିଲେ। ବିପକ୍ଷ ଦଳ ପକ୍ଷରୁ ମନୋଜ ସେଠୀ ୪ଟି ଓ ଅନିଲ ସାହୁ ୩ଟି ଉଇକେଟ୍ ନେଇଥିଲେ। ଜବାବରେ କଲ୍ୟାଣପୁର ଟିମ୍ ୧୨ ଓଭରରେ ୪ ଉଇକେଟ ହରାଇ ୧୩୮ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ପ୍ରାଣବନ୍ଧୁ ସାମନ୍ତରାୟ ୩୮ ରନ କରିଥିବା ବେଳେ ବିପକ୍ଷ ଦଳର ଧନଞ୍ଜୟ ବଡ଼ଜେନା ୩ଟି ଉଇକେଟ ନେଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ କୁମାରବସ୍ତ ଓ ଦେଉଳଟାଙ୍ଗୀ ମଧ୍ୟରେ ହୋଇଥିଲା। ଦେଉଳଟାଙ୍ଗୀ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୬ ଉଇକେଟ ବିନିମୟରେ ୨୧୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିକାଶ ଦଳେଇ ୮୩ ଓ ଗଙ୍ଗାଧର ବେହେରା ୬୯ ରନ କରିଥିଲେ। ବିପକ୍ଷ ଟିମ୍‌ର ଦେବାଶିଷ ବଳିୟାରସିଂ ୨ଟି ଉଇକେଟ ନେଇଥିଲେ। ଜବାବରେ କୁମାରବସ୍ତ ଟିମ୍ ୧୬ ଓଭରରେ ୯ ଉଇକେଟ ହରାଇ ୧୭୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ବିଶ୍ୱବିଜୟୀ ରାଉତରାୟ ୪୭ ରନ କରିଥିଲେ। ଦେଉଳଟାଙ୍ଗୀ ପକ୍ଷରୁ ଶିବାନୀ ମିଶ୍ର ୩ଟି ଉଇକେଟ ନେଇଥିଲ। ପ୍ରଥମ ମ୍ୟାଚ୍‌ରେ ଅତିଥିଭାବେ ଖୋର୍ଦ୍ଧା କ୍ରିକେଟ ଆସୋସିଶନର ସଦସ୍ୟ ବ୍ରିଜେଶ ପ୍ରଧାନ ଯୋଗଦେଇ କଲ୍ୟାଣପୁର ଦଳର ପ୍ରାଣବନ୍ଧୁ ସାମନ୍ତରାୟଙ୍କୁ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ କ୍ରୀଡ଼ା ପ୍ରଶିକ୍ଷକ ଅମିତ ବେହେରା ଯୋଗଦେଇ ଦେଉଳଟାଙ୍ଗୀ ଦଳର ବିକାଶ ଦଳେଇଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ସୁଜିତ୍ ପରିଡ଼ା, ସନ୍ତୋଷ ପ୍ରଧାନ ଓ ସାନୁଜ ବିଶ୍ୱାଳ ମ୍ୟାଚ୍ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଖେଳ ସମ୍ପାଦନା କରିଥିଲେ।




ଅତିଥିଙ୍କଠାରୁ ଦୁଇ ଖେଳାଳି ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ପିଏନ୍ କଲେଜ ଆଗରେ ବିସିଜେଡିର ପ୍ରତିବାଦ

**ଉତ୍କଳ ବିଶ୍ୱବିଦ୍ୟାଳୟରେ ଜେଏନ୍‌ୟୁ ପ୍ରଫେସରଙ୍କୁ ମାଡ଼ ଘଟଣା**

■ଦେଶ ବିରୋଧୀ କାର୍ଯ୍ୟକୁ ପ୍ରଶ୍ରୟ ଦିଆଯିବ ନାହିଁ : ଏବିଭିପି

ଖୋର୍ଦ୍ଧା ଅଫିସ,୧୩।୨

ଉତ୍କଳ ବିଶ୍ୱବିଦ୍ୟାଳୟ (ବାଣୀବିହାର) ପିଜି କାଉନସିଲ ବୈଠକ ହଲରେ ସିଟିଜେନ୍ସ ଫୋରମ ପକ୍ଷରୁ ଆୟୋଜିତ ସେମିନାରରେ ଦେଶ ବିରୋଧୀ ମନ୍ତବ୍ୟ ଦିଆଯାଇଥିବା ଅଭିଯୋଗ ଆଣି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ସଦସ୍ୟମାନେ ବିରୋଧ କରିଥିଲେ। ଏନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଉଭୟ ପକ୍ଷ ଧସ୍ତାଧସ୍ତି ସହ ମାରପିଟ ହୋଇଥିଲେ। ଏନେଇ ଉଭୟଙ୍କ ପକ୍ଷରୁ ଥାନାରେ ଏତଲା ମଧ୍ୟ ଦିଆଯାଇଛି। ଏହି ଘଟଣାକୁ ନେଇ ବିଭିନ୍ନ ଛାତ୍ର ସଙ୍ଗଠନ ବିରୋଧ କରିଛନ୍ତି। ଏହାର ପ୍ରତିବାଦରେ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ଖୋର୍ଦ୍ଧା ଜିଲା ପକ୍ଷରୁ ପ୍ରାଣନାଥ(ପିଏନ୍) ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାମ୍ପସ ଆଗରେ ବିକ୍ଷୋଭ କରାଯାଇଥିଲା। ଜେଏନ୍‌ୟୁ ଅର୍ଥନୀତି ବିଭାଗ ପ୍ରଫେସର ସୁଜିତ ମଜୁମଦାରଙ୍କ ଉପରେ ଏବିଭିପି କର୍ମକର୍ତ୍ତାଙ୍କ ଆକ୍ରମଣକୁ ନିନ୍ଦା କରିଥିଲେ। ବିଶ୍ୱବିଦ୍ୟାଳୟ ପରିସରରେ ଏଭଳି ଆଚରଣ ଗ୍ରହଣୀୟ ନୁହଁ। କ୍ୟାମ୍ପସ ପରିସରରେ ଏବିଭିପିର ସଦସ୍ୟମାନେ ଯେଉଁ ଘଟଣା ଘଟାଇଲେ, ଏହା ଦ୍ୱାରା ଦେଶରେ ଓଡ଼ିଶା ଛବି ମଳିନ ପଡିଯାଇଛି। ଏଥିରେ ସମ୍ପୃକ୍ତ ଥିବା ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବିସିଜେଡି ସଭାପତି ବିଶ୍ୱଦୀପ ପ୍ରଧାନ, ଛାତ୍ର ଜନତା ଦଳ ସଭାପତି ଜିଲା ପର୍ଯ୍ୟବେକ୍ଷକ ଦେବୀ ପ୍ରସାଦ ଲେଙ୍କା, ରାଜ୍ୟ ସମ୍ପାଦକ ଦେବୁ ପ୍ରସାଦ ରାଉତରାୟ, କ୍ୟାମ୍ପସ କମିଟିର ରୁଦ୍ରଭିଷେକ ମାନ୍ଧାତା, ଶୁଭମ ବସନ୍ତରାୟ, ସମ୍ବିତ ସାହୁ, ଶୁଭମ ସାହୁ, ବୈଭବନାଥ ବସନ୍ତରାୟ, ବିଶ୍ୱରଞ୍ଜନ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ବିସିଜେଡିର ପ୍ରତିବାଦର ଉତ୍ତର ରଖିଛନ୍ତି ଏବିଭିପିର ରାଜ୍ୟ ମିଡିଆ ସଂଯୋଜକ ବିଶ୍ୱଜିତ ପାତ୍ର। ସେ କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟ ପରିସରରେ ସେମିନାର ଆଳରେ ଜେଏନ୍‌ୟୁ ପ୍ରଫେସର ମଜୁମଦାର ବକ୍ତବ୍ୟରେ ସମ୍ବିଧାନ ବିଷୟରେ ଭ୍ରମାତ୍ମକ ତଥ୍ୟ ଓ ରାଷ୍ଟ୍ର ବିରୋଧୀ ମନ୍ତବ୍ୟ ଦେଇ ରାଷ୍ଟ୍ରବିଦ୍ୱେଷ ଓ ଜାତିଗତ ଘୃଣାର ପ୍ରଚାର ପାଇଁ ପ୍ରୟାସ କରୁଥିଲେ। ଏଥିରେ ସେଠାରେ ଉପସ୍ଥିତ ଏବିଭିପି ଉତ୍କଳ ବିଶ୍ୱବିଦ୍ୟାଳୟ କାର୍ଯ୍ୟକର୍ତ୍ତା ଓ କେତେଜଣ ଆଲୁମିନିର ସଦସ୍ୟ ବିରୋଧ କରିଥିଲେ। ଏଥିରେ ଉକ୍ତ ପ୍ରଫେସର, ଏଆଇଏଫସିଟିଓ ନେତା ପ୍ରଫେସର ସୁରେନ୍ଦ୍ର ଜେନା ଓ ଉପସ୍ଥିତ କେତେଜଣ ଅଣଛାତ୍ର ହଠାତ ଉତ୍‌କ୍ଷିପ୍ତ ହୋଇ ବିରୋଧ କରି ଏବିଭିପି ଏବଂ ଆଲୁମିନି ସଦସ୍ୟଙ୍କୁ ଗାଳିଗୁଲଜ କରି ଧକ୍କା, ଠେଲାପେଲା କରିଥିଲେ। ସେମିନାର ଆଳରେ ଦେଶ ବିରୋଧୀ କାର୍ଯ୍ୟ ନିନ୍ଦନୀୟ। ଏହାକୁ ବରଦାସ୍ତ କରାଯିବ ନାହିଁ। ରାଜ୍ୟର ସମସ୍ତ କ୍ୟାମ୍ପସରେ ଏହାର ବିରୋଧ କରାଯିବ। ଓଡ଼ିଶାରେ ଦେଶ ବିରୋଧୀ କାର୍ଯ୍ୟକ୍ରମ କରାଇ ଦିଆଯିବ ନାହିଁ ବୋଲି ସେ କହିଛନ୍ତି।




ବିଜୁ ଛାତ୍ର ଜନତା ଦଳ ଖୋର୍ଦ୍ଧା ଜିଲା ପକ୍ଷରୁ ପ୍ରତିବାଦ କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୪ ଫେବ୍ରୁୟାରୀ, ୨୦୨୩

**ରେଡିଓ ଦିବସ ପାଳିତ**

ଚୌଦ୍ୱାର,(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ବାଣୀପଦା ପଞ୍ଚାୟତରେ ଥିବା ଉତ୍କଳ ଇଣ୍ଟରନ୍ୟାଶନାଲ ସ୍କୁଲରେ ଡ.ସରୋଜିନୀ ନାଇଡୁଙ୍କ ଜନ୍ମ ଦିବସ ଓ ରେଡିଓ ଦିବସ ସୋମବାର ପାଳିତ ହୋଇଯାଇଛି। ସ୍କୁଲର ପ୍ରତିଷ୍ଠାତା ଗଣେଶ ପ୍ରସାଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସହଦେବ ବରାଳ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ପିଲାଙ୍କୁ ସରୋଜିନୀ ନାଇଡୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିବା ସହିତ ରେଡିଓ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ବୁଝାଇଥିଲେ। ଏଥି ସହିତ ଛାତ୍ରୀଛାତ୍ରଙ୍କ ଦ୍ୱାରା ରେଡିଓ ପ୍ରଦର୍ଶନ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅଧକ୍ଷ ବୈକୁଣ୍ଠନାଥ ତାରେଣିଆ, ଗୋବିନ୍ଦ ଚରଣ ବେହେରା ପ୍ରମୁଖ ପରିଚାଳନା କରିଥିଲେ।



## ସଂକ୍ଷେପରେ

### ଜବାବ ଦାଖଲ ପାଇଁ ସମୟ ନେଲେ ଆମିକସ୍ କ୍ୟୁରି

**କୁଷ୍ଠାଶ୍ରମରେ ସୁବିଧା ନ ମିଳିବାକୁ ନେଇ ମାମଲା**

କଟକ ଅଫିସ, ୧୩।୨: ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା କୁଷ୍ଠାଶ୍ରମଗୁଡ଼ିକରେ ରୋଗୀଙ୍କୁ ଆବଶ୍ୟକୀୟ ସୁବିଧା ନ ମିଳିବାକୁ ନେଇ ଆଗତ ମାମଲାର ଶୁଣାଣି ସୋମବାର ହାଇକୋର୍ଟରେ ହୋଇଥିଲା। ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଓ ବିଚାରପତି ଏମ୍.ଏସ୍. ରମଣଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ପାଇଁ ମାର୍ଚ୍ଚ ୨୮ ତାରିଖକୁ ଧାର୍ଯ୍ୟ କରିଛନ୍ତି। ରାଜ୍ୟ ସରକାର ପୂର୍ବରୁ ସତ୍ୟପାଠ ଦାଖଲ କରିଥିଲେ। ତେବେ ଜବାବ ଦାଖଲ ପାଇଁ ଆମିକସ୍ କ୍ୟୁରି ସମୟ ନେଇଥିବା ଜଣାଯାଇଛି। ଆବେଦନକାରୀ ବିପିନ ବିହାରୀ ପ୍ରଧାନଙ୍କ ପକ୍ଷରୁ ଆଗତ ଏହି ମାମଲାରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଜବାବ ଦାଖଲ ନିମନ୍ତେ ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ।

### ଧବଳେଶ୍ୱରଙ୍କ ମହାନଦୀ ଘାଟରେ ମହାନଦୀ ଆଳତି

ଖୁଣ୍ଟୁଣୀ,୧୩।୨(ଡି.ଏନ୍.ଏ.)- ବାବା ଧବଳେଶ୍ୱରଙ୍କ ମହାନଦୀ ଘାଟରେ ସୋମବାର ଆରମ୍ଭ ହୋଇଛି ମହାନଦୀ ଆଳତି ଆଠଗଡ଼ର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଗଡ଼ଜାତ ପରିକ୍ରମା, ଏଇ ତ ଜୀବନ ଓ କଟକର ମହାନଦୀ ପୂଜନ କମିଟି ମିଳିତ ସହଯୋଗରେ ମହାନଦୀର ସୁରକ୍ଷା ପାଇଁ ଏହି ମହାନଦୀ ଆଳତି ଅନୁଷ୍ଠିତ ହୋଇଥିଲା। ମହାନଦୀକୁ ପ୍ରଦୂଷଣମୁକ୍ତ କରିବା ପାଇଁ ମହାନଦୀ ଭିତରକୁ ଜରି, ଅନାବନା ବର୍ଜ୍ୟବସ୍ତୁ କିମ୍ବା ପଚା ଶବ ଆଦି ଫିଙ୍ଗିବା ନାହିଁ ଏଥିପାଇଁ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଏପରି ଏକ ପ୍ରୟାସ ଆଜିଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ତଥା ଗଡଜାତ ପରିକ୍ରମାର ସମ୍ପାଦକ ଲଲାଟେନ୍ଦୁ ସେନାପତି ମହାନଦୀ ଆଳତିର କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଧବଳେଶ୍ୱରଠାରୁ ମହାନଦୀ କୂଳେକୂଳେ ନରସିଂହପୁର ବାଲିପୁଟ ଦୀର୍ଘ ୧୦୦ କିଲୋମିଟର ପର୍ଯ୍ୟନ୍ତ ଏହି ମହାନଦୀ ଆଳତି ଚାଲିବ। ପ୍ରତେକ ମାସର ସଂକ୍ରାନ୍ତିରେ ଆଠଗଡ଼ ସବ୍‌ଡିଭିଜନର ମହାନଦୀ କୂଳରେ ଥିବା ବିଭିନ୍ନ ଶୈବ ମନ୍ଦିର କୂଳରେ ଏହି ମହାନଦୀ ଆଳତି ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମରେ ଏଇ ତ ଜୀବନ ସଂସ୍ଥାର ମୁଖ୍ୟ ପ୍ରିୟବ୍ରତ ପଟ୍ଟନାୟକ ଏବଂ ମହାନଦୀ ପୂଜନ କମିଟିର ସଭାପତି ବିଶ୍ୱଜିତ ସୂର୍ଯ୍ୟବଂଶୀ, ଆବାହକ କ୍ଷୀରୋଦ ସାହୁ, ହେମନ୍ତ ସାହୁ, ଧବଳେଶ୍ୱର ଗୋ ଷଣ୍ଢ ସେବା ଶ୍ରମର ପ୍ରତିଷ୍ଠାତା ସାରଦା ପ୍ରସାଦ ଦାଶ, ଆଶିଷ ପତ୍ରି, ସୁନୀଲ ସ୍ୱାଇଁ, ଅଲେଖ ମହାରଣା, ଗଡ଼ଜାତ ପରିକ୍ରମା ଉପସଭାପତି ସୁରେଶ ଚନ୍ଦ୍ର ପରିଡା, ଖବରଦାତା ସଚ୍ଚିଦାନନ୍ଦ ପଣ୍ଡା, ବିଜୟ ନାୟକ, ସନ୍ତୋଷ ବାରିକ, କିରଣ ବିହାରୀ ଖଟୁଆ, ରଜନୀ ଜେନା ଏବଂ କଟକ ସିଲଭର ସିଟିର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

### ୧୯ରୁ ବିଜୁ ପଟ୍ଟନାୟକ କପ୍ କ୍ରିକେଟ

ଚୌଦ୍ୱାର, ୧୩।୨(ଡି.ଏନ୍.ଏ.): ଶଙ୍କରପୁର ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ଶଙ୍କରପୁର ଖେଳ ପଡ଼ିଆରେ ୧୨ତମ ବିଜୁ ପଟ୍ଟନାୟକ କ୍ରିକେଟ କପ ଚଳିତ ମାସ ୧୯ରୁ ଆରମ୍ଭ ହୋଇ ୨୬ତାରିଖରେ ଶେଷ ହେବ। ଏ ନେଇ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସୁନୀଲ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାସ୍ତରୀୟ ଏହି ଟୁର୍ଣ୍ଣାମେଣ୍ଟକୁ ସଫଳ କରିବା ପାଇଁ ସମସ୍ତ ସଦସ୍ୟ ମତାମତ ରଖିଥିଲେ। ପୁରୀ, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଭଦ୍ରକ, ଭୁବନେଶ୍ୱର, ଯାଜପୁର, କଟକ, ଜଗତ୍‌ସିଂହପୁର ଆଦି ଜିଲାରୁ ୮ଟି ଟିମ୍ ଯୋଗଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଥିବା ସଭାପତି ରଞ୍ଜନ ପରିଡା ସୂଚନା ଦେଇଛନ୍ତି।

# ସିଏମ୍‌ସି କାଉନସିଲ ବୈଠକରେ ତୁମ୍ବିତୋଫାନ

**ଅଫିସର-ମେୟର-କର୍ପୋରେଟର ବିବାଦ ପ୍ରସଙ୍ଗ**

- ବିଜେଡି କର୍ପୋରେଟରଙ୍କୁ ନେଇ ଚାଲିଲା ବୈଠକ
- ବିରୋଧୀ କର୍ପୋରେଟରଙ୍କ ଅହୋରାତ୍ର ଧାରଣା

କଟକ ଅଫିସ,୧୩।୨: ଉଦ୍‌ଘାଟିତ ହୋଇଥିବା ବିଭିନ୍ନ ପ୍ରକଳ୍ପର ଫଳକରେ ସ୍ଥାନୀୟ ବିଧାୟକଙ୍କ ନାମ ରହୁନାହିଁ। ଏପରିକି ୱାର୍ଡଗୁଡ଼ିକରେ ହେଉଥିବା କାର୍ଯ୍ୟକ୍ରମକୁ କର୍ପୋରେଟରଙ୍କୁ ଡକାଯାଉନାହିଁ। ଯନ୍ତ୍ରୀମାନେ ମନମୁଖି କାର୍ଯ୍ୟ କରୁଛନ୍ତି। ଏଭଳି ବିଭିନ୍ନ ଅଭିଯୋଗର ଲୟଚିଠା ନେଇ ବିରୋଧୀ ଦଳର କର୍ପୋରେଟରମାନେ ସୋମବାର ବିଜୁ ଭବନରେ ଆୟୋଜିତ କଟକ ମହାନଗର ନିଗମ (ସିଏମ୍‌ସି)ର କାଉନସିଲ ବୈଠକ ଆରମ୍ଭରୁ ତୁମ୍ବିତୋଫାନ କରିଛନ୍ତି। କଂଗ୍ରେସ ବିଧାୟକ ଓ ବିରୋଧୀ ଦଳର କର୍ପୋରେଟରମାନଙ୍କୁ ଅଣଦେଖା ବନ୍ଦ କରିବା ସହ ସିଏମ୍‌ସିର ମୁଖ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ବଦଳି ଦାବି କରି ବିରୋଧୀ କର୍ପୋରେଟରମାନେ ସିଏମ୍‌ସି କାର୍ଯ୍ୟାଳୟ ଆଗରେ ଅହୋରାତ୍ର ଧାରଣାରେ ବସି ରହିଥିବାବେଳେ କେବଳ ଶାସକ ଦଳ କର୍ପୋରେଟରଙ୍କୁ ନେଇ ବୈଠକ ଚାଲିଥିଲା। ଖବର ପାଇ ରାତିରେ କଂଗ୍ରେସ ବିଧାୟକ ମହମ୍ମଦ ମୋକିମ, ଭାଜପା ନଗର ସଭାପତି ଲଲାଟେନ୍ଦୁ ବସ୍ତୁ, ବରିଷ୍ଠ ଭାଜପା ନେତା ନୟନ କିଶୋର ମହାନ୍ତି ଏବଂ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ପହଞ୍ଚି ଧାରଣାରେ ସାମିଲ ହୋଇଥିବା ସୂଚନା ମିଳିଛି।



ସିଏମ୍‌ସି କାଉନସିଲ ବୈଠକରେ କଂଗ୍ରେସ ଓ ଭାଜପା କର୍ପୋରେଟର ମେୟରଙ୍କୁ ଘେରୁଛନ୍ତି ।

ବୈଠକ ଆରମ୍ଭରେ ପ୍ରଥମେ ବିଭିନ୍ନ ପ୍ରକଳ୍ପର ଫଳକରେ ବିଧାୟକ ମୋକିମଙ୍କ ନାଁ ନ ଥିବା ଅଭିଯୋଗ ଆଣି କଂଗ୍ରେସ କର୍ପୋରେଟରମାନେ ମେୟର ଓ କମିଶନରଙ୍କୁ ଘେରିଥିଲେ। ଏଭଳି କାହିଁକି କରାଯାଉଛି ବୋଲି ପ୍ରଶ୍ନ କରି ଉତ୍ତର ଦାବିକରିଥିଲେ। ପରେ ଶୋକସଭାରେ ପୂର୍ବତନ ମେୟର ନିବେଦିତା ପ୍ରଧାନଙ୍କୁ ଅଣଦେଖା ନେଇ ଭାଜପା କର୍ପୋରେଟରମାନେ ହୋହାଲ୍ଲା କରିଥିଲେ। ବିରୋଧୀ ଦଳର କର୍ପୋରେଟରମାନେ ମିଶି ସଭାଗୃହରେ ଧାରଣା ଦେଇଥିଲେ। ଏନେଇ ମୋର କିଛି ଭୁଲ ନାହିଁ ବୋଲି କମିଶନର କହିଥିଲେ। କମିଶନରଙ୍କ ବଦଳରେ ଡେପୁଟି କମିଶନର ଅଜୟ ମହାନ୍ତି ଆସି ଉତ୍ତର ରଖିଥିଲେ। ହେଲେ ବିରୋଧୀ ଏଥିରେ ସନ୍ତୁଷ୍ଟ ନ ହୋଇ ହୋହଲ୍ଲା କରିଥିଲେ। ତେବେ ମେୟର ସୁବାସ ସିଂ ଦୀର୍ଘ ସମୟ ଧରି ବୁଝାଶୁଝା କରିବା ପରେ ବିରୋଧୀ ଶାନ୍ତ ପଡ଼ିଥିଲେ ଏବଂ ସଭା କାର୍ଯ୍ୟ ଆଗକୁ ବଢ଼ିଥିଲା। ଏହାପରେ ଗତ କାଉନସିଲରେ ବାଲିଯାତ୍ରା ନେଇ ସ୍ୱତନ୍ତ୍ର ଅଡିଟ ହେବା ନେଇ କୁହାଯାଇଥିଲା। ହେଲେ ତାହାକୁ ବୈଠକରେ ଉପସ୍ଥାପନ କାହିଁକି କରାଗଲା ନାହିଁ ବୋଲି କର୍ପୋରେଟର ପ୍ରଶ୍ନ କରିଥିଲେ। ଆଉ ୧୫ ଦିନ ମଧ୍ୟରେ ଯାଞ୍ଚ ଶେଷ ହେବ ଏବଂ ରିପୋର୍ଟ ଉପସ୍ଥାପନ କରାଯିବ ବୋଲି କମିଶନର କହିଥିଲେ। ଏହାପରେ କଂଗ୍ରେସ କର୍ପୋରେଟର ସନ୍ତୋଷ ଭୋଳ କହିଥିଲେ, ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ ମୋତେ ପଚାରୁଛନ୍ତି ଆପଣ କାହିଁକି ବିରୋଧ କରୁଛନ୍ତି। ଏଭଳି ପ୍ରଶ୍ନ କରିବାକୁ ସେ କିଏ? ଅନ୍ୟପକ୍ଷରେ ଯନ୍ତ୍ରୀ ତ୍ରିପାଠୀ ନିଜ ସ୍ଥାନରେ ବସି ହସିବା ଯୋଗୁ ସ୍ଥିତି ଆହୁରି ଜଟିଳ ହୋଇଥିଲା। ଯନ୍ତ୍ରୀଙ୍କ ବ୍ୟବହାରରେ ଉତକ୍ଷିପ୍ତ ହୋଇ କର୍ପୋରେଟରମାନେ ତାଙ୍କୁ ଘେରିବା ସହ ବଦଳି ଦାବି କରିଥିଲେ। ଏହାକୁ ନେଇ ଉଭୟ ବିରୋଧୀ ଦଳ ଓ ଶାସକ ଦଳ କର୍ପୋରେଟରଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି, କାଉନସିଲ୍ ହଲରେ କାଚଗ୍ଲାସ ଭଙ୍ଗାରୁଜା ହୋଇଥିବା ଦେଖିବାକୁ ମିଳିଥିଲା। ସଭାଗୃହରେ ଏଭଳି ଘଟଣା ଯୋଗୁ ପ୍ରଥମେ କମିଶନର ବୈଠକରୁ ଉଠି ପଳାଇଥିଲେ । ଏହାପରେ ମେୟର ମଧ୍ୟ ଚାଲିଯାଇଥିଲେ। ପରେ ବିରୋଧୀ ଦଳ କର୍ପୋରେଟରମାନେ ସଭାଗୃହ ବାହାରେ ତଳେ ବସି କମିଶନରଙ୍କ ବିରୋଧରେ ନାରାବାଜି ଦେଇଥିଲେ। ମେୟର ସଭାଗୃହକୁ ଫେରି ସାଙ୍ଗରେ ଶାସକ ଦଳର କେତେଜଣ କର୍ପୋରେଟରଙ୍କୁ ନେଇ କମିଶନରଙ୍କୁ ଡାକି ବୈଠକ ଆରମ୍ଭ କରିଥିଲେ। ହେଲେ ଉକ୍ତ ବୈଠକରେ ବିରୋଧୀ କର୍ପୋରେଟରମାନେ ସାମିଲ ନ ହୋଇ ବିଜୁ ଭବନ ମୁଖ୍ୟ ଫାଟକ ନିକଟରେ ଧାରଣାରେ ବସି ରହିଛନ୍ତି।

### ଦବିଗଲା ବାଲିଯାତ୍ରାରେ ଅର୍ଥ ହେରଫେର ଅଭିଯୋଗ

ବିରୋଧୀଙ୍କ ହଟ୍ଟଗୋଳରେ ବାଲିଯାତ୍ରାରେ ଅର୍ଥ ହେରଫେର ଘଟଣା ଦବିଯାଇଥିଲା। ବାଲିଯାତ୍ରା ଆୟୋଜନରେ ଆର୍ଥିକ ହେରଫେର ହୋଇଥିବା ନେଇ ଅଭିଯୋଗ ହେବା ପରେ ସମସ୍ତ ଆୟବ୍ୟୟର ଅଡିଟ କରାଯିବାକୁ ଗତ କାଉନ୍‌ସିଲ ବୈଠକରେ ସ୍ଥିର ହୋଇଥିଲା। ସିଏମ୍‌ସି ପକ୍ଷରୁ ଇଣ୍ଟରନାଲ ଅଡିଟ ଏବଂ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅଡିଟ କରାଯିବ ବୋଲି ଗତ ବୈଠକରେ କମିଶନର କହିଥିଲେ। ଏହାର ୨ମାସ ପରେ ଅନୁଷ୍ଠିତ ବୈଠକରେ ଅଡିଟ ହୋଇ ନ ଥିବା ଜଣାପଡ଼ିଛି। ଯାହାକୁ ନେଇ ସୋମବାର ବୈଠକରେ କଂଗ୍ରେସ ଓ ଭାଜପା କର୍ପୋରେଟରମାନେ ହଟ୍ଟଗୋଳ କରିଥିଲେ। ବାଲି ଯାତ୍ରାର ଅଡିଟ ବିନା ବିଭିନ୍ନ କାର୍ଯ୍ୟର ବିଲ୍ ରିଲିଜ କରାଯାଇଥିବା ସେମାନେ ଅଭିଯୋଗ କରିଥିଲେ। ତେବେ ଆସନ୍ତା ୧୫ଦିନ ମଧ୍ୟରେ ସମସ୍ତ ଆୟବ୍ୟୟର ଯାଞ୍ଚ କରାଯାଇ କାଉନସିଲ ବୈଠକରେ ତଥ୍ୟ ଉପସ୍ଥାପନ କରାଯିବ ବୋଲି କମିଶନର କହିଥିଲେ।



ଉତ୍ତେଜିତ କଂଗ୍ରେସ କର୍ପୋରେଟରଙ୍କୁ ବୁଝାଉଛନ୍ତି ଭାଜପା କର୍ପୋରେଟର ।

### ଅସନ୍ତୋଷ ବ୍ୟକ୍ତ କଲେ ବିଜେଡି କର୍ପୋରେଟର

ବୈଠକରେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ବିରୋଧୀ ଏହାକୁ ବିରୋଧ କରିଥିବା ବେଳେ ଶାସକ ଦଳ ଅସନ୍ତୋଷ ବ୍ୟକ୍ତ କରିଥିଲେ। ନିର୍ବାହୀ ଯନ୍ତ୍ରୀ ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟକଳାପ ନେଇ କର୍ପୋରେଟରମାନେ ମେୟରଙ୍କୁ ଅଭିଯୋଗ କରିଥିଲେ। ପ୍ଲାନିଂ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିସା ଦାସ ନର୍ସରି କାହିଁକି କାର୍ଯ୍ୟକ୍ଷମ କରାଯାଉନି ଓ ପାର୍କଗୁଡ଼ିକର ସ୍ଥିତି ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଦିପ୍ତିମୟୀ ମୁଳିଆ କୃମିନାଶ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ କମିଟିକୁ ଅବଗତ କରାଯାଇ ନ ଥିବା କହିଥିଲେ । ପ୍ରଦୀପ୍ତ ଖୁଣ୍ଟିଆ କହିଥିଲେ ଫେକ ଲିଷ୍ଟ କରାଯାଇ ୪୭୫ ଜଣ କୁଲିଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି। ଏନେଇ ସ୍ୱତନ୍ତ୍ର ତଦନ୍ତ କରାଯିବାକୁ ସେ ଦାବି କରିଥିଲେ । ତେବେ ବିରୋଧୀଙ୍କଠାରୁ ଶାସକ ଦଳ କର୍ପୋରେଟରଙ୍କ ନିକଟରେ ସିଏମ୍‌ସି ଅଧିକାରୀଙ୍କ ବିରୋଧରେ ଅଭିଯୋଗର ଲମ୍ବା ଚିଠାଥିବାବେଳେ ଅସନ୍ତୋଷ ବ୍ୟକ୍ତ କରିବା ବ୍ୟତୀତ ଅନ୍ୟ କୌଣସି ରାସ୍ତା ନ ଥିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

### ମୋ' ଅଜାଣତରେ ଖଣ୍ଡେ ଇଟା ବି ବସିବନି: ମେୟର

ମେୟରଙ୍କ ଅଜାଣତରେ ସିଏମ୍‌ସିରେ ବିଭିନ୍ନ କାର୍ଯ୍ୟ କରାଯାଉଛି ବୋଲି ସୁବାସ ସିଂ ବୈଠକରେ କହିବା ସହ ଏନେଇ ସମସ୍ତ ଯନ୍ତ୍ରୀ ଏବଂ ଅଧିକାରୀଙ୍କୁ ତାଗିଦ କରିଥିଲେ। ଏଣିକି ତାଙ୍କ ଅଜାଣତରେ ଇଟା ଖଣ୍ଡିଏ ବସିପାରିବ ନାହିଁ ବୋଲି କହିବା ସହ ଜିଆଇ ଟ୍ୟାଗ୍ ନ ଥିଲେ କୌଣସି କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁରୀ କରାଯିବ ନାହିଁ ବୋଲି କହିଥିଲେ।

### ଗଠନ ହେବ ୩ ଜଣିଆ ସ୍ୱତନ୍ତ୍ର କମିଟି

୫୯ଟି ୱାର୍ଡରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଏବଂ ସମସ୍ୟାଗୁଡ଼ିକର ସମୀକ୍ଷା କରିବେ ସିଏମସି ମେୟର ଏବଂ କମିଶନର। ସେମାନେ ପ୍ରତି ୱାର୍ଡରେ ୨ଦିନ ଲେଖାଏ ରହିବେ। ୱାର୍ଡୱାରୀ ସବୁ କାର୍ଯ୍ୟର ତଥ୍ୟ ସଂଗ୍ରହ କରାଯିବ। ଏଥିନିମନ୍ତେ ଏକ ୩ ଜଣିଆ ସ୍ୱତନ୍ତ୍ର କମିଟି ଗଠନ କରାଯିବ ବୋଲି ମେୟର ସୁବାସ ସିଂ ବୈଠକରେ ପ୍ରସ୍ତାବ ଦେଇଛନ୍ତି।



ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ଓ ଭାଜପା କର୍ପୋରେଟରଙ୍କ ସହ ବିଧାୟକ ମହମ୍ମଦ ମୋକିମ ରାତିରେ ଧାରଣାରେ ବସିଛନ୍ତି ।

### ଯନ୍ତ୍ରୀଙ୍କ ଉପରେ ବର୍ଷିଲେ ମେୟର

ସହରର ବହୁ ଅଞ୍ଚଳରେ ଖଣ୍ଡିଏ ଭଲ ରାସ୍ତା ନ ଥିବାବେଳେ ଲୋକେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ବର୍ଷସାରା ପାଣି କାଦୁଅରେ ସେମାନଙ୍କୁ ଯାତାୟାତ କରିବାକୁ ପଡୁଛି। ଏପରିସ୍ଥଳେ ଯେଉଁ ଅଞ୍ଚଳରେ କୌଣସି ଜନବସତି ନାହିଁ ସେଠାରେ ସିଏମ୍‌ସି ପକ୍ଷରୁ ସ୍ମାର୍ଟ ରାସ୍ତା ନିର୍ମାଣ କରାଯାଇଛି। ଯନ୍ତ୍ରୀ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟବରାଦ କରାଯାଇ କାର୍ଯ୍ୟ ହୋଇଛି, ଯାହାକୁ ନେଇ ମେୟର ଯନ୍ତ୍ରୀମାନଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ୩ ନମ୍ବର ୱାର୍ଡ ଧବଳେଶ୍ୱର ଗଡା ଅଞ୍ଚଳରେ କୌଣସି ଲୋକ ରହୁ ନ ଥିବାବେଳେ ସେଠାରେ ଫିଭର ବ୍ଲକର ରାସ୍ତା ତିଆରି ହୋଇଛି। ପରବର୍ତ୍ତୀ ସମୟରେ ଏଭଳି କାର୍ଯ୍ୟ କଲେ ଯନ୍ତ୍ରୀଙ୍କ ଦରମା ବନ୍ଦ କରିଦିଆଯିବ କହି ମେୟର ତାଗିତ କରିଥିଲେ।

## ମୌଖିକ ନିର୍ଦ୍ଦେଶ ଆଳରେ ଚାଲିଛି ବେଆଇନ ନିର୍ମାଣ

କଟକ ସଦର,୧୩।୨(ଡି.ଏନ୍.ଏ.)

କଟକ ସଦର ବ୍ଲକର ବିଭିନ୍ନ ସ୍ଥାନରେ କରାଯାଇଥିବା ସ୍ଥାୟୀ ନିର୍ମାଣ ପାଇଁ ଉପଜିଲାପାଳ, ଜିଲାପାଳଙ୍କ ମୌଖିକ ନିର୍ଦ୍ଦେଶ ଆଳରେ ବେଆଇନ ନିର୍ମାଣ କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି। ବ୍ଲକର ବିଭିନ୍ନ ସ୍ଥାନରେ ଗୋଚର ଜମିରେ ଗୃହ ନିର୍ମାଣ, ପଞ୍ଚାୟତଗୃହ ନିର୍ମାଣ ବେଆଇନ ଭାବେ କାର୍ଯ୍ୟ ହେଉଥିବା ନେଇ ସୂଚନା ଅଧିକାରୀ ବଳରେ ସ୍ଥାନୀୟ ଜଣେ ସୂଚନା ଅଧିକାରୀ ତଥ୍ୟ ମାଗିଥିଲେ। ହେଲେ ଏହିସବୁ କାର୍ଯ୍ୟ ମୌଖିକ ନିର୍ଦ୍ଦେଶରେ ହୋଇଥିବା ବେଳେ ଲିଖିତ ଆକାରରେ ସେହି ସଂକ୍ରାନ୍ତୀୟ ଫାଇଲ ବ୍ଲକ କାର୍ଯ୍ୟାଳୟରେ ଉପଲବ୍ଧ ନାହିଁ। ତେଣୁ ଏ ସମ୍ପର୍କରେ କୌଣସି ସୂଚନା ଦିଆଯାଇପାରିବ ନାହିଁ ବୋଲି ବ୍ଲକ ଜନ ସୂଚନା ଅଧିକାରୀ ଝାଡେଶ୍ୱର ଦାସ ପତ୍ରସଂଖ୍ୟା ନଂ.୧୯୦/୧୮।୧।୨୦୨୩ରେ ଜଣାଇଛନ୍ତି। ଘଟଣାରୁପ୍ରକାଶ, ୨୦୨୨ରେ ଧରିଣା ଓ ଆୟତ୍ତପୁର ପଞ୍ଚାୟତରେ ଗୋଚର ଜମିରେ ମିଶନ ଶକ୍ତି ଗୃହର ନିର୍ମାଣ ହେଉଥିଲା। ତେବେ ଏହି ନିର୍ମାଣ ସଦର କଟକ ଉପଜିଲାପାଳଙ୍କ ମୌଖିକ ଆଦେଶରେ କରାଯାଇଥିବା ନେଇ ବିଡିଓ ରାଜୀବଲୋଚନ ପରିଡ଼ା ପତ୍ରସଂଖ୍ୟା ନଂ.୨୪୬୧/୧୪।୮।୨୦୨୨ରେ ଜଣାଇଥିଲେ। ସେହିପରି କନ୍ଦରପୁର ଓ ଖାରକଟା ପଞ୍ଚାୟତ ଗୃହ ବିଡିଓଙ୍କ ନିର୍ଦ୍ଦେଶକ୍ରମେ କରାଯାଇଛି ବୋଲି ଜଣାପଡିଥିଲା। ମାତ୍ର ଏନେଇ କଟକ ସଦର ବିଡିଓ, କଟକ ସଦର ଓ କିଶନ ନଗର ତହସିଲଦାରଙ୍କୁ କୌଣସି କ୍ଷମତା ଜିଲାପାଳ ଦେଇ ନାହାନ୍ତି ବୋଲି ପତ୍ର ସଂଖ୍ୟା ୪୧୫୨/୩୧।୧୨।୨୦୨୨ରେ ସୂଚନା ମିଳିଥିଲା। ଶେଷରେ ବ୍ଲକ କାର୍ଯ୍ୟାଳୟରେ ମୌଖିକ ଆଦେଶ ସଂକ୍ରାନ୍ତ ଫାଇଲ ନାହିଁ ବୋଲି ସୂଚନା ମିଳିବା ପରେ ବିଡିଓଙ୍କ କ୍ଷମତାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଉକ୍ତ ଅଧିକାରୀଙ୍କ ନାମ କହି ଏହି ଅଧିକାରୀ ଜଣକ ବେପରୁଆ ସରକାରୀ ଜାଗାରେ ନିର୍ମାଣ କରୁଥିବାରୁ ବିରୋଧୀ ତାଙ୍କର ନିର୍ମାଣ ସଂକ୍ରାନ୍ତ କ୍ଷମତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି, ଯାହା ତଦନ୍ତସାପେକ୍ଷ। ଏ ନେଇ ବିଡିଓ ପରିଡାଙ୍କୁ ପଚାରିବାରୁ ସବୁ ପ୍ରଶ୍ନର ଉତ୍ତର ଦେବା ପାଇଁ ସେ ବାଧ ନୁହନ୍ତି ବୋଲି କହିଥିଲେ।

## ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ପ୍ରତିବାଦ

**ଜେଏନ୍‌ୟୁ ପ୍ରଫେସରଙ୍କୁ ମାଡ଼ ଘଟଣାକୁ ନିନ୍ଦା**

କଟକ ଅଫିସ, ୧୩।୨:

ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ସେମିନାରରେ ଜେଏନ୍‌ୟୁ ପ୍ରଫେସର ସୁଜିତ ମଜୁମଦାରଙ୍କ ଉପରେ ଆକ୍ରମଣ ନିନ୍ଦନୀୟ ଘଟଣା। ଛାତ୍ର ସମାଜ କେବେ ବି ଏହାକୁ ଗ୍ରହଣ କରିପାରିବ ନାହିଁ। ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ। ଜେଏନ୍‌ୟୁ ପ୍ରଫେସରଙ୍କୁ ମାଡ଼ ମାରିବା ଘଟଣା ଭାରତ ବର୍ଷରେ ଓଡ଼ିଶାର ଛବି ଖରାପ ହୋଇଛି। ଏଭଳି ଘଟଣା ଘଟାଇଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜୁ ଛାତ୍ର ଜନତା ଦଳ କଟକ ପକ୍ଷରୁ ଦାବି କରାଯାଇଛି। ଉକ୍ତ ଦାବି ନେଇ ଦଳ ପକ୍ଷରୁ ଚଣ୍ଡିଛକରେ ସୋମବାର ନୀରବ ପ୍ରତିବାଦ କରାଯାଇଥିଲା। ବିକ୍ଷୋଭରେ ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ଆସିଫ ଅମିନ୍, କଟକ ମହାନଗର ସଭାପତି ସଞ୍ଜୟ ପଟ୍ଟନାୟକ, ଛାତ୍ର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସନ୍ତୋଷ ମହାପାତ୍ର, ସୁପ୍ରୀତି ଶର୍ମା, ପରମିତ ଦାସ, ପ୍ରସନଜିତ ଦାସ, ଏସ୍.କେ, ଅସଲମ୍ ପ୍ରମୁଖ ସାମିଲ ଥିଲେ।

## ପୁରାତନ ଛାତ୍ରୀଛାତ୍ର ଡ୍ରିମ୍‌ସର ବ୍ରାଣ୍ଡ ଆମ୍ବାସାଡର

**ଡ୍ରିମ୍‌ସରେ ଆଲୁମ୍‌ନି ମିଟ୍-୨୦୨୩**

କଟକ ଅଫିସ,୧୩।୨:

ଡ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟ ଆଲୁମ୍‌ନି ଆସୋସିଏଶନ ପକ୍ଷରୁ ପୁରାତନ ଛାତ୍ରୀଛାତ୍ରଙ୍କ ସମାବେଶ ଶିକ୍ଷାନୁଷ୍ଠାନ ପରିସରସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ପୁରାତନ ଛାତ୍ରୀଛାତ୍ରମାନେ ଡ୍ରିମ୍‌ସର ବ୍ରାଣ୍ଡ ଆମ୍ବାସାଡର ବୋଲି କହିଥିଲେ। ଏଥିସହ ଶିକ୍ଷାନୁଷ୍ଠାନ ପ୍ରଗତିରେ ସେମାନଙ୍କ ଯୋଗଦାନ ପ୍ରଶଂସନୀୟ ବୋଲି ରଥ କହିଥିଲେ। ଏହି ଅବସରରେ ୨୦୨୪ରେ ଡ୍ରିମ୍‌ସ ପ୍ରତିଷ୍ଠାର ୨୫ବର୍ଷ ପୂର୍ତ୍ତି ରୌପ୍ୟଜୟନ୍ତୀ ଆୟୋଜନ ଏବଂ ପୁରାତନ ଛାତ୍ରୀଛାତ୍ର ସହଯୋଗ କରିବାକୁ ଆଲୁମ୍‌ନି ମତ ଦେଇଥିଲେ। ଆସୋସିଏଶନ ସଭାପତି ତଥା ଅଧ୍ୟକ୍ଷ ଡ. ନୟନ ରଞ୍ଜନ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ପ୍ରାଧ୍ୟାପିକା ଡ. ଲୀନା ପଟ୍ଟନାୟକ, ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ସୁରଜିତ ମହାନ୍ତି, ପ୍ରାଧ୍ୟାପକ ଶେଖରେଶ ବାରିକ ପ୍ରମୁଖ ସାମିଲ ଥିଲେ। ଏଥିରେ ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ରମାକାନ୍ତ କାସ୍ତା, ଜିତେନ୍ଦୁ ଶତପଥୀ, ଦୀପକ ରଞ୍ଜନ ବିଶ୍ୱାଳ, ରଶ୍ମିରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।




ଡ୍ରିମ୍‌ସ ଆଲୁମ୍‌ନି ଆସୋସିଏଶନ ପକ୍ଷରୁ ପୁରାତନ ଛାତ୍ରୀଛାତ୍ରଙ୍କ ଅନୁଷ୍ଠିତ ସମାବେଶରେ ଅତିଥିଙ୍କ ସହ ଛାତ୍ରୀଛାତ୍ର ।

## ଖ୍ରୀଷ୍ଟ କଲିଜିଏଟ୍ ସ୍କୁଲରେ ପୁଣି ଧାରଣା

**ସମସ୍ୟାର ଫିଟୁନି ବାଟ, ହନ୍ତସନ୍ତ ହେଉଛନ୍ତି ଛାତ୍ରୀଛାତ୍ର**

କଟକ ଅଫିସ,୧୩।୨

ଖ୍ରୀଷ୍ଟ କଲିଜିଏଟ୍ ସ୍କୁଲ ପରିଚାଳନା କମିଟି ଏବଂ ଜିଲା ଶିକ୍ଷା ବିଭାଗ ମଧ୍ୟରେ ଦୀର୍ଘଦିନ ଧରି ଲାଗି ରହିଥିବା ବିବାଦରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଛନ୍ଦି ହୋଇପଡ଼ିଛି। ନା ସେମାନଙ୍କୁ ସ୍କୁଲରେ ପିଇବାକୁ ବିଶୁଦ୍ଧ ପାନୀୟ ଜଳ ମିଳିପାରୁଛି ନା ଉପଯୁକ୍ତ କ୍ଲାସ ରୁମ। କ୍ଲାସରେ ପଙ୍ଖାଟିଏର ସୁବିଧା ନାହିଁ। ଗତ ୩ବର୍ଷ ହେବ ସେମାନଙ୍କୁ ୟୁନିଫର୍ମ ମିଳିପାରି ନ ଥିବା ଅଭିଯୋଗ ହୋଇଛି। ନିଜ ଅଧିକାର ଏବଂ ମୌଳିକ ସୁବିଧା ପାଇବା ପାଇଁ ସୋମବାର ପୁଣି ଛାତ୍ରୀଛାତ୍ରମାନେ ଧାରଣା ବସିଥିଲେ। ଅନ୍ୟପକ୍ଷେ ୫-ଟି ସ୍କୁଲ ରୂପାନ୍ତରିକରଣ କାର୍ଯ୍ୟକ୍ରମରେ ଖ୍ରୀଷ୍ଟ କଲିଜିଏଟ୍ ସ୍କୁଲକୁ ସାମିଲ କରାଯାଇଛି। ବିବାଦ ଯୋଗୁ ଉନ୍ନତୀକରଣ କାର୍ଯ୍ୟ ଆଗେଇ ପାରୁନାହିଁ। ଫଳରେ ନିର୍ମାଣାଧୀନ କୋଠାରେ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସ୍ମାର୍ଟ ବିଦ୍ୟାଳୟ ଲାଗି ୪୫ ଲକ୍ଷ ଟଙ୍କା ଆସିଛି। ହେଲେ ପ୍ରଧାନ ଶିକ୍ଷକ ବିଦ୍ୟାଳୟର ଖର୍ଚ୍ଚ ଲାଗି ଟଙ୍କା ଉଠାଇ ପାରୁ ନାହାନ୍ତି। ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ସାମଲଙ୍କୁ ଡିଇଓ ଅଧିକାର ଦେଇ ନ ଥିବାରୁ ଏହି ସମସ୍ୟା ବଢ଼ିବାରେ ଲାଗିଛି ବୋଲି ସେ କହିଛନ୍ତି। ଏ ନେଇ ଗତ ୬ ତାରିଖରେ ଛାତ୍ରୀଛାତ୍ର ଧାରଣା ବସିଥିଲେ। ତେବେ ଆସନ୍ତା ସୋମବାର ବୈଠକ କରାଯାଇ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଥିଲା। ହେଲେ ବୈଠକ ପାଇଁ ଡକାଯାଇଥିଲେ ମଧ୍ୟ ପରିଚାଳନା କମିଟି କିମ୍ବା ସ୍କୁଲ ପକ୍ଷରୁ କେହି ଆସି ନଥିବା ଡିଇଓ କୃଷ୍ଣଚନ୍ଦ୍ର ନାୟକ କହିଛନ୍ତି। ଅପରପକ୍ଷେ ସ୍କୁଲକୁ ଡିଇଓ ଆସିଲେ ଆଲୋଚନା ହେବ ପିଲାମାନେ ଜିଦ୍‌ରେ ଅଡ଼ି ବସିଥିଲେ। ଏନେଇ ଡିଇଓ କହିଛନ୍ତି ୩ଟା ବେଳେ ବୈଠକ ବସିବାର ଥିଲା ହେଲେ ସେମାନେ କହି ଆସିଲେନି । ଖୁବ୍‌ଶୀଘ୍ର ଏନେଇ ଆକ୍ସନ ନିଆଯିବ ବୋଲି କହିଛନ୍ତି। ସୂଚନା ମୁତାବକ, ଗତ କିଛିଦିନ ଧରି ବିଦ୍ୟାଳୟ ପରିଚାଳନା କମିଟି ଓ ଜିଲା ଶିକ୍ଷା ବିଭାଗ ମଧ୍ୟରେ ଶିକ୍ଷକ ନିଯୁକ୍ତିରେ ଅନିୟମିତତା ସହ ବିଭିନ୍ନ ପ୍ରସଙ୍ଗକୁ ନେଇ ବିବାଦ ଲାଗି ରହିଛି।



ମିଶନ ରୋଡସ୍ଥିତ ଖ୍ରୀଷ୍ଟ କଲିଜିଏଟ୍ ସ୍କୁଲର ବିଭିନ୍ନ ଦାବି ନେଇ ଛାତ୍ରମାନେ ଧାରଣାରେ ବସିଛନ୍ତି ।

# ସୂର୍ଯ୍ୟମନ୍ଦିର ପରିସରରୁ ୫୦ରୁ ଊର୍ଦ୍ଧ୍ୱ ଗଛ କାଟିଦେଲେ



କୋଣାର୍କ,୧୩।୨(ଡି.ଏନ୍.ଏ.)

■ ପାଚେରି ନିର୍ମାଣ ଜାଗାରେ ନ ଥାଇ କଟାଯାଇଛି

■ ନିୟମ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ

ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିରର କଳାକୃତି, ଭାସ୍କର୍ଯ୍ୟ, ସ୍ଥାପତ୍ୟ, କାରୁକାର୍ଯ୍ୟକୁ ସୁରକ୍ଷିତ ରଖିବା ପାଇଁ ପୁନରୁଦ୍ଧାର ଏବଂ ଉନ୍ନୟନମୂଳକ କାର୍ଯ୍ୟ ଚାଲିଛି। ସ୍ଥାନୀୟ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍ଆଇ) ଅଧୀନରେ ଏହିସବୁ କାର୍ଯ୍ୟ କରାଯାଉଛି। ଏହି ପରିପ୍ରେକ୍ଷୀରେ ସୂର୍ଯ୍ୟମନ୍ଦିର ବେଢ଼ା ପରିସରରେ ସୁରକ୍ଷା ପାଚେରି ମଧ୍ୟ ନିର୍ମାଣ ହେଉଛି। ହେଲେ ଏହି ପାଚେରି ପାଇଁ ମନ୍ଦିର ପରିସରରେ ଥିବା ବହୁ ବର୍ଷର ପୁରୁଣା ଗଛଗୁଡ଼ିକ ଉଭାନ୍ ହୋଇଯାଇଥିବା ଦେଖିବାକୁ ମିଳିଛି। ଏପରି କି ବିନା ନୋଟିସରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଗଛ କାଟି ଦିଆଯାଇଥିବା ଅଭିଯୋଗ ହୋଇଛି। ତେବେ ସୂର୍ଯ୍ୟମନ୍ଦିର ଦାୟିତ୍ୱରେ ଥିବା ସ୍ଥାନୀୟ ଏଏସ୍ଆଇ ଅଧିକାରୀ ଓ ପ୍ରାଚୀର ନିର୍ମାଣ କାର୍ଯ୍ୟ କରୁଥିବା ଠିକାଦାରଙ୍କ ସଲାସୁତରାରେ ଏହି ଗଛଗୁଡ଼ିକ ବେଆଇନ ଭାବେ କଟାଯାଇଛି ବୋଲି ବୁଦ୍ଧିଜୀବୀ, ପରିବେଶବିତ୍, ସଂସ୍କୃତି ବିଶାରଦ, ଐତିହାସିକ, ଗବେଷକ ଓ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଅଭିଯୋଗ କରିଛନ୍ତି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ଦାବି ହେଉଛି।

ଖବର ଅନୁଯାୟୀ, କୋଣାର୍କ ସୂର୍ଯ୍ୟମନ୍ଦିରରେ ବିଭିନ୍ନ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟ ହେଉଛି। ମନ୍ଦିରର କାରୁକାର୍ଯ୍ୟ ସଂରକ୍ଷଣ, ଭାଙ୍ଗିଯାଇଥିବା ପଥର ବଦଳରେ ପୂର୍ଣ୍ଣାଙ୍ଗ ପଥର ବସାଇବା, ମନ୍ଦିର ଉନ୍ନତୀକରଣ ଆଦି କାର୍ଯ୍ୟ ସହ ମନ୍ଦିର ବେଢ଼ା ପରିସରରେ ସୁରକ୍ଷା ପାଚେରି ନିର୍ମାଣ ହେଉଛି। ତେବେ କିଛିଦିନ ହେବ ଦେଖିବାକୁ ମିଳିଛି ଏହି ପାଚେରି ନିର୍ମାଣ ଆଳରେ ପାର୍ଶ୍ୱରେ ଥିବା ଅଧିକାଂଶ ଗଛକୁ କାଟିଦିଆଯାଇଛି। ଏପରି କି ସେହି ଗଛଗୁଡ଼ିକ ପାଚେରି ନିର୍ମାଣ ସ୍ଥାନରେ ରହି ନ ଥିବା ସତ୍ତ୍ୱେ କଟାଯାଇଛି। ପୁରୁଣା ଝାଉଁ ଓ ଅନ୍ୟ କେତେକ ଗଛ ଉଭାନ୍ ହେବା ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଗଛଗୁଡ଼ିକ ଦୀର୍ଘଦିନ ଧରି ସୂର୍ଯ୍ୟମନ୍ଦିରର ପରିବେଶକୁ ଉଷ୍ମତାରୁ ରକ୍ଷା କରିବା ସହ ପର୍ଯ୍ୟଟକଙ୍କୁ ଛାଇ ପ୍ରଦାନ କରିଆସୁଥିଲା। ମାତ୍ର ଏହି ଗଛଗୁଡ଼ିକ ପାଚେରି ନିର୍ମାଣ ସ୍ଥଳରେ ନ ଥାଇ କାହା ଇସାରା ଓ ନିର୍ଦ୍ଦେଶକ୍ରମେ କଟାଯାଇଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ନିୟମ ଅନୁଯାୟୀ, ସୂର୍ଯ୍ୟ ମନ୍ଦିର ପରିସରରେ ଥିବା ଗଛଗୁଡ଼ିକ ପ୍ରକଳ୍ପ ଅଞ୍ଚଳ ମଧ୍ୟରେ ଆସିଲେ ସେଗୁଡ଼ିକ କଟାଯାଇ ଏଏସ୍ଆଇ ପକ୍ଷରୁ ବନ ବିଭାଗକୁ ଜଣାଇବା ସହ ନୋଟିସ ଜାରି କରି ଟେଣ୍ଡର ମାଧ୍ୟମରେ ବିକ୍ରି ପାଇଁ ସ୍ପଷ୍ଟ ନିର୍ଦ୍ଦେଶନାମା ରହିଛି। ମାତ୍ର ଏବେ ସରକାରୀ ନିୟମର ଖୋଲାଖୋଲି ଉଲ୍ଲଂଘନ କରି ଠିକାଦାର ଗଛଗୁଡ଼ିକୁ କାଟିଦେଇଛନ୍ତି, ଯାହା ଏଏସ୍ଆଇର ଦାୟିତ୍ୱହୀନତା ଓ ଖାମଖିଆଲ ମନୋଭାବ ବୋଲି ସ୍ପଷ୍ଟ ବାରି ହୋଇପଡୁଛି। ସେହିଭଳି ସୂର୍ଯ୍ୟମନ୍ଦିର ପରିସର ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଆସୁଛି। ତେଣୁ ଏହାର ଠିକ୍ ତଦନ୍ତ କରାଯାଇ ସମ୍ପୃକ୍ତ ଠିକାଦାର ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳର ସାମାଜିକ କର୍ମୀ, ବୁଦ୍ଧିଜୀବୀ, ପରିବେଶବିତ୍, ସାମ୍ବାଦିକ ସମୂହ, ସଂସ୍କୃତି ବିଶାରଦ, ଐତିହାସିକ, ଗବେଷକଙ୍କ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ସୂର୍ଯ୍ୟମନ୍ଦିର ଦାୟିତ୍ୱରେ ଥିବା ଏଏସ୍ଆଇ ଅଧିକାରୀ ନିରୋଜ ସିଂଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ସେମାନେ ଯାହା କୁହନ୍ତି

" ସୂର୍ଯ୍ୟମନ୍ଦିର ପରିସରରେ ନିର୍ମାଣାଧୀନ ପ୍ରାଚୀର କାର୍ଯ୍ୟର ମାନ ପରୀକ୍ଷଣ, ତଦାରଖ ସହିତ ମନ୍ଦିର ପରିସରରୁ ଉଭାନ୍ ଗଛ ସମ୍ବନ୍ଧରେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବି। ତଦନ୍ତ ପରେ ଏଥିରେ ସଂଶ୍ଳିଷ୍ଟ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସୁପାରିସ କରାଯିବ।

**- ଦିବିସିତା ବ୍ରଜସୁନ୍ଦର ଗଡ଼ନାୟକ, ଏଏସ୍ଆଇ ପୁରୀ ସର୍କଲ ସୁପରିଣ୍ଟେଣ୍ଡେଣ୍ଟ**

" ଏହିଭଳି ପୂର୍ବରୁ ମଧ୍ୟ ସୂର୍ଯ୍ୟମନ୍ଦିର ପରିସରରୁ ବିନା ଅନୁମତିରେ ଗଛ କଟାଯାଇଥିଲା, ଯାହାଫଳରେ ବିଭାଗ ପକ୍ଷରୁ ଜରିମାନା କରାଯାଇଥିଲା। ଏବେ ମଧ୍ୟ କିଛି ଗଛ କଟାଯାଇଛି, ଯାହା ଆମେ ଜାଣିନାହୁଁ। କୋଣାର୍କ ଏଏସ୍ଆଇ ଅଧିକାରୀ ଆମ ବିଭାଗୀୟ ଅଧିକାରୀଙ୍କଠାରୁ ଅନୁମୋଦନ ନେଇ କାଟିବା କଥା, କିନ୍ତୁ ତାହା କରାଯାଇନାହିଁ। ଏ ନେଇ ତଦନ୍ତ କରାଯାଇ ବିହିତ ପଦକ୍ଷେପ ନିଆଯିବ

**- ବେଣୁଧର ବେହେରା, ବନଖଣ୍ଡ ଅଧିକାରୀ, କୋଣାର୍କ**

" ବୃକ୍ଷ ହିଁ ମନ୍ଦିରର ସୁରକ୍ଷା କବଚ। ଯଦି ମନ୍ଦିର ଚତୁଃପାର୍ଶ୍ୱରେ ଥିବା ବଡ଼ ବଡ଼ ଗଛ କାଟିଦିଆଯାଉଛି, ତେବେ କାଟିବାର କାରଣ ସାର୍ବଜନୀନ କରାଯାଉ। ନଚେତ ଏଭଳି ଅପରାଧ କରୁଥିବା ବିଭାଗୀୟ ଅଧିକାରୀଙ୍କ ବିରୋଧରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉ।

**- ଉମେଶଚନ୍ଦ୍ର ସ୍ୱାଇଁ, ପରିବେଶବିତ**

# ୧୫ରେ ଦ୍ୱିତୀୟ ପର୍ଯ୍ୟାୟ ଖନନ

### ଗୋପରେ ତୈଳ ସନ୍ଧାନ ମିଳିବା ପ୍ରସଙ୍ଗ

ଗୋପ,୧୩।୨(ଡି.ଏନ୍.ଏ.)

ଗୋପ ବ୍ଲକ ଅନ୍ତର୍ଗତ କୁଶୁପୁର ମୌଜାର କୁଶୁପୁରରେ ପ୍ରାକୃତିକ ଗ୍ୟାସ ସହିତ ପେଟ୍ରୋଲ ଡିଜେଲ ମିଳିବା ନେଇ ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ପ୍ରାଥମିକ କାର୍ଯ୍ୟ ଶେଷ ହୋଇଛି। ଆସନ୍ତା ୧୫ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ରିଗ ମେଶିନ ଦ୍ୱାରା ଖନନ ପ୍ରକ୍ରିୟା କରାଯିବ ବୋଲି ଅଏଲ ଇଣ୍ଡିଆ କମ୍ପାନୀର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱନାଥ ସାହୁ ସୋମବାର ସୂଚନା ଦେଇଛନ୍ତି। କୁଶୁପୁର ମୌଜାର କୁଶୁପୁର ଓ ମହଲପଡା ପଞ୍ଚାୟତର ଚିତ୍ରା ଗ୍ରାମରେ ପ୍ରାକୃତିକ ଗ୍ୟାସ ସହିତ ପେଟ୍ରୋଲ ଡିଜେଲ ବାହାରିବା ନେଇ ସାଟେଲାଇଟ ମାଧ୍ୟମରେ ଜଣାପଡ଼ିବା ପରେ ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ଜମି ଅଧିଗ୍ରହଣ କରାଯାଇଥିଲା। ବାହାରୁ ଅତ୍ୟାଧୁନିକ ମେଶିନ ଆଣି ଲଗାଯାଇଛି। କମ୍ପାନୀ ପକ୍ଷରୁ ସମସ୍ତ କାର୍ଯ୍ୟ ସରିବା ପରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇ କମ୍ପାନୀ ଭିତରକୁ ଦିଆସିଲ, ଲାଇଟର ସହିତ ଆଉ କେତେକ ଜିନିଷକୁ ବାରଣ କରାଯାଇଛି। ପ୍ରାକୃତିକ ଗ୍ୟାସ ସହିତ ପେଟ୍ରୋଲ ଡିଜେଲ ବାହାରିବା ଲାଗି କମ୍ପାନୀ ପକ୍ଷରୁ ୩ ହଜାର ମିଟର ପର୍ଯ୍ୟନ୍ତ ବୋରିଂ ହେବାର ସୂଚନା ମିଳିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୩୦ ମିଟର ବୋରିଂ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ୧୫ତାରିଖରେ ୨୨୫୦ ମିଟର ବୋରିଂ ପ୍ରକ୍ରିୟା ଆରମ୍ଭ ହେବ। ଅବଶିଷ୍ଟ ବୋରିଂ ଶେଷ ପର୍ଯ୍ୟାୟରେ କରାଯିବ ବୋଲି କମ୍ପାନୀର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱନାଥ ସାହୁ କହିଛନ୍ତି।

## ସଂକ୍ଷେପରେ

### ରୌପ୍ୟ ଜୟନ୍ତୀରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବ

**କଣାସ,୧୩।୨(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ସାନଓରା ଗ୍ରାମରେ ପ୍ରତିଷ୍ଠିତ ହରଚଣ୍ଡୀ ଉ.ପ୍ରା. ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ନିମନ୍ତେ ବିଦ୍ୟାଳୟ ପରିସରରେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଗ୍ୟଧର ସାମନ୍ତରାୟଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଶିକ୍ଷା କମିଟି ଓ ଗ୍ରାମ୍ୟ କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ। କିପରି ସରସ ସୁନ୍ଦର ଭାବେ ରୌପ୍ୟ ଜୟନ୍ତୀ ପାଳିତ ହେବ, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବା ପାଇଁ ନିଷ୍ପତ୍ତି ହୋଇଥିଲା। ପୁରାତନ ଛାତ୍ରୀଛାତ୍ରଙ୍କ ଉପସ୍ଥିତି ଓ ସହଯୋଗରେ ଉତ୍ସବଟି ସରସ ସୁନ୍ଦର ହେବ ବୋଲି ମତ ପ୍ରକାଶ ପାଇଥିଲା। ଶିକ୍ଷକ ସଂଗ୍ରାମ ପ୍ରତାପସିଂ, ହେମନ୍ତ ପ୍ରଧାନ, ଦିଲ୍ଲୀପ ଶ୍ରୀଚନ୍ଦନ ପ୍ରମୁଖ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଦାଶରଥି ସାହୁ ଧନ୍ୟବାଦ ଦେଇଥିଲେ।

### କେନ୍ଦ୍ର ବିରୋଧରେ ଆନ୍ଦୋଳନ କରିବ ବିଜେଡି

**ଅସ୍ତରଙ୍ଗ,୧୩।୨(ଡି.ଏନ୍.ଏ.):** କେନ୍ଦ୍ର ସରକାର ରାଜ୍ୟ ଗରିବଙ୍କଠାରୁ ୫ କିଲୋ ଚାଉଳ କାଟି ତାଙ୍କ ପେଟକୁ ଲାତ ମାରିଛନ୍ତି। ଏହାର ପ୍ରତିବାଦରେ ସାରା ରାଜ୍ୟରେ ବିଜେଡି ପକ୍ଷରୁ ରାଜରାସ୍ତାକୁ ଓହ୍ଲାଇବାର ନିଷ୍ପତ୍ତି ନିଆଯାଇଛି। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକରେ ଏହାକୁ ସଫଳ କରିବା ପାଇଁ ବ୍ଲକ ସଭାପତି କେଦାରନାଥ ବିଶ୍ୱାଳଙ୍କ ଅଧକ୍ଷତାରେ ସୋମବାର ଏକ ପ୍ରସ୍ତୁତି ବୈଠକ ଅସ୍ତରଙ୍ଗସ୍ଥିତ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମ୍ପାଦକ ରାଜ୍ୟ ବିଜେଡି ତଥା ପୁରୀ ଜିଲା ପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ପରାମର୍ଶ ଦେବା ସହ ରାଜ୍ୟକୁ କେନ୍ଦ୍ରର ବିରୋଧ ଓ ଅବହେଳା ସମ୍ପର୍କରେ ଉପସ୍ଥିତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ଜିଲା ପରିଷଦ ସଭ୍ୟାଙ୍କୁ ଅବଗତ କରାଇଥିଲେ। ଆସନ୍ତା ୧୬ ତାରିଖରେ ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ନିଷ୍ପତ୍ତି ହୋଇଥିବା ଜଣାପଡିଛି। ଆହୂତ ପ୍ରସ୍ତୁତି ବୈଠକରେ କ୍ରୀଡ଼ା ଓ ଗୃହ ରାଷ୍ଟ୍ରମନ୍ତ୍ରୀ ପ୍ରତିନିଧି ଭୀମସେନ ସ୍ୱାଇଁ, ପୁରୀ ନିମାପଡ଼ା ସମବାୟ ସମିତି ନିର୍ଦ୍ଦେଶକ କୁଞ୍ଜ ବିହାରୀ ପ୍ରଧାନ, ବରିଷ୍ଠ ବିଜେଡି ନେତା ପଞ୍ଚାନନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ପୁରୀ ଅଫିସ, ୧୩।୨: ଶ୍ରୀକ୍ଷେତ୍ର କଲୋନୀସ୍ଥିତ ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ନିକଟ ଖେଳ ପଡିଆରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ରୋଷ୍ଟର ମିନାକ୍ଷୀ ପାଠୀ ଓ ବିଦ୍ୟାଳୟର ସମ୍ପାଦକ ହରେ ରାମକୃଷ୍ଣ ଜେନା ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଅଭିଭାବକ ମାନଙ୍କ ମଧ୍ୟରେ ଝୋଟି ଓ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ପ୍ରଧାନ ଆଚାର୍ଯ୍ୟ ସଂଘମିତ୍ରା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।




ପୁରୀ ଜିଲା ଆମେଚର ବଡି ବିଲଡିଂ ଆସୋସିଏଶନ୍ ଆନୁକୂଲ୍ୟରେ ରାମାୟଣୀ ଯୁବ ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥିମାନେ।

# ପୁରୀଶ୍ରୀ ହେଲେ ସୁପ୍ରତିଭ ଖୁଣ୍ଟିଆ

ପୁରୀ ଅଫିସ, ୧୩।୨

### ୬୧ତମ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

ପୁରୀ ଜିଲା ଆମେଚର ବଡି ବିଲଡିଂ ଆସୋସିଏଶନ୍ ଆନୁକୂଲ୍ୟରେ ରାମାୟଣୀ ଯୁବ ସାଂସ୍କୃତିକ ପରିଷଦ ଦ୍ୱାରା ୬୧ତମ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଆଠସାହି ଆଖଡ଼ା ସମନ୍ୱୟ ସମିତି ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ନାୟକ, ଉପଜିଲାପାଳ ଭବତାରଣ ସାହୁ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଆସୋସିଏଶନର ସଭାପତି ସତ୍ୟ ରଞ୍ଜନ ମହାନ୍ତି, ସମ୍ପାଦକ ଭାରତୀକୃଷ୍ଣ ବ୍ରହ୍ମା, ମହନ୍ତ ରାମଚରଣ ଦାସ, ନାରାୟଣ ରାମନୁଜ ଦାସ, ସୁଖରାମ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଥିଲେ। ମୋଟ ୧୨ଟି ଓଜନ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ଚଳିତ ଥର ସୁପ୍ରତିଭ ଖୁଣ୍ଟିଆ ପୁରୀଶ୍ରୀ ୨୦୨୩ ବିଜେତା ହୋଇଛନ୍ତି। ଅନୁଷ୍ଠାନ ପକ୍ଷରୁ ତାଙ୍କୁ ନଗଦ ଅର୍ଥରାଶି, ମାନପତ୍ର, ମେଡାଲ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ ବର୍ଗରେ ବିଜେତା ପ୍ରତିଯୋଗୀମାନେ ହେଲେ ୫୫କେଜି ଓଜନ ବର୍ଗରେ ଜୀବନଦୀପ ଦାସ, ୫୫-୬୦ କେଜି ଓଜନ ବର୍ଗରେ ବି.କାବୁଲା ବେହେରା, ୬୦ରୁ ୬୫ ବର୍ଗରେ ଦେବକାନ୍ତ ସାହୁ, ୬୫ରୁ ୭୦ ଓଜନ ବର୍ଗରେ ରାଜୀବ କୁମାର ସାହୁ, ୭୦ରୁ ୭୫ ଓଜନ ବର୍ଗରେ ବିନୟ କୁମାର ସାହୁ, ୭୫ରୁ ୮୦ ବର୍ଗରେ ପ୍ରମୋଦ କୁମାର ସାହୁ, ୮୦ରୁ ୮୫ ବର୍ଗରେ ଦୁର୍ଗା ମାଧବ ଦାଶ, ୮୫ରୁ ୯୦ ଓଜନ ବର୍ଗରେ ବିଶ୍ୱ ରଞ୍ଜନ କର, ୯୦ ରୁ ୯୫ ଓଜନ ବର୍ଗରେ ଦିବ୍ୟ ଭୁଷଣ ଚିନେରା, ୯୫ରୁ ୧୦୦ କେଜି ବର୍ଗରେ ଅରଜିତ୍ ଜେନା ଏବଂ ୧୦୦ କେଜି ଓଜନ ବର୍ଗରେ ସୁପ୍ରତିଭ ଖୁଣ୍ଟିଆ ବିଜେତା ହୋଇଛନ୍ତି। ସମସ୍ତ ବିଜେତାଙ୍କୁ ମାନପତ୍ର, ଟ୍ରଫି , ମେଡାଲ ଆଦି ପ୍ରଦାନ କରାଯାଇଥିଲା। ବିଚାରକ ଭାବେ ଅଶୋକ କୁମାର ମହାପାତ୍ର ଓ ଅଜୟ କୁମାର ମହାପାତ୍ର ଦାୟିତ୍ୱ ତୁଲାଇଥିଲେ। ରେଫରୀ ଭାବେ ଭାରତୀ କୃଷ୍ଣ ବ୍ରହ୍ମା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଆଠସାହି ଆଖଡ଼ାର ନରେନ୍ଦ୍ର ମହାନ୍ତି, ଶ୍ୟାମ ସୁନ୍ଦର ମହାପାତ୍ର, ନାରାୟଣ ମହାପାତ୍ର, ଚକ୍ରଧର ମହାପାତ୍ର, ଭଗବାନ ମହାସୁଆର, ବଡି ବିଲଡର ଅନିଲ ଗୋଛିକାର, ପଙ୍କଜ ଲୋଚନ ପ୍ରତିହାରୀ, ଲକ୍ଷ୍ମୀନାରାୟଣ ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଯାଗା, ଆଖଡ଼ା ଓ ସାହି ମୁରବିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱନାଥ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ରାମାୟଣୀ ଯୁବ ସାଂସ୍କୃତିକ ସଂସଦର ସଭାପତି ସିସେନ୍ ପ୍ରତିହାରୀଙ୍କ ନେତୃତ୍ୱରେ ଦେବୀ ପ୍ରସନ୍ନ, ରାକେଶ, ଶଙ୍କର, ଲିଙ୍କନ, ଗୁଡୁଙ୍କ ସମେତ ସଂସଦର କାର୍ଯ୍ୟକର୍ତ୍ତାମାନେ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ

ପିପିଲି,୧୩।୨(ଡି.ଏନ୍.ଏ./ସ୍ୱ.ପ୍ର.)

ପୋଟଳ (ପାଟଣାସାହି)ର ଆରାଧ୍ୟା ଠାକୁରାଣୀ ମା' କ୍ଷେତ୍ରପାଳୀଙ୍କ ପ୍ରାଙ୍ଗଣରେ ୧୫ତମ ବାର୍ଷିକ ଅହୋରାତ୍ର ଅଷ୍ଟପ୍ରହର ନାମଯଜ୍ଞ ଶୁକ୍ରବାରଠାରୁ ଆରମ୍ଭ ହୋଇ ରବିବାର ପୂର୍ଣ୍ଣାହୁତି ହୋଇଯାଇଛି। ହରିହର ଭେଟ ପାଇଁ ରାଧାଗୋବିନ୍ଦ ଠାକୁରଙ୍କୁ ପୋଟଳ ଗ୍ରାମରୁ ବିମାନ ଯୋଗେ ନାମଯଜ୍ଞ ସ୍ଥାନକୁ ଅଣାଯାଇଥିଲା। ବଡ଼ସରଗାଇଲ ଗ୍ରାମରୁ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ବାବାଜି ଶ୍ରୀଶ୍ରୀ ଲକ୍ଷ୍ମଣ ଦାସ ମହାରାଜ, କର୍ତ୍ତା ହରି ନାୟକ, କୁଳପୁରୋହିତ ବାଉରିବନ୍ଧୁ ପଣ୍ଡା କାର୍ଯ୍ୟକ୍ରମରେ ନିୟୋଜିତ ହୋଇଥିଲେ।

# ସାବତ ମା', ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବି

ଗୋପ,୧୩।୨(ଡି.ଏନ୍.ଏ.)

■ ଝିଅକୁ ବାପା ହତ୍ୟା କରିବା ଘଟଣା ମାସେ ବିତିଲା

■ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ନ୍ୟାୟ ମାଗିଲେ ବଡ଼ ଭଉଣୀ

ଗୋପ ଥାନା ଅନ୍ତର୍ଗତ ବିଜିପୁର ଗ୍ରାମରେ ନିଜ ଝିଅକୁ ହତ୍ୟା କରିବା ଘଟଣାକୁ ମାସେ ବିତିଗଲାଣି। ହେଲେ ଏହି ଘଟଣାରେ ହତ୍ୟାକାରୀ ବାପା ଓ ୩ଜଣ ଗିରଫ ହୋଇଥିଲେ ମଧ୍ୟ ସମ୍ପୃକ୍ତ ସାବତ ମା' ସମେତ ଅନ୍ୟ ଅଭିଯୁକ୍ତମାନେ ଏବେ ବି ଫେରାର ଅଛନ୍ତି। ପୋଲିସ ସେମାନଙ୍କୁ ଗିରଫ କରୁନାହିଁ ବୋଲି ମୃତାଙ୍କ ବଡ଼ ଭଉଣୀ ରଶ୍ମିତା ମହାରଣା ଅଭିଯୋଗ କରିଛନ୍ତି। ଏପରିକି ତୁରନ୍ତ ସେମାନଙ୍କୁ ପୋଲିସ ଗିରଫ କରୁ ବୋଲି ଦାବି କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ନ୍ୟାୟ ଲାଗି ଚିଠି ମାଧ୍ୟମରେ ରଶ୍ମିତା ଅଭିଯୋଗ କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ବିଜିପୁର ଗ୍ରାମର ଦୁର୍ଗାଚରଣ ମହାରଣା ଓ ସାବତ ମାଙ୍କ ସହ ସାନ ଝିଅ ମୋନାଲିସା ରହୁଥିଲେ। ରଶ୍ମିତା କୋଲକାତାରେ ରହି କାମ କରୁଥିଲେ। ତେବେ ପୂର୍ବ ଘଟଣାକୁ ନେଇ ଜାନୁୟାରୀ ୭ ତାରିଖରେ ବାପା, ସାବତ ମା' ସହ ମୋନାଲିସାଙ୍କ ପାଟିତୁଣ୍ଡ ହୋଇଥିଲା। ପରଦିନ ମୋନାଲିସାଙ୍କ ମୃତ୍ୟୁ ହୋଇଯାଇଥିବା ନେଇ ରଶ୍ମିତା ଖବର ପାଇଥିଲେ। ପରଦିନ ଆସି ମୋନାଲିସାଙ୍କୁ ବାପା, ସାବତ ମା, ମାମୁ ମିଶି ହତ୍ୟା କରି ତରବରିଆ ଭାବେ ଶଶ୍ମାନରେ ପୋଡ଼ି ଦେଇଥିବା ସନ୍ଦେହ କରି ଜାନୁୟାରୀ ୧୧ରେ ରଶ୍ମିତା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ହତ୍ୟା ମାମଲା(ନଂ. ୧୩/୨୩) ରୁଜୁ କରି ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ବାପା ଦୁର୍ଗାଚରଣ ପରେ ଶବ ଦାହରେ ସହଯୋଗ କରିଥିବା ଆଉ ୩ଜଣଙ୍କୁ ଗିରଫ କରିଥିଲା। କିନ୍ତୁ ସାବତ ମା, ମାମୁ ଓ ଆଉ କେତେଜ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହି ପୋଲିସ। ହତ୍ୟାକାଣ୍ଡକୁ ମାସେ ବିତିଯାଇଥିଲେ ମଧ୍ୟ ବଡ଼ ଭଉଣୀ ରଶ୍ମିତାଙ୍କୁ ନ୍ୟାୟ ନ ମିଳିବା ଯୋଗୁ ସୋମବାର ସେ ମୁଖ୍ୟମନ୍ତ୍ରୀଙ୍କୁ ଏପରି ଏକ ଅଭିଯୋଗ ପତ୍ର ମାଧ୍ୟମରେ ଚିଠି ଲେଖି ନ୍ୟାୟ ମାଗିଛନ୍ତି। ଏଥିସହ ଅଭିଯୋଗପତ୍ର ଜିଲା ଏସ୍‌ପିଙ୍କ ସହିତ ପୋଲିସ ବିଭାଗର ଉପରିସ୍ଥ ଅଧିକାରୀମାନଙ୍କୁ ପଠାଇଥିବା ଜଣାପଡିଛି। ଅଭିଯୋଗକୁ ନେଇ ପୁରୀ ଜିଲା ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରେ ଅଭିଯୋଗକୁ ନେଇ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି।

# ପୋଲିସ ଲାଇନ୍, ପୁରୀ ଚାମ୍ପିୟନ୍

କଣାସ,୧୩।୨(ସ୍ୱ.ପ୍ର.)

### ଶ୍ୟାମସୁନ୍ଦର ୮ମ ଦିବାରାତ୍ର ଭଲିବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

କଣାସ ବ୍ଲକ ଆଳିବାଡ଼ ପଞ୍ଚାୟତ ଗୁଆଡ଼ିଆ ଗ୍ରାମର ଶ୍ୟାମସୁନ୍ଦର ୮ମ ଦିବାରାତ୍ର ଭଲିବଲ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ପୁରୀ, ଖୋର୍ଦ୍ଧା, ନୟାଗଡ଼ରୁ ୬ଟି ଦଳ ଯୋଗ ଦେଇଥିଲେ। ବାବାଜୀ ପରମେଶ୍ୱର ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ସୂର୍ଯ୍ୟକାନ୍ତ ଦାସରାୟ, ସ୍ଥାନୀୟ ସରପଞ୍ଚ ମଞ୍ଜୁଲତା ପ୍ରଧାନ, ସମିତି ସଭ୍ୟ ସୁବାସ ଚନ୍ଦ୍ର ପ୍ରଧାନ, ନାଏବ ସରପଞ୍ଚ ନୃସିଂହ ପରିଡ଼ା, ମାଧବ ସାହୁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭ୍ରମରବର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ ୩ ସେଟ ନେଇ ପ୍ରତିଯୋଗିତା ହୋଇଥିଲା। ଏହି ମ୍ୟାଚରେ ପୋଲିସ ଲାଇନ, ପୁରୀ ଏବଂ ଶ୍ରୀକ୍ଷେତ୍ର କ୍ଲବ, ପୁରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୋଲିସ ଲାଇନ ୨-୧ ସେଟ୍‌ରେ ଶ୍ରୀକ୍ଷତ୍ର କ୍ଲବ ପୁରୀକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଅତିଥିମାନେ ପୋଲିସ ଲାଇନ ଦଳକୁ ଚାମ୍ପିୟନ ଟ୍ରଫି ଓ ଶ୍ରୀକ୍ଷତ୍ର କ୍ଲବ ଦଳକୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ବିଦ୍ୟୁତ୍ ଭୂଷଣ ରଥ, ଶ୍ରୀକାନ୍ତ ନାୟକ, ତ୍ରୈଲୋଚନ ଦାସ ପ୍ରମୁଖ ଖେଳ ପରିଚାଳନା କରିଥିଲେ।




ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ଏସ୍‌ସିଏସ୍‌କୁ ବିଶ୍ୱବିଦ୍ୟାଳୟ କରା ନ ଗଲେ ଆନ୍ଦୋଳନ

ପୁରୀ ଅଫିସ ୧୩।୨:

ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟକୁ ତୁରନ୍ତ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଦାବି କରିଛି। ବିଶ୍ୱବିଦ୍ୟାଳୟ ମାନ୍ୟତା ନ ମିଳିଲେ ଜୋରଦାର ଆନ୍ଦୋଳନ କରାଯିବ। ଏପରିକି ମୁଖ୍ୟମନ୍ତ୍ରୀଙ୍କୁ ପୁରୀରେ ପ୍ରବେଶ କରିବାକୁ ଦିଆଯିବ ନାହିଁ ବୋଲି ସୋମବାର ଓଡ଼ିଶା ବେକରୀ ଛକସ୍ଥିତ ମହାବୀର ପାଠାଗାରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏବିଭିପି ପୁରୀ ଶାଖାର କର୍ମକର୍ତ୍ତା କହିଛନ୍ତି।




ଖବରଦାତା ସମ୍ମିଳନୀରେ ଏବିଭିପିର କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

ଏବିଭିପି ପକ୍ଷରୁ କୁହାଯାଇଛି, ଏସ୍‌ସିଏସ୍ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ସର୍ବପ୍ରଥମେ ଏବିଭିପି ଦାବି ଉଠାଇଥିଲା। ୨୦୧୯ ଜାନୁୟାରୀ ୧୯ରେ ଏ ନେଇ ରାଜ୍ୟପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। କିନ୍ତୁ ଅଦ୍ୟାବଧି ରାଜ୍ୟ ସରକାର ଏସ୍‌ସିଏସ୍ କଲେଜକୁ ବିଶ୍ୱବିଦ୍ୟାଳୟ ଘୋଷଣା ନ କରିବା ପରିତାପର ବିଷୟ। ଏଥିରୁ ସରକାରଙ୍କ ଆନ୍ତରିକତା ସ୍ପଷ୍ଟ ହେଉଛି। ୧୯୪୪ରେ ପ୍ରତିଷ୍ଠା ହୋଇଥିବା ଏସ୍‌ସିଏସ୍ କଲେଜକୁ ୧୯୯୦ରେ ରାଜ୍ୟ ସରକାର ଏକ ଅଗ୍ରଣୀ ମହାବିଦ୍ୟାଳୟ ଭାବେ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ଏହାର ଶିକ୍ଷାଦାନ ଓ ସଫଳତାକୁ ଦୃଷ୍ଟିରେ ରଖି ୧୯୯୯ରେ ସ୍ୱୟଂଶାସିତ ମହାବିଦ୍ୟାଳୟ ମାନ୍ୟତା ମିଳିଥିଲା। ୪ହଜାର ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ଏହି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଦ୍ୱାରା 'କଲେଜ ଅଫ୍ ପଟେନ୍‌ସିଆଲ ଫର୍ ଏକ୍ସଲେନ୍ସି' ମାନ୍ୟତା ମଧ୍ୟ ଦିଆଯାଇଛି। ଏଥିସହ ୨୦୧୭ରେ ନାକ୍‌ର 'ଏ' ଗ୍ରେଡ୍‌ରେ ଉନ୍ନୀତ ହୋଇଛି। ରାଜ୍ୟର ଏହି ବହୁ ପୁରାତନ ମହାବିଦ୍ୟାଳୟକୁ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ରାଜ୍ୟ ସରକାର ପୁରୀର ବିକାଶ ନାମରେ ଡିଣ୍ଡିମ ପିଟୁଥିବାବେଳେ ଜିଲାରେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଲାଗି କୌଣସି ଯୋଜନା ବାକ୍ସରେ ନାହିଁ। ଏସ୍‌ସିଏସ୍‌କୁ ବିଶ୍ୱବିଦ୍ୟାଳୟର ମାନ୍ୟତା ସହ ଭିତ୍ତିଭୂମି ସୁଦୃଢ଼ କରିବା ଓ ଏହାକୁ ସଂଯୋଗ କରୁଥିବା ରାସ୍ତାକୁ ସାମନ୍ତ ଚନ୍ଦ୍ରଶେଖରଙ୍କ ନାମରେ ନାମିତ କରିବା ପାଇଁ ଏକ ଖବରଦାତା ସମ୍ମିଳନୀରେ ଏବିଭିପି ପକ୍ଷରୁ ଦାବି କରାଯାଇଛି। ଅପରପକ୍ଷେ ପୁରୀର ୬୦ କିମି ମଧ୍ୟରେ ଥାଇ ଯଦି ଏହା ଆନ୍ତର୍ଜାତିକ ବିମାନ ବନ୍ଦର ହୋଇପାରୁଛି ତାହେଲେ ବିଶ୍ୱବିଦ୍ୟାଳୟ କାହିଁକି ନୁହେଁ ବୋଲି ଏବିଭିପିର ବିଭାଗ ସଂଯୋଜକ ତାରା ପ୍ରସାଦ ଦାସ ଏବଂ ଏବିଭିପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ବେହେରା ପ୍ରଶ୍ନ କରିଛନ୍ତି। ଏହା ଉପରେ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ବଡ଼ ଧରଣର ଆନ୍ଦୋଳନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କୁ ପୁରୀରେ ପ୍ରବେଶ କରିବାକୁ ଦିଆଯିବନାହିଁ ବୋଲି ସେମାନେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ନଗର ସମ୍ପାଦକ ଶୁଭାଶିଷ ଷଡ଼ଙ୍ଗୀ, ଏସ୍‌ସିଏସ୍‌ର ଛାତ୍ରନେତା ହୃଦୟ ରଞ୍ଜନ ଜେନା ଏବଂ ଠାକୁର ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଘନଶ୍ୟାମ ମହାପାତ୍ରଙ୍କୁ 'ଜୟଦେବ ପୁରସ୍କାର'

## ରାଜ୍ୟ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ଓ ଟେଲି ପୁରସ୍କାର ପ୍ରଦାନ ଉତ୍ସବ ଆରମ୍ଭ

- ଶ୍ରେଷ୍ଠ ଚଳଚ୍ଚିତ୍ର 'କାଲିର ଅତୀତ'
- ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର 'ଶ୍ରୀକ୍ଷେତ୍ରରୁ ସାହିଯାତ'
- ଶ୍ରେଷ୍ଠ ଅଭିନେତା ପୀତବାସ, ଅଭିନେତ୍ରୀ ଶିବାନୀ

ଭୁବନେଶ୍ୱର,୧୩।୨(ବ୍ୟୁରୋ)

ବହୁ ବିବାଦ ପରେ ୨୦୧୯ ପାଇଁ ରାଜ୍ୟ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଏନେଇ ସୋମବାର ଉତ୍କଳ ମଣ୍ଡପଠାରେ ୩୧ତମ ରାଜ୍ୟ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ଓ ୮ମ ରାଜ୍ୟ ଓଡ଼ିଆ ଟେଲି ପୁରସ୍କାର ବିତରଣ ଉତ୍ସବ ଆରମ୍ଭ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉତ୍ସବକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଜୀବନବ୍ୟାପୀ ସାଧନା ପାଇଁ ଚଳଚ୍ଚିତ୍ର ପ୍ରଯୋଜକ ତଥା ନିର୍ଦ୍ଦେଶକ ଘନଶ୍ୟାମ ମହାପାତ୍ରଙ୍କୁ ଚଳଚ୍ଚିତ୍ର 'କନକଲତା' ପାଇଁ 'ଜୟଦେବ ପୁରସ୍କାର' ପ୍ରଦାନ କରାଯାଇଛି। ପୁରସ୍କାର ବାବଦକୁ ୨ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ସେହିପରି ଚଳଚ୍ଚିତ୍ର 'କାଲିର ଅତୀତ' ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପାଇଛି। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶକ ତଥା ପ୍ରଯୋଜକ ନୀଳମାଧବ ପଣ୍ଡାଙ୍କୁ 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ' ପୁରସ୍କାର ବାବଦକୁ ୫୦ହଜାର ଟଙ୍କା, ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ୨୦ହଜାର ଟଙ୍କା ଓ ଅଭିନେତା ପୀତବାସ ତ୍ରିପାଠୀଙ୍କୁ 'ଶ୍ରେଷ୍ଠ ଅଭିନେତା' ଭାବେ ୧୫ହଜାର ଟଙ୍କା ଅର୍ଥରାଶି ସହ ସମ୍ମାନିତ କରାଯାଇଛି। ଅଭିନେତ୍ରୀ ଶିବାନୀ ସଙ୍ଗୀତା ଷଡ଼ଙ୍ଗୀଙ୍କୁ 'ବାବୁ ଭାଇଜାନ୍' ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ କରାଯାଇଥିବାବେଳେ ୧୫ହଜାର ଟଙ୍କା ଅର୍ଥରାଶି ଦିଆଯାଇଛି। ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ସ୍ୱର୍ଗତ ରାଜୁ ମିଶ୍ରଙ୍କୁ 'ବାଳକୃଷ୍ଣ ସମ୍ମାନ', ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ ଭାବେ ସ୍ୱୟମ୍ ପାଢ଼ୀ, ଶ୍ରେଷ୍ଠ ଗାୟିକା ଦୀପ୍ତିରେଖା ପାଢ଼ୀ, ଶ୍ରେଷ୍ଠ ଚିତ୍ରଗ୍ରହଣ ପାଇଁ ରବୀନ୍ଦ୍ର ବେହେରାଙ୍କୁ 'ପ୍ରମୋଦ ପତି' ସମ୍ମାନ ଦିଆଯାଇଛି। ଶ୍ରେଷ୍ଠ ସମ୍ପାଦନାରେ ଚଳଚ୍ଚିତ୍ର 'କୋଟିଏରେ ଗୋଟିଏ ମନ' ପାଇଁ ପୁନିତ ରାଜ, ଶ୍ରେଷ୍ଠ ଗୀତିକାର ପ୍ରଦୀପ୍ତ ନନ୍ଦ, ଶ୍ରେଷ୍ଠ ଚିତ୍ରନାଟ୍ୟ ସନ୍ତୋଷ ନାରାୟଣ ଦାସ, ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ବବି ମିଶ୍ର, ଅଭିନେତ୍ରୀ ବନିତା ନାଗ, ଶ୍ରେଷ୍ଠ ହାସ୍ୟ କଳାକାର ହରିହର ମହାପାତ୍ର, ଶ୍ରେଷ୍ଠ ଶିଶୁ କଳାକାର ଭାବେ ମୟଙ୍କ, ଶ୍ରେଷ୍ଠ କଳା ନିର୍ଦ୍ଦେଶକ କଳିଙ୍ଗ କେଶରୀ ନାୟକ ଓ ଶ୍ରେଷ୍ଠ ଶବ୍ଦ ଗ୍ରହଣକାରୀ ଚନ୍ଦ୍ରଶେଖର ଶର୍ମାଙ୍କୁ ସମ୍ମାନିତ କରାଯାଇଛି। ରୋହିତ ରାଜଙ୍କୁ ସ୍ୱତନ୍ତ୍ର ଜୁରୀ ପୁରସ୍କାର ଦିଆଯାଇଥିବାବେଳେ ଟେଲି ଚଳଚ୍ଚିତ୍ର 'ବାଜି ଦ ଇମୋର୍ଟାଲ ବୋଟ୍ ବୟ' ଓ 'ଫ୍ରମ୍ ସଞ୍ଜୁ'କୁ 'ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଶିଶୁଭିତ୍ତିକ ପୁରସ୍କାର' ମିଳିଛି। ଦୁଇ ଚଳଚ୍ଚିତ୍ରର ପ୍ରଯୋଜକ ସତ୍ୟବ୍ରତ ରଥ ଓ ଅଭିଷେକ କୁମାର ଦାଶଙ୍କୁ ପୁରସ୍କାର ବାବଦକୁ ୨୦ହଜାର ଟଙ୍କା ଲେଖାଏ ଦିଆଯାଇଛି। ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର 'ଶ୍ରୀକ୍ଷେତ୍ର ସାହିଯାତ' ପାଇଁ ନିର୍ଦ୍ଦେଶକ ଆଶୁତୋଷ ପଟ୍ଟନାୟକଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ବର୍ଗରେ ମଧ୍ୟ ମନୋନୀତ କରାଯାଇଛି। ଶ୍ରେଷ୍ଠ ସଂଳାପ ଲେଖକ ସ୍ୱର୍ଗତ ଅଟଳ ବିହାରୀ ପଣ୍ଡା, ଶ୍ରେଷ୍ଠ ବେଶ ପୋଷାକ ସଜ୍ଜାକାରୀ ଚୈତନ୍ୟ ମଟାରି, ଶ୍ରେଷ୍ଠ ରୂପ ସଜ୍ଜାକାରୀ ରାଜୁକିଶୋର ଜେନା, ଶ୍ରେଷ୍ଠ ନୃତ୍ୟ ସଂଯୋଜନାରେ ଗିରୀଶ ମହାନ୍ତିଙ୍କୁ ପୁରସ୍କୃତ କରାଯାଇଛି। ସିନେ ସମୀକ୍ଷକ ସୂର୍ଯ୍ୟ ଦେଓଙ୍କୁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁସ୍ତକ 'କାଲି ପାଇଁ କାଲିର ସିନେମା' ପାଇଁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ସହଯୋଗ ଲାଗି ଓଡ଼ିଶା ସିନେ କଳାକାର ସଂଘର ଶ୍ରୀତମ ଦାସ, ଉଷସୀ ମିଶ୍ର, ଦେବୁ ପଟ୍ଟନାୟକ ଓ ସୁରେଶ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୋଟ ୨୬ଟି ବିଭାଗରେ ୨୭ଜଣଙ୍କୁ ପୁରସ୍କାର ଦିଆଯାଇଛି। ୬ ଜଣିଆ ଜୁରୀ କମିଟି ପୁରସ୍କାର ଚୟନ କରିଥିଲେ। ମଙ୍ଗଳବାର 'ଟେଲି ପୁରସ୍କାର' ପ୍ରଦାନ କରାଯିବ।

ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ମେୟର ସୁଲୋଚନା ଦାସ, ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଓଏଫ୍‌ଡିସି ଅଧ୍ୟକ୍ଷ ସତ୍ୟବ୍ରତ କୁନା ତ୍ରିପାଠୀ ଓ ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିୟା ପ୍ରମୁଖ ଉପସ୍ଥିତ ଥିଲେ। ଚଳଚ୍ଚିତ୍ର ପୁରସ୍କାରର ଜୁରୀ ଅଧ୍ୟକ୍ଷ ଭାବେ ବିଶିଷ୍ଟ ସିନେମାଟୋଗ୍ରାଫର ସୁରେନ୍ଦ୍ର ସାହୁ, ଜୁରୀ ସଦସ୍ୟ ଭାବେ ବିଶିଷ୍ଟ ସଙ୍ଗୀତଜ୍ଞ ପ୍ରଣବ କିଶୋର ପଟ୍ଟନାୟକ, ବିଶିଷ୍ଟ ଅଭିନେତ୍ରୀ ତ୍ରିପୁରା ମିଶ୍ର, ଚଳଚ୍ଚିତ୍ର ପ୍ରଯୋଜକ ଜିତେନ୍ଦ୍ର ମିଶ୍ର, ସିନେ ସାମ୍ବାଦିକ ଆଦିକନ୍ଦ ରାଉତ ଓ ବିଶିଷ୍ଟ ଗୀତିକାର ଗୌର ପଟ୍ଟନାୟକ ରହିଥିଲେ।

ସନ୍ଧ୍ୟାରେ ସିନେ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଅଭିନେତା ସୁକାନ୍ତ ଓ ଉପସ୍ଥାପିକା ସୁଲଗ୍ନା ମଞ୍ଚରେ ସଞ୍ଚାଳନ କରିଥିଲେ। ଚଳଚ୍ଚିତ୍ରଜଗତ ସହିତ ଜଡ଼ିତ ଦିବଂଗତ ବ୍ୟକ୍ତିବିଶେଷଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଓଡ଼ିଆ ଚଳଚ୍ଚିତ୍ରର ୮୬ବର୍ଷର ଯାତ୍ରାକୁ ନେଇ ଏକ ଅଡ଼ିଓ ଭିଜୁଆଲ ପ୍ରଦର୍ଶିତ ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଆ ଚଳଚ୍ଚିତ୍ର ଉନ୍ନୟନ ନିଗମ ସହଯୋଗରେ ଉତ୍ସବ ଆୟୋଜନ କରାଯାଇଛି।



ଘନଶ୍ୟାମ ମହାପାତ୍ରଙ୍କୁ 'ଜୟଦେବ ପୁରସ୍କାର' ପ୍ରଦାନ କରାଯାଉଛି। (ଫଟୋ: ବିକାଶ)

### ଆସିଲେନି ଆଗ ଧାଡ଼ିର କଳାକାର

ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବର ପ୍ରଥମ ଦିନରେ ଆଗଧାଡ଼ିର ଅନେକ କଳାକାରଙ୍କୁ ଦେଖିବାକୁ ମିଳି ନ ଥିଲା। ସେମାନଙ୍କୁ ଡକା ଯାଇନାହିଁ କି ଦିଆଯାଉଥିବା ପୁରସ୍କାର ପ୍ରତି ସେମାନଙ୍କର ଆଗଭଳି ଆଉ ଆନ୍ତରିକତା ନାହିଁ ତାହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଦର୍ଶକମାନେ ମଧ୍ୟ ପ୍ରିୟ କଳାକରମାନଙ୍କୁ ନ ଦେଖି ନିରାଶ ହୋଇଛନ୍ତି।

### 'ଖୁସି', 'ଗୋଲ୍‌ମାଲ୍ ଲଭ୍' ବିବାଦ ଆଣିଥିଲା

ଚଳଚ୍ଚିତ୍ର 'ଖୁସି' ଓ 'ଗୋଲ୍‌ମାଲ୍ ଲଭ୍' ପାଇଁ ବିବାଦକୁ ଟାଣି ହୋଇଯାଇଥିଲା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ୨୦୧୯। ଏହି ୨ ଚଳଚ୍ଚିତ୍ର କପି ହୋଇଥିବାରୁ ପୁରସ୍କାର ରଦ୍ଦ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଫଳରେ 'ଖୁସି' ଚଳଚ୍ଚିତ୍ରର ଶ୍ରେଷ୍ଠ ଅଭିନେତା, ଶ୍ରେଷ୍ଠ ଅଭିନେତ୍ରୀ, ଶ୍ରେଷ୍ଠ ସମ୍ପାଦନା, ଶ୍ରେଷ୍ଠ ଶିଶୁ କଳାକାର ବର୍ଗ ଓ ଚଳଚ୍ଚିତ୍ର 'ଗୋଲ୍‌ମାଲ୍ ଲଭ୍'ରେ ଚୟନ ହୋଇଥିବା ଶ୍ରେଷ୍ଠ ହାସ୍ୟ କଳାକାର ବର୍ଗକୁ ବାଦ୍ ଦିଆଯାଇଛି।



ଶ୍ରେଷ୍ଠ ଅଭିନେତା ପୀତବାସ ତ୍ରିପାଠୀ ଓ ଶ୍ରେଷ୍ଠ ଅଭିନେତ୍ରୀ ଶିବାନୀ ସଙ୍ଗୀତା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ମନୋଜ


@ ରୁନୁ


@ ପ୍ରଜ୍ଞା ପରମିତା


@ ମନୋଜ


@ ଦେବେନ୍ଦ୍ର

# ପ୍ରେମର ଦିନ





*ପ୍ରେମ ଅଢେଇ ଅକ୍ଷର। ଆଉ ଏଇ ଅଢେଇ ଅକ୍ଷର ଭିତରେ ଭରି ରହିଛି ଅସରନ୍ତି ଭଲପାଇବା, ସ୍ନେହ, ପ୍ରେମ ଆଉ ମମତା। ଯଦିଓ ପ୍ରେମ ପାଇଁ ସେପରି କିଛି ନିର୍ଦ୍ଦିଷ୍ଟ ଦିନ ବା ତାରିଖ ଧାର୍ଯ୍ୟ ନାହିଁ, ତଥାପି ଫେବୃୟାରୀ ୧୪କୁ ସମସ୍ତେ ପ୍ରେମ ଦିବସ ବା ଭାଲେଣ୍ଟାଇନ୍ସ ଡେ' ଭାବେ ପାଳନ କରନ୍ତି। ବିଶେଷକରି ଯୁବପିଢି ବା ପ୍ରେମୀ ଯୁଗଳଙ୍କ ପାଇଁ ଏହି ଦିନଟି ସ୍ୱତନ୍ତ୍ର ସ୍ମୃତି ଆଣିଦିଏ। କେବଳ ସେତିକି ନୁହେଁ, ଅଧିକାଂଶ ସ୍ୱାମୀସ୍ତ୍ରୀ ମଧ୍ୟ ଏହି ଦିନଟିକୁ ସ୍ମରଣୀୟ କରିବା ପାଇଁ ସମସ୍ତେ ଚାହିଁ ବସିଥାନ୍ତି। ତେଣୁ ପ୍ରେମ ସପ୍ତାହ ଆରମ୍ଭରୁ ରାଜଧାନୀ ସମେତ ହୋଟେଲ୍, ରେଷ୍ଟୁରାଣ୍ଟ, ସିନେମା ହଲ୍, ମଲ୍ ସବୁଠି ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଏହାବାଦ୍ ଅନେକେ ଲଙ୍ଗ୍ ଡ୍ରାଇଭ, କ୍ୟାଣ୍ଡେଲ ଲାଇଟ୍ ଡିନର ସାଙ୍ଗକୁ ସମୁଦ୍ର କୂଳରେ କିଛି ସମୟ ବିତାଇବା ପାଇଁ ଯୋଜନା କରିଛନ୍ତି। କରୋନା କଟକଣା ନ ଥିବାରୁ ୨ବର୍ଷ ପରେ ପ୍ରେମୀମାନେ ମନଭରି ଏହି ଦିବସକୁ ପାଳନ କରିବାକୁ ପୂରା ପ୍ରସ୍ତୁତ ହୋଇ ରହିଛନ୍ତି।*

## ଗୋଲାପରେ ମନ...



ନିଜର ପ୍ରେମକୁ ପରିପ୍ରକାଶ କରିବା ପାଇଁ ପରସ୍ପରକୁ କାର୍ଡ, ଫୁଲ ଓ ଗିଫ୍ଟ ଦିଆନିଆ ହୋଇଥାନ୍ତି ପ୍ରେମୀ ଯୁଗଳ। ଗୋଲାପ ଫୁଲକୁ ପ୍ରେମର ପ୍ରତୀକ ଭାବେ ବିବେଚନା କରାଯାଉଥିବାରୁ ଫୁଲ ଦୋକାନରେ ପ୍ରବଳ ଗହଳି ହୋଇଥାଏ। ଅଧିକାଂଶ ପ୍ରେମିକା ପ୍ରେମିକ ପରସ୍ପରକୁ ଗୋଲାପ ଦେଇ ଶୁଭେଚ୍ଛା ଜଣାଇଥାନ୍ତି। ତେଣୁ ଚାହିଦା ଅଧିକ ଥିବାରୁ ବ୍ୟବସାୟୀମାନେ ଗୋଲାପ ଫୁଲର ଦାମ୍ ମଧ୍ୟ ବଢ଼ାଇ ଦେଇଛନ୍ତି। ଗୋଟିଏ ଗୋଲାପର ଦାମ୍ ୨୫ ଟଙ୍କାରୁ ଆରମ୍ଭ ହୋଇ ୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିଭଳି ସାଧାରଣ ଫୁଲତୋଡା ୨୫୦ ଟଙ୍କାରୁ ଆରମ୍ଭ ହେଉଥିବବେଳେ ଗୋଲାପ ଫୁଲରେ ତିଆରି ତୋଡାର ମୂଲ୍ୟ ୩୫୦ ଟଙ୍କାରୁ ଆରମ୍ଭ ହେଉଛି। ଭାଲେଣ୍ଟାଇନ୍ ଡେ'ର ଆରମ୍ଭ ଫେବୃୟାରୀ ୭ରୁ ହୋଇଥାଏ। ୭ରୁ ୧୩ ପର୍ଯ୍ୟନ୍ତ ପ୍ରେମ ସପ୍ତାହ ଏବଂ ୧୪ ତାରିଖକୁ ପ୍ରେମ ଦିବସ ଭାବେ ପାଳନ କରାଯାଏ। ସପ୍ତାହର ପ୍ରଥମ ଦିନକୁ ରୋଜ୍ ଡେ', ଦ୍ୱିତୀୟ ଦିନକୁ ପ୍ରପୋଜ ଡେ', ତୃତୀୟ ଦିନକୁ ଚକୋଲେଟ୍ ଡେ', ଚତୁର୍ଥ ଦିନକୁ ଟେଡି ଡେ', ପଞ୍ଚମ ଦିନକୁ ପ୍ରମିଜ୍ ଡେ', ଷଷ୍ଠ ଦିନକୁ ହଗ୍ ଡେ' ଏବଂ ସପ୍ତମ ଦିନକୁ କିସ୍ ଡେ' ଭାବେ ପାଳନ କରାଯାଇଥାଏ।



"ମୁଁ ନିଜେ ଜଣେ ଆର୍ଟିଷ୍ଟ ହୋଇଥିବାରୁ ଜଣେ ଆର୍ଟିଷ୍ଟଙ୍କୁ ନିଜର ପାର୍ଟନର ଭାବେ ଦେଖିବାକୁ ଚାହୁଁଛି। ଯେବେ ବି କାମରେ ବାହାରିବୁ ମିଶିକି ବାହାରିବୁ। ଏପରିକି ଦୁହେଁ ଦୁହିଁଙ୍କ ବିପକ୍ଷରେ ଅଭିନୟ କରି ପାରିବୁ। ମୋ ପାର୍ଟନର ସୁନ୍ଦର ହେବା ସହ ତାଙ୍କର ଲମ୍ବା ଚୁଟି ଥିବ।

–ଆଦିତ୍ୟ ମହାନ୍ତି, ଅଭିନେତା/ନୃତ୍ୟଶିଳ୍ପୀ



"ଚଳିତ ମାସରେ ମୋ ବାହାଘର ହେଉଛି। ଘରଲୋକ ଠିକ୍ କରିଛନ୍ତି। ତେଣୁ ନିଜ ପାଇଁ କାହାକୁ ବାଛିବାର ସୁଯୋଗ କିମ୍ବା ଆବଶ୍ୟକତା ପଡିନି। ମାତ୍ର ମନର ମଣିଷକୁ ନେଇ ଯେଉଁ ଆଶା ଥିଲା, ତାହା ତାଙ୍କ ପାଖରେ ଅଛି। ମୋ ଭାଲେଣ୍ଟାଇନ୍‌ଙ୍କୁ ନେଇ ଯେଉଁ ସ୍ୱପ୍ନ ଦେଖିଥିଲି ତାହା ମୋ ଭାବୀ ସ୍ୱାମୀଙ୍କ ପାଖରେ ରହିଛି।

–ପ୍ରିୟଙ୍କା ସାହାଣୀ, କ୍ରାଫ୍ଟ ଶିଳ୍ପୀ



"ଏବେ ସେମିତି କେହି ସାଥିରେ ନାହାନ୍ତି। କିନ୍ତୁ ଯିଏ ବି ଭାଲୋଣ୍ଟାଇନ୍ ଆସିବ, ସେ ମୋତେ ହୃଦୟରୁ ଭଲପାଉଥିବା ଦରକାର। ମୋ ପରିସ୍ଥିତ ଓ ମୋତେ ବୁଝିପାରୁଥିବା ଦରକାର। ତେବେ ମୋ ପାଇଁ ମୋ ଗୀତ ହିଁ ପ୍ରଥମ ଭାଲେଣ୍ଟାଇନ୍। ସେ ସବୁବେଳେ ମୋ ଲାଇଫ୍ ପାର୍ଟନର ହୋଇରହିବ। –ଅବିନାଶ ଦାଶ, କଣ୍ଠଶିଳ୍ପୀ

## ମୋ ଭାଲେଣ୍ଟାଇନ୍.....



"ମୋ ଭାଲେଣ୍ଟାଇନ୍‌କୁ ନେଇ ବହୁତ କିଛି ଭାବିନି। ଏବେ ଏମ୍‌ବିଏ କରୁଛି। ପଢା ସରିବା ପରେ କିଛି ଠିକ୍ କରିବି। ତଥାପି ମୋ ଭାଲେଣ୍ଟାଇନ୍ ଭିତରେ ହନେଷ୍ଟି ଗୁଣ ରହିଥିବା ଦରକାର। ଏଥିସହ ମୋ ପରିବାର ଲୋକଙ୍କୁ ନିଜର କରୁଥିବା ଏବଂ ସମ୍ମାନ ଦେଉଥିବା ଆବଶ୍ୟକ।

–ଅନୁଭା ଶୌର୍ଯ୍ୟା, ଅଭିନେତ୍ରୀ



"ଘରଲୋକ ଏବେ ପୁଅ ଖୋଜିବା ଆରମ୍ଭ କରି ଦେଲେଣି। ତେଣୁ ନିଜ ପାଇଁ ଭାଲେଣ୍ଟାଇନ୍ ବାଛିବାକୁ ସମୟ ପାଇନି। ମୋ ମା' ବାପାଙ୍କର ମୁଁ ଗୋଟେ ଝିଅ। ତେଣୁ ମୋ ଭାଲେଣ୍ଟାଇନ୍ ମୋ ମା' ବାପାଙ୍କର ପୁଅଟିଏ ହୋଇ ରହିବା ଦରକାର। ତାଙ୍କୁ ଗୀତ ଗାଇ ଆସୁ କି ନ ଆସୁ, କିନ୍ତୁ ସଙ୍ଗୀତକୁ ଭଲ ପାଉଥିବ ଏବଂ ମୋତେ ଓ ମୋ କାମକୁ ଭଲ ପାଉଥିବ। ମୋଟାମୋଟି ଭାବେ ଭଲ ମଣିଷଟିଏ ହୋଇଥିବା ଆବଶ୍ୟକ।

–ଅନ୍ତରା ଚକ୍ରବର୍ତ୍ତୀ, କଣ୍ଠଶିଳ୍ପୀ



"ଯିଏ ବି ମୋ ଭାଲେଣ୍ଟାଇନ୍ ହେବେ, ତାଙ୍କର ଆଖି ସୁନ୍ଦର ହୋଇଥିବା ଦରକାର। ଯେମିତିକି କଥାକୁହା ଆଖି। ମନର କଥାକୁ ଆଖି ହିଁ ଜଣାଇ ଦେଉଥିବ। ଏହାବାଦ୍ ସେ ନିଜର କଥାକୁ ଠିକ୍ ଭାବେ ପରିବେଷଣ କରିପାରୁଥିବ। ଏବେ ଯାଏ ସେପରି ଝିଅ ଖୋଜିନି। କିନ୍ତୁ ଯେବେ ବି ଖୋଜିବି ଏ ଦୁଇଟି ଜିନିଷ ଥିବା ଝିଅକୁ ହିଁ ବାଛିବି। ଏହାବାଦ୍ ଯଦି ଆଉକିଛି ଗୁଣ ଥିବ ତା'ହେଲେ ତାହା ମୋ ପାଇଁ ବୋନସ୍।

–ପାର୍ଥ ସାରଥି ରାୟ, ଅଭିନେତା

## ଚିତ୍ରରେ ପ୍ରକୃତି ପ୍ରେମର ବାର୍ତ୍ତା

ପ୍ରେମର ସ୍ମୃତିରେ ଫେବୃୟାରୀ ୧୪କୁ ଭାଲେଣ୍ଟାଇନ୍ ଡେ' ଭାବେ ପାଳନ କରାଯାଉଛି। ତେବେ ପ୍ରେମ କେବଳ ପ୍ରେମିକା ପ୍ରେମିକ, ସ୍ୱାମୀ ସ୍ତ୍ରୀ ମଧ୍ୟରେ ସୀମିତ ନାହିଁ, ଭାଲେଣ୍ଟାଇନ୍ ଡେ'କୁ ଏବେ ଭିନ୍ନ ଶୈଳୀରେ ସବୁବର୍ଗ ପାଳନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳରେ ରହୁଥିବା ୮ବର୍ଷର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ପ୍ରେମ ଦିବସଟିକୁ ନିଆରା ଢ଼ଙ୍ଗରେ ପାଳି ପ୍ରକୃତି ପ୍ରେମର ବଳିଷ୍ଠ ବାର୍ତ୍ତା ଦେଇଛନ୍ତି। ରଙ୍ଗ, ତୂଳୀରେ କାଗଜ ଉପରେ ସେ ଆଙ୍କିଛନ୍ତି ଏକ ଆକର୍ଷଣୀୟ ହାର୍ଟ ଟ୍ରି। ଏ ସମ୍ପର୍କରେ ଶାନ୍ତନୁ କହିଛନ୍ତି, ହୃଦୟ ସହ ପ୍ରକୃତିକୁ ପ୍ରେମ କରିବା ଦରକାର। କାରଣ ପ୍ରକୃତି ରହିଲେ ସଭିଏଁ ବଞ୍ଚିବା। ପ୍ରେମ ବି ବଞ୍ଚିବ ଏବଂ ଭାଲେଣ୍ଟାଇନ୍ ଡେ'ର ମହତ୍ୱ ଚିରଦିନ ପାଇଁ ରହିବ। ଏହି ଦିବସରେ ନିଜର ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ପ୍ରତ୍ୟେକ ମଣିଷ ଗଛଟିଏ ଲଗାଇବା ସହ ନିଜର ପ୍ରିୟଜନଙ୍କୁ ଗଛଟିଏ ଉପହାର ଦେବା ପାଇଁ ନିବେଦନ କରିଛନ୍ତି। ଶାନ୍ତନୁଙ୍କ ଏହି ଚିନ୍ତାଧାରାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହ ପ୍ରଶଂସା କରାଯାଇଛି।




ରିପୋର୍ଟ: ବନ୍ଦନା ସେଠୀ, ଭୁବନେଶ୍ୱର

## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ, ଯୁବକ ଗିରଫ

ମଙ୍ଗୁଳି-ଜଗତପୁର,୧୩।୨(ଡି.ଏନ୍.ଏ.)- ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଜଗତପୁର ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଜଗତପୁର ଅଧୀନ ଗୁଜରପୁରର ନୃସିଂହ ଚରଣ ବେହେରା (୪୦)। ସୂଚନା ମୁତାବକ, ଶନିବାର ସନ୍ଧ୍ୟାରେ ନୃସିଂହଙ୍କ ଗୋଡ଼ହାତ ବିନ୍ଧା ହେଉଥିଲା। ଏଥିପାଇଁ ନିକଟସ୍ଥ ନାବାଳିକାଙ୍କୁ ତାଙ୍କ ଗୋଡ଼ହାତରେ ତେଲ ମାଲିସ କରିବାକୁ ଡାକିଥିଲେ। ନାବାଳିକା ଜଣଙ୍କ ନୃସିଂହଙ୍କ ଦେହରେ ତେଲ ମାଲିସ କରୁଥିବା ସମୟରେ ନୃସିଂହ ତାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ନାବାଳିକା ଘରକୁ ଆସି ମା'ଙ୍କୁ ଜଣାଇଥିଲେ। ନାବାଳିକାଙ୍କ ମା' ଏ ନେଇ ନୃସିଂହଙ୍କୁ ପଚାରିବାରୁ ସେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଫଳରେ ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୭୨/୨୩)ରୁଜୁ କରି ତଦନ୍ତ କରି ନୃସିଂହଙ୍କୁ ଗିରଫ କରିଥିଲା।

### ମ. ରାମପୁର ସବ୍‌ଜେଲରୁ ବିଚାରାଧୀନ କଏଦୀ ଫେରାର

କର୍ଲାମୁଣ୍ଡା/ରୁପ୍ରାରୋଡ, ୧୩।୨ (ଡି.ଏନ.ଏ.) : କଳାହାଣ୍ଡି ଜିଲା ମ. ରାମପୁର ସବ୍‌ଜେଲରୁ ଜଣେ ବିଚାରାଧୀନ କଏଦୀ ପାଚେରି ଡେଇଁ ଫେରାର



ହୋଇଥିବା ଜଣାପଡିଛି। ଫେରାର୍ କଏଦୀ ଜଣକ ନର୍ଲା ଥାନା ରୁପ୍ରାରୋଡ ଅଞ୍ଚଳର ବିଶ୍ୱାମିତ୍ର ମାଝି। ଏକ ଘରୋଇ ଗଣ୍ଡଗୋଳ କେସ୍‌ରେ ନର୍ଲା ପୋଲିସ ବିଶାମିତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ନିର୍ଯାତନାରେ ଅତିଷ୍ଠ ହୋଇ ପରିବାର ଲୋକେ ଅଭିଯୁକ୍ତଙ୍କ ଜାମିନ ଆବେଦନ କରି ନ ଥିଲେ। ଫଳରେ ସେ ଗତ ଡିସେମ୍ବରରୁ ମ. ରାମପୁର ସବ୍‌ଜେଲରେ ରହୁଥିଲେ। ରବିବାର କୌଶଳକ୍ରମେ ଜେଲରୁ ସେ ଫେରାର ହୋଇଛନ୍ତି। ପୋଲିସ କଏଦୀଙ୍କ ଗାଁକୁ ଯାଇ ବୁଝାବୁଝି କରିଥିଲେ ହେଁ କୌଣସି ସନ୍ଧାନ ମିଳି ନ ଥିବା ଜଣାପଡିଛି। ପରେ ମ. ରାମପୁର ଥାନାରେ ଅଭିଯୋଗ କରାଯାଇଛି। କଏଦୀ ଫେରାର ହେବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# କାର୍‌ରୁ ମିଳିଲା ୪ ବୋମା, ୧୧୦ କେଜି ଗଞ୍ଜେଇ

ସମ୍ବଲପୁର,୧୩।୨(ବ୍ୟୁରୋ)



ଗାଡି ଭିତରୁ ଜବତ ଗଞ୍ଜେଇ।

**ୟୁପି ବିଧାନସଭାର ପାସ୍, ଏକାଧିକ ନମ୍ବରପ୍ଲେଟ ଜବତ**



ଜବତ ବୋମା।

ସମ୍ବଲପୁର ଜିଲା ଠେଲକୋଲି ଥାନା ଅନ୍ତର୍ଗତ ଖିଣ୍ଡା ଛକରେ ରବିବାର ରାତିରେ ପୋଲିସ ଏକ କାର୍ ଭିତରୁ ୪ ଗୋଟି ବୋମା (ସୁତୁଲି ଗୁଡାହୋଇଥିବା) ଓ ୧୧୦କେଜି ଗଞ୍ଜେଇ ଜବତ କରିଛି। ଏହାସହ ଉତ୍ତରପ୍ରଦେଶ ବିଧାନସଭା ପ୍ରବେଶ ପାଇଁ ପାସ୍ ଓ ଏକାଧିକ ନମ୍ବରପ୍ଲେଟ ଜବତ ହୋଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯିବା ସହ ଗାଡିକୁ ଯାଞ୍ଚ କରାଯାଇଥିଲା। ସନ୍ଧାନୀ କୁକୁର ଓ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚି ବୋମାଗୁଡିକୁ ନିଷ୍କ୍ରିୟ କରିଥିଲେ।

ମିଳିଥିବା ସୂଚନା ମୁତାବକ ରବିବାର ବିଳମ୍ବିତ ରାତିରେ ଖିଣ୍ଡା ନିକଟରେ ପୋଲିସ ପାଟ୍ରୋଲିଂ ଚାଲିଥିଲା। ସେ ସମୟରେ ଓଆର୍‌୦୨ବିଆର-୭୦୭୦ ନମ୍ବରବିଶିଷ୍ଟ ଏକ କାର୍ ସେହି ରାସ୍ତା ଅତିକ୍ରମ କରୁଥିଲା। ହେଲେ ପୋଲିସ ଟିମ୍‌କୁ ଦେଖି କାର୍ ଭିତରେ ଥିବା ଦୁଇଜଣ ଦୁର୍ବୃତ୍ତ ଗାଡି ଛାଡି ଫେରାର ହୋଇଯାଇଥିଲେ। ପୋଲିସ ସନ୍ଦେହ କରି ଗାଡ଼ି ଯାଞ୍ଚ କରିବାରୁ ସେଥିରୁ ୫କେଜି ଲେଖାଏ ଗଞ୍ଜେଇ ଥିବା ୨୨ଟି ପ୍ୟାକେଟ ମିଳିଥିଲା। ଅଧିକ ଯାଞ୍ଚ କରି ପୋଲିସ ବୋମା, ନମ୍ବରପ୍ଲେଟ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଅନ୍ୟପଟେ ଉକ୍ତ ଗାଡି ଭିତରୁ ୟୁପି ବିଧାନସଭାର ପାସ୍ ମିଳିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଦୁର୍ବୃତ୍ତମାନେ ଭୟଭୀତ କରିବା ପାଇଁ ବୋମା ରଖିଥିଲେ ନା ଚାଲାଣ କରୁଥିଲେ ତାହାକୁ ନେଇ ଏବେ ପ୍ରଶ୍ନ ଉଠୁଛି। ପୋଲିସ ଗାଡ଼ି ଜବତ କରି ଅଧିକ ତଦନ୍ତ ଜାରି ରଖିଛି। ଏ ସମ୍ପର୍କରେ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ରାତିରେ ପୋଲିସ ଟିମ୍ ଯାଞ୍ଚ କରୁଥିଲେ। ଏହି ସମୟରେ ଗାଡିକୁ ଛାଡି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ପୋଲିସ ଯାଞ୍ଚ କରିବା ପରେ ଗଞ୍ଜେଇ ସହ ବୋମା ଜବତ କରିଥିଲା। ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି ବୋଲି ସେ କହିଥିଲେ।

# ଆଉ ଏକ ଦନ୍ତାର ସନ୍ଦେହଜନକ ମୃତ୍ୟୁ

ଆଠଗଡ,୧୩।୨(ସ୍ୱ.ପ୍ର.)



**ଆଠଗଡ଼ ବନଖଣ୍ଡ**
- ୯ ମାସରେ ୨୦ରୁ ଊର୍ଦ୍ଧ୍ୱ ମୃତ
- ଗୁଳିମାଡ଼ରେ ୧୦ ଦନ୍ତା ମୃତ
- ନରସିଂହପୁର ପଶ୍ଚିମ ଓ ବଡ଼ମ୍ବା ବନାଞ୍ଚଳରେ ମୃତ୍ୟୁ ସଂଖ୍ୟା ସର୍ବାଧିକ

କଟକ ଜିଲା ଆଠଗଡ ବନଖଣ୍ଡ ଅଧୀନ ୬୫ ନଂ- ରାଜ୍ୟ ରାଜପଥର ୨୦ ମିଟର ଦୂର ନୂଆବନ୍ଧ ଗ୍ରାମ ନୂଆତଇଲା କାଜୁ ଜଙ୍ଗଲରୁ ସୋମବାର ଏକ ଦନ୍ତା ହାତୀର ସନ୍ଦେହଜନକ ଅବସ୍ଥାରେ ମୃତଦେହ ଠାବ ହୋଇଛି। ଏହି ହାତୀର ବୟସ ୨୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତା'ର ଶୁଣ୍ଢ ପଛ ଡାହାଣ ଗୋଡ଼ରେ ଗଭୀର କ୍ଷତଥିବା ଜଣାପଡ଼ିଛି। ଏହି କ୍ଷତସ୍ଥାନରୁ ପୂଜ ଓ ରକ୍ତ ବାହାରୁଥିବା ଦେଖିବାକୁ ମିଳିଛି। ଖବରପାଇ ଆଠଗଡ ବନଖଣ୍ଡ ଅଧିକାରୀ ଯଜ୍ଞଦତ୍ତ ପତି ଓ ଆଠଗଡ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ରନାଥ ନାୟକ ସେଠାରେ ପହଞ୍ଚି ତଦନ୍ତ କରିଛନ୍ତି। ପରେ ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଏମ୍.ଯୋଗଜୟାନନ୍ଦଙ୍କ ନେତୃତ୍ୱରେ ସାତକୋଶିଆ ବନ୍ୟଜନ୍ତୁ ସଂରକ୍ଷଣ ବିଭାଗ ଓ ଭୁବନେଶରର ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ, ଆଠଗଡ ଉପଖଣ୍ଡ ପ୍ରାଣୀ ଚିକିତ୍ସାଳୟ ଡାକ୍ତର ସୁଶାନ୍ତ କୁମାର ବେହେରା ପହଞ୍ଚି ହାତୀର ମୃତଦେହ ବ୍ୟବଚ୍ଛେଦ କରାଇବା ସହ ତା'ର ଦାନ୍ତ ସଂଗ୍ରହ କରି ଆଠଗଡ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆଣିଛନ୍ତି। ରକ୍ତ ଶୁଷ୍କତା କାରଣରୁ ହାତୀର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ନିକଟରେ ଥିବା ଜମିକୁ ହାତୀ ଦଳ ଆସି ନଷ୍ଟ କରୁଥିବାରୁ ଚାଷୀଙ୍କ ଦ୍ୱାରା ଲଗାଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ସମ୍ପୃକ୍ତ ହାତୀର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଆଠଗଡ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର କୁମାର ନାୟକ କହିଛନ୍ତି। ଆଠଗଡ ବନଖଣ୍ଡ ଅନ୍ତର୍ଗତ ୫ଟି ବନାଞ୍ଚଳ ଯଥା ଆଠଗଡ, ଖୁଣ୍ଟୁଣୀ, ବଡ଼ମ୍ବା, ନରସିଂହପୁର ଆଦିରୁ ୨୦ରୁ ଊର୍ଦ୍ଧ୍ୱ ହାତୀଙ୍କ ମୃତ୍ୟୁ ଘଟିଛି। ସେଥିରୁ ୧୦ ଦନ୍ତାହାତୀଙ୍କ ଗୁଳି ମାଡ଼ରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ନରସିଂହପୁର ପଶ୍ଚିମ ଓ ବଡ଼ମ୍ବା ବନାଞ୍ଚଳରେ ହାତୀ ମୃତ୍ୟୁ ସଂଖ୍ୟା ସର୍ବାଧିକ ବୋଲି ସୂଚନା ମିଳିଛି। ନିକଟରେ ବଡମ୍ବା ବନାଞ୍ଚଳ ମାଣିଆବନ୍ଧସ୍ଥିତ ହିତିଣ୍ଡା ଜଙ୍ଗଲରେ ଦନ୍ତାହାତୀ ଶିକାର ଓ ସେଥିପାଇଁ ବନ ବିଭାଗ ହେପାଜତରେ ଥିବା ବନକର୍ମଚାରୀଙ୍କ ମାଡରେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟଣାକୁ ନେଇ ଆଲୋଡ଼ନ ସୃଷ୍ଟି କରିଥିଲା।

# ଚା' ଖଟିରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଦୁଇ ଆଶାୟୀ

ସମ୍ବଲପୁର,୧୩।୨(ବ୍ୟୁରୋ)



ରେଢ଼ାଖୋଲ ଚା' ଖଟିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଭାଜପାର ଆଶାୟୀ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର ଓ ଗୋବିନ୍ଦ ଅଗ୍ରୱାଲ।

**ରେଢ଼ାଖୋଲ ନିର୍ବାଚନମଣ୍ଡଳୀ**

କିଛିଦିନର ବ୍ୟବଧାନ ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ଶନିବାର ସମ୍ବଲପୁର ଗସ୍ତ କରିଥିଲେ। ଏହି ସମୟରେ ରେଢ଼ାଖୋଲଠାରେ ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା। ରେଢ଼ାଖୋଲ ଛକର ଏକ ଚା ଦୋକାନରେ ଏକ ଖଟି ଆୟୋଜନ ହୋଇଥିଲା। ଏଥିରେ ମନ୍ତ୍ରୀ ପ୍ରଧାନଙ୍କ ସମେତ ଦଳୀୟ ନେତା ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ। ରେଢ଼ାଖୋଲ ବିଧାନସଭା ପାଇଁ ଭାଜପାର ଆଶାୟୀ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର ଓ ଗୋବିନ୍ଦ ଅଗ୍ରୱାଲ ମନ୍ତ୍ରୀ ପ୍ରଧାନଙ୍କ ସହ ଏକାଠି ଛିଡାହୋଇ ଖୁସି ମିଜାଜରେ ଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ମନ୍ତ୍ରୀ ପ୍ରଧାନ ଉଭୟଙ୍କ ମନୋମାଳିନ୍ୟ ଦୂର ପାଇଁ ଏଭଳି ଯୋଜନା କରିଥିବା ଆଲୋଚନା ହୋଇଥିଲା। ଆଶାୟୀ ଦୁଇ ନେତା ପୁଣି ଆଗାମୀ ନିର୍ବାଚନ ସମୟରେ ଟିକେଟ ହାତେଇବାକୁ ଚେଷ୍ଟା କରୁଥିବା ମଧ୍ୟ ଦଳରେ ଚର୍ଚ୍ଚା ହେଉଛି। ଗତ ନିର୍ବାଚନରେ ଉଭୟ ଆଶାୟୀ ରହିଥିବା ବେଳେ ଶେଷ ସମୟରେ ଦେବେନ୍ଦ୍ରଙ୍କୁ ଦଳ ପ୍ରାର୍ଥୀ କରିଥିଲା। ଗୋବିନ୍ଦ ଏହାକୁ ନେଇ ମନ ଉଣା କରିଥିଲେ। ଏବେ ମଧ ଗୋବିନ୍ଦ ଟିକେଟ ଆଶାରେ ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କୁ ଭେଟି ଆଲୋଚନା କରୁଛନ୍ତି। ଅନ୍ୟ ଆଶାୟୀ ଦେବେନ୍ଦ୍ର ମଧ୍ୟ ବିଭିନ୍ନ ସ୍ଥାନରେ ସଭାସମିତି ଆୟୋଜନ କରିବା ସହ ଲୋକଙ୍କ ସମସ୍ୟାକୁ ନେଇ କାମ କରୁଥିବା ଦେଖିବାକୁ ମିଳୁଛି ।

# ଆମ୍ବୁଲାନ୍ସରୁ ଗଞ୍ଜେଇ ଜବତ: ୩ ଗିରଫ

ଆର.ଉଦୟଗିରି,୧୩।୨(ଡି.ଏନ୍.ଏ)

ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଚନ୍ଦ୍ରଗିରି ଡାହାଣୀନାଳ ନିକଟରେ ଏକ ଘରୋଇ ଆମ୍ବୁଲାନ୍ସରୁ ପୋଲିସ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଆମ୍ବୁଲାନ୍ସ ଡ୍ରାଇଭର କରଞ୍ଜସାହିର ପ୍ରଶାନ୍ତ ମାଝି, କଣ୍ଟାସାରୁର ଜିଖରୀୟ ମଳିକ ଏବଂ ଡେକାବନ୍ଧ ଗ୍ରାମର ରୋଗୀଙ୍କ ଭଣଜା ପାଉଲ ଦଳେଇଙ୍କୁ ଗିରଫ କରାଯାଇଛି। ରୋଗୀ କେଶରୀଗୁଡା ପଞ୍ଚାୟତ ଡେକାବନ୍ଧର ମିଖାଏଲ ରଇତଙ୍କୁ ଅନ୍ୟ ଏକ ଆମ୍ବୁଲାନ୍ସରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି।

ପ୍ରକାଶ ଯେ, ମିଖାଏଲ କୌଣସି ଏକ ରୋଗରେ ପୀଡ଼ିତ ଥିବାରୁ ଘରୋଇ ଆମ୍ବୁଲାନ୍ସ (ଓଡ଼ି ୦୭ସି-୧୮୦୧)ରେ ଭଣଜା ପାଉଲ ଓ ସମ୍ପର୍କୀୟ ଜିଖରୀୟଙ୍କ ସହ ବ୍ରହ୍ମପୁର ଯାଉଥିଲେ। ଡାହାଣୀନାଳ ଚନ୍ଦ୍ରଗିରି ଫାଣ୍ଡି ଅଧିକାରୀ ପୁରୁଷୋତ୍ତମ ପାଇକ ଗାଡ଼ି ଯାଞ୍ଚ କରୁଥିବା ବେଳେ ସନ୍ଦେହରେ ଉକ୍ତ ଆମ୍ବୁଲାନ୍ସକୁ ଯାଞ୍ଚ କରିବାରୁ ସେଥିରୁ ୮ କେଜି ଗଞ୍ଜେଇ ମିଳିଥିଲା। ପୋଲିସ ଉକ୍ତ ଗଞ୍ଜେଇ ଜବତ କରିବା ସହ ଆମ୍ବୁଲାନ୍ସ ଡ୍ରାଇଭର ପ୍ରଶାନ୍ତଙ୍କ ସମେତ ଜିଖରୀୟ ଓ ପାଉଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଭୁବନେଶ୍ୱର ଏମ୍ସକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

**ପଙ୍ଗୁପ୍ରାୟ ମହିଳାଙ୍କ ଏକକାଳୀନ ଦୁଇ ଆଣ୍ଠୁ, ଦୁଇ ହିପ୍‌ର ସଫଳ ପ୍ରତିରୋପଣ ଘଟଣା**

ଏମ୍ସ ଭୁବନେଶ୍ୱରରେ ଜଣେ ପଙ୍ଗୁପ୍ରାୟ ମହିଳା ରୋଗୀଙ୍କ ଦୁଇ ଆଣ୍ଠୁ ଓ ଦୁଇ ହିପ୍ (ନିତମ୍ବ ଗଣ୍ଠି)ର ଏକକାଳୀନ ପ୍ରତିରୋପଣ କରାଯାଇଥିଲା। ଭୁବନେଶ୍ୱର ଏମ୍ସର ଏହି ସଫଳ ଉଦ୍ୟମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ସୋମବାର ଟୁଇଟ୍ କରି କହିଛନ୍ତି, ଚିକିତ୍ସା କ୍ଷେତ୍ରରେ ଆମ ଡାକ୍ତରମାନେ ସବୁବେଳେ ପରିବର୍ତ୍ତନ ଏବଂ ନୂଆ କିଛି କରିବା ପାଇଁ ଉଦ୍ୟମ କରୁଛନ୍ତି। ତାହା ପ୍ରଶଂସନୀୟ। ସେମାନଙ୍କର ଏହି ଅଭିନବତ୍ୱ ଆମକୁ ଗର୍ବିତ କରୁଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ସେହିଭଳି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ୍ ମାଣ୍ଡଭିୟ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ଏଭଳି ବିରଳ ଅସ୍ତ୍ରୋପଚାର କରିଥିବା ଏମ୍ସର ଡାକ୍ତରୀ ଟିମ୍‌କୁ ପ୍ରଶଂସା କରିଛନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଆଳି ବ୍ଲକ୍‌ର ଜଣେ ୩୭ ବର୍ଷୀୟ ମହିଳା ଆଣ୍ଠୁଗଣ୍ଠି ବାତ ରୋଗରେ ପୀଡ଼ିତ ହୋଇ ପଙ୍ଗୁପ୍ରାୟ ଅବସ୍ଥାରେ ଯନ୍ତ୍ରଣାର ସହ ବଞ୍ଚୁଥିଲେ। ଏମ୍ସ ଭୁବନେଶ୍ୱରର ଅସ୍ଥିଶଲ୍ୟ ବିଭାଗକୁ ଚିକିତ୍ସା ପାଇଁ ଆସିବା ପରେ ବିଭିନ୍ନ ପରୀକ୍ଷାନିରୀକ୍ଷା କରାଯାଇଥିଲା। ମହିଳାଙ୍କ ଦୁଇ ଆଣ୍ଠୁ ଏବଂ ଦୁଇ ହିପ୍‌ର ପ୍ରତିରୋପଣ ଏକକାଳୀନ କରାଯିବାର ଆବଶ୍ୟକତା ଥିବା ଡାକ୍ତରୀ ଦଳ ଅନୁଭବ କରିବା ପରେ ଏଥିପାଇଁ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇଥିଲେ। ଡାକ୍ତରୀ ଦଳ ପ୍ରଥମେ ମହିଳାଙ୍କ ଦୁଇ ହିପ୍ ଓ ପରେ ଦୁଇ ଆଣ୍ଠୁର ପ୍ରତିରୋପଣ କରିଥିଲେ। ରୋଗୀ ଜଣକ ଦୁଇଦିନ ଆଇସିୟୁରେ ରହିବା ପରେ ତୃତୀୟ ଦିନରେ ଚାଲିବା ଆରମ୍ଭ କରିଥିଲେ। ଏମ୍ସ ଭୁବନେଶ୍ୱର ଅସ୍ଥିଶଲ୍ୟ ବିଭାଗର ଡା. ସୁଜିତ କୁମାର ତ୍ରିପାଠୀ ଏବଂ ଡା. ମଣ୍ଟୁ ଜୈନଙ୍କ ନେତୃତ୍ୱରେ ଏକ ଯୁବ ତଥା ଦକ୍ଷ ଡାକ୍ତରୀ ଦଳ ଏହି ବିରଳ ପ୍ରତିରୋପଣକୁ ସଫଳତାର ସହିତ ସମ୍ପନ୍ନ କରିଥିଲେ। ଏମ୍ସ ଭୁବନେଶ୍ୱରରେ ହୋଇଥିବା ଏହି ପ୍ରତିରୋପଣ ଓଡ଼ିଶାରେ ପ୍ରଥମ ଓ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ବୋଲି କୁହାଯାଉଛି।

# ଡାକ୍ତରଖାନା ଛାତରେ ଚଢ଼ି ଯୁବକଙ୍କ ଉନ୍ମତ୍ତକାଣ୍ଡ

ନବରଙ୍ଗପୁର,୧୩।୨(ବି.ପ୍ର.)

- ବ୍ଲେଡ୍‌ରେ ବେକ କାଟି ଆତ୍ମହତ୍ୟା ଉଦ୍ୟମ
- ଘଣ୍ଟାଏ ପରେ ଉଦ୍ଧାର କଲା ଅଗ୍ନିଶମ ବାହିନୀ



ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଛାତରେ ଚଢ଼ି ଜଣେ ମାନସିକ ବିକୃତ ଯୁବକ ତଳକୁ ଡେଇଁବାକୁ ଧମକ ଦେଇଥିଲେ। ଦୀର୍ଘ ୧ ଘଣ୍ଟା ପରେ ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରିଥିଲା। ଉକ୍ତ ଯୁବକଙ୍କ ନାମ ଶ୍ୟାମ ହରିଜନ। ସେ କେଉଁ ଅଞ୍ଚଳର ତାହା ଜଣାପଡ଼ିନାହିଁ।

ସୂଚନାନୁଯାୟୀ, ଶ୍ୟାମ ଡାକ୍ତରଖାନାକୁ ଆସି ପ୍ରଥମେ ବ୍ଲେଡ୍‌ରେ ନିଜ ଗଳା କାଟି ଦେଇଥିଲେ। ଏହାପରେ ସେଠାରେ ଥିବା ରୋଗୀ ସମ୍ପର୍କୀୟ ବିଶ୍ରାମ ଗୃହ ଛାତରେ ଚଢ଼ି ତଳକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ନବରଙ୍ଗପୁର ମେଡିକାଲ କର୍ମଚାରୀ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ୧ଘଣ୍ଟା ପରେ ଉଦ୍ଧାର କରି ଡ୍ରେସିଂରୁମ୍‌କୁ ନେଇଥିଲେ। ତେବେ ଯୁବକ ଜଣକ ସେଠାକୁ କେମିତି ଆସିଲେ ଓ ସୁରକ୍ଷା କର୍ମୀ ଥିବା ସତ୍ତ୍ୱେ ଉକ୍ତ କୋଠା ଉପରେ କିପରି ଚଢ଼ିଲେ ତାହାର ତଦନ୍ତ କରିବାକୁ ବୁଦ୍ଧିଜୀବୀମାନେ କହିଛନ୍ତି।


**GOVERNMENT OF ODISHA** No. O-1820

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNABEDA**

email: serwsbd2003@yahoo.com

**e-Procurement Notice for Buildings Works**

1. Name of the work : Construction of Court Building at Dasamantapur in the District of Koraput
2. Class of Contractor : "A" Class of (Odisha PWD) or relevant class of other licensing authority
3. Estimated Cost : Estimated Cost of Rs.408.90 lakhs (Approximately)
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD - Online - 49/2022-23 | 16.02.2023 at 11.00 A.M. | 02.03.2023 upto 5.30 P.M. | 01.03.2023 upto 1.00 P.M. | 03.03.2023 at 11.00 A.M. | To be intimated separately |

5. The details of works can be seen from the website **https://www.tendersodisha.gov.in**.
6. Any Corrigendum/Addendum will be displayed in the above e-tender website.

OIPR-25182/11/0063/2223 Sd./- Chief Construction Engineer, Rural Works Circle, Sunabeda

**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**EASTERN CIRCLE-I, CANTONMENT ROAD, CUTTACK**
E-mail Id: seeccuttack@gmail.com
No.A-1154: 'e' Procurement Notice No.ACE,EC-I/13 of 2022-23 (Online)

| | | | |
|---|---|---|---|
| 1 | Name of Work | : | Protection to scoured bank of Nuna right near village Pakshyot, Srutipur, Sathilo and Sisua. Bid Identification No. ACE, EC-I MND 04 of 2022-23 |
| 2 | Tender paper Cost (Non-refundable) | : | Rs.10,000.00 (Online) |
| 3 | EMD | : | Rs.6,79,900.00 (Online) |

4. Bid details are as follows:

| Procurement Officer | Bid Identification No. | Tender Amount (Rs.in Lakh) (Approx.) | Class of Contractor | Period of Completion | Availability of Tender online for bidding | | Date of Opening of Technical Bid (Cover-I) |
|---|---|---|---|---|---|---|---|
| | | | | | From | To | |
| Additional Chief Engineer, Eastern Circle-I, Cuttack | ACE, EC-I MND 04 of 2022-23 | 679.89 | 'A' & 'Special' | 6 (Six) Calendar Months | 15.02.2023 at 10.00 Hrs. | 01.03.2023 upto 17.30 Hrs. | 02.03.2023 at 11.30 Hrs. |

Other terms and conditions can be seen from the Govt. website www.tendersodisha.gov.in.
All Corrigendum/Cancellation of tender if any, will only be uploaded in the above website.

Sd./- Additional Chief Engineer, Eastern Circle-I, Cuttack
OIPR-32370/11/0017/2223

**INVITATIONS FOR BIDS (IFB) GOVERNMENT OF ODISHA**
**AGRICULTURE & FARMERS EMPOWERMENT DEPARTMENT**
**DIRECTORATE OF SOIL CONSERVATION AND WATERSHED DEVELOPMENT, ODISHA, BHUBANESWAR**
**EXECUTIVE ENGINEER (AGRIL.), CENTRAL ZONE, BHUBANESWAR**
**e-Procurement Notice**
Bid Identification Number- E.E.(A), DSC & WD (O), C/Z-02 of 2022-23
File No.DSCWD-SCHI-I-MISC-0015/2022
No.L-131: Tender Call Notice No:1304 Date:13.02.2023

| | |
|---|---|
| Name of the Work | Construction of Infrastructure Works, 2022-23 |
| Total No. of Projects | 08 (Eight) numbers |
| Estimated Cost of Projects | Varies from Rs.05.00 lakh to Rs.45.00 lakh |
| Class of Contractor | "B", "C", "D" Class (of Odisha PWD) or relevant Class of other licensing authorities. |
| Period of Completion | As per DTCN |

Other details:

| Procurement Officer | Bid Identification Number | Availability of Tender online for bidding | | Submission of Original documents | Date & Place of Opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, (Agril.), DSC & WD (O), Central Zone, Bhubaneswar | E.E.,(A), DSC & WD (C/Z), Bhubaneswar-02 of 2022-23 | 16.02.2023 from 11.00 A.M. | 01.03.2023 upto 5.00 P.M. | During office hours of working days from dt.02.03.2023 11.00 A.M. to 03.03.2023 upto 05.00 PM in the O/o. Director of Soil Conservation and Watershed Development, Krushi Bhavan, Keshari Nagar, Odisha, PIN-751001 (To be dropped in the sealed Box) | Dt.04.03.2023 at 11 AM in the Conference Hall of Krushi Bhavan, Keshari Nagar, Odisha, PIN-751001 |

Further details can be seen from the website www.tendersodisha.gov.in.
Sd./- Executive Engineer (Agril.) DSC & WD, Central Zone, Bhubaneswar
OIPR-01032/11/0007/2223

**OFFICE OF THE PANCHAYAT SAMITI, BHADRAK**
Email ID: ori-bbhadrak@nic.in
Order No. 496 Date: 13.02.2023
**SHORT QUOTATION CALL NOTICE**
No. i-426: Block Development Officer, Bhadrak invites sealed quotation/bid for supply of 40 Nos. of Smart Interactive Display 65 Inch (Make LG) and 20 Nos. of 55 Inch Smart TV (make LG) for 5T Transformation High School under Bhadrak Block (3rd Phase). The rate should be furnished in each quotation paper including transformation, installation, demo & training. The vendor must produce OEM authorization. The sealed quotation must reach to the undersigned on or before 20.02.2023 by 1.00 P.M. through Speed Post/Regd. Post. The quotation paper will be opened on 20.02.2023 at 5.00 P.M. in presence of interested parties or their authorized agents. The authority reserve all the right to reject all quotation without assigning any reason thereof. For detailed specification and other term and conditions bidders can refer to **www.bhadrak.nic.in** or contact Bhadrak Panchayat Samiti on Mobile No. 7894012355.
Sd./- Block Development Officer, Bhadrak
OIPR-19031/11/0004/2223

GOVERNMENT OF ODISHA
**e-Procurement Notice**
**Superintending Engineer, M.I. Division, Angul**
Bid Identification No.- 09 OF 2022-23
e-mail ID- eemidivision_angul@yahoo.com
No.A-1151: Letter No.173 Date:-07.02.2023

1. Number of Works : 6 (Six) numbers of Civil works
2. Approximate estimated cost : Varies from Rs.57.69 lakh to 84.75 lakh
3. Cost of Tender Paper : Rs.10000/-
4. Period of completion : 06 (Six) Calendar Months
5. Date & Time of availability of bid document In the portal : Dt.15.02.2023 at 10.00 A.M. to Dt.21.02.2023 upto 5.00 P.M.
6. Last date / Time for receipt of bid in the portal : Dt.21.02.2023 upto 5.00 P.M.
7. Date of opening of technical bid documents for double cover bid : Dt.22.02.2023 at 11.00 A.M.
8. Date of opening of financial bid documents for double cover bid : On dt.27.02.2023 at 11.00 A.M. in the Office of the Superintending Engineer,M.I.Division,Angul
9. Date of lottery if required : Dt.03.03.2023 At 11.00 A.M.
10. Name and address of the Office Inviting Bid : Superintending Engineer, Minor Irrigation Division, Angul At/Po- Hakimpada, College square District:Angul, PIN-759143 Ph.No.06764-236522 Email Id: eemidivision_angul@yahoo.com
11. The bidders have to participate in ONLINE bidding only.

Further details can be seen from the e-procurement portal http://tendersorissa.gov.in
Sd./- Superintending Engineer, M.I. Division, Angul
OIPR-32284/11/0012/2223

GOVERNMENT OF ODISHA
**OFFICE OF THE SUPERINTENDING ENGINEER M.I. DIVISION, GANJAM NO-I, BERHAMPUR**
ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)
No.A-1157: (WORLD BANK PROJECT ID : P163533)
NATIONAL OPEN COMPETITIVE PROCUREMENT FOR SMALL WORKS
**E-PROCUREMENT NOTICE**
**Bid Identification No: OIIPCRA-W2-GM-I-4/2022-23**

Name of Work : Civil Construction in Minor Irrigation Projects
No. of Work : 07 (Seven)
Estimated Cost of works : Varies from Rs.16.00 lakh to Rs.38.20 lakh
Cost of Bid document : Free of Cost
Time for Completion : 210 Days
Date of Pre-Bid Meeting : On dt.28.02.2023 11.30 Hrs.
Period of receipt of Bid : From 15.02.2023 at 10.00 Hours to 15.03.2023 upto 15.00 hours online
Payment of bid cost/ bid security : Shall be paid Online through the E-procurement portal of Govt.of Odisha.
Date of Opening of Technical Bids : On dt.15.03.2023 at 15.30 hours onwards.
Details about the tender : Available in website of www.tendersodisha.gov.in. and www.dowrodisha.gov.in. Any addendum/Corrigendum/ Cancellation of can also be seen in the said website.
Name & Address of the OIT : Superintending Engineer, M.I.Division Ganjam-I, Berhampur.

OIPR-32104/11/0025/2223 Sd./-Superintending Engineer M.I.Divn., Ganjam-I, Berhampur

## ସଂକ୍ଷେପରେ

### ଲଳିତା ଲାଜମିଙ୍କ ପରଲୋକ



**ନୂଆଦିଲ୍ଲୀ, ୧୩।୨:** ଫିଲ୍ମ ନିର୍ମାତା ତଥା ଅଭିନେତା ଗୁରୁ ଦତ୍ତଙ୍କ ଭଉଣୀ ଲଳିତା ଲାଜମିଙ୍କ ସୋମବାର ପରଲୋକ ଘଟିଛି। ତାଙ୍କୁ ୯୦ ବର୍ଷ ହୋଇଥିଲା। ଲଳିତାଙ୍କ ଦେହାନ୍ତ ଖବର ଜାହାଙ୍ଗିର ନିକୋଲସନ୍ ଆର୍ଟ ଫାଉଣ୍ଡେଶନ୍ ପକ୍ଷରୁ ଦିଆଯାଇଛି। ଉତ୍ତମ ଚିତ୍ରକର ଭାବେ ସେ ଦେଶ ବିଦେଶରେ ବେଶ୍ ଜଣାଯାନ୍ତି। ଅନ୍ୟପକ୍ଷେ କ୍ଲାସିକାଲ୍ ଡ୍ୟାନ୍ସ କ୍ଷେତ୍ରରେ ଲଳିତାଙ୍କର ଅହେତୁକ ରୁଚି ଥିଲା। ପୁସ୍ତକ ଲେଖାଲେଖି କରୁଥିବା ଲଳିତା ଆମିର ଖାନ୍‌ଙ୍କ ଫିଲ୍ମ 'ତାରେ ଜମିନ୍ ପର୍'ରେ ଏକ କମିଓ ଭୂମିକାରେ ଅଭିନୟ କରିଥିଲେ।

### ୩ ବର୍ଷରେ ୧.୧୨ ଲକ୍ଷ ଦିନ ମଜୁରିଆଙ୍କ ଆତ୍ମହତ୍ୟା

**ନୂଆଦିଲ୍ଲୀ, ୧୩।୨:** ଦେଶରେ ୨୦୧୯ରୁ ୨୦୨୧ ଭିତରେ ୧.୧୨ ଲକ୍ଷ ଦିନ ମଜୁରିଆ ଆତ୍ମହତ୍ୟା କରିଥିବା କେନ୍ଦ୍ର ଶ୍ରମମନ୍ତ୍ରୀ ଭୂପେନ୍ଦ୍ର ଯାଦବ ସୋମବାର ଲୋକ ସଭାରେ କହିଛନ୍ତି। ଏହାବାଦ୍ ୬୬,୯୧୨ ଗୃହିଣୀ, ୫୩,୬୬୧ ଜଣ ସେଲ୍ଫ ଏମ୍ପ୍ଲଏଡ୍, ୪୩,୪୨୦ ବେତନଧାରୀ ଏବଂ ୪୩,୩୮୫ ବେକାରି ବ୍ୟକ୍ତିବିଶେଷ ଆତ୍ମହତ୍ୟା କରିଛନ୍ତି। ଅନ୍ୟପକ୍ଷେ ୩୫,୯୫୦ ଛାତ୍ରୀଛାତ୍ର, ୩୧,୮୩୯ କୃଷିକାର୍ଯ୍ୟରେ ନିୟୋଜିତ ବ୍ୟକ୍ତି ୨୦୧୯-୨୧ ଭିତରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିବା କେନ୍ଦ୍ରମନ୍ତ୍ରୀ ନ୍ୟାଶନାଲ କ୍ରାଇମ୍ ରେକର୍ଡସ୍ ବ୍ୟୁରୋକୁ ଆଧାର କରି ଏହି ସୂଚନା ପ୍ରଦାନ କରିଛନ୍ତି।

### ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ: ଶିକ୍ଷକ ଗିରଫ

**ରେୱା, ୧୩।୨:** ମଧ୍ୟପ୍ରଦେଶ ଗ୍ୱାଲିଅରରେ ୧୦ ବର୍ଷର ଛାତ୍ରୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ସରକାରୀ ସ୍କୁଲ ଶିକ୍ଷକଙ୍କୁ ସୋମବାର ପୋଲିସ ଗିରଫ କରିଛି। ଶନିବାର ଛାତ୍ରୀଜଣକ ସ୍କୁଲକୁ ଆସିବା ପରେ ଶିକ୍ଷକ ତାଙ୍କୁ ଏକ ନିଛାଟିଆ ଜାଗାକୁ ନେଇଯାଇ ବଳାତ୍କାର କରିଥିବା ପୋଲିସ କହିଛି। ଏସମ୍ପର୍କରେ ଛାତ୍ରୀଜଣକ ଘରକୁ ଫେରି ପରିବାର ଆଗରେ ସମସ୍ତ କଥା କହିଥିଲେ। ଏହାପରେ ତାଙ୍କ ଘରଲୋକ ଜିଲା ମହିଳା ଥାନାରେ ସମ୍ପୃକ୍ତ ଶିକ୍ଷକଙ୍କ ନାଁରେ ଅଭିଯୋଗ କରିଥିଲେ। ଶିକ୍ଷକଙ୍କ ବିରୋଧରେ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ କରାଯାଇଥିବାବେଳେ ପୋଲିସ ଉକ୍ତ ଶିକ୍ଷକଙ୍କୁ ଗିରଫ କରିଛି।

# ତେଜିଲା ନେତାନ୍ୟାହୁ ବିରୋଧୀ ଆନ୍ଦୋଳନ

## ଆଇନ ବ୍ୟବସ୍ଥାରେ ପରିବର୍ତ୍ତନ ଯୋଜନାକୁ ଦୃଢ଼ ବିରୋଧ

**ଜେରୁଜେଲମ, ୧୩।୨**

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସରକାର ଦେଶର ଆଇନ ବ୍ୟବସ୍ଥାରେ ପରିବର୍ତ୍ତନ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଥିବାବେଳେ ଏହାକୁ ବିରୋଧ କରି ସୋମବାର ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇଛନ୍ତି। ସେମାନେ ପାର୍ଲାମେଣ୍ଟ ବାହାରେ ଗଣତନ୍ତ୍ର ସପକ୍ଷରେ ଏବଂ ଏକଚ୍ଛତ୍ରବାଦ ବିରୋଧରେ ସ୍ଲୋଗାନ ଦେବା ସହ ପତାକା ଉଡ଼ାଇଥିଲେ। ବହୁବର୍ଷ ମଧ୍ୟରେ ଇସ୍ରାଏଲ୍ ପାର୍ଲାମେଣ୍ଟ ବାହାରେ ଏହା ସବୁଠୁ ବଡ଼ ବିକ୍ଷୋଭ। ସରକାରଙ୍କ ଯୋଜନାକୁ ଅଧିକାଂଶ ଦେଶବାସୀ ବିରୋଧ କରୁଥିବା ଉକ୍ତ ବିକ୍ଷୋଭରୁ ସ୍ପଷ୍ଟ ହୋଇଛି। ପ୍ରସ୍ତାବିତ ପରିବର୍ତ୍ତନକୁ ନେଇ ଗତ କିଛି ସପ୍ତାହ ହେଲା ଦେଶରେ ଗଣବିକ୍ଷୋଭ ଲାଗି ରହିଛି। ପ୍ରଭାବଶାଳୀ ବ୍ୟବସାୟୀ, ପୂର୍ବତନ ସେନା ଅଧିକାରୀ ସରକାରଙ୍କ ଯୋଜନାକୁ ବିରୋଧ କରୁଛନ୍ତି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ମଧ୍ୟ ନେତାନ୍ୟାହୁ ସରକାରଙ୍କ ନିଷ୍ପତ୍ତିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏଭଳି ଆଇନକୁ ସ୍ଥଗିତ ରଖିବା ଲାଗି ବିଭିନ୍ନ ଦେଶ ଅନୁରୋଧ କରିଥିଲେ ମଧ୍ୟ ନେତାନ୍ୟାହୁଙ୍କ



ଇସ୍ରାଏଲ୍ ପାର୍ଲାମେଣ୍ଟ ବାହାରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ମେଣ୍ଟ ଏକାଧିକ ଆଇନରେ ପରିବର୍ତ୍ତନକୁ ଅନୁମୋଦନ କରିଛି। ଏବେ ଏହା ଉପରେ ପାର୍ଲାମେଣ୍ଟରେ ଭୋଟ ନିଆଯିବ। ସତ୍ୟର ବଳିଷ୍ଠ ସ୍ୱରକୁ ସରକାରଙ୍କୁ ଶୁଣିବାକୁ ପଡ଼ିବ ବୋଲି ବିରୋଧୀ ଦଳ ନେତା ୟାଇର ଲାପିଡ୍ କହିଛନ୍ତି। ଅନ୍ୟପକ୍ଷରେ ଅତ୍ୟଧିକ କ୍ଷମତା ଉପଭୋଗ କରୁଥିବା ନ୍ୟାୟପାଳିକାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରସ୍ତାବିତ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ନେତାନ୍ୟାହୁ ଓ ତାଙ୍କ ସମର୍ଥକମାନେ କହିଛନ୍ତି। ତେବେ ଆଇନ ବ୍ୟବସ୍ଥାରେ ପରିବର୍ତ୍ତନ ବିଦ୍ରୋହ ସହ ସମାନ ଏବଂ ଏହା ଇସ୍ରାଏଲି ଗଣତନ୍ତ୍ରକୁ ଧ୍ୱଂସ କରିଦେବ ବୋଲି ବିରୋଧୀ କହିଛନ୍ତି। ଏକାଧିକ ଦୁର୍ନୀତି ମାମଲାରେ ଜଡ଼ିତ ଥିବା ନେତାନ୍ୟାହୁ ନ୍ୟାୟିକ ବ୍ୟବସ୍ଥାରେ ପରିବର୍ତ୍ତନ କରିବା ପଛରେ ନିହିତ ସ୍ୱାର୍ଥ ରହିଥିବା ଅଭିଯୋଗ ହୋଇଛି।

# ସିବିଆଇ ତଦନ୍ତ ଦାବି କଲେ ସୁରେଶ ପୂଜାରୀ

## ଲୋକ ସଭାରେ ଉଠିଲା ନବ ଦାସ ହତ୍ୟା ପ୍ରସଙ୍ଗ

**ନୂଆଦିଲ୍ଲୀ/ସମ୍ବଲପୁର, ୧୩।୨**

ଓଡ଼ିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ହତ୍ୟା ପ୍ରସଙ୍ଗ ସୋମବାର ଲୋକ ସଭାରେ ଉଠିଛି। ବରିଷ୍ଠ ଭାଜପା ନେତା ତଥା ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଶୂନ୍ୟକାଳରେ ନବ ଦାସ ହତ୍ୟା ପ୍ରସଙ୍ଗ ଉଠାଇଥିଲେ। ହତ୍ୟାକାଣ୍ଡର କ୍ରାଇମ୍ ବ୍ରାଞ୍ଚ ତଦନ୍ତକୁ ସେ ନିନ୍ଦା କରିବା ସହ ଏହାର ସିବିଆଇ ତଦନ୍ତ ଦାବି କରିଛନ୍ତି। ସେ କହିଛନ୍ତି, ଗତ ମାସ ୨୯ ତାରିଖରେ ବ୍ରଜରାଜନଗରରେ ମନ୍ତ୍ରୀ ନବ ଦାସଙ୍କୁ ପୋଲିସ ଏଏସ୍ଆଇ ଗୋପାଳ ଦାସ ଅତି ନିକଟରୁ ଗୁଳିକରି ହତ୍ୟା କରିଥିଲେ। ଏହା ଏକ ସଙ୍ଗୀନ ବିଷୟ। ନବବାବୁ ମୋ ସଂସଦୀୟ କ୍ଷେତ୍ର ଅଧୀନସ୍ଥ ବିଧାୟକ ଥିଲେ। ହତ୍ୟାକାଣ୍ଡକୁ ଇତିମଧ୍ୟରେ ୧୫ ଦିନ ବିତିଥିବାବେଳେ ହତ୍ୟାକାଣ୍ଡ ପଛର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ କ୍ରାଇମ୍ ବ୍ରାଞ୍ଚ ଖୋଜି ବାହାର କରିପାରି ନାହିଁ। ଓଡ଼ିଶା ସରକାର ଅଭିଯୁକ୍ତଙ୍କ ନାର୍କୋ ଆନାଲିସିସ୍ ଏବଂ ପଲିଗ୍ରାଫ୍ ପରୀକ୍ଷା ପାଇଁ କେନ୍ଦ୍ରର ସହାୟତା ନେଉଥିବାବେଳେ ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରିବାକୁ କୁଣ୍ଠାବୋଧ କରୁଛନ୍ତି କାହିଁକି ବୋଲି ପୂଜାରୀ ପ୍ରଶ୍ନ କରିଥିଲେ। କ୍ରାଇମ୍ ବ୍ରାଞ୍ଚ ତଦନ୍ତରୁ କିଛି ମିଳିବ ନାହିଁ। ତେଣୁ ପୋଲିସ କ'ଣ ପାଇଁ ମନ୍ତ୍ରୀଙ୍କୁ ଗୁଳିକରି ହତ୍ୟା କଲେ ତାହାର କାରଣ ଜାଣିବା ପାଇଁ ସିବିଆଇ ତଦନ୍ତ କରାଇବାକୁ ଭାଜପା ନେତା କେନ୍ଦ୍ର ସରକାରଙ୍କୁ ନିବେଦନ କରିଥିଲେ।

ସୂଚନାଯୋଗ୍ୟ, ଗତ ମାସ ୨୯ରେ ମନ୍ତ୍ରୀ ନବ ଦାସ ବ୍ରଜରାଜନଗର ଗସ୍ତରେ ଯାଇଥିବାବେଳେ ଗାନ୍ଧୀଛକରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ସମୟରେ ମନ୍ତ୍ରୀ ଦାସ ଗାଡ଼ିରୁ ଓହ୍ଲାଇବା ମାତ୍ରେ ଅଭିଯୁକ୍ତ ଗୋପାଳ ତାଙ୍କୁ ଗୁଳି କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟ ଓ ପରେ ଏୟାରଲିଫ୍ଟ କରାଯାଇ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମନୋନୀତ ସଦସ୍ୟ ଭୋଟ ଦେଇପାରିବେନି

## ସୁପ୍ରିମକୋର୍ଟରେ ଦିଲ୍ଲୀ ମେୟର ନିର୍ବାଚନ ମାମଲା

**ନୂଆଦିଲ୍ଲୀ, ୧୩।୨**

ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ ଏମ୍‌ସିଡି ମେୟର ନିର୍ବାଚନରେ ମନୋନୀତ ସଦସ୍ୟ ଭୋଟ ଦେଇପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ସୋମବାର ଟିପ୍ପଣୀ ଦେଇଛନ୍ତି। ତେବେ ଆସନ୍ତା ଗୁରୁବାର ହେବାକୁ ଥିବା ମେୟର ନିର୍ବାଚନକୁ ପୁଣିଥରେ ସ୍ଥଗିତ ରଖାଯାଇଛି। ଏଏପି ଏବଂ ଭାଜପା ସଦସ୍ୟମାନଙ୍କ ମଧ୍ୟରେ ହଟ୍ଟଗୋଳ ଯୋଗୁ ଦିଲ୍ଲୀ ମେୟର ନିର୍ବାଚନ ପୂର୍ବରୁ ୩ ଥର ଅଟକିଲାଣି। ଡିସେମ୍ବର ୭ରେ ଏମ୍‌ସିଡି ନିର୍ବାଚନ ଫଳାଫଳ ପ୍ରକାଶ ପାଇଥିଲା। ଇତିମଧ୍ୟରେ ପାଖାପାଖି ଦେଢ଼ମାସେ ବିତିଥିଲେ ମଧ୍ୟ ମେୟର ନିର୍ବାଚନ ହୋଇପାରି ନାହିଁ। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠରେ ୧୭ ତାରିଖରେ ଶୁଣାଣି ଥିବାରୁ ଏହା ପରେ ମେୟର ନିର୍ବାଚନ ଅନୁଷ୍ଠିତ ହେବ। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ମନୋନୀତ ସଦସ୍ୟ ଭୋଟ ଦେଇପାରିବେ ନାହିଁ ବୋଲି ଖଣ୍ଡପୀଠ କହିଥିଲେ।

# ମହାକାଶ ଯିବେ ପ୍ରଥମ ସାଉଦି ମହିଳା

**ରିଆଦ, ୧୩।୨**

ସାଉଦି ଆରବ ଦେଶର ପ୍ରଥମ ମହିଳା ମହାକାଶଚାରୀଙ୍କୁ ସ୍ପେସ୍ ପଠାଇବାକୁ ଯାଉଛି। ପୁରୁଷ ମହାକାଶଚାରୀ ଅଲି-ଅଲ୍-କାରନିଙ୍କ ସହ ରାୟାନା ବାରନାୱି ସ୍ପେସ୍ ମିଶନ୍‌ରେ ବାହାରିଛନ୍ତି। ଅଗଷ୍ଟ ସୁଦ୍ଧା ଏଏକ୍ସ- ସ୍ପେସ୍ ମିଶନ କରାଯିବାକୁ ଥିବାବେଳେ ଆମେରିକାରୁ ବିମାନ ଉଡାଣ ଭରିବାର ଯୋଜନା ରହିଛି। ୨୦୧୯ରେ ୟୁନାଇଟେଡ୍ ଆରବ ଏମିରେଟ୍ସ ନିଜର ପ୍ରଥମ ମହାକାଶଚାରୀଙ୍କୁ ସ୍ପେସ୍ ମିଶନରେ ପଠାଇଥିଲା। ଏ ନେଇ ହାଜା ଅଲମସୂରିଙ୍କୁ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନରେ ୮ ଦିନ ବିତାଇବାକୁ ପଡ଼ିଥିଲା।



ରାୟାନା ବାରନାୱି

# ମହାନଦୀ ଜଳବିବାଦ ପ୍ରସଙ୍ଗ ଉଠାଇଲେ ଭର୍ତ୍ତୃହରି

**ନୂଆଦିଲ୍ଲୀ, ୧୩।୨**

ଲୋକ ସଭାରେ ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ ସୋମବାର ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳକୁ ନେଇ ଦେଖାଦେଇଥିବା ବିବାଦ ପ୍ରସଙ୍ଗ ଉଠାଇଥିଲେ। ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ଗାଇଡ୍‌ଲାଇନ ଅନୁଯାୟୀ ଓଡ଼ିଶାକୁ ମହାନଦୀ ଜଳପ୍ରବାହ ସୁନିଶ୍ଚିତ କରାଇବାକୁ ସେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। ୨୦୧୬ ଅଗଷ୍ଟରେ ଛତିଶଗଡ଼ର ଏକ ଚିଠିକୁ ଦେଖାଇ ଭର୍ତ୍ତୃହରି କହିଥିଲେ, ମହାନଦୀ ଜଳର ୨୪.୫୦ ନିୟୁତ ଏକର ଫୁଟ୍ (ଏମ୍ଏଏଫ୍) ଜଳକୁ ବେଆଇନ ଭାବେ ଅବରୋଧ କରିବା ଲାଗି ଏହି ରାଜ୍ୟ ଏକତରଫା ଭାବେ ଯୋଜନା କରିଥିଲା। ମହାନଦୀ ଉପତ୍ୟକା ବିକାଶ: ହୀରାକୁଦ ନଦୀବନ୍ଧ ପ୍ରକଳ୍ପ ଉପରେ କେନ୍ଦ୍ରୀୟ ଜଳମାର୍ଗ ଜଳସେଚନ ଓ ନୌପରିବହନ କମିଶନଙ୍କ ୧୯୪୭ ରିପୋର୍ଟ ଅନୁଯାୟୀ ୨୦.୬୧ ଏମ୍ଏଏଫ୍ ଜଳକୁ ବଣ୍ଟନ କରାଯିବ ଏବଂ ଓଡ଼ିଶା ସେଥିରୁ ୧୨.୨୮ ଏମ୍ଏଏଫ୍ ଜଳ ବ୍ୟବହାର କରିପାରିବ। ଅବଶିଷ୍ଟ ଜଳକୁ ଉପର ମୁଣ୍ଡରେ ଥିବା ରାଜ୍ୟ ଉପଯୋଗ କରିବେ। ଏହା ସତ୍ତ୍ୱେ କେନ୍ଦ୍ର ସରକାର ପଦକ୍ଷେପ ନେଉ ନ ଥିବାରୁ ଓଡ଼ିଶା ସୁପ୍ରିମକୋର୍ଟ ଯାଇଥିଲା। ଟ୍ରିବ୍ୟୁନାଲ ଗଠନ



ଭର୍ତ୍ତୃହରି ମହତାବ

ପାଇଁ ସର୍ବୋଚ୍ଚ ଅଦାଲତ କେନ୍ଦ୍ରକୁ କହିଥିଲେ। କିନ୍ତୁ ଟ୍ରିବ୍ୟୁନାଲ ଧାର୍ଯ୍ୟ ସମୟ ମଧ୍ୟରେ ରିପୋର୍ଟ ଦେଇନାହାନ୍ତି ବୋଲି ଭର୍ତ୍ତୃହରି କହିଥିଲେ। ଛତିଶଗଡ଼ ସରକାର ପ୍ରକଳ୍ପ ଯୋଜନା ପ୍ରସ୍ତୁତ କଲାବେଳେ ଉପରୋକ୍ତ ଗାଇଡ୍‌ଲାଇନକୁ ବିଚାରକୁ ନେଇଥିଲେ କି ବୋଲି ସେ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ହୀରାକୁଦ ଡ୍ୟାମ୍‌ର ଜଳସ୍ତର ୬୨୨.୯୭ ଫୁଟ ଏବଂ ଜଳସେଚନ ଓ ବିଦ୍ୟୁତ ଉତ୍ପାଦନ ପାଇଁ ଦୈନିକ ୧୦ ହଜାର କ୍ୟୁସେକ୍ ଜଳ ଓଡ଼ିଶାକୁ ପ୍ରବାହିତ ହେବା କଥା। ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ଏକାଧିକ ବ୍ୟାରେଜ ନିର୍ମାଣ କରିବା ଫଳରେ ଜଳପ୍ରବାହ ବାଧାପ୍ରାପ୍ତ ହୋଇଛି। ଏଥିରେ କେନ୍ଦ୍ର ସରକାର ହସ୍ତକ୍ଷେପ କରିବା ଉଚିତ ନ ଥିଲା କି ବୋଲି ଭର୍ତ୍ତୃହରି ପ୍ରଶ୍ନ କରିଥିଲେ।

# ବାଲିମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ: ଭାଜପା

**ନୂଆଦିଲ୍ଲୀ, ୧୩।୨**

ଓଡ଼ିଶାର ଜୟଦେବ ନିର୍ବାଚନମଣ୍ଡଳୀରେ ବେଆଇନ ବାଲି ଉତ୍ତୋଳନରେ ଲିପ୍ତ ଥିବା ମାଫିଆମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସୋମବାର ଦାବି କରିଛନ୍ତି। ରାଜ୍ୟ ସରକାରଙ୍କ ସହ ସଲାସୁତୁରା କରି ମାଫିଆମାନେ ବାଲି ଉତ୍ତୋଳନ କରୁଛନ୍ତି। ଫଳରେ ଉକ୍ତ ଅଞ୍ଚଳର ବାସିନ୍ଦା ପ୍ରଭାବିତ ହେବା ସହ ରାସ୍ତା ଓ ପୋଲ ଭାଙ୍ଗିଯାଉଛି ବୋଲି ଲୋକ ସଭାରେ ଶୂନ୍ୟକାଳ ଆଲୋଚନା ବେଳେ ଅପରାଜିତା କହିଥିଲେ। ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଏହାର ତଦନ୍ତ ପାଇଁ ଏକ ଟିମ୍ ପଠାଇବାକୁ ସେ ଅନୁରୋଧ କରିଥିଲେ। ତେବେ ବିଜେଡି ଏମ୍‌ପି ଅନୁଭବ ମହାନ୍ତି ଏହାକୁ ରାଜ୍ୟ ପ୍ରସଙ୍ଗ କହି ଅପରାଜିତାଙ୍କୁ ବିରୋଧ କରିଥିଲେ।

# ଜବରଦଖଲ ଉଚ୍ଛେଦ ବେଳେ ଜଳିଗଲେ ମା'ଝିଅ

**କାନପୁର, ୧୩।୨**

ଉତ୍ତରପ୍ରଦେଶ କାନପୁରର ଦେହତ ଗ୍ରାମରେ ଜବରଦଖଲ ଉଚ୍ଛେଦ ଚାଲିଥିବାବେଳେ ନିଆଁରେ ଜଳି ମା' ଓ ଝିଅଙ୍କର ମୃତ୍ୟୁ ଘଟିଛି। ଦୁହେଁ ଘର ଭିତରେ ଥିବାବେଳେ ପୋଲିସ ଜାଣିଶୁଣି ତାଙ୍କ ଘରେ ନିଆଁ ଲଗାଇ ଦେଇଥିବା ମୃତାଙ୍କ ପରିବାରଲୋକେ ଅଭଯୋଗ ଆଣିଛନ୍ତି। ଅନ୍ୟପକ୍ଷେ ମା' ଓ ଝିଅ ନିଜ ଦେହରେ ନିଆଁ ଲଗାଇ ଦେଇଥିବା ପୋଲିସ କହିଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୋମବାର ୟୁପିର ମାଡଉଲି ଗ୍ରାମରେ 'ଗ୍ରାମ ସମାଜ' ଅଭିଯାନ ଜରିଆରେ ଜବରଦଖଲ ଉଚ୍ଛେଦ ଚାଲିଥିବାବେଳେ ଏହି ଅଘଟଣ ଘଟିଥିଲା।

# ୧୬ରୁ ରାଜ୍ୟସ୍ତରୀୟ 'କୃଷି ଓଡ଼ିଶା'

## 'କୃଷି ଓଡ଼ିଶା ୨୦୨୩' ୱେବ୍‌ସାଇଟ୍ ଲୋକାର୍ପିତ

**ଭୁବନେଶ୍ୱର, ୧୩।୨ (ବ୍ୟୁରୋ)**

କୃଷି ଓ ଆନୁଷଙ୍ଗିକ କୃଷି ସଂକ୍ରାନ୍ତରେ ଚାଷୀଙ୍କୁ ଗୋଟିଏ ଛାତ ତଳେ ସମସ୍ତ ସୂଚନା ପ୍ରଦାନ ପାଇଁ ଆସନ୍ତା ୧୬ରୁ ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳପଡ଼ିଆଠାରେ ରାଜ୍ୟସ୍ତରୀୟ 'କୃଷି ଓଡ଼ିଶା ୨୦୨୩' ଆରମ୍ଭ ହେବ। ଏହା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ସୋମବାର କୃଷି ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ, କୃଷିମେଳାରେ ଚାଷୀଙ୍କ ମତାମତ ଓ ଅନୁଭୂତିକୁ ଆଧାରକରି ରାଜ୍ୟ ସରକାର କୃଷି କାର୍ଯ୍ୟକ୍ରମ ପ୍ରଣୟନ କରୁଛନ୍ତି। ଚଳିତବର୍ଷର କୃଷି ଓଡ଼ିଶାର ବିଷୟବସ୍ତୁ ରହିଛି 'କୃଷି ବିକାଶରେ ନୂତନ ଜ୍ଞାନକୌଶଳ'। କୃଷି ବିକାଶ ଯୋଜନା ଏବଂ ଆଧୁନିକ ଜ୍ଞାନକୌଶଳ ଓ ଯନ୍ତ୍ରପାତିକୁ କୃଷକଙ୍କ ନିକଟତର କରିବା ପାଇଁ ଚଳିତବର୍ଷ ପ୍ରଥମଥର ପାଇଁ ଆଞ୍ଚଳିକ ଓ ପ୍ରତି ଜିଲାରେ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଆୟୋଜନ କରାଯାଉଛି। ମହିଳା ସଶକ୍ତୀକରଣ ନିମନ୍ତେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରହିଛି। ଏଥିରେ ଚାଷୀମାନେ ବହୁଳ ଭାବରେ ଅଂଶଗ୍ରହଣ କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ 'କୃଷି ଓଡ଼ିଶା ୨୦୨୩' ୱେବ୍‌ସାଇଟକୁ ଲୋକାର୍ପଣ କରିଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ମେଳା ସମ୍ପର୍କରେ ସୂଚନା ଦେଇଥିବାବେଳେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। 'କୃଷି ଓଡ଼ିଶା'କୁ ୧୬ ତାରିଖ ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ ଓ ୧୮ ତାରିଖ ଉଦ୍‌ଯାପନୀ ସନ୍ଧ୍ୟାରେ ରାଜ୍ୟପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଚଳିତବର୍ଷ କୃଷି ଓଡ଼ିଶାରେ ମୋଟ ୧୭୫ ଷ୍ଟଲ୍‌ରେ କୃଷି ଓ ଆନୁଷଙ୍ଗିକ ସାମଗ୍ରୀ ପ୍ରଦର୍ଶିତ ହେବ। ଏଥିରେ କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ମିଶନ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଜାତୀୟ ଧାନ ଗବେଷଣା କେନ୍ଦ୍ର, କୃଷି ବିଜ୍ଞାନ କେନ୍ଦ୍ର ଓ ଅନ୍ୟାନ୍ୟ ବୈଷୟିକ ସଂସ୍ଥା, କୃଷି ଉଦ୍ୟୋଗୀ, ବ୍ୟବସାୟିକ ପ୍ରତିଷ୍ଠାନ, କୃଷି ସାମଗ୍ରୀ ବିତରକ, କୃଷି ଉତ୍ପାଦନ ସଂଘ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଓଡ଼ିଶା ମିଲେଟ୍ ମିଶନ ଆଦି ସଂସ୍ଥା ଭାଗନେବେ। ଏହି ଅବସରରେ ୧୦ଟି ବିଷୟବସ୍ତୁ ଉପରେ କୃଷକ, କୃଷି ଉଦ୍ୟୋଗୀ, ବିଶେଷଜ୍ଞ ଓ ବୈଜ୍ଞାନିକଙ୍କ ସହ ଆଲୋଚନାଚକ୍ରର ଆୟୋଜନ କରାଯାଇଛି। ଏଥିସହ ରାଜ୍ୟର ୩୦ ଜିଲାର ଅଗ୍ରଣୀ ଚାଷୀ, କୃଷି ଉଦ୍ୟୋଗୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧନା ଦିଆଯିବ ବୋଲି ସୂଚନା ଦିଆଯାଇଛି।

# ଅନ୍ତର୍ଜାତୀୟ ରେଡିଓ ମେଳା ଉଦ୍‌ଯାପିତ

## ଶାନ୍ତିଲତା ବାରିକଙ୍କୁ ଲାଇଫଟାଇମ ଆଚିଭ୍‌ମେଣ୍ଟ ଆୱାର୍ଡ

**ଭୁବନେଶ୍ୱର, ୧୩।୨ (ବ୍ୟୁରୋ)**

ଉଦ୍‌ଯାପିତ ହୋଇଯାଇଛି ଅନ୍ତର୍ଜାତୀୟ ରେଡିଓ ମେଳା। ୩ଦିନ ଧରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଆଉଟ୍‌ରିଚ୍ ପକ୍ଷରୁ ଆୟୋଜିତ ଏହି ମେଳା ଭଞ୍ଜକଳା ମଣ୍ଡପର ମୁକ୍ତାକାଶତଳେ ସୋମବାର ଶେଷ ହୋଇଯାଇଛି। ବିଭିନ୍ନ ପ୍ରକାର ଓ ବହୁ ପୁରାତନ ରେଡିଓ ଏଥିରେ ଦେଖିବାକୁ ମିଳିଥିଲା। ଉଦ୍‌ଯାପନୀ ସନ୍ଧ୍ୟାର ଅତିଥି ଭାବେ 'ମୋ କଲେଜ'ର ଅଧ୍ୟକ୍ଷ ଆକାଶ ଦାସ ନାୟକ, କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ, ଆଇଆଇଏମ୍‌ସିର ନିର୍ଦ୍ଦେଶକ ମୃଣାଳ ଚାଟାର୍ଜୀ, ଇଷ୍ଟର୍ନ ମିଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ତନୟା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶାର ଲୋକପ୍ରିୟ ରେଡିଓ ଜକି ସଂଗ୍ରାମଙ୍କୁ 'ଉପେନ୍ଦ୍ର କୁମାର ପାହାଡ଼ସିଂ ମେମୋରିଆଲ





ଶ୍ରୀକ୍ଷେତ୍ର ନାଟ୍ୟଶାଳା ପୁରୀ ପକ୍ଷରୁ ପ୍ରଦର୍ଶିତ 'ଦି ଅଣ୍ଡରଗ୍ରାଉଣ୍ଡ ରେଡିଓ' ଡ୍ରାମାର ଏକ ଦୃଶ୍ୟ।

ଆୱାର୍ଡ, କଣ୍ଠଶିଳ୍ପୀ ଶାନ୍ତିଲତା ବାରିକଙ୍କୁ 'ଲାଇଫଟାଇମ ଆଚିଭ୍‌ମେଣ୍ଟ ଆୱାର୍ଡ' ଏବଂ ଅବସରପ୍ରାପ୍ତ ସମ୍ବାଦ ପାଠକ ରବି ଶତପଥୀଙ୍କୁ 'ନଦିଆ ବିହାରୀ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଚଣ୍ଡିଗଡ଼ର 'ରେଡିଓ ପଞ୍ଜାବ'କୁ ଚଳିତବର୍ଷ 'ଶ୍ରେଷ୍ଠ କମ୍ୟୁନିଟି ରେଡିଓ' ଭାବରେ ସମ୍ମାନିତ କରାଯାଇଥିଲା। ଜମ୍ମୁ ଓ କଶ୍ମୀରର 'ରେଡିଓ ପିର ପଞ୍ଜାଲ'କୁ ଜନ ସେବାରେ ରେଡିଓର ସର୍ବୋତ୍ତମ ବ୍ୟବହାର ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଭିନ୍ନ ବର୍ଗ ଲାଗି ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଶ୍ରୀକ୍ଷେତ୍ର ନାଟ୍ୟଶାଳା ପୁରୀ ପକ୍ଷରୁ 'ଦି ଅଣ୍ଡରଗ୍ରାଉଣ୍ଡ ରେଡିଓ' ଡ୍ରାମା ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। କାର୍ଯ୍ୟକ୍ରମକୁ ଉଦ୍ୟୋକ୍ତା ସୁବ୍ରତ ପତି ପରିଚାଳନା କରିଥିଲେ।

ଦିବସର ପ୍ରାରମ୍ଭରେ ଖବର ଉପସ୍ଥାପକମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଚାରକ ଭାବେ ଆକାଶବାଣୀ ସମାଚାରର ପୂର୍ବତନ ଉପ ନିର୍ଦ୍ଦେଶକ ସୁଧାଂଶୁ ଶେଖର ଧଡ଼ା ଏବଂ ଆକାଶବାଣୀ ଓ ଦୂରଦର୍ଶନର ସମାଚାର ଉପସ୍ଥାପକ ଜିତେନ୍ଦ୍ର କୁମାର ନାୟକ ଯୋଗ ଦେଇଥିଲେ। ଏହାପରେ ତର୍କ ଓ ଆର୍‌ଜେୟିଙ୍ଗ ପ୍ରତିଯୋଗିତାରେ ବିଚାରକ ଭାବେ ଓଡ଼ିଶୀ ଗବେଷକ ଶ୍ରୀନିବାସ ଘଟୁଆରୀ, ଆର୍‌ଜେ ଜୟଦେବ ଲେଙ୍କା ପ୍ରମୁଖ ରହିଥିଲେ। ସେହିପରି ଅପରାହ୍ନରେ କମ୍ୟୁନିକେଶନ୍ ୱାର୍କଶପ୍ ମଧ୍ୟ ଆୟୋଜନ କରାଯାଇଥିଲା।

## ରାଜ୍ୟ ଖବର

# 'ଜାତୀୟ ପତାକା ଭାରତର ଆତ୍ମା'

## ପୁରୀ ପ୍ରବେଶ ପଥ ୧୦୮ ଫୁଟ ଉଚ୍ଚରେ ଉଡ଼ିଲା ତ୍ରିରଙ୍ଗା





ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ଶିଳ୍ପପତି ନବୀନ ଜିନ୍ଦଲ ଏବଂ ତାଙ୍କ ସହଧର୍ମିଣୀ ଶାଲୁ ଜିନ୍ଦଲ।



**ପୁରୀ ଅଫିସ, ୧୩।୨**

ଜାତୀୟ ପତାକା ଭାରତର ଆତ୍ମା। ଏହା ଭାରତର ପ୍ରକୃତ ଚରିତ୍ର ଓ ପରିଚୟ, ଯାହା ପ୍ରତ୍ୟେକ ଭାରତୀୟଙ୍କୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରିଥାଏ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ସୋମବାର ପୁରୀ ପ୍ରବେଶ ପଥ ବୀରହରେକୃଷ୍ଣପୁର ଛକଠାରେ ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ ପକ୍ଷରୁ ୧୦୮ ଫୁଟ ଉଚ୍ଚ ସ୍ତମ୍ଭରେ ୩୬ ଫୁଟ ଲମ୍ବ ଓ ୨୪ ଫୁଟ ଓସାରର ଜାତୀୟ ପତାକା ସ୍ଥାପନ କରାଯାଇଛି। ଏହାକୁ ଉଦ୍‌ଘାଟନ କରି ରାଜ୍ୟପାଳ କହିଥିଲେ, ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଭାରତୀୟ ତ୍ରିରଙ୍ଗା ତଳେ ସମାନ। ସେମାନେ ତ୍ରିରଙ୍ଗାକୁ ନେଇ ଗର୍ବ ଓ ଗୌରବ ଅନୁଭବ କରନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା, ତ୍ରିରଙ୍ଗାର ତିନି ରଙ୍ଗର ନିଦର୍ଶନ ତଥା ଶାନ୍ତି, ମୈତ୍ରୀ, ସେବା ସମ୍ପର୍କରେ ରାଜ୍ୟପାଳ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହି କାର୍ଯ୍ୟର ପ୍ରଶଂସା କରିବା ସହ ସେଠାରେ ଥିବା ଜୟୀ ରାଜଗୁରୁଙ୍କ ମୂର୍ତ୍ତି ଓ ସ୍ଥାନର ରକ୍ଷଣାବେକ୍ଷଣ ତଥା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜିନ୍ଦଲ କମ୍ପାନୀ ନିର୍ବାହ କରିବା ପାଇଁ ମତ ଦେଇଥିଲେ। ସେହିପରି କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଜାତୀୟ ଚେତନା ଓ ଦେଶପ୍ରେମ ଗଠନରେ ଏହା ସହାୟକ ହେବ ବୋଲି କହିଥିଲେ। ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରି ବିଶିଷ୍ଟ ଶିଳ୍ପପତି ତଥା ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଥିଲେ, 'ହର୍ ଘର୍ ତ୍ରିରଙ୍ଗା ହର୍ ଦିନ୍ ତ୍ରିରଙ୍ଗା' ଉଦ୍ଦେଶ୍ୟରେ ଏହା ସ୍ଥାପନ ହୋଇଛି। ଲୋକେ ବଡ଼ ଜାତୀୟ ପତାକାକୁ ଦୂରରୁ ଦେଖି ଗର୍ବ ଅନୁଭବ କରିପାରିବେ। ୨୨ବର୍ଷ ବୟସରେ ସେ ଆମେରିକାରେ ଶିକ୍ଷାଲାଭ କରୁଥିବା ବେଳେ ସେଠାରେ ଜାତୀୟ ପତାକାର ସମ୍ମାନ ଦେଖି ଭାରତରେ ଏହାକୁ ଏଭଳି ଭାବେ ଉଡ଼ାଇବାକୁ ନିଷ୍ପତ୍ତି ନେଇଥିଲେ। ସେଠାରୁ ଫେରିବା ପରେ ଭାରତରେ କେବଳ ଜାନୁୟାରୀ ୨୬ ଓ ଅଗଷ୍ଟ ୧୫ରେ ଜାତୀୟ ପତାକା ଉଡ଼ାଇବା ପାଇଁ ଅନୁମତି ଥିବା ଜାଣିବାକୁ ପାଇଥିଲେ। ୧୦ବର୍ଷର ଆଇନଗତ ଲଢ଼େଇ ପରେ ବିଜୟୀ ହୋଇଥିବା ସେ କହିଥିଲେ। ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ଉପସଭାପତି ଶାଲୁ ଜିନ୍ଦଲ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ଜିନ୍ଦଲ କମ୍ପାନୀର ସିଏସ୍ଆର୍ ପ୍ରେସିଡେଣ୍ଟ ଓ ଗ୍ରୁପ ହେଡ୍ ପ୍ରଶାନ୍ତ କୁମାର ହୋତା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ ଉପସ୍ଥିତ ଥିଲେ।

# ସିଙ୍ଗଲ୍ସ ମୁଖ୍ୟ ଡ୍ର'ରେ ନାଗାଲ, ମୁକୁନ୍ଦ


ସୁମିତ ନାଗାଲ

## ଚେନ୍ନାଇ ଓପନ ଚ୍ୟାଲେଞ୍ଜର

ଚେନ୍ନାଇ, ୧୩।୨ (ପି.ଟି.)

ଭାରତୀୟ ଖେଳାଳି ସୁମିତ ନାଗାଲ ଓ ଶଶିକୁମାର ମୁକୁନ୍ଦ ସେମାନଙ୍କ କ୍ୱାଲିଫିକେଶନ ରାଉଣ୍ଡ ମ୍ୟାଚରେ ବିଜୟ ଲାଭ କରି ଚେନ୍ନାଇ ଓପନ ଏଟିପି ଚ୍ୟାଲେଞ୍ଜର ଟେନିସ ଟୁର୍ନାମେଣ୍ଟର ମୁଖ୍ୟ ଡ୍ର'କୁ ଉନ୍ନୀତ ହୋଇଛନ୍ତି। ନାଗାଲ ତାଙ୍କ ଦ୍ୱିତୀୟ ରାଉଣ୍ଡ କ୍ୱାଲିଫାଇଙ୍ଗରେ ୬-୧, ୬-୩ ରେ ଜି ସଙ୍ଗ୍ ନାମ୍‌ଙ୍କୁ ହରାଇ ଦେଇଥିବା ବେଳେ ମୁକୁନ୍ଦ କ୍ୱାଲିଫାଇଂର ନମ୍ବର ୱାନ ସିଡ୍ ତାଇପେର ଜାସନ ଜଙ୍ଗ୍‌ଙ୍କ ବିପକ୍ଷରେ ୪-୬, ୬-୪, ୬-୪ରେ ବିଜୟ ହାସଲ କରିଛନ୍ତି। ଏଥିସହ ଦୁହେଁ ମୁଖ୍ୟ ଡ୍ର'ରେ ସେମାନଙ୍କ ସ୍ଥାନ ପକ୍କା କରିଛନ୍ତି। ଦିଗ୍‌ବିଜୟ ପ୍ରତାପ ସିଂ କିନ୍ତୁ ତୃତୀୟ ସିଡ୍ ଅଷ୍ଟ୍ରେଲିଆର ଜେମ୍ସ ମ୍ୟାକ୍‌କେବ୍‌ଙ୍କଠାରୁ ୨-୬, ୬-୭ (୨)ରେ ହାରି ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ନାଗାଲ ଓ ମୁକୁନ୍ଦ ମୁଖ୍ୟ ଡ୍ର ପାଇଁ ଯୋଗ୍ୟତା ଅର୍ଜନ କରିବା ଦ୍ୱାରା ସେମାନେ ପ୍ରଜନେଶ ଗୁଣେଶ୍ୱରନ ଓ ରାମାନାଥନ ରାମକୁମାରଙ୍କ ସହ ଯୋଗ ଦେଇଛନ୍ତି। ମୁକୁନ୍ଦ ମୁଖ୍ୟ ଡ୍ର ପ୍ରଥମ ରାଉଣ୍ଡରେ ୨୦୨୨ ୱିମ୍ବଲଡନ ପୁରୁଷ ଡବଲ୍ସ ଚାମ୍ପିୟନ ମାକ୍ସ ପର୍ସେଲଙ୍କୁ ଭେଟିବେ। ନାଗାଲ ପ୍ରଥମ ରାଉଣ୍ଡରେ ୪ର୍ଥ ସିଡ୍ ଗ୍ରେଟ୍ ବ୍ରିଟେନର ର୍ୟାନ ପେନିଷ୍ଟନଙ୍କ ସହ ମୁକାବିଲା କରିବେ। ୩୨ ଜଣ ଖେଳାଳିଙ୍କୁ ନେଇ ମୁଖ୍ୟ ଡ୍ର'ରେ ପ୍ରଜନେଶ ଓ ରାମକୁମାର ୱାଇଲ୍ଡ କାର୍ଡ ଏଣ୍ଟ୍ରି ଭାବେ ସ୍ଥାନ ପାଇଛନ୍ତି। ଉଭୟେ ସେମାନଙ୍କ ଓପନିଂ ମ୍ୟାଚରେ ଯଥାକ୍ରମେ ଜେ କ୍ଲାର୍କ (ଗ୍ରେଟ୍ ବ୍ରିଟେନ) ଓ ଦିମିତ୍ରି କୁଜାମାନୋଭଙ୍କୁ ଭେଟିବେ।

# କଟକ ଏ', ଭୁବନେଶ୍ୱର ବି', ସମ୍ବଲପୁରର ସହଜ ବିଜୟ

## ୧୯ ବର୍ଷରୁ କମ୍ ଓସିଏ ଆନ୍ତଃ ଜିଲା ଦିନିକିଆ କ୍ରିକେଟ

ଭୁବନେଶ୍ୱର, ୧୩।୨ (ସ୍ପୋର୍ଟ୍ସ ବ୍ୟୁରୋ)

୧୯ ବର୍ଷରୁ କମ୍ ଓସିଏ ପୁରୁଷ ଆନ୍ତଃ ଜିଲା ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍‌ରେ କଟକ-ଏ', ଭୁବନେଶ୍ୱର-ବି', ଅନୁଗୋଳ, ସମ୍ବଲପୁର, ବଲାଙ୍ଗୀର, ବୌଦ୍ଧ, କୋରାପୁଟ, ସୁନ୍ଦରଗଡ଼ ଓ ଗଞ୍ଜାମ ସେମାନଙ୍କ ମ୍ୟାଚ୍‌ରେ ବିଜୟ ଲାଭ କରିଛନ୍ତି।

**ଖୋର୍ଦ୍ଧାସ୍ଥିତ ବିଜେଏଚ୍‌ଏସ୍ ଗ୍ରାଉଣ୍ଡ**

ଏଠାରେ କଟକ-ଏ' ଦଳ ୯ ଉଇକେଟରେ ଜଗତ୍‌ସିଂହପୁରକୁ ହରାଇ ଦେଇଛି। ଏଥିରେ ଜଗତ୍‌ସିଂହପୁର ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ୪୩.୧ ଓଭରରେ ୧୩୮ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଅବ୍‌ଦୁଲ ଟି. ଖାଁ ସର୍ବାଧିକ ୪୧ ରନ୍ କରିଥିଲେ। ବିପକ୍ଷ ଦଳର ପୀୟୂଷ ମନ୍ତ୍ରୀ ଓ ସାର୍ଥକ ପଣ୍ଡା ୩ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ କଟକ ଏ' ୨୪.୫ ଓଭରରେ ୧ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଅନୁପମ ସାହୁ ୫୯ ଏବଂ ଆଦିତ୍ୟ ରାୟ ୩୮ ରନ୍ କରି ଅପରାଜିତ ରହିଥିଲେ।

**ସନ୍‌ସାଇନ୍ ଗ୍ରାଉଣ୍ଡ (କଟକ)**

ଏଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଭୁବନେଶ୍ୱର-ବି' ୧୦ ଉଇକେଟରେ ମୟୂରଭଞ୍ଜକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମୟୂରଭଞ୍ଜ ୭.୨ ଓଭରରେ ମାତ୍ର ୨୧ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ସୟଦ ଟି. ମହମ୍ମଦ ଓ ସୟଦ ଏନ୍. ଅଲ୍ଲୀ ୫ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଭୁବନେଶ୍ୱର-ବି' ୩.୧ ଓଭରରେ ବିନା କୌଣସି ଉଇକେଟରେ ବିଜୟ ହାସଲ କରିନେଇଥିଲା।

**ବିଡ଼ାନାସୀ ଗ୍ରାଉଣ୍ଡ**

ଏଠାରେ ଝାରସୁଗୁଡ଼ା ବିପକ୍ଷରେ ଅନୁଗୋଳ ୯ ରନ୍‌ରେ ବିଜୟ ହାସଲ କରିଛି। ଅନୁଗୋଳ ପ୍ରଥମେ ବ୍ୟାଟିଂ କରି ୪୭.୫ ଓଭରରେ ୧୯୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ପାନକାଲା ଶଶାଙ୍କ ସର୍ବାଧିକ ୯୨ ରନ୍ କରି ଅପରାଜିତ ରହିଥିଲେ। ସତ୍ୟ ବେହେରା ୩୮ ରନ୍ କରିଥିଲେ। ଜବାବରେ ଝାରସୁଗୁଡ଼ା ନିର୍ଦ୍ଧାରିତ ଓଭରରେ ୧୯୦ ରନ୍ କରି ଅଲଆଉଟ ହୋଇଥିଲା। ଅଭିଷେକ ସାହୁ ୫୬, ଅର୍ଣ୍ଣବ ୪୩ ରନ୍ କରିଥିଲେ। ବିପକ୍ଷ ଦଳର ସଫଳ ବୋଲର ଶ୍ରେୟାଂଶ ଭରଦ୍ୱାଜ ୧୫ ରନ୍ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ।

**ଅଢ଼ଙ୍ଗପୁର ଗ୍ରାଉଣ୍ଡ**

ଏଠାରେ ସମ୍ବଲପୁର ୨୦୭ ରନ୍‌ରେ କନ୍ଧମାଳକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର ୪୮.୩ ଓଭରରେ ୨୯୦ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଟପ୍ ସ୍କୋରର ଅମରନାଥ ଭୋଇ ୧୩୬ ରନ୍ କରିଥିଲେ। ଜବାବରେ କନ୍ଧମାଳ ୨୯.୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୮୩ ରନ୍ କରିଥିଲା। ବିଜୟୀ ଦଳର ଶ୍ରେଷ୍ଠ ସିଂ ୪ ଏବଂ ଅଭିନବ ନନ୍ଦ ୩ ଉଇକେଟ ନେଇଥିଲେ।


ଶ୍ରେୟାଂଶ ଭରଦ୍ୱାଜ


ସୟଦ ଏନ୍. ଅଲ୍ଲୀ


ଅମରନାଥ ଭୋଇ

**ନିମପୁର ଗ୍ରାଉଣ୍ଡ**

ଏଠାରେ ବଲାଙ୍ଗୀର ୮୮ ରନ୍‌ରେ ରାୟଗଡ଼ାକୁ ହରାଇ ଦେଇଛି। ବିଜୟୀ ଦଳ ପ୍ରଥମେ ବ୍ୟାଟିଂ କରି ୪୦ ଓଭରରେ ୯ ଉଇକେଟ ହରାଇ ୨୩୩ ରନ୍ କରିଥିଲା। ଆୟୁଷ ସାହୁ ୬୮, ସମରପ୍ରୀତ ଓ ଗୌରବ ୪୬ ରନ୍ ଲେଖାଏଁ କରିଥିଲେ। ଜବାବରେ ରାୟଗଡ଼ା ୪୦ ଓଭରରେ ୭ ଉଇକେଟ ବିନିମୟରେ ୧୪୫ ରନ୍ କରିଥିଲା। ଦଳ ପକ୍ଷରୁ ରଜନୀକାନ୍ତ ସର୍ବାଧିକ ୫୭ ରନ କରିଥିଲେ। ସୋମବାର ବିଭିନ୍ନ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକ ମଧ୍ୟରେ ବୌଦ୍ଧ ୨୧୪ ରନ୍‌ରେ ଭଦ୍ରକକୁ, କୋରାପୁଟ ୭ ଉଇକେଟରେ କଳାହାଣ୍ଡିକୁ, ସୁନ୍ଦରଗଡ଼ ୨୬୦ ରନ୍‌ରେ ସୋନପୁରକୁ ଏବଂ ଗଞ୍ଜାମ ୮ ରନ୍‌ରେ ଦେବଗଡ଼କୁ ପରାସ୍ତ କରିଥିବା ଜଣାପଡ଼ିଛି।

# ଫ୍ରାଞ୍ଚାଇଜ୍ କ୍ରିକେଟ୍‌ରୁ ମୋର୍ଗାନଙ୍କ ଅବସର

**ଲଣ୍ଡନ, ୧୩।୨(ପି.ଟି.):** ଇଂଲଣ୍ଡର ଏକମାତ୍ର ୫୦ ଓଭର ବିଶ୍ୱକପ୍ ବିଜୟୀ ଅଧିନାୟକ ଇଓନ ମୋର୍ଗାନ ସୋମବାର ସମସ୍ତ ପ୍ରକାର ଶର୍ଟ ଫର୍ମାଟ୍ ଫ୍ରାଞ୍ଚାଇଜ୍ କ୍ରିକେଟ୍‌ରୁ ତାଙ୍କ ଅବସର ଘୋଷଣା କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ ଛାଡ଼ିବା ବର୍ଷେ ନ ପୂରୁଣୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ୩୬ ବର୍ଷୀୟ ମୋର୍ଗାନ ୨୦୨୨ ଜୁଲାଇରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିଥିଲେ। ସେ ତାଙ୍କ ୧୬ ବର୍ଷର କ୍ୟାରିୟରରେ ପ୍ରଥମେ ଆୟର୍ଲାଣ୍ଡ ଓ ପରେ ଇଂଲଣ୍ଡ ତରଫରୁ ଖେଳିଥିଲେ। ସେ କିନ୍ତୁ ବିଶ୍ୱସାରା ଶର୍ଟ ଫର୍ମାଟ୍ ଟୁର୍ନାମେଣ୍ଟ ଖେଳିଆସୁଥିଲେ। ମୋର୍ଗାନଙ୍କ ଅଧିନାୟକତ୍ୱରେ ଲଣ୍ଡନ ସ୍ପିରିଟ୍ ଗତବର୍ଷ ଦି ହଣ୍ଡ୍ରେଡ୍ ଟୁର୍ନାମେଣ୍ଟର ଏଲିମିନେଟର ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା। ସେ ଆବୁଧାବି ଟି୧୦ର ପରାଜିତ ଫାଇନାଲିଷ୍ଟ ନ୍ୟୁୟର୍କ ଷ୍ଟ୍ରାଇକର୍ସ ଦଳର ଅନ୍ୟତମ ସଦସ୍ୟ ଥିଲେ। ନିକଟରେ ଶେଷ ହୋଇଥିବା ସାଉଥ୍ ଆଫ୍ରିକା ଟି୨୦ରେ ସେ ପାର୍ଲ ରୟାଲ୍ସ ତରଫରୁ ୭ଟି ମ୍ୟାଚ୍ ଖେଳିଥିଲେ।


ଆଲିସ୍ କାପ୍‌ସି

# କାପ୍‌ସିଙ୍କ ଅର୍ଦ୍ଧଶତକ: ଇଂଲଣ୍ଡ ୪ ଉଇକେଟରେ ବିଜୟୀ

## ମହିଳା ଟି୨୦ ବିଶ୍ୱକପ

ପାର୍ଲ, ୧୩।୨ (ପି.ଟି.)

ମହିଳା ଟି୨୦ ବିଶ୍ୱକପରେ ଆୟର୍ଲାଣ୍ଡକୁ ୪ ଉଇକେଟରେ ପରାସ୍ତ କରିଛି ଇଂଲଣ୍ଡ। ୨୨ ବଲରୁ ଦ୍ରୁତ ୫୧ ରନ୍ ସଂଗ୍ରହ କରିଥିବା ଆଲିସ୍ କାପ୍‌ସି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଓମେନ୍ସ ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସ ସୋମବାର କାପ୍‌ସିଙ୍କୁ ୭୫ ଲକ୍ଷ ଟଙ୍କାରେ କିଣିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଆୟାର୍ଲାଣ୍ଡ ୧୦୫ ରନରେ ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଓପନର ଗେବି ଲୁଇସ୍ ସର୍ବାଧିକ ୩୬ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ସୋଫି ଏକେଲଷ୍ଟୋନ ଓ ସାରା ଗ୍ଲେନ୍ ୩ଟି ଲେଖାଏ ଉଇକେଟ ନେଇଥିଲେ। ୧୦୬ ରନ୍ ପିଛା କରୁଥିବା ଇଂଲଣ୍ଡ ପ୍ରଥମ ଓଭରରେ ସୋଫିଆ ଡଙ୍କଲି(୪)ଙ୍କ ଉଇକେଟ ହରାଇଥିଲା। ତେବେ ଡାନିଏଲ ୱାୟାଟ(୧୬)ଙ୍କ ସହିତ ୬୬ ରନ୍ ଯୋଡ଼ିଥିଲେ ଆଲିସ୍ କାପ୍‌ସି। ତାଙ୍କ ଇନିଂସରେ ୧୦ ଚୌକା ଓ ୧ ଛକା ସାମିଲ ଥିଲା। ହିଥର ନାଇଟ୍ ୧୪ ଓ ଏମି ଜୋନ୍ସ ୧୨ ରନ୍ କରିଥିଲେ। ଇଂଲଣ୍ଡ ୩୪ ବଲ୍ ବାକି ଥାଇ ୬ ଉଇକେଟ ବିନିମୟରେ ମ୍ୟାଚ ଜିତି ନେଇଥିଲା। ଆୟର୍ଲାଣ୍ଡ ପକ୍ଷରୁ ଲି ପଲ୍ ୩ ଉଇକେଟ ନେଇଥିଲେ। ଆଲିସ୍ କାପ୍‌ସିଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

## ଫୁର୍‌ସତ୍

# ଜଳବାୟୁ ପରିବର୍ତ୍ତନରୁ ରକ୍ଷା କରିବ ଚନ୍ଦ୍ର ଧୂଳି

ୱାଶିଂଟନ୍



ଚନ୍ଦ୍ରରେ ଉଡୁଥିବା ଧୂଳି ପୃଥିବୀକୁ ଜଳବାୟୁ ପରିବର୍ତ୍ତନରୁ ରକ୍ଷା କରିବାରେ ସହାୟକ ହୋଇପାରେ ବୋଲି ବୈଜ୍ଞାନିକମାନେ କହିଛନ୍ତି। ସେମାନଙ୍କ ମତରେ ଚନ୍ଦ୍ର ପୃଷ୍ଠର ଧୂଳି ମହାକାଶକୁ ବିସ୍ତାର କରି ଏହା ପୃଥିବୀକୁ ଆସୁଥିବା ସୌର ବିକିରଣ ପାଇଁ ଢାଲ ଭାବରେ କାର୍ଯ୍ୟ କରିପାରିବ। ପୃଥିବୀରେ ଉତ୍ତାପ ଏବଂ ତାପମାତ୍ରାର ସବୁଠାରୁ ବଡ କାରଣ ହେଉଛି ସୂର୍ଯ୍ୟଙ୍କଠାରୁ ଆସୁଥିବା ଆଲୋକ ବା ଶକ୍ତି ଏବଂ ପୃଥିବୀର ପରିଚାଳନା। ଉତ୍ତାପ ଆକାରରେ ଏହି ଶକ୍ତିର ବୃଦ୍ଧି ଜଳବାୟୁ ପରିବର୍ତ୍ତନକୁପ୍ରେଭାବିତ କରେ। ଶକ୍ତି ଅନେକ ରୂପରେ ସଂରକ୍ଷିତ, ଯାହାକୁ ସିଙ୍କ କୁହାଯାଏ। ଏଥି ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି କାର୍ବନ ସିଙ୍କ, କାରଣ ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ହେଉଛି କେବଳ ଏହି ସିଙ୍କରୁ ଆସୁଥିବା ବାୟୁମଣ୍ଡଳରେ କାର୍ବନ ଡାଇଅକ୍ସାଇଡର ପରିମାଣ ବୃଦ୍ଧି । ନୂତନ ଅଧ୍ୟୟନରେ ଅନ୍ୟ ଏକ ଦିଗକୁ ଦୃଷ୍ଟି ଦିଆଯାଇଛି। ଚନ୍ଦ୍ର ଧୂଳି ବାୟୁମଣ୍ଡଳରେ ଏକ ପରଦା ଭାବରେ କାର୍ଯ୍ୟ କରିପାରେ। ଯାହାଦ୍ୱାରା ସୂର୍ଯ୍ୟଙ୍କଠାରୁ ଆସୁଥିବା ବିକିରଣକୁ ହ୍ରାସ କରାଯାଇପାରିବ। ଅନୁସନ୍ଧାନକାରୀମାନେ ପ୍ରସ୍ତାବ ଦେଇଛନ୍ତି ଯେ ସୂର୍ଯ୍ୟ ଏବଂ ପୃଥିବୀ ମଧ୍ୟରେ ଥିବା ଏକ ସ୍ପେସ ଷ୍ଟେଶନ ଦ୍ୱାରା ବାୟୁମଣ୍ଡଳର ଏହି ଧୂଳି ବିସ୍ତାର ହୋଇପାରିବ। ଯେଉଁଥିପାଇଁ ଏହି ଧୂଳି ଏକ ପରଦା ଭାବରେ କାମ କରିବ। କୁହାଯାଉଛି ଯେ ଏହି ପଦ୍ଧତି ଗ୍ଲୋବାଲ ୱାର୍ମିଂର ପ୍ରଭାବରୁ ସୁରକ୍ଷା ଦେବାକୁ ସକ୍ଷମ ହୋଇ ପାରିବ।

# ଗ୍ରାଣ୍ଡ ରିସେପ୍ସନ ପାର୍ଟି ଦେଲେ ସିଦ୍ଧାର୍ଥ



**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତା ସିଦ୍ଧାର୍ଥ ମାଲହୋତ୍ରା ଓ କିଆରା ଆଡଭାନୀ ରବିବାର ଦିଲ୍ଲୀରେ ଏକ ଗ୍ରାଣ୍ଡ୍ ରିସେପ୍ସନ୍ ପାର୍ଟିର ଆୟୋଜନ କରିଥିଲେ। ଏଥିରେ ବଲିଉଡ୍‌ର ବହୁ ନାମୀଦାମୀ କଳାକାର ସାମିଲ ହୋଇଥିଲେ। ଅଜୟ ଦେବଗନ, କାଜଲ, ଆଲିଆ ଭଟ୍ଟ, ପ୍ରମୁଖ କଳାକାର ଏହି ପାର୍ଟିରେ ଯୋଗ ଦେଇଥିଲେ। ଆର୍ମି ଅଫିସର ବିକ୍ରମ ବାତ୍ରାଙ୍କ ପରିବାର ମଧ୍ୟ ଏହି ପ୍ରୋଗ୍ରାମକୁ ଆସିଥିଲେ। ବିକ୍ରମଙ୍କ ବାୟୋପିକ୍‌ରେ ସିଦ୍ଧାର୍ଥ ଓ କିଆରା କାମ କରିଥିବାବେଳେ ସେହିଠାରୁ ଦୁହିଁଙ୍କ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିବା ଅନେକଙ୍କ ବିଶ୍ୱାସ ରହିଛି। ତେବେ ନୂଆ କରି ଦାମ୍ପତ୍ୟ ଜୀବନ ଆରମ୍ଭ କରିଥିବା ସିଦ୍ଧାର୍ଥ ଓ କିଆରା କଳାରଙ୍ଗର ଡ୍ରେସ୍ ପିନ୍ଧି ଉଭୟଙ୍କ ହାତ ଧରି ଏଣ୍ଟ୍ରି କରିଥିଲେ। ସେମାନେ ସେଲିବ୍ରିଟିଙ୍କ ସହ ପାର୍ଟିକୁ ମନଭରୀ ଉପଭୋଗ କରୁଥିବାର ଭିଡିଓ ଓ ଫଟୋ ସୋସିଆଲ ମିଡିଆରେ ବହୁଳ ଭାବେ ପ୍ରସାର ଦେବାରେ ଲାଗିଛି। ଗତ ୭ ତାରିଖରେ ସିଦ୍ଧାର୍ଥ ଓ କିଆରା ରାଜସ୍ଥାନରେ ବିବାହ କରିଥିଲେ। ଏଥିରେ ଉଭୟଙ୍କ ପରିବାର ସଦସ୍ୟଙ୍କ ସହ ବଲିଉଡ୍ ଇଣ୍ଡଷ୍ଟ୍ରିର କେତେଜଣ ବିବାହ ସମାରୋହରେ ଉପସ୍ଥିତ ଥିଲେ।

# ଚାଷୀ ବିକଶିତ କଲେ ବାଜରା କପ୍

ପ୍ରୟାଗରାଜ

ଆଇସକ୍ରିମ ଖାଇବା ପରେ ଲୋକେ କୋନ୍‌କୁ ଚୋବାଇ ଖାଇଥାନ୍ତି। ସେହିଭଳି ଉତ୍ତରପ୍ରଦେଶର ଦେଓରିଆର ଚାଷୀମାନେ ବାଜରାରେ ତିଆରି କପ୍ ବିକଶିତ କରିଛନ୍ତି। ଏହାକୁ ଚା' ପିଇବାରେ ବ୍ୟବହାର କରାଯାଇପାରିବ ଏବଂ ସ୍ନାକ୍ସ ଭାବରେ ମଧ୍ୟ ଚୋବାଇ ଖାଇହେବ। କୌତୂହଳର ବିଷୟ, ଏହି କପ୍ ଗୁଡିକ ଏପରି ଏକ ସମୟରେ ଆସିଛି ଯେତେବେଳେ ୨୦୧୯ ରେ ଭାରତର ପ୍ରସ୍ତାବ ପରେ ୨୦୨୩କୁ ମିଳିତ ଜାତିସଂଘ ଦ୍ୱାରା ଅନ୍ତର୍ଜାତୀୟ ମିଲେଟ ବର୍ଷ ଭାବରେ ଘୋଷଣା କରାଯାଇଛି। ପ୍ରୟାଗରାଜରେ ଚାଲିଥିବା ମାଘ ମେଳାରେ ରାଗି ଏବଂ ମକା ଦ୍ୱାରା



ଏହି ପୁଷ୍ଟିକର କପ୍‌ଗୁଡିକର ନାମ ଚା ପିଓ ଏବଂ କୁଲହଡ ଖାଓ ରଖାଯାଇଛି। ଏହି ଚାଷୀ ଦଳର ସଦସ୍ୟ ଅଙ୍କିତ ରାୟ କହିଛନ୍ତି ଯେ, ପୂର୍ବ ଉତ୍ତରପ୍ରଦେଶର ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ଏଭଳି କପଗୁଡ଼ିକର ଚାହିଦା ବହୁଗୁଣିତ ହେବାରେ ଲାଗିଛି। ସେ କହିଛନ୍ତି, ବାଜରାକୁ ଲୋକପ୍ରିୟ କରାଇବା ପାଇଁ ଆମେ ପ୍ରାୟ ଦୁଇ ବର୍ଷ ପୂର୍ବେ ଏଭଳି ଚା'କପ୍ ବିକଶିତ କରିଥିଲୁ। ଆମର ଏକ ସ୍ୱତନ୍ତ୍ର ମେଶିନ ଅଛି। ଏଥିରେ ଆମେ ଏକ ସମୟରେ ୨୪ କପ୍ ତିଆରି କରିପାରୁଛୁ। ପ୍ରାରମ୍ଭରେ, ଆମେ ଦେଓରିଆ, ଗୋରଖପୁର, ସିଦ୍ଧାର୍ଥ ନଗର ଏବଂ କୁସିନଗର ସମେତ ପୂର୍ବ ଉତ୍ତରପ୍ରଦେଶର ଛୋଟ ଗାଁରେ ଚା' ବିକ୍ରେତାମାନଙ୍କ ସହ ଯୋଗାଯୋଗ କରିଥିଲୁ। ବର୍ତ୍ତମାନ ଏଭଳି କପ୍‌ର ଚାହିଦା ପ୍ରୟାଗରାଜ, ବାରାଣସୀ, ଲକ୍ଷ୍ନୌ ଏବଂ ଅନ୍ୟାନ୍ୟ ଜିଲାରେ ବୃଦ୍ଧି ପାଇଛି। ଏହି କପ୍ ଏହିପରି କପ ତିଆରି ପାଇଁ ୫ ଟଙ୍କା ଲାଗିଥାଏ ଏବଂ ଯେତେବେଳେ ଚା ' ପିଇବାକୁ ପ୍ରଦାନ କରାଯାଇଥାଏ ଏଥିପାଇଁ ୧୦ ଟଙ୍କା ଗ୍ରାହକଙ୍କୁ ଦେବାକୁ ପଡ଼ିଥାଏ। ଏହି କପ୍‌ଗୁଡିକ ପରିବେଶ ଉପଯୋଗୀ।

# ଏଭଳି ଗାଁ, ଯେଉଁଠି ନିଜର ନିୟମ ଚାଲେ

**କୁଲୁ:** ଭାରତରେ ଏପରି ଏକ ସ୍ଥାନ ଅଛି, ଯେଉଁଠାରେ ପାର୍ଲାମେଣ୍ଟ ନିୟମ କାମ କରୁନାହିଁ। ଏହି ସ୍ଥାନ ହିମାଚଳ ପ୍ରଦେଶରେ ଅଛି। ଏହି ଗାଁର ନିଜସ୍ୱ ସମ୍ବିଧାନ ରହିଛି। ଏହାର ନିଜସ୍ୱ ପାର୍ଲାମେଣ୍ଟ ଏପରିକି 'ନ୍ୟାୟପାଳିକା' ଅଛି ଯାହା ଏହାର ରାୟ ପ୍ରଦାନ କରେ। କୁଲୁ ଜିଲାର ପ୍ରାୟ ୧୨ ହଜାର ଫୁଟ ଉଚ୍ଚରେ ଅବସ୍ଥିତ ମଲାନା ଗାଁ ସମ୍ପୂର୍ଣ୍ଣ ଅନନ୍ୟ। ସୁନ୍ଦର ଉପତ୍ୟକା ଘେରା ଏହି ଗାଁ ପୃଥିବୀର ବିଭିନ୍ନ ସ୍ଥାନରୁ ଆସିଥିବା ଲୋକଙ୍କ ପାଇଁ ଆକର୍ଷଣର କେନ୍ଦ୍ରସ୍ଥଳ ଅଟେ। ଏଠାକାର ବାସିନ୍ଦା ନିଜକୁ ଆଲେକ୍ସଜାଣ୍ଡାରଙ୍କ ବଂଶ ବୋଲି କୁହନ୍ତି। କୁହାଯାଏ, ଆଲେକ୍ସଜାଣ୍ଡାରଙ୍କ ଯୁଗର ଖଣ୍ଡା ଗାଁ ମନ୍ଦିରରେ ରହିଛି। ପ୍ରାୟ ୧୭୦୦ ଜନସଂଖ୍ୟା ବିଶିଷ୍ଟ ଏହି ଗାଁ ପର୍ଯ୍ୟଟକମାନଙ୍କ ପାଇଁ ବେଶ ପ୍ରସିଦ୍ଧ। ଏହି ଗାଁରେ ପାର୍ଲାମେଣ୍ଟ ପରି ଦୁଇଟି ଘର ଅଛି। ଉପର ଗୃହରେ ୧୧ ଜଣ ସଦସ୍ୟ ଅଛନ୍ତି ଏବଂ ଅନ୍ତିମ ନିଷ୍ପତ୍ତି ଏହି ଗୃହର ହାତରେ ଅଛି। ଏଥିରେ ଗାଁର ତିନୋଟି ଗୁରୁତ୍ୱପୂର୍ଣ୍ଣ ଚରିତ୍ର ଅଛି। ଗୁରୁ, ପୁରୋହିତ ଏବଂ ଜାମଲୁ ଦେବତାଙ୍କ ପ୍ରତିନିଧି। ଏଗୁଡ଼ିକ ସ୍ଥାୟୀ ଏବଂ ଅବଶିଷ୍ଟ ୮ ଜଣ ସଦସ୍ୟ ଗ୍ରାମବାସୀଙ୍କ ଦ୍ୱାରା ମନୋନୀତ ହୋଇଥାନ୍ତି। ମଲାନା ଗ୍ରାମବାସୀ ବାହାର ଲୋକଙ୍କ ସହ ଅଧିକ ସମ୍ପର୍କ ରଖିବାକୁ ଚାହାନ୍ତି ନାହିଁ। ତେଣୁ ସେମାନଙ୍କ ଭିତରେ କେହି ପଶିବା ପାଇଁ ଗ୍ରାମବାସୀ ଚାହାନ୍ତି ନାହିଁ। ଏଠାରେ ନିୟମ ବହୁତ କଠୋର ଅଟେ। ବିବାହ ମଧ୍ୟ ଗାଁ ଭିତରେ ହୋଇଥାଏ। ଏକ ରିପୋର୍ଟ ଅନୁଯାୟୀ, ଲୋକମାନେ ଅନ୍ୟମାନଙ୍କ ସହ ହାତ ମିଳାନ୍ତି ନାହିଁ। ଯଦି ଆପଣ ଏଠାରେ ଥିବା ଦୋକାନରୁ କିଛି କିଣନ୍ତି, ସିଧାସଳଖ ଟଙ୍କା ନେବା ପରିବର୍ତ୍ତେ, ଦୋକାନୀ ଆପଣଙ୍କୁ ଏହାକୁ ରଖିବାକୁ କୁହନ୍ତି ଏବଂ ତା'ପରେ ଉଠାଇ ନିଅନ୍ତି।

**ଭାଜପାର ସେଲ୍‌ଫି ଅଭିଯାନକୁ ବିଜେଡିର କଟାକ୍ଷ**

ଭୁବନେଶ୍ୱର, (ବ୍ୟୁରୋ): ସେଲ୍‌ଫି ଅଭିଯାନ ପରିବର୍ତ୍ତେ ମହିଳା ସଶକ୍ତୀକରଣ ପାଇଁ ଓଡ଼ିଶା ଭାଜପା ପାର୍ଲାମେଣ୍ଟରେ ମହିଳା ସଂରକ୍ଷଣ ବିଲ୍ ପ୍ରସଙ୍ଗ ଉଠାଇଥାନ୍ତା ଭଲ ହୋଇଥାନ୍ତା ବୋଲି ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର କହିଛନ୍ତି। ଭାଜପାର ସେଲ୍‌ଫି ଅଭିଯାନ ଉପରେ ଗଣମାଧ୍ୟମକୁ ଶ୍ରୀମୟୀ କହିଛନ୍ତି, ମହିଳାଙ୍କର ନାର୍ଯ୍ୟ ଦାବି ପୂରଣ ଦିଗରେ ଓଡିଶା ଭାଜପା ନେତାମାନେ ପ୍ରସଙ୍ଗ ଉତ୍ଥାପନ କଲେ ଭଲ ହୁଅନ୍ତା।


**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: .............................


ରାଣୀ ଓ ବାବୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଜରୁରୀ: ବିଜୟ

## ଶାସକ ଦଳରୁ ରାଜ୍ୟ ସଭା ଯିବାକୁ ଚାହୁଁଥିଲେ ବିଜୟ: ବିଜେଡି


କଂଗ୍ରେସ ଭବନରେ ଦଳୀୟ ନେତୃବୃନ୍ଦଙ୍କ ସହ ବିଜୟ ପଟ୍ଟନାୟକ।

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ୩ ଦିନ ତଳେ କଂଗ୍ରେସରେ ମିଶିଥିବା ବେଳେ ବାରମ୍ବାର ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିବାରେ ଲାଗିଛନ୍ତି। ଦିଲ୍ଲୀରୁ ସୋମବାର ଫେରିବା ପରେ ବିଜୟଙ୍କୁ ଭୁବନେଶ୍ୱର ବିମାନବନ୍ଦରଠାରେ କଂଗ୍ରେସ ନେତା ଓ କର୍ମୀ ସ୍ୱାଗତ କରିବା ସହ ଏକ ରାଲି କରି କଂଗ୍ରେସ ଭବନକୁ ପାଛୋଟି ନେଇଥିଲେ। ସେଠାରେ ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ସମେତ ଅନ୍ୟ ନେତାମାନେ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ଦଳରେ ସ୍ୱାଗତ କରିଛନ୍ତି। ପିସିସି ସଭାପତି ଏହି ଅବସରରେ କହିଥିଲେ, ବିଜୟଙ୍କ ଯୋଗଦାନ ଦଳୀୟ କର୍ମୀ ଓ ନେତାଙ୍କୁ ଉତ୍ସାହିତ କରିବ। ଅନ୍ୟପଟେ ଏକ ଖବରଦାତା ସମ୍ମିଳନୀ ଜରିଆରେ ସରକାରଙ୍କୁ ଟାର୍ଗେଟ କରିବାକୁ ଯାଇ ବିଜୟ କହିଛନ୍ତି, ୫-ଟି ଏକ ସ୍ଲୋଗାନ। ସବୁ ବିଭାଗର ସଚିବ ଅଛନ୍ତି, ତାହାହେଲେ ପୁଣି ୫-ଟି କାହିଁକି ଆବଶ୍ୟକ ପଡ଼ିଲା। ଯଦି ସବୁ ବିଭାଗ ଠିକ୍ କାମ କରୁଛନ୍ତି, ତାହାହେଲେ ଏହି ୫-ଟି କ'ଣ କରିବ। ୫-ଟିରେ ସ୍ୱଚ୍ଛତା କଥା କୁହାଯାଉଛି, ହେଲେ ତାହା ବାସ୍ତବରେ ଅଛି ତ ବୋଲି ସେ ପ୍ରଶ୍ନ କରିଛନ୍ତି। ଯେମିତି ଶାସନ ଚାଲିଛି ସବୁ ଅମଲାଙ୍କ ଭିତରେ କ୍ଷୋଭ ରହିଛି। ପୁଣି ସାଧାରଣ ଲୋକଟିଏର କିଛି ଅସୁବିଧା ହେଲେ ସେ କାହାକୁ କହିବ। ବିଧାୟକଙ୍କ ପାଖକୁ ଗଲେ, ସେ କହିବେ ଅଫିସରଙ୍କ ପାଖକୁ ଯାଅ। ଅଫିସରଙ୍କ ପାଖକୁ ଗଲେ ସେ କହିବେ ୩ୟ ମହଲା ବୁଝୁଛି। ୩ୟ ମହଲା ଅପହଞ୍ଚ, ସେଠାକୁ ଖବରଦାତାମାନଙ୍କୁ ମଧ୍ୟ ଯିବାକୁ ମନା। ଏଭଳି ରୁଦ୍ଧଦ୍ୱାର ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଜରୁରୀ ବୋଲି ବିଜୟ କରିଛନ୍ତି।

ଅନ୍ୟପଟେ ବିଜୟଙ୍କ ମନ୍ତବ୍ୟକୁ ବିଜେଡି ପକ୍ଷରୁ ଟାର୍ଗେଟ କରାଯାଇଛି। ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, କଂଗ୍ରେସରେ ଯୋଗ ଦେଇଥିବା ଅବସରପ୍ରାପ୍ତ ପ୍ରଶାସକ ବିଜୟ ପଟ୍ଟନାୟକଙ୍କ ଆଜି ତାଙ୍କ ପ୍ରଥମ ଖବରଦାତା ସମ୍ମିଳନୀରେ ଯେଉଁ ବକ୍ତବ୍ୟ ରଖିଲେ ତାହା ଶୁଣିଲୁ। ସେଥିରୁ ଲାଗିଲା ସେ କଂଗ୍ରେସ ନୁହେଁ, ବରଂ ଭାଜପାର ଜଣେ ମୁଖପାତ୍ର ଭାବେ କଥା ହେଉଛନ୍ତି। ସମସ୍ତେ ଭଲଭାବେ ଜାଣନ୍ତି, ସରକାରୀ ଚାକିରିରୁ ଅବସର ନେବା ପରେ ବିଜୟ ରାଜନୀତିରେ ଯୋଗଦେଇ କ୍ଷମତାରେ ରହିବା ପାଇଁ କେତେ ବ୍ୟାକୁଳ ଥିଲେ। ଏଥିପାଇଁ ସେ ବିଜେଡିରେ ଯୋଗଦେଇ ରାଜ୍ୟ ସଭା ଯିବାକୁ ଚାହୁଁଥିଲେ। ମାତ୍ର ତାହା ସମ୍ଭବ ନ ହେବାରୁ ସେ ଶେଷରେ ବୁଲିବୁଲି କଂଗ୍ରେସରେ ଯୋଗଦେଲେ। ଏବେଠୁ ଜଣାପଡୁଛି, ଭବିଷ୍ୟତରେ ସେ କଂଗ୍ରେସରେ ରହି ମଧ୍ୟ ଭାଜପାର ମୁଖପାତ୍ର ଭଳି କାମ କରିବେ ବୋଲି ଲେନିନ୍ କହିଛନ୍ତି।


**ସପ୍ତମ ଜନ୍ମଦିନ ଓ ପ୍ରଥମ ଜନ୍ମଦିନର ଶୁଭେଚ୍ଛା**



**ଲାସ୍ୟା ତାପସୀ (ରାଣୀ) ଓ ହନଷିତ ରାଜ (ବାବୁ)**
(ନାବାର୍ଡ ଅଫିସର୍ସ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର)
କୋଟିଏ ଆୟୁଷ ଦିଅନ୍ତୁ ଠାକୁରେ
ଓଠେ ଥାଉ ହସ ଜୀବନ ସାରା।
ଆମର ଆଶିଷ ମଥା ପରେ ଥାଉ
ସଭିଙ୍କର ହୁଅ ଦୁଃଖ ପାସୋରା।
ଆଶୀର୍ବାଦ ସହ: ମାଆ-ବାପା, ଦାଦା-ଖୁଡ଼ୀ, ଜେଜେ-ଜେଜେମା, ଅଜା-ଆଈ ଏବଂ ପରିବାରବର୍ଗ
ଧ-୭୩୭୪୭



**ପିଏମ୍‌ଜିକେଏୱାଇ ବନ୍ଦ**


# ୩ ଦିନ ଆନ୍ଦୋଳନ କରିବ ବିଜେଡି

**ଆଜି ରାଜଭବନ ସମ୍ମୁଖ**
**୧୫ରେ ସବୁ ପଞ୍ଚାୟତ ମୁଖ୍ୟାଳୟ**
**୧୬ରେ ଜିଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ ଅଫିସ୍ ସମ୍ମୁଖରେ ଆନ୍ଦୋଳନ**

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

କେନ୍ଦ୍ର ସରକାର ତାଙ୍କର ସଦ୍ୟ ବଜେଟରେ କ୍ରୟ ପାଣ୍ଠିରେ ୨୦,୦୦୦ କୋଟି ଟଙ୍କା ହ୍ରାସ କରିଛନ୍ତି। ଏହାସହ ଓଡ଼ିଶାରୁ ଉଷୁନା ଚାଉଳ ଉଠାଣ ପରିମାଣ କମାଇଦେବା ଯୋଗୁ ଓଡ଼ିଶାର ଲକ୍ଷ ଲକ୍ଷ ଚାଷୀ ଧାନ ବିକ୍ରି କରିବାରେ ଗୁରୁତର ଭାବେ ପ୍ରଭାବିତ ହେବେ। ପୂର୍ବରୁ ଓଡ଼ିଶାରୁ ୧୮ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉଠୁଥିବା ବେଳେ ବର୍ତ୍ତମାନ ତାହାକୁ ମାତ୍ର ୪ ଲକ୍ଷ ମେଟ୍ରିକ୍ ଟନ୍‌କୁ ହ୍ରାସ କରାଯାଇଛି। କେବଳ ବରଗଡ଼ ପରି ଗୋଟିଏ ଜିଲା ୪ ଲକ୍ଷ ଟନ୍ ଉତ୍ପାଦନ କରେ। ଓଡ଼ିଶାର ଅନ୍ୟ ୨୯ ଜିଲାର ଚାଷୀଙ୍କ ଅବସ୍ଥା କ'ଣ ହେବ ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ଅରୁଣ କୁମାର ସାହୁ ପ୍ରଶ୍ନ କରିଛନ୍ତି। ଏହା ବିରୋଧରେ ବିଜେଡି ୩ ଦିନିଆ ଆନ୍ଦୋଳନ ଲାଗି ଯୋଜନା ପ୍ରସ୍ତୁତ କରିଛି।

ବିଜୁ ଯୁବ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅରୁଣ କହିଛନ୍ତି, କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ)କୁ ବନ୍ଦ କରିଦେଇଛନ୍ତି। ଏହା ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ (ଏନ୍‌ଏଫ୍‌ଏସ୍‌ଏ) ଅଧୀନରେ ୫ କିଲୋଗ୍ରାମ ମାଗଣା ଚାଉଳ ବ୍ୟତୀତ ପ୍ରତି ମାସରେ ଆଉ ୫ କିଲୋଗ୍ରାମ ମାଗଣା ଚାଉଳ ଯୋଗାଉଥିଲା। ପିଏମ୍‌ଜିକେଏୱାଇ ବନ୍ଦ ହେତୁ ଧାନ କ୍ରୟ ମଧ୍ୟ କ୍ଷତିଗ୍ରସ୍ତ ହେବ। ଚାଷୀମାନେ ଏମ୍‌ଏସ୍‌ପିରୁ ବଞ୍ଚିତ ହେବେ। କେନ୍ଦ୍ରର ଧାନ କିଣା ନୀତି ଯାହାକି ଓଡ଼ିଶାର ଲକ୍ଷ ଲକ୍ଷ ଚାଷୀଙ୍କୁ ବିଶେଷକରି ପଶ୍ଚିମ ଓଡ଼ିଶାର ଚାଷୀଙ୍କୁ ପ୍ରଭାବିତ କରିବ। ସେଥିଲାଗି ମଙ୍ଗଳବାର ପୂର୍ବାହ୍ନରେ ବିଜେଡି ପକ୍ଷରୁ ରାଜଭବନ ସମ୍ମୁଖରେ ଆନ୍ଦୋଳନ କରିବା ସହିତ ଓଡ଼ିଶାର ଚାଷୀଙ୍କ ସମସ୍ତ ଖାଦ୍ୟଶସ୍ୟ ଉଠାଇବାକୁ ଦାବି କରିବ। ଯଦି ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହୁଏ ତେବେ ବିଜେଡି ଓଡ଼ିଶାର କୃଷକଙ୍କୁ ନେଇ ଅବହେଳା ବିରୋଧରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ କରିବ। ଏହାସହ ବିଜେଡିର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିବେ। ଲକ୍ଷ ଲକ୍ଷ ଚାଷୀଙ୍କ ସପକ୍ଷରେ ବିଜେଡି ଦାବି କେନ୍ଦ୍ର ନିକଟରେ ଉପସ୍ଥାପନ କରିବାକୁ ଉକ୍ତ ପ୍ରତିନିଧିମଣ୍ଡଳୀ ଅନୁରୋଧ କରିବେ। ପିଏମ୍‌ଜିକେଏୱାଇ କାର୍ଯ୍ୟକ୍ରମ ବନ୍ଦକୁ ବିରୋଧ କରି ଆସନ୍ତା ୧୫ରେ ରାଜ୍ୟର ସମସ୍ତ ୩୦ ଜିଲାରେ ବିଜେଡି ପ୍ରତି ପଞ୍ଚାୟତ ମୁଖ୍ୟାଳୟରେ ସାମୂହିକ ଅଂଶଗ୍ରହଣ ପାଇଁ ଆନ୍ଦୋଳନ କାର୍ଯ୍ୟକ୍ରମ ଆୟୋଜନ କରିବ। ଆସନ୍ତା ୧୬ରେ ବିଜେଡି ପ୍ରତି ଜିଲାପାଳଙ୍କ କାର୍ଯ୍ୟାଳୟ ତଥା ଓଡ଼ିଶାର ପ୍ରତ୍ୟେକ ବ୍ଲକ ସମ୍ମୁଖରେ ଆନ୍ଦୋଳନ କରିବ। ପିଏମ୍‌ଜିକେଏୱାଇ କେନ୍ଦ୍ର ଦ୍ୱାରା ପୁନଃ ଆରମ୍ଭ ଦାବି ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସବୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବ। ଯଦି ତାହା ଶୀଘ୍ର ନ ହୁଏ, ତେବେ ବିଜେଡି ରାସ୍ତାକୁ ଓହ୍ଲାଇ ଗରିବ ଏବଂ ଓଡ଼ିଶାର କୃଷକଙ୍କ ଅଧିକାର ପାଇଁ ଲଢ଼ିବ ବୋଲି ଅରୁଣ ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ବିଜେଡି ବିଧାୟକ ଅରୁଣ ସାହୁ।

## ଭ୍ରଷ୍ଟାଚାରର ଅଠା ଅନ୍ୟ ମୁଣ୍ଡରେ ଲଦିବାରେ ବିଜେଡି ଓସ୍ତାଦ: ଭାଜପା

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ବିଜେଡିର ୩ ଦିନିଆ ବିକ୍ଷୋଭ ଓ ଆନ୍ଦୋଳନ ଡାକରାକୁ ଭାଜପା କଡ଼ା ଭାଷାରେ ସମାଲୋଚନା କରିଛି। ଭାଜପା କାର୍ଯ୍ୟାଳୟଠାରେ ସୋମବାର ଏକ ଖବରଦାତା ସମ୍ମିଳନୀ କରି ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି, ନିଜେ କରିଥିବା ଦୋଷକୁ ଅନ୍ୟ ମୁଣ୍ଡରେ ଲଦିଦେଇ ବିଜେଡି ରାଜ୍ୟବାସୀଙ୍କୁ ବାରମ୍ବାର ପ୍ରତାରିତ କରିଚାଲିଛି। ବିଜେଡି ନିଜେ କରୁଥିବା ଚଞ୍ଚକତା, ଦୁର୍ନୀତି, ଭ୍ରଷ୍ଟାଚାରର ଅଠା ଅନ୍ୟ ମୁଣ୍ଡରେ ପୋଛି ଦେବାରେ ଓସ୍ତାଦ। ଚାଉଳକୁ ଆୟୁଧ କରି ବିଜେଡି ୨-୨ ଥର ନିର୍ବାଚନ ବୈତରଣୀ ପାରହୋଇଛି। ମୋଦି ସରକାର ଶାସନ କ୍ଷମତାକୁ ଆସିବା ପରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ବଳରେ ରାଜ୍ୟର ସମସ୍ତ ୩.୨୫ କୋଟି ଲୋକଙ୍କୁ ୫ କେଜି ଚାଉଳ ମାତ୍ର ଟଙ୍କାକରେ ଯୋଗାଇଦେଲେ। ମହାମାରୀ କରୋନା ସଙ୍କଟ ସମୟରେ ସ୍ୱତନ୍ତ୍ର ରିଲିଫ ଭାବେ ଦେଶର ୮୦ କୋଟି ଲୋକଙ୍କୁ ମାଗଣାରେ ୫ କେଜି ଚାଉଳ ସହିତ କେଜିଏ ଡାଲି କେନ୍ଦ୍ର ଯୋଗାଇ ଦେଉଥିଲେ। କରୋନା ସଙ୍କଟ ଯିବା ପର୍ଯ୍ୟନ୍ତ ପ୍ରତ୍ୟେକ ହିତାଧିକାରୀ ସର୍ବମୋଟ ୧୦ କେଜି ଚାଉଳ ଏବଂ ୧ କେଜି ଡାଲି ପାଇଲେ। କରୋନା ଶେଷ ହେବା ପରେ ସ୍ୱତନ୍ତ୍ର ଭାବେ ମିଳୁଥିବା ମାଗଣା ରିଲିଫ୍ ଚାଉଳ ବନ୍ଦ ହେଲା ଏବଂ ଐତିହାସିକ ନିଷ୍ପତ୍ତିକ୍ରମେ ମୋଦି ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମିଳୁଥିବା ଚାଉଳକୁ ସମ୍ପୂର୍ଣ୍ଣ ମାଗଣା କରିଦେଲେ। ତେଣୁ କୋଭିଡ ସମୟରେ ଦିଆଯାଉଥିବା ରିଲିଫ୍ ଚାଉଳକୁ ନେଇ ଜନସାଧାରଣଙ୍କୁ ବିଭ୍ରାନ୍ତ କରିବା ବିଜେଡି ବନ୍ଦ କରୁ ବୋଲି ଗୋଲକ କହିଛନ୍ତି।

# ଆଇନଶୃଙ୍ଖଳା ପରିସ୍ଥିତି: ଆଜିଠୁ ଭାଜପାର ବିକ୍ଷୋଭ

- ୧୫ରେ ସବୁ ଜିଲା ସଦର ମହକୁମା ଆଗରେ ବିକ୍ଷୋଭ
- ୧୬ରେ ରାଜଭବନ ଆଗରେ ଧାରଣା

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଓ ରାଜ୍ୟ ସଭାପତି ସମୀର ମହାନ୍ତି ବାରମ୍ବାର ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରୁଥିଲେ 'ରାଜ୍ୟ ଶାସନ ବ୍ୟବସ୍ଥାକୁ ଚଳାଉଛି କିଏ'। ରାଜ୍ୟବାସୀଙ୍କ ମନ ଭିତରେ ଏହା ଏବେ ପ୍ରମୁଖ ପ୍ରଶ୍ନ ହୋଇ ରହିଯାଇଛି ବୋଲି ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର କହିଛନ୍ତି। ପ୍ରଥମେ ଷ୍ଟୋରି ପ୍ରସ୍ତୁତ ହୋଇ ଚଳଚ୍ଚିତ୍ର ନିର୍ମାଣ କରାଯିବା ଭଳି ରାଜ୍ୟରେ ମଧ୍ୟ ପ୍ରଥମେ ଷ୍ଟୋରି ପ୍ରସ୍ତୁତ କରାଯାଇ ପରେ କ୍ରାଇମ କରାଯାଉଛି। ଏହା ଅତ୍ୟନ୍ତ ବିପଜ୍ଜନକ। ଗତ କିଛିବର୍ଷ ହେଲା ରାଜ୍ୟରେ ସାଇବର କ୍ରାଇମ, ଶିଶୁ ଅପହରଣ, ଲୁଟ୍, ନାରୀ ନିର୍ଯାତନା ଓ ହତ୍ୟା ଭଳି ଅପରାଧ ସଂଖ୍ୟା ଦିନକୁଦିନ ବଢ଼ିଚାଲିଛି। ତେଣୁ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ନେଇ ମଙ୍ଗଳବାରଠାରୁ ଭାଜପା ୩ ଦିନିଆ ଆନ୍ଦୋଳନ କରିବା ଲାଗି ଯୋଜନା ପ୍ରସ୍ତୁତ କରିଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭୃଗୁ କହିଛନ୍ତି ଯେ, ରାଜ୍ୟ କ୍ୟାବିନେଟର ଜଣେ ପ୍ରଭାବଶାଳୀ ମନ୍ତ୍ରୀ ନବ ଦାସଙ୍କୁ ସ୍ପଷ୍ଟ ଦିବାଲୋକରେ ଜଣେ ପୋଲିସ ଅଧିକାରୀ ଗୁଳିକରି ହତ୍ୟା କଲେ। ଏଭଳି ସମ୍ବେଦନଶୀଳ ହତ୍ୟାର ତଦନ୍ତ ମଧ୍ୟ ସେହି ଗୃହ ବିଭାଗର କ୍ରାଇମବ୍ରାଞ୍ଚ ଦ୍ୱାରା କରାଯାଉଛି। ଘଟଣାର ୧୫ ଦିନ ବିତିଯାଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସତ୍ୟାସତ୍ୟ ସାମ୍ନାକୁ ଆସିଲା ନାହିଁ। ଗତ ୨ରୁ ୩ ବର୍ଷ ହେବ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଯେଉଁ ନୂଆ ଘଟଣାମାନ ଘଟୁଛି, ତାହା ଅତୀତରେ କେବେହେଲେ ଓଡ଼ିଶାରେ ଦେଖାଯାଉ ନ ଥିଲା। ଓଡ଼ିଶାରେ ଯଦି ଜଣେ ମନ୍ତ୍ରୀ ସୁରକ୍ଷିତ ନୁହନ୍ତି, ତେବେ ସାଧାରଣ ଲୋକଙ୍କ ଅବସ୍ଥା ନ କହିବା ଭଲ। ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ମୃତ୍ୟୁର ତଦନ୍ତ ବାଟବଣା ପ୍ରତିବାଦରେ ଆସନ୍ତା ୧୪, ୧୫, ୧୬ରେ ପର୍ଯ୍ୟାୟକ୍ରମେ ରାଜ୍ୟବ୍ୟାପୀ ଭାଜପା ଆନ୍ଦୋଳନ କରିବ। ମଙ୍ଗଳବାର ରାଜଧାନୀର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ୧୫ରେ ରାଜ୍ୟର ସମସ୍ତ ଜିଲା ସଦର ମହକୁମାରେ ବିକ୍ଷୋଭ ପ୍ରଦର୍ଶନ ସହିତ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ। ୧୬ରେ ରାଜ୍ୟ ସରକାରଙ୍କୁ ବରଖାସ୍ତ ଦାବିକରି ରାଜଭବନ ସମ୍ମୁଖରେ ଦଳ ପକ୍ଷରୁ ଧାରଣା ଦିଆଯାଇ ରାଜ୍ୟପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ। ଏହି ଆନ୍ଦୋଳନକୁ ଆଗାମୀ ଦିନରେ ଗାଁ, ପଞ୍ଚାୟତ, ବ୍ଲକରେ କରାଯିବ ବୋଲି ଭୃଗୁ କହିଛନ୍ତି।



ଖବରଦାତା ସମ୍ମିଳନୀରେ ଭାଜପା ଉପସଭାପତି ଭୃଗୁ ବକ୍ସିପାତ୍ର ଓ ଦଳୀୟନେତୃବୃନ୍ଦ।

## ବାସ୍ତବ ପ୍ରସଙ୍ଗରୁ ନଜର ହଟାଇବାକୁ ପ୍ରୟାସ: ବିଜେଡି

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ଓଡ଼ିଶା ଭାଜପାର ଏହି ଆନ୍ଦୋଳନ କେବଳ ଓଡ଼ିଶାର ବାସ୍ତବ ପ୍ରସଙ୍ଗରୁ ଲୋକଙ୍କ ନଜର ହଟାଇବାକୁ ଆଉ ଏକ ଦୁର୍ବଳ ପ୍ରୟାସ ବୋଲି ବିଜେଡି ମୁଖପାତ୍ର ଗୌତମ ବୁଦ୍ଧ ଦାଶ କହିଛନ୍ତି। ଭାଜପା ଖବରଦାତା ସମ୍ମିଳନୀରେ ଜବାବ ଦେଇ ଗୌତମ କହିଛନ୍ତି, କେନ୍ଦ୍ର ଦ୍ୱାରା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ବନ୍ଦ କରିବା, ଓଡ଼ିଶାକୁ ୭ ଲକ୍ଷ ଘର ଯୋଗାଇ ନ ଦେବା, ଓଡ଼ିଶା ଚାଷୀଙ୍କ ଧାନ କ୍ରୟ ହ୍ରାସ ଏବଂ କେନ୍ଦ୍ର ଦ୍ୱାରା ବଳକା ଚାଉଳ ଉଠାଣ ନ ହେବା ବିଷୟ ଭାଜପା ନେତାମାନେ କେନ୍ଦ୍ର ନିକଟରେ ଉଠାଉ ନାହାନ୍ତି। ସେହିପରି କେନ୍ଦୁପତ୍ର ଉପରେ ୧୮% ଜିଏସ୍‌ଟି ଲଗାଇବା ଏବଂ କେନ୍ଦ୍ର ଦ୍ୱାରା ପାର୍ଲାମେଣ୍ଟରେ ମହିଳା ସଂରକ୍ଷଣ ବିଲ୍ ପାସ୍ ନ ହେବା ଭଳି ପ୍ରସଙ୍ଗକୁ ନେଇ ଓଡ଼ିଶା ଭାଜପାର ନେତାମାନେ କେନ୍ଦ୍ରରେ ସେମାନଙ୍କ ଦଳ ଦ୍ୱାରା ଚଳାଯାଉଥିବା ସରକାରଙ୍କ ନିକଟରେ ଉଠାଇବା ଆବଶ୍ୟକ। ବିଭିନ୍ନ ଅପ୍ରସଙ୍ଗ ଉଠାଇ ଓଡ଼ିଶା ଏବଂ ଏହାର ସାଢ଼େ ୪ କୋଟି ଓଡ଼ିଆଙ୍କୁ ବଦନାମ କରିବାକୁ ରାଜ୍ୟ ଭାଜପା ଚେଷ୍ଟା କରୁଥିବାର ଏହା ଆଉ ଏକ ଉଦାହରଣ। ଭାରତର ଅନେକ ଭାଜପା ଶାସିତ ରାଜ୍ୟ ଅପେକ୍ଷା ଓଡ଼ିଶାର ଆଇନଶୃଙ୍ଖଳା ସ୍ଥିତି ବହୁତ ଭଲ। ଯଦି ଆମେ ଏହିପରି ପ୍ରତ୍ୟେକ ରାଜ୍ୟର ସମ୍ପୂର୍ଣ୍ଣ ବିବରଣୀ ଦେବା ଆରମ୍ଭ କରିବୁ, ତେବେ ରାଜ୍ୟବାସୀଙ୍କ ଆଗରେ ଓଡ଼ିଶା ଭାଜପା ପାଇଁ ଲଜ୍ଜାଜନକ ହେବ। ତେଣୁ ଭାଜପାର ଜ୍ଞାନ ଉଦୟ ହେବ ଓ ସେମାନେ ଓଡ଼ିଶାର ବିକାଶ ତଥା ଅଭିବୃଦ୍ଧି ପାଇଁ କହିବେ ଏବଂ ସେମାନଙ୍କର ଚିରାଚରିତ ଅଭ୍ୟାସ ଭଳି ବଦନାମ କରିବେ ନାହିଁ ବୋଲି ଗୌତମ କହିଛନ୍ତି।


# Classified Everyday 0674-2580101, 2549949


REAL ESTATE

**SALE**

Bhubaneswarର Phulnakhara East College ନିକଟରେ ଘରବାରି plot sqft. 990/-ରେ ବିକ୍ରିହେବ। 9937161494. D-2693

Two duplex houses 1200sqft. with land 1024sqft. each at Vaishnov Enclave in Jaydev Vihar for sale. For details Contact- 9437024647, 9098913483.(No Brokers Please). D-2754

IIT ଭୁବନେଶ୍ୱର ଅରଗୁଳ ଷ୍ଟେସନ ବଜାରଠାରେ sqft.-199/- plot possession ସହିତ ବିକ୍ରିହେବ। 6370077932. D-74816

Bhubaneswar Puri Bypass Sai Mandir NH side ଏବଂ ମଞ୍ଚେଶ୍ୱର, ହଂସପାଳ, ଯାଆଁଳା, ତ୍ରିଶୁଳିଆ ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ 30ft. ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ବିକ୍ରିହେବ। 9438525948, 7064468390. D-74812

Commercial cum residential plot at Brahmanjharilo, Cuttack (Niali road) 6k.m. to Phulnakhara, 11k.m. to Bhubaneswar. 7809525452. D-74636

ନଖରା-ନିଆଳି ମେନ୍‌ରୋଡ୍‌କୁ ଲାଗି East Engg. କଲେଜକୁ ଲାଗି ରୋଡ୍, ଇଲେକ୍ଟ୍ରି ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ ବିକ୍ରିହେବ। 7978729819. D-74815

Immediate ଘରକରି ରହିବା ପାଇଁ ବାଲକାଟୀରେ sqft. 1100/- ରେ ଘରବାରି plot ମିଳୁଛି। 8114929186. D-74638

Plot Sale at Nearby Sum Hospital Mendhasala, Bhubaneswar. 30ft Road, Plantation, Electricity, NH-16 Side Price Rs-1050/-, Rs-1250/- 7749892855, 8144855184, 9556392667. D-2628

ଭୁବନେଶ୍ୱର-ନଖରା ଛକ ପାଖରେ ଘର କଲାଭଳି SC plot ବିକ୍ରିହେବ। 9439832956. D-2687

ଭୁବନେଶ୍ୱର KISS School ପାଖରୁ 4.5. k.m. ଦୂରତାରେ bypass NHକୁ ଲାଗି Electric possession ହୋଇଥିବା plot ବିକ୍ରିହେବ। 6370077932. D-74817

30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941. D-74195

Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195. D-74814

New Cancer Hospital ନାଇକର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753. D-73683

ଭୁବନେଶ୍ୱର ନଖରା 2nd Sum Hospital ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ 3BHK Duplex ମିଳୁଛି। 8327785834, 9658122456. D-74197

**AFFIDAVIT**

By virtue of an affidavit before the Executive Magistrate, Bhubaneswar, I have changed my name from Dalina Panda to Seema Tripathy. Henceforth, I shall be known Seema Tripathy, W/o- Deepak Kumar Tripathy for all future purposes. D-74642


CONSTRUCTION

Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74186

Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-2583

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Newly open full body massage ladies and gents. 9861883292, 8093860513. D-74637

Relax, Refresh your Body, Mind at Saikrupa Spa with best therapies. 8984068077. D-2744

Newly open health benefits SPA special offer @999 Nayapalli. 7846814019. D-73682

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



**ଵପ୍ରଭାତୀ ପ୍ରଧାନ**
ଅମଳାପଡ଼ା, ଅନୁଗୋଳ
ଆବିର୍ଭାବ- ତା୨୦।୧୧।୧୯୪୮
ତିରୋଧାନ- ତା୦୪।୦୨।୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ୱାମୀ: ରାମଚନ୍ଦ୍ର ପ୍ରଧାନ, ବଡ଼ପୁଅ: ସରୋଜ କୁମାର ପ୍ରଧାନ, ବୋହୂ: ରଶ୍ମିରେଖା ପ୍ରଧାନ, ମଝିଆ ପୁଅ: ମନୋଜ କୁମାର ପ୍ରଧାନ, ବୋହୂ: ବିନୋଦିନୀ ସାହୁ, ସାନପୁଅ: ବନୋଜ କୁମାର ପ୍ରଧାନ, ବୋହୂ: ଜୟଶ୍ରୀ ସ୍ୱାଇଁ, ନାତି: ଶୁଭ୍ରାଂଶୁ ସ୍ୱାଇଁ, ୨ ନାତୁଣୀ: (୧) ଅନୁଷା ପ୍ରଧାନ (ବଡ଼), (୨) ଦେବାଂଶୀ ପ୍ରଧାନ (ସାନ)
ଧ-୭୭୫୫

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କିଚେନ୍ କପଡ଼ା କଳା ପଡ଼ିଗଲେ



କିଚେନ୍‌କୁ ସଫା କରିବା ଲାଗି ଅଧିକାଂଶ ମହିଳା କପଡ଼ା ବ୍ୟବହାର କରିଥାନ୍ତି। ରୋଷେଇ କରିବା ସମୟରେ ହାତ ପୋଛିବା ପାଇଁ କପଡ଼ାର ସାହାଯ୍ୟ ନେଇଥାନ୍ତି। ଯାହାଦ୍ୱାରା କିଚେନ୍‌ର ଟାୱେଲ ଧୀରେ ଧୀରେ କଳା ପଡ଼ିଯାଏ। ଏମିତିରେ କିଛି ସହଜ ଉପାୟ ଆପଣାଇ ଏହାକୁ ସଫା କରିପାରିବେ। ଜାଣନ୍ତୁ ଏ ସମ୍ପର୍କରେ...

କିଚେନ୍ କପଡ଼ାରେ ତେଲ ମସଲା ଦାଗ ଲାଗିଯାଏ। ଏହାକୁ ଖାଲିରେ ସଫା କଲେ ଏହା ଭଲଭାବେ ସଫା ହୁଏନାହିଁ। ଏହି ଟାୱେଲରେ ଲାଗିଥିବା ଦାଗ ଅନହାଇଜେନିକ ହୋଇଥାଏ। ଏବେ ଏହି କପଡ଼ାକୁ ସଫା କରିବାକୁ ହେଲେ ପ୍ରଥମେ ଗରମପାଣିର ସହାୟତା ନେଇପାରିବେ। ପ୍ରଥମେ ଗରମ ପାଣି ନିଅନ୍ତୁ । ସେଥିରେ ଅଳ୍ପ ଡିଟରଜେଣ୍ଟ ପକାଇ ପୋଛାହୋଇଥିବା କପଡ଼ାକୁ ସେଥିରେ ପକାନ୍ତୁ। ଆଉ କିଛି ସମୟ ପରେ ଏହାକୁ ଭଲଭାବେ ରଗଡ଼ି ସଫା କରନ୍ତୁ। ପରେ ଏହାକୁ ଭଲଭାବେ ଧୋଇ ଖରାରେ ଶୁଖାଇ ଦିଅନ୍ତୁ।

# ସ୍ପେଶାଲ ହେବ ଭାଲେଣ୍ଟାଇନ୍ସ ଡେ

**ଏହିଦିନ ସମସ୍ତଙ୍କ ପାଇଁ ସ୍ମରଣୀୟ ହୋଇଥାଏ। ପାର୍ଟନରଙ୍କ ହୃଦୟରେ କିପରି ଘର କରି ପାରିବେ ସେଥିପାଇଁ କିଛି ସ୍ପେଶାଲ ଗିଫ୍ଟ ପ୍ଲାନିଂ କରନ୍ତୁ। ଯାହାକୁ ଦେଖି ଆପଣଙ୍କ ପାର୍ଟନର ବହୁତ ଖୁସି ହୋଇଯିବେ...**




**ମୋବାଇଲ କଭର:** ସ୍ୱାମୀଙ୍କୁ ଯଦି କିଛି ଉପହାର ଦେବାକୁ ଚାହୁଁଛନ୍ତି ତେବେ ପ୍ଲେନ୍ ମୋବାଇଲ କଭର ଉପରେ ପର୍ଲ କିମ୍ବା ଷ୍ଟୋନ୍ ସାହାଯ୍ୟରେ ହାର୍ଟ ସେପ୍ କରି ସଜାଇ ଦେଇପାରିବେ। ନିଜ ପାର୍ଟନରଙ୍କୁ ଭଲ ଲାଗୁଥିବା ଫଟୋକୁ ଟ୍ରାନ୍ସପରେଣ୍ଟ କଭରରେ ଲଗାଇ ରେଜିନ୍ ସଲ୍ୟୁସନ୍ ଦ୍ୱାରା କଭର ଲଗାଇ ପାରିବେ।

**ଗ୍ରିଟିଂସ୍ କାର୍ଡ:** ଯୁଗ ଯେତେ ବଦଳିଲେ ମଧ୍ୟ ଗ୍ରିଟିଂସ୍ କାର୍ଡର ଚାହିଦା ଏବେ ବି କମିନି। ଏଥିରେ ଆପଣ ଭଲ କୋଟେଶନ ମାଧ୍ୟମରେ ନିଜ ଭାବନାକୁ ଲେଖି ଗିଫ୍ଟ କରନ୍ତୁ।

**ଫଟୋକୋଲାଜ୍:** ନିଜର କିଛି ସ୍ମରଣୀୟ ମୁହୂର୍ତ୍ତକୁ ମନେରଖିବାକୁ ହେଲେ ଆପଣ କିଛି ଫଟୋକୁ କୋଲାଜ୍ କରି ଏକ ଫଟୋଫ୍ରେମ୍‌ରେ ସଜାଇ ପାର୍ଟନରକୁ ଉପହାର ସ୍ୱରୂପ ଦେଇପାରିବେ।

**ରେଜିନ୍ ସୋ ପିସ୍:** ଏବେ ରେଜିନ୍ ସୋ ପିସ୍‌ର ବେଶି ଚାହିଦା ରହିଛି। ଆପଣ କୌଣସି ପେନ୍ ହୋଲ୍ଡର କିମ୍ବା ହାର୍ଟ ସେପ୍ ତିଆରି କରି ତାଙ୍କୁ ଦେଇପାରିବେ। କିଛି ଛୋଟ ଛୋଟ ଜିନିଷକୁ ଏଥିରେ ଭରି ମଧ୍ୟ ସଜାଇ ରଖିପାରିବେ।



# ବ୍ୟାଙ୍କ ଲକର ନେବା ପୂର୍ବରୁ...



ବର୍ତ୍ତମାନ ମହିଳାମାନେ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇବାରେ ସକ୍ଷମ ହୋଇଛନ୍ତି। ସେମାନେ ରୋଜଗାର କରିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ହୋଇପାରୁଛନ୍ତି। ଏବେ ଅନେକ ମହିଳା ନିଜ ଉପାର୍ଜିତ ଟଙ୍କା ରଖିବା କିମ୍ବା ଲୋନ୍ ବିଷୟରେ ବ୍ୟାଙ୍କ ସହ ନିଜକୁ ଜଡ଼ିତ ରଖୁଛନ୍ତି। ଯଦି ସେମାନେ ସେଠାରେ ଲକର ସୁବିଧା ନେଉଛନ୍ତି ତେବେ ସେ ବିଷୟରେ ବିଶଦ ଭାବରେ ଜାଣିବା ନିହାତି ଦରକାର। ମୂଲ୍ୟବାନ୍ ଜିନିଷକୁ ସୁରକ୍ଷିତ ରଖିବା ଲାଗି ବ୍ୟାଙ୍କ ଲକର ଏକ ଉତ୍ତମ ବିକଳ୍ପ କହିଲେ ଅତ୍ୟୁକ୍ତି ହେବନାହିଁ।





**ଲକର ନେଇଥିଲେ ଆପଣଙ୍କୁ ଗୋଟିଏ ବର୍ଷରେ ଅତିକମ୍‌ରେ ଦୁଇଥର ଭିଜିଟ୍ କରିବାକୁ ପଡ଼ିଥାଏ। ବ୍ୟାଙ୍କରେ ଆପଣ ଲକର ସୁବିଧା ପାଉଥିଲେ ସେଥିପାଇଁ କିଛି ଦେୟ ମଧ୍ୟ ଦେବାକୁ ପଡ଼େ। ତେବେ ଏହା ପୂର୍ବରୁ କେଉଁ କଥାକୁ ଧ୍ୟାନ ରଖିବେ ଓ ନିଜର ମୂଲ୍ୟବାନ୍ ଜିନିଷକୁ ସୁରକ୍ଷିତ ରଖିପାରିବେ ଜାଣନ୍ତୁ ଏ ସମ୍ପର୍କରେ...**

**ସୁରକ୍ଷା ଜମା ଲକର୍ସ :** ନିଜର ବହୁମୂଲ୍ୟ ବସ୍ତୁକୁ ସୁରକ୍ଷା ପାଇଁ ଲକର ସୁବିଧା ଆପଣଙ୍କୁ ସୁରକ୍ଷିତ, ବିଶ୍ୱସନୀୟ ସ୍ଥାନରେ ତାକୁ ଷ୍ଟୋର କରିବାକୁ ସୁବିଧା ପ୍ରଦାନ କରିଥାନ୍ତି। ଗ୍ରାହକଙ୍କୁ ଏହାର ବାର୍ଷିକ ଦେୟ ସ୍ୱଳ୍ପ ଆକାରରେ ପୁଣି ଅଗ୍ରିମ ଦେବାକୁ ପଡ଼ିଥାଏ। ବ୍ୟାଙ୍କ ଲକର ସୁବିଧା ଦେଉଥିବା ସମୟରେ ବ୍ୟାଙ୍କ ଏଫ୍‌ଡିଆର୍ ରୂପରେ ନ୍ୟୂନତମ ସୁରକ୍ଷା ଜମା ପ୍ରାପ୍ତ କରିଥାଏ। ଯାହା ବ୍ୟାଙ୍କ ଦ୍ୱାରା ସମୟ ସମୟରେ ନିର୍ଦ୍ଧାରଣ କରାଯାଇଥାଏ।

**କିପରି ମିଳେ ଲକର:** ଯଦି ଆପଣ ବ୍ୟାଙ୍କରୁ ଲକର ନେବାକୁ ଚାହୁଁଥାନ୍ତି ତେବେ ବ୍ୟାଙ୍କରେ ସେଭିଂ ଖାତା ଥିବା ଆବଶ୍ୟକ। ଏହା ସହିତ ଦୁଇଟି ଫଟୋ, ଗୋଟିଏ ଷ୍ଟାମ୍ପ ପେପର ସହିତ ୧୦ହଜାର ଟଙ୍କାର ଏଫ୍‌ଡି (ଫିକ୍ସଡ ଡିପୋଜିଟ୍) ନେବା ବହୁତ ଜରୁରୀ।

**କିପରି ଖୋଲେ ଲକର:** ଲକର ଖୋଲିବାର ଆଇଡି ପ୍ରୁଫ୍ ଦେଖିବା ପରେ ଲକର ନେଉଥିବା ବ୍ୟକ୍ତିଙ୍କର ହସ୍ତାକ୍ଷର ମିଳାଇଥାନ୍ତି। ଏହା ପରେ ଲକରର ଚାବି ଦିଆଯାଇଥାଏ। ଲକର ସାଧାରଣତଃ ତିନୋଟି ସାଇଜର ହୋଇଥାଏ। ସ୍ମଲ୍, ମିଡିୟମ ଓ ଲାର୍ଜ। ଏହାକୁ ଖୋଲିବା ସମୟରେ ଏକାସଙ୍ଗରେ ଦୁଇଟି ଚାବିର ଆବଶ୍ୟକତା ହୋଇଥାଏ। ଗୋଟିଏ ଚାବି ଗ୍ରାହକ ପାଖରେ ରହୁଥିବା ବେଳେ ଆଉ ଗୋଟେ ଚାବି ବ୍ୟାଙ୍କ ନିକଟରେ ରହିଥାଏ।

**ଲକରର ବ୍ୟବହାର:** ଲକରର ଚାବି ଦାୟିତ୍ୱ ସହକାରେ ରଖନ୍ତୁ। ଏହା ହଜିଗଲେ ଡୁପ୍ଲିକେଟ୍ ଚାବି ପ୍ରସ୍ତୁତ ହେବା ପାଇଁ କାଠିକର ପାଠ ହୋଇଥାଏ। ଆପଣ ଯେଉଁଠି ଚାବି ରଖୁଛନ୍ତି ଆପଣଙ୍କର ଯିଏ ବିଶ୍ୱସ୍ତ ବ୍ୟକ୍ତି ଏ ବିଷୟରେ ସୂଚନା ତାଙ୍କ ନିକଟରେ ରହିବା ଆବଶ୍ୟକ।

**କେତେ ସୁରକ୍ଷିତ:** ବ୍ୟାଙ୍କ ଲକର ଦାମୀ ଜିନିଷକୁ ସୁରକ୍ଷିତ ଓ ଗୋପନୀୟ ରଖିବାରେ ସହାୟକ ହୋଇଥାଏ। ଏହା ବ୍ୟତୀତ ବ୍ୟାଙ୍କରେ ଥିବା ଇଲେକ୍ଟ୍ରିକ୍ ସର୍ଭିଲାନ୍ସ ଏବଂ ଅନ୍ୟ ପ୍ରକାର ସୁବିଧା ରହିଥାଏ। ସେଥିପାଇଁ ଏହା ଭାଙ୍ଗିବା ଏତେଟା ସହଜ ହୋଇ ନ ଥାଏ।

**ବୀମା ବି ଜରୁରୀ:** ବଜାରରେ ଏମିତି କେତେକ ବୀମା କମ୍ପାନୀ ରହିଛି ଯେଉଁମାନେ କି ବ୍ୟାଙ୍କ ଲକର ଓ ଘରେ ରହୁଥିବା ମୂଲ୍ୟବାନ୍ ଜିନିଷକୁ କଭର କରିପାରୁଥିବେ। ଏଥିପାଇଁ ଆପଣ ଏମିତି ପଲିସି ଚୟନ କରନ୍ତୁ, ଯାହା ଘର ସହିତ ବ୍ୟାଙ୍କ ଲକରକୁ ମଧ୍ୟ ସୁରକ୍ଷା ଦେଇପାରୁଥିବ। ଏହା ଘରର ମୂଲ୍ୟବାନ୍ ଜିନିଷ ଓ ଆଭୂଷଣ ମଧ୍ୟ ସାମିଲ ହୋଇଥାଏ। ଏହା ଚୋରି ହୋଇଗଲେ କିମ୍ବା ଆପଦ୍ ପରିସ୍ଥିତିରେ ଇନ୍‌ସ୍ୟୁରାନ୍ସ ଦ୍ୱାରା କ୍ଷତି ଭରଣା କରାଯାଇଥାଏ।

**ସୁରକ୍ଷିତ ରହିବ କାଗଜପତ୍ର:** ବ୍ୟାଙ୍କ ଲକରରେ ଆପଣ କ'ଣ ରଖୁଛନ୍ତି ଓ ନେଉଛନ୍ତି ଏହାର ସୂଚନା ବ୍ୟାଙ୍କ ପାଖରେ ନ ଥାଏ। ଏପରି ସ୍ଥିତିରେ ଯଦି ବ୍ୟାଙ୍କରେ ଚୋରି ହେଉଛି, ନିଆଁ ଲାଗି ଯାଉଛି କିମ୍ବା ବନ୍ୟାରେ ଜିନିଷ ନଷ୍ଟ ହୋଇଯାଉଛି ସେ ସମୟରେ ଏହାର ମୂଲ୍ୟାୟନ କରିବା ବହୁତ କଷ୍ଟ ହୋଇଥାଏ। ଏହି ପରିସ୍ଥିତିରୁ ରକ୍ଷା ପାଇବାକୁ ହେଲେ ଲକରରେ ରଖାଯାଇଥିବା ଗହଣା କିମ୍ବା ଅନ୍ୟ କିଛି କାଗଜପତ୍ରର ରସିଦ୍ ଯତ୍ନ ସହକାରେ ରଖିବା ଆବଶ୍ୟକ। ବହୁତ ଭଲ ହେବ କୌଣସି ଏକ ବଡ଼ ଜୁଏଲେରି ଦ୍ୱାରା ମୂଲ୍ୟାଙ୍କନ କରି ଏହାର ପ୍ରମାଣପତ୍ର ନିଜ ପାଖରେ ରଖନ୍ତୁ। କ୍ଲେମ୍ କରିବା ସମୟରେ ଏହି ପ୍ରମାଣପତ୍ର ବହୁ କାମରେ ଆସିପାରିବ।

**ଲକରର ଶୁଳ୍କ:** ଆପଣଙ୍କ ଆବଶ୍ୟକତାକୁ ଲକ୍ଷ୍ୟକରି ବ୍ୟାଙ୍କ ଆପଣଙ୍କୁ ଲକର ପ୍ରଦାନ କରିଥାଏ। ଏଥିସହ ଆକାର ଏବଂ ଶାଖା ଅନୁଯାୟୀ ଶୁଳ୍କ ମଧ୍ୟ ନିର୍ଦ୍ଧାରଣ କରିଥାନ୍ତି। ବଡ଼ ସହରରେ ଲକର ସୁବିଧା ନେବା ପରେ ଅଧିକ ଶୁଳ୍କ ଦେବାକୁ ପଡୁଥିବା ବେଳେ ଛୋଟ ସହରରେ ଶୁଳ୍କ କମ୍ ଦେବାକୁ ପଡ଼ିଥାଏ। ଏହା ବ୍ୟତୀତ ଗ୍ରାହକଙ୍କ ବ୍ୟବହାର ଦେଖି ଏହାର ଶୁଳ୍କ ମଧ୍ୟ ନିର୍ଦ୍ଧାରଣ କରିଥାନ୍ତି।

**ଇ-ଲକରର ସୁବିଧା:** ପାରମ୍ପରିକ ଲକର ବ୍ୟତୀତ ଏବେ ବ୍ୟାଙ୍କ କିଛି କମ୍ପାନୀ ଲୋକଙ୍କ ଆବଶ୍ୟକତାକୁ ନଜରରେ ରଖି ଇ-ଲକର ସୁବିଧା ଦେଉଛନ୍ତି। ଏଥିସହ ଆବଶ୍ୟକ ଦସ୍ତାବିଜର ସଫ୍ଟ କପିକୁ ସୁରକ୍ଷିତ ରଖିପାରିବେ। ପ୍ରପର୍ଟିର କାଗଜପତ୍ର, ଲୋନ୍ କାଗଜପତ୍ର, ଟ୍ୟାକ୍ସ ସାର୍ଟିଫିକେଟ୍ ଲୋନ୍ ପେପର୍ସ, ବୀମା ପଲିସି, ଡ୍ରାଇଭିଂ ଲାଇସେନ୍ସ, ପାନ୍‌କାର୍ଡ, ପାସ୍‌ପୋର୍ଟ, ଭୋଟର କାର୍ଡ ଆଦି ସୁରକ୍ଷିତ ରଖିପାରିବେ।

**ଜଏଣ୍ଟ ଲକର:** ଜଏଣ୍ଟ ଆକାଉଣ୍ଟ ପରି ଜଏଣ୍ଟ ଲକରର ସୁବିଧା ମଧ୍ୟ ବ୍ୟାଙ୍କ ଦେଇଥାଏ। ଏଥିରେ ୨ଜଣ ବ୍ୟକ୍ତି ଗୋଟିଏ ସଂଙ୍ଖ୍ୟା ନେଇ ଲକର ଖୋଲିପାରିବେ। ଯିଏ ବି କେହି ତନ୍ମଧ୍ୟରୁ ଯାଇ ଲକର ଖୋଲିପାରିବେ। ସ୍ୱାମୀ-ସ୍ତ୍ରୀଙ୍କ ପାଇଁ ଗୋଟିଏ ଲକର ଦିଆଯାଇଥାଏ। କାରଣ ଗୋଟିଏ ଶୁଳ୍କରେ ଦୁଇଜଣଙ୍କୁ ବ୍ୟାଙ୍କ ଲକରର ସୁବିଧା ମିଳିଥାଏ।

## ଏମାନେ କ'ଣ କୁହନ୍ତି



**ଲକର ବିଷୟରେ ଭଲ ଭାବରେ ଅବଗତ ହୁଅନ୍ତୁ:**

*-**ନୂପୁର ଚୌଧୁରୀ**, ବରିଷ୍ଠ ଶାଖା ପ୍ରବନ୍ଧକ, କାନାରା ବ୍ୟାଙ୍କ, ବିଶାଖାପାଟଣା*

ଯଦି ଆପଣ ବ୍ୟାଙ୍କରେ ଲକର ସୁବିଧା ଉପଲବ୍ଧ କରିବାକୁ ଚାହୁଁଛନ୍ତି ତାହାଲେ ଆପଣ ବ୍ୟାଙ୍କରେ ଏକ୍‌ଜିଷ୍ଟିଙ୍ଗ କଷ୍ଟମର ହେବା ସହିତ ଆପଣଙ୍କର ଆକାଉଣ୍ଟ କେୱାଇସି କମ୍ପ୍ଲାଇନଡ୍ ହୋଇଥିବା ଦରକାର। ଲକର ସୁବିଧା ସମ୍ପୂର୍ଣ୍ଣ ଭାବରେ ସୁରକ୍ଷିତ ରଖିବାକୁ ହେଲେ ଗୋଟିଏ ମାଷ୍ଟର କି ବ୍ୟାଙ୍କ ପାଖରେ ଥିବା ବେଳେ ଆଉ ଗୋଟେ ୟୁନିକ୍ କି କଷ୍ଟମର ନିକଟରେ ରହିଥାଏ। ଯାହାର ଡୁପ୍ଲିକେଟ୍ କି ବ୍ୟାଙ୍କ ପାଖରେ ନ ଥାଏ କି କମ୍ପାନୀ ନିକଟରେ ନ ଥାଏ। ଆପଣ ଲକରରେ ଯେକୌଣସି ମୂଲ୍ୟବାନ୍ ଜିନିଷ ରଖୁଛନ୍ତି ତା ବିଷୟରେ କୌଣସି ପ୍ରକାର ତଥ୍ୟ ବ୍ୟାଙ୍କ ଆପଣଙ୍କୁ ପଚାରେନି। ଆପଣ ଲକରରେ ରଖିଥିବା ଜିନିଷ ସୁରକ୍ଷିତ। ସେଥିପାଇଁ ବ୍ୟାଙ୍କରେ ଇନ୍‌ସ୍ୟୁରାନ୍ସ ସୁବିଧା ଥାଏ। ଯଦି ଆପଣ ଲକରଟିକୁ ୬ ମାସରୁ ଅଧିକ ସମୟ ଧରି ନନ୍ ଅପରେଶନ କରୁଛନ୍ତି କିମ୍ବା ବାର୍ଷିକ ଶୁଳ୍କ ଠିକ୍ ସମୟରେ ପଇଠ ନ କରୁଛନ୍ତି ସେହି କ୍ଷେତ୍ରରେ ବ୍ୟାଙ୍କ ଆପଣଙ୍କୁ ରିପିଟେଡ୍ ନୋଟିସ୍ ଦେଲା ପରେ ଯଦି ଆପଣ ରେସ୍‌ପଣ୍ଡ କରନ୍ତି ନାହିଁ, ଏହି କ୍ଷେତ୍ରରେ ସାକ୍ଷୀଙ୍କ ଉପସ୍ଥିତିରେ ବ୍ୟାଙ୍କ ବ୍ରେକ୍ ଓପନ କରିଥାଏ। ଯଦି ବି ଆପଣ ଲକର ଚାବି ହଜାଇଥାନ୍ତି ସେ କ୍ଷେତ୍ରରେ ମଧ୍ୟ ବ୍ରେକ୍ ଓପନ୍ ବ୍ୟାଙ୍କ କରାଇଥାଏ। ବ୍ରେକ୍ ଓପନ୍‌ର ଚାର୍ଜେସ ରିକଭରୀ କରିବା ପାଇଁ ଗୋଟିଏ ଫିକ୍ସ ଡିପୋଜିଟ୍ ଲକର ଏଗନେଷ୍ଟରେ ରଖିଥାନ୍ତି। ଫିକ୍ସ ଡିପୋଜିଟ୍ ଆକାରରେ କିଛି ନିର୍ଦ୍ଧାରିତ ଆମାଉଣ୍ଟ ବ୍ୟାଙ୍କ ରଖିଥାଏ।



**କୌଣସି ଅସୁବିଧା ହୋଇନାହିଁ:**

*-**ଅଳକାନନ୍ଦା ପଟ୍ଟନାୟକ**,* କନିଷ୍ଠ ସହାୟିକା, ଓଡ଼ିଶା କାଉନସିଲ୍ ଅଫ୍ ମେଡିକାଲ ରେଜିଷ୍ଟ୍ରେଶନ, ଭୁବନେଶ୍ୱର

ମୁଁ ପ୍ରାୟ ୨୦ବର୍ଷ ହେଲାଣି ଲକର ନେଲିଣି। ଯେହେତୁ ଆଜିକାଲି ଚୋରି ଡକାୟତି ବଢ଼ିଗଲାଣି ସେଥିପାଇଁ ଘରେ ସୁନାଗହଣା ରଖିବା ସୁରକ୍ଷିତ ନୁହେଁ। ଏଥିପାଇଁ ଆମେ ସବୁ ଜିନିଷ ବ୍ୟାଙ୍କ ଲକରରେ ରଖୁଛୁ। ମୁଁ କହିବି କି ଲକର ନେବା ଦ୍ୱାରା ଆପଣଙ୍କ ଜିନିଷ ସୁରକ୍ଷିତ ରହିପାରିବ। ଏହା ନେବା ଦ୍ୱାରା କିଛି ବି ଅସୁବିଧା ଏ ପର୍ଯ୍ୟନ୍ତ ହୋଇନାହିଁ।

ସୌନ୍ଦର୍ଯ୍ୟ

# ଅଫିସ୍ ପରେ ପାର୍ଟି ଯିବାର୍ ଥିଲେ....



**କେବେ କେବେ ମହିଳାଙ୍କୁ ଅଫିସ୍ ପରେ ଘରକୁ ଯାଇ ମେକ୍‌ଅପ୍ ନେବାକୁ ସମୟ ମିଳେନାହିଁ। ସେଥିପାଇଁ ପ୍ରଫେସନାଲ ମେକ୍‌ଅପ୍ ଲୁକ୍ ସହିତ ପାର୍ଟିକୁ ଯିବାକୁ ପଡ଼ିଥାଏ। ଏଥିପାଇଁ ପୂରା ମେକ୍‌ଅପ୍ କିଟ୍ ସାଥିରେ ନେଇଯିବା ସମ୍ଭବ ହୁଏନାହିଁ। ଏଥିପାଇଁ ଆମେ ଆପଣଙ୍କୁ ଆସେସିୟଲ ମେକ୍‌ଅପ୍ ପ୍ରଡକ୍ଟ ବିଷୟରେ ସୂଚନା ଦେଉଛୁ ,ଯାହାକୁ ଆପଣ ନିଜ ହ୍ୟାଣ୍ଡ ବ୍ୟାଗ୍‌ରେ କ୍ୟାରି କରିପାରିବେ।**

**ଫାଉଣ୍ଡେଶନର ବ୍ୟବହାର:** ଫାଉଣ୍ଡେଶନର ବ୍ୟବହାର ମେକ୍‌ଅପ୍ ବେସ୍‌କୁ ପ୍ରୋଭାଇଡ୍ କରିବାରେ ସାହାଯ୍ୟ କରିଥାଏ। ଏମିତିରେ ପ୍ରଥମେ ଆପଣଙ୍କୁ ମୁହଁକୁ ଭଲଭାବେ ଫେସ୍‌ୱାଶ୍ ସାହାଯ୍ୟରେ ସଫାକରି ଟିସୁ ପେପର ସାହାଯ୍ୟରେ ଭଲଭାବେ ପୋଛନ୍ତୁ। ଏବେ ମୁହଁରେ ଫାଉଣ୍ଡେଶନ ଲଗାନ୍ତୁ। ଆପଣ ସ୍କିନ୍ ଅନୁଯାୟୀ ଫାଉଣ୍ଡେଶନ ଚୟନ କରନ୍ତୁ।

**କନସିଲରର ସାହାଯ୍ୟ ନିଅନ୍ତୁ:** କନସିଲର ମୁହଁରୁ ଦାଗକୁ ଲୁଚାଇବାରେ ସାହାଯ୍ୟ କରି ଏହା ମେକ୍‌ଅପ୍‌କୁ ଫିନିସିଂ ଲୁକ୍ ଦେବା ପାଇଁ ସାହାଯ୍ୟ କରିଥାଏ। ଏମିତିରେ କନସିଲରକୁ ଟ୍ରାଇଙ୍ଗଲ ଶେପ୍‌ରେ ହଲ୍‌କା ହଲ୍‌କା ଶେପ୍ ଦିଅନ୍ତୁ। ଏହାପରେ ମୁହଁରେ ଟ୍ରାନ୍ସଲୁସେଣ୍ଟ ପାଉଡର ଲଗାନ୍ତୁ। ଏହାଦ୍ୱାରା ଆପଣଙ୍କ ମୁହଁ ଗ୍ଲୋ ନଜର ଆସିବ।

**ଆଇଲାଇନର ଲଗାନ୍ତୁ:** ବେଷ୍ଟ ମେକ୍‌ଅପ୍ ଲୁକ୍ କ୍ୟାରି କରିବାକୁ ହେଲେ ଆଇ ମେକ୍‌ଅପ୍ ଉପରେ ଧ୍ୟାନ ଦେବା ବହୁତ ଜରୁରୀ। ଏମିତିରେ ଆଖିରେ ଆଇଲାଇନର ମେକ୍‌ଅପ୍ ଲଗାଇବାକୁ ହେଲେ ହ୍ୱାଇଟ୍ ପେନ୍‌ସିଲ୍ ବ୍ୟବହାର କରିବା ଭଲ ଅପ୍‌ସନ୍ ହୋଇପାରିବ। ଏଥିସହ ଆଖିରେ ୱାଟର ଲାଇନ୍ ଲଗାଇ ନିଜ ଲୁକ୍‌କୁ ବଦଳାଇ ପାରିବେ।

**କାଜଲ ଲଗାନ୍ତୁ:** କାଜଲକୁ ଆଇ ମେକ୍‌ଅପ୍‌କୁ ଆସେଂଶିୟଲ ପାର୍ଟ ଧରିନେବାକୁ ପଡ଼ିବ। କାଜଲ୍‌ର ବ୍ୟବହାର ଆଖିକୁ ହାଇଲାଇଟ୍ କରିବା ସହ ମୁହଁର ସୁନ୍ଦରତା ବଢ଼ାଇଥାଏ। ଏମିତିରେ ଆଇଲାଇନର ଲଗାଇବା ପରେ ଆଖିରେ କାଜଲ ଲଗାଇବାକୁ ଭୁଲନ୍ତୁ ନାହିଁ।

**ଫେସ୍ ପାଉଡରର ଟଚ୍‌ଅପ୍:** ଫେସ୍ ପାଉଡର ବ୍ୟବହାର କରି ଆପଣ ମେକ୍‌ଅପ୍‌କୁ ଫାଇନାଲ ଟଚ୍‌ଅପ୍ ଦେଇପାରିବେ। ଏମିତିରେ ଆଇଲାଇନର ଲଗାଇବା ପରେ କାଜଲ ଲଗାଇବାକୁ ଭୁଲନ୍ତୁ ନାହିଁ।



**ଲିପ୍‌ଷ୍ଟିକ୍ ବ୍ୟବହାର କରନ୍ତୁ:** କମ୍ପ୍ଲିଟ୍ ମେକ୍‌ଅପ୍ ଲୁକ୍‌କୁ କ୍ୟାରି କରିବାକୁ ଶେଷରେ ଲିପ୍‌ଷ୍ଟିକ୍ ଲଗାଇବାକୁ ଭୁଲନ୍ତୁ ନାହିଁ। ଏଥିପାଇଁ ଓଠରେ ଲିପ୍‌ଷ୍ଟିକ୍ ଲଗାନ୍ତୁ। ଏବେ ଦୁଇ ଓଠ ମଝିରେ ଟିସୁ ପେପର ରଖି ଓଠକୁ ପ୍ରେସ୍ କରନ୍ତୁ। ଏହାପରେ ଓଠରେ ଲିପ୍‌ଷ୍ଟିକ୍ ଲଗାନ୍ତୁ। ଏହାଦ୍ୱାରା ଆପଣଙ୍କ ଓଠ ସୁନ୍ଦର ଲାଗିଥାଏ।

ଖାଦ୍ୟରୁଚି

# ମସଲା କର୍ନ ଚାଟ୍

**ଆବଶ୍ୟକ ସାମଗ୍ରୀ**

ଏକ ଗିନା କର୍ନ, କଟା ପିଆଜ ଗୋଟେ ଗିନା, ଟମାଟୋ ୧ ଗିନା, କଟା ହୋଇଥିବା କଞ୍ଚାଲଙ୍କା ୨ଟି, ସ୍ୱାଦ ଅନୁସାରେ ଲୁଣ, ଜିରା ପାଉଡର ଅଧା ଚାମଚ, ଚାଟ୍ ମସଲା ଅଧା ମସଲା, ଲେମ୍ବୁରସ ଏକ ଛୋଟ ଚାମଚ, ଧନିଆ ପତ୍ର ଗାର୍ନିସ୍ ପାଇଁ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ କର୍ନକୁ ପାଣିରେ ପକାଇ ସିଝାଇ ଦିଅନ୍ତୁ। ଏହାପରେ ପିଆଜ, ଟମାଟୋ, କଞ୍ଚାଲଙ୍କା ଧନିଆ ପତ୍ରକୁ ଛୋଟ ଛୋଟ ଆକାରରେ କାଟି ରଖି ଦିଅନ୍ତୁ। ଏବେ ଏକ ପାତ୍ରରେ କର୍ନ, ପିଆଜ, କଞ୍ଚାଲଙ୍କା, ଟମାଟୋ ଲୁଣକୁ ପକାଇ ଭଲଭାବେ ମିକ୍ସ କରିଦିଅନ୍ତୁ। ଏବେ ଏଥିରେ ଜିରା ପାଉଡର, ଚାଟ୍ ମସଲା ଓ ଲେମ୍ବୁରସ ଚିପୁଡ଼ି ପକାନ୍ତୁ। ଏହି ସବୁ ସାମଗ୍ରୀକୁ ଭଲଭାବେ ମିଶାନ୍ତୁ। ଏବେ ଏଥିରେ କଟାହୋଇଥିବା ଧନିଆପତ୍ରକୁ ପକାନ୍ତୁ। ଏବେ ଆପଣଙ୍କ ମସଲା କର୍ନ ଚାଟ୍ ପ୍ରସ୍ତୁତ ହୋଇଗଲା। ଏହାକୁ ଏବେ ଆପଣ ପରଷିପାରିବେ।



ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୧୪/୨୦୨୩ Bhubaneswar, Tuesday, February 14/ 2023

# ବିର୍ସା ମୁଣ୍ଡାରେ ହେବ ୪ ଜାତୀୟ ଚାମ୍ପିୟନଶିପ୍

ରାଉରକେଲା ଅଫିସ/ (ସ୍ପୋର୍ଟ୍ସ ବ୍ୟୁରୋ), ୧୩।୨

ଭାରତୀୟ ଖେଳାଳିମାନଙ୍କୁ ଅନ୍ତର୍ଜାତୀୟ ଅଭିଜ୍ଞତା ପ୍ରଦାନ ପାଇଁ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଖେଳାଯିବ ୪ଟି ଜାତୀୟ ଟୁର୍ନାମେଣ୍ଟ। ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ସହ ମିଳିତ ଭାବେ ହକି ବିଶ୍ୱକପ୍ ଆୟୋଜନ କରିଥିଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ। ବିଭିନ୍ନ ବୟସ ବର୍ଗରେ ଏହି ୪ ଜାତୀୟ ଟୁର୍ନାମେଣ୍ଟ ଆୟୋଜିତ ହେବ। ଏପ୍ରିଲ ୧୩-୨୩ ମଧ୍ୟରେ ଜାତୀୟ ଜୁନିୟର ମହିଳା ଚାମ୍ପିୟନଶିପ୍, ଏପ୍ରିଲ ୨୮-ମେ' ୮ ମଧ୍ୟରେ ଜାତୀୟ ଜୁନିୟର ପୁରୁଷ ଚାମ୍ପିୟନଶିପ୍, ମେ' ୧୩-୨୩ ମଧ୍ୟରେ ଜାତୀୟ ସବ୍‌ଜୁନିୟର ମହିଳା ଚାମ୍ପିୟନଶିପ୍ ଓ ମେ' ୨୮- ଜୁନ୍ ୭ ମଧ୍ୟରେ ଜାତୀୟ ସବ୍‌ଜୁନିୟର ପୁରୁଷ ଚାମ୍ପିୟନଶିପ୍ ଆୟୋଜିତ ହେବ। ଏହାସହିତ ମେ' ୩-୧୪ ମଧ୍ୟରେ ତାମିଲନାଡୁର ମଦୁରାଇରେ ଜାତୀୟ ପୁରୁଷ ଚାମ୍ପିୟନଶିପ୍ ଆୟୋଜିତ ହେବ। ଏହି ସବୁ ଟୁର୍ନାମେଣ୍ଟ ପୂର୍ବରୁ ଜାତୀୟ ଟୁର୍ନାମେଣ୍ଟଗୁଡ଼ିକର ସଂଶୋଧନ ଉପରେ ମଧ୍ୟ ଆଲୋଚନା ହୋଇଛି। ଭିଡିଓ ରେଫରାଲ, ପ୍ଲେୟର ଅଫ୍ ଦ ମ୍ୟାଚ୍ ପରି ବ୍ୟବସ୍ଥାରେ ସଂଶୋଧନ କରାଯିବ। ଅନ୍‌ଲାଇନ୍ ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମ ଫ୍ୟାନ୍‌କୋଡ୍ ସହିତ ହକି ଇଣ୍ଡିଆର ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି, ଯାହାଦ୍ୱାରା ବିଭିନ୍ନ ବୟସ ବର୍ଗର ଖେଳକୁ ଲାଇଭ୍ ଷ୍ଟ୍ରିମ୍ କରିହେବ ବୋଲି ସୂଚନା ଦେଇଛନ୍ତି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ। ବିଭିନ୍ନ ବୟସ ବର୍ଗର ଟୁର୍ନାମେଣ୍ଟରେ ଭିଡିଓ ରେଫରାଲ ବ୍ୟବସ୍ଥା ଲାଗୁ କରାଯିବ, ଯାହାଦ୍ୱାରା ଖେଳାଳିମାନଙ୍କୁ ଅନ୍ତର୍ଜାତୀୟ ଅଭିଜ୍ଞତା ମିଳିବ ବୋଲି ସେ କହିଛନ୍ତି। ଅନ୍ତର୍ଜାତୀୟସ୍ତରରେ ଖେଳିବା ପୂର୍ବରୁ ଖେଳାଳିମାନଙ୍କୁ ଭିଡିଓ ରେଫରାଲର ପ୍ରକ୍ରିୟା ସମ୍ପର୍କରେ ଜଣାଇବା ପାଇଁ ଏପରି କରାଯାଇଥିବା ସେ କହିଛନ୍ତି। ଫେବୃୟାରୀ ୧୫ରୁ କାକିନାଡ଼ାରେ ଖେଳାଯିବାକୁ ଥିବା ଜାତୀୟ ମହିଳା ଚାମ୍ପିୟନଶିପ୍‌ରେ ପ୍ରଥମେ ଭିଡିଓ ରେଫରାଲ ବ୍ୟବସ୍ଥା କରାଯିବ। ଏଣିକି ସମସ୍ତ ବୟସ ବର୍ଗର ଟୁର୍ନାମେଣ୍ଟରେ ପ୍ରତି ପାର୍ଶ୍ୱରେ ୩ଟି ଲେଖାଏ କ୍ୟାମେରା ଲଗାଯିବ। ଏହା ବ୍ୟତୀତ ପ୍ରତି ମ୍ୟାଚ୍ ପାଇଁ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯିବ। ଜାତୀୟ ଚାମ୍ପିୟନଶିପ୍‌ର ମାନ ବୃଦ୍ଧି କରିବା ପାଇଁ ପ୍ରଥମଥର ଏଭଳି ପଦକ୍ଷେପ ନିଆଯାଇଥିବା କହିଛନ୍ତି ହକି ଇଣ୍ଡିଆ ମହାସଚିବ ଭୋଳାନାଥ ସିଂ। ଏହିସବୁ ନୂତନ ବ୍ୟବସ୍ଥା ଲାଗୁ ହେବା ପରେ ଯାହାବି ଅତିରିକ୍ତ ଖର୍ଚ୍ଚ ହେବ ଆୟୋଜକ ଫେଡେରେଶନ ଉପରେ ଏହାର କୌଣସି ଚାପ ପଡ଼ିବ ନାହିଁ। ହକି ଇଣ୍ଡିଆ ପକ୍ଷରୁ ଏହିସବୁ ଖର୍ଚ୍ଚ ବହନ କରାଯିବ ବୋଲି କହିଛନ୍ତି ମହାସଚିବ। ଏପରି କି ପ୍ଲେୟର ଅଫ୍ ଦ ମ୍ୟାଚ୍‌ର କ୍ୟାଶ୍ ପ୍ରାଇଜ୍ ମଧ୍ୟ ହକି ଇଣ୍ଡିଆ ପ୍ରଦାନ କରିବ। ଏହାଛଡ଼ା ମ୍ୟାଚ୍ ପରିଚାଳନା କରୁଥିବା ଅମ୍ପାୟରଙ୍କୁ ରେଡିଓ ପ୍ରଦାନ କରାଯିବ।

**ପ୍ରତି ମ୍ୟାଚ୍‌ରେ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର**
**ଜାତୀୟ ଟୁର୍ନାମେଣ୍ଟରେ ଭିଡିଓ ରେଫରାଲ ବ୍ୟବସ୍ଥା**



# ରେଲୱେ, ମେଘାଳୟ, ସର୍ଭିସେସ୍ ବିଜୟୀ

ଭୁବନେଶ୍ୱର, ୧୩।୨ (ସ୍ପୋର୍ଟ୍ସ ବ୍ୟୁରୋ)

**ସନ୍ତୋଷ ଟ୍ରଫି ଫୁଟବଲ୍**

ଭୁବନେଶ୍ୱରରେ ଅନୁଷ୍ଠିତ ସନ୍ତୋଷ ଟ୍ରଫିର ଅନ୍ତିମ ପର୍ଯ୍ୟାୟ ଲିଗ୍ ମ୍ୟାଚରେ ବିଜୟୀ ହୋଇଛନ୍ତି ରେଲୱେ, ମେଘାଳୟ ଓ ସର୍ଭିସେସ। କ୍ୟାପିଟାଲ ଫୁଟବଲ ଆରେନାରେ ସକାଳ ୯ଟାରେ ଅନୁଷ୍ଠିତ ମ୍ୟାଚରେ ସର୍ଭିସେସ ୨-୧ ଗୋଲରେ ପଶ୍ଚିମବଙ୍ଗକୁ ପରାସ୍ତ କରିଥଲା। ସର୍ଭିସେସ ପକ୍ଷରୁ ପି. କ୍ରିଷ୍ଟୋଫର କାମେଇ(୪୧) ଓ ବିକାଶ ଥାପା(୮୨) ଗୋଲ ଦେଇଥିବା ବେଳେ ପଶ୍ଚିମ ବଙ୍ଗ ପକ୍ଷରୁ ନରୋହରି ଶ୍ରେଷ୍ଠା(୧୪) ଗୋଟିଏ ଗୋଲ ଦେଇଥିଲେ। ସମାନ ଭେନ୍ୟୁରେ ମଣିପୁର ବିପକ୍ଷ ମ୍ୟାଚକୁ ୧-୦ରେ ଜିତି ନେଇଥିଲା ମେଘାଳୟ। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ମ୍ୟାଚର ୬୨ ତମ ମିନିଟରେ ବୋରିଙ୍ଗଟନ୍ ୱାରଲାର୍ଫଙ୍କ ଗୋଲରେ ମେଘାଳୟ ମ୍ୟାଚ ଜିତି ନେଇଥିଲା। କଳିଙ୍ଗ ଷ୍ଟାଡିୟମରେ ଅପରାହ୍ନ ୩ଟାରେ ଖେଳା ଯାଇଥିବା ମ୍ୟାଚକୁ ୧-୦ରେ ଜିତି ନେଇଥିଲା ରେଲୱେ। ପ୍ରଥମାର୍ଦ୍ଧର ଅତିରିକ୍ତ ସମୟ ୪୧+୩ ମିନିଟରେ ଫରୱାର୍ଡ ଖେଳାଳି ନୁରୁଦ୍ଦିନ ଏକମାତ୍ର ଗୋଲଟି ସ୍କୋର କରିଥିଲେ।



ବେଙ୍ଗଲ ଓ ସର୍ଭିସେସ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଓଡ଼ିଶାର ସହଜ ବିଜୟ



ସୁଖରାମ ମାଝୀ, ଲାଲ ପ୍ରସାଦ ସୋରେନ୍।

ଭୁବନେଶ୍ୱର, ୧୩।୨ (ସ୍ପୋର୍ଟ୍ସ ବ୍ୟୁରୋ)

**ଦୃଷ୍ଟିବାଧିତ ନାଗେଶ ଟ୍ରଫି**

ସୋମବାରରୁ ଆରମ୍ଭ ହୋଇଥିବା ଦୃଷ୍ଟିବାଧିତ ନାଗେଶ ଟ୍ରଫିରେ ତେଲଙ୍ଗାନା ବିପକ୍ଷରେ ଓଡ଼ିଶାର ସହଜ ବିଜୟ। ରାଜସ୍ଥାନର ଆଜମେରରେ ଲରେନ୍ସ ମେୟର ପବ୍ଲିକ୍ ସ୍କୁଲ ଗ୍ରାଉଣ୍ଡରେ ଓଡ଼ିଶା ୧୯୧ ରନରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପକ୍ଷରୁ ଅଧିନାୟକ ସୁଖରାମ ମାଝୀ ୧୬୦ ଓ ଲାଲ ପ୍ରସାଦ ସୋରେନ୍ ୧୩୫ ରନ୍ କରିଥିଲେ। ଓଡ଼ିଶା ୨୦ ଓଭରରେ ୧ ଉଇକେଟରେ ୩୩୩ ରନ୍ କରିଥିଲା। ସୁଖରାମ ୬୩ ବଲରୁ ୩୫ ଚୌକା ମାରିଥିବା ବେଳେ ଲାଲ ପ୍ରସାଦ ୬୦ ବଲରୁ ୨୫ ଚୌକା ମାରିଥିଲେ। ଜବାବରେ ତେଲଙ୍ଗାନା ୯ ଉଇକେଟ ହରାଇ ୧୪୨ ରନ୍ କରିଥିଲା। ଏମ୍‌ଡି ଜାଫର ଇକବାଲଙ୍କ ଦୁଇ ଉଇକେଟ ନେଇଥିଲେ। ସୁଖରାମଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଫେବୃୟାରୀ ୧୫ ତାରିଖରେ ଦିଲ୍ଲୀ ସହିତ ଖେଳିବ ଓଡ଼ିଶା।

# ଧର୍ମଶାଳା ଟେଷ୍ଟ ଇନ୍ଦୋରକୁ ସ୍ଥାନାନ୍ତର

**ନୂଆଦିଲ୍ଲୀ, ୧୩।୨ (ପି.ଟି.):** ମାର୍ଚ୍ଚ ୧ରୁ ୫ ଧର୍ମଶାଳାରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ତୃତୀୟ ଟେଷ୍ଟ ମ୍ୟାଚ୍ ଇନ୍ଦୋର ସ୍ଥାନାନ୍ତର ହୋଇଛି। ଧର୍ମଶାଳାରେ ପୁନଃ ପ୍ରସ୍ତୁତ କରାଯାଇଥିବା ଆଉଟ ଫିଲ୍ଡ ବର୍ତ୍ତମାନ ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ ନିମନ୍ତେ ଅନୁପଯୁକ୍ତ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କ୍ୟୁରେଟର ତାପସ ଚାଟାର୍ଜୀ ପଡ଼ିଆ ଅନୁଧ୍ୟାନ ପରେ ତାଙ୍କ ରିପୋର୍ଟରେ ଏହା ଉଲ୍ଲେଖ କରିଥିଲେ। ଧର୍ମଶାଳାର ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏଶନ (ଏଚ୍‌ପିସିଏ) ଷ୍ଟାଡିୟମରେ ତୃତୀୟ ଟେଷ୍ଟ ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା। ମାତ୍ର ପଡ଼ିଆରେ ଠାଏ ଠାଏ ଯଥେଷ୍ଟ ଘାସ ନାହିଁ। ଏହା ସମ୍ପୂର୍ଣ୍ଣ ବିକଶିତ ଲାଗି କିଛି ସମୟ ଲାଗିବ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ବର୍ଷା ଯୋଗୁ ଏହି ଗ୍ରାଉଣ୍ଡରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଗୋଟିଏ ଅନ୍ତର୍ଜାତୀୟ ଟି୨୦ ଏବଂ ଏକ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ସମ୍ଭବ ହୋଇ ନ ଥିଲା। ବର୍ଷା ଯୋଗୁ ପଡ଼ିଆର ଆଉଟ୍‌ଫିଲ୍ଡ କ୍ଷତିଗ୍ରସ୍ତ ହୋଇଥିଲା। ପିଚ୍ ଆଉଟ୍‌ଫିଲ୍ଡ ପୁନର୍ବାର ବିଛାଯାଇଥିଲା। ଖେଳ ଉପଯୋଗୀ ହୋଇପାରି ନ ଥିବାରୁ ହିମାଚଳ ପ୍ରଦେଶ ଏହାର ରଣଜୀ ଟିମ୍ ହୋମ୍ ମ୍ୟାଚ୍ ନାଦାଉନ୍‌ଠାରେ ଖେଳିଥିଲା।

# ଜାତୀୟ ସିନିୟର ରୋଲ୍‌ବଲରେ ଓଡ଼ିଶାରୁ ୭



କର୍ମକର୍ତ୍ତାଙ୍କ ସହ ମନୋନୀତ ଓଡ଼ିଶାର ୭ ରୋଲ୍‌ବଲ ଖେଳାଳି।

ଭୁବନେଶ୍ୱର, ୧୩।୨ (କ୍ରୀଡ଼ା ପ୍ରତିନିଧି)

ଜମ୍ମୁର ଏମ୍‌ଏ ଷ୍ଟାଡିୟମରେ ସୋମବାରଠାରୁ ଆରମ୍ଭ ହୋଇଥିବା ୧୯ତମ ଜାତୀୟ ସିନିୟର ରୋଲ୍‌ବଲ ଚାମ୍ପିୟନଶିପ୍‌ରେ ଓଡ଼ିଶାର ୭ ଖେଳାଳି ଅଂଶଗ୍ରହଣ କରିଛନ୍ତି। ସେମାନେ ହେଲେ ପଞ୍ଚାନନ ବେହେରା, ଅଭିଜିତ୍ ସ୍ୱାଇଁ, ମନୋରଞ୍ଜନ ରାଉତ, କୀର୍ତ୍ତିକାନ୍ତ ବିଶ୍ୱାଳ, ମୋହନ ପାତ୍ର, ପ୍ରୀତେଶ ଆର୍ଯ୍ୟନ ଜେନା (ଅଧିନାୟକ) ଓ ରୋହିତ୍ କୁମାର ଭୋଇ। ପ୍ରତିଯୋଗୀମାନେ ଓଡ଼ିଶା ଛାଡ଼ିବା ପୂର୍ବରୁ ରବିବାର ପୂର୍ବାହ୍ନରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶା ରୋଲ୍‌ବଲ ଆସୋସିଏଶନ ପ୍ରତିଷ୍ଠାତା ପାର୍ଥ ସାରଥି ଜେନା, ସମ୍ପାଦକ ସୌଦାମିନୀ ପାତ୍ର ଏବଂ ପରାମର୍ଶଦାତା ପ୍ରଭାସିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ପାର୍ବତୀ ସେଠୀ

# ପାର୍ବତୀଙ୍କୁ ଦୁଇ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୩।୨ (ସ୍ପୋର୍ଟ୍ସ ବ୍ୟୁରୋ):** ବନାରସରେ ଅନୁଷ୍ଠିତ ଜାତୀୟ ମାଷ୍ଟର୍ସ ଆଥ୍‌ଲେଟିକ୍ସ ଗେମ୍ସରେ ରାଜ୍ୟ ପାଇଁ ଦୁଇ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି ପାର୍ବତୀ ସେଠୀ। ଡିସ୍‌କସ୍ ଥ୍ରୋ ଓ ଶଟ୍‌ପୁଟ୍‌ରେ ସେ ଦୁଇଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଦୀର୍ଘ ୩୩ ବର୍ଷ ଧରି ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସେ ରାଜ୍ୟ ଓ ଦେଶ ପାଇଁ ସୁନାମ ଆଣିଥିବା ବେଳେ ପୁନର୍ବାର ସଫଳତା ହାସଲ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସହଯୋଗ ମିଳିଲେ ଏପ୍ରିଲ ମାସରେ ହେବାକୁ ଥିବା ଏସିଆନ ମାଷ୍ଟର୍ସ ଆଥଲେଟିକ୍ ଗେମ୍ସରେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଏହା ବ୍ୟତୀତ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ସିନିୟର ନ୍ୟାଶନାଲ ଫେଡେରେଶନ କପ୍‌ରେ ଅଂଶଗ୍ରହଣ ପାଇଁ ସେ ପ୍ରସ୍ତୁତ ବୋଲି କହିଛନ୍ତି।

# ଶୁବମନ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ

ଦୁବାଇ, ୧୩।୨ (ପି.ଟି.)

ଭାରତର ଶୁବମନ ଗିଲ୍ ସୋମବାର ଜାନୁୟାରୀ ମାସ ପାଇଁ ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ଅନ୍ତର୍ଜାତୀୟ ଦିନିକିଆ ଫର୍ମାଟ୍‌ରେ ସେ ଏକାଧିକ ପ୍ରଭାବୀ ଇନିଂସ୍ ଖେଳିଛନ୍ତି। ଅନ୍ୟପକ୍ଷରେ ମହିଳା ବିଭାଗରେ ଇଂଲଣ୍ଡର ୧୯ ବର୍ଷରୁ କମ୍ ଦଳର ଅଧିନାୟିକା ଗେସ୍ ସ୍କ୍ରିଭେନ୍ସ ସର୍ବକନିଷ୍ଠ ଖେଳାଳି ଭାବେ ଏହି ପୁରସ୍କାର ହାସଲ କରିବା ସହ ଗୌରବ ଲାଭ କରିଛନ୍ତି। ଗିଲ୍‌ଙ୍କ ପାଇଁ ହ୍ୱାଇଟ୍ ବଲ କ୍ରିକେଟ୍‌ରେ ଜାନୁୟାରୀ ରେକର୍ଡ ବ୍ରେକିଂ ମାସ ରହିଥିଲା। ବିଶେଷକରି ଅନ୍ତର୍ଜାତୀୟ ଦିନିକିଆ ଫର୍ମାଟ୍‌ରେ ସେ ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ବଡ଼ ସ୍କୋର କରିଛନ୍ତି। ଜାନୁୟାରୀରେ ସେ ମୋଟ ୫୬୭ ରନ୍ ସଂଗ୍ରହ କରିଛନ୍ତି। ତନ୍ମଧ୍ୟରେ ତାଙ୍କର ତିନୋଟି ଶତକ ରହିଛି। ୨୩ ବର୍ଷୀୟ ଗିଲ୍ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ଓପନରରେ ଚମକପ୍ରଦ ଦ୍ୱିଶତକ ହାସଲ କରିଥିଲେ। ସେ ମାତ୍ର ୧୪୯ ବଲ୍‌ରୁ ୨୮ ଚୌକା ସହ ୨୦୮ ରନ୍ କରି ଅପରାଜିତ ରହିଥିଲେ। ଅନ୍ତର୍ଜାତୀୟ ଦିନିକିଆ ଫର୍ମାଟ୍‌ରେ ସେ ସର୍ବକନିଷ୍ଠ ଖେଳାଳି ହିସାବରେ ଦ୍ୱିଶତକ ହାସଲ କରିବାରେ ଏକ କୀର୍ତ୍ତିମାନ ହାସଲ କରିଥିଲେ। ପୁନଶ୍ଚ ଏକ କଠିନ ପିଚ୍, ଯେଉଁଠାରେ କି ଅନ୍ୟ ବ୍ୟାଟରମାନେ ତିଷ୍ଠିପାରି ନ ଥିବା ବେଳେ ସେ ଏହି ପ୍ରଭାବୀ ଇନିଂସ୍ ଖେଳିଛନ୍ତି। ଶ୍ରୀଲଙ୍କା ବିପକ୍ଷ ବିଜୟୀ ମ୍ୟାଚ୍‌ରେ ସେ ୧୧୬ ରନ୍ କରିଥିବା ବେଳେ ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆରେ ସେ ୧୧୨ ରନ୍ କରିଥିଲେ। ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ଦୌଡ଼ରେ ଗିଲ୍‌ଙ୍କ ପ୍ରତିଦ୍ୱନ୍ଦ୍ୱୀ ଥିଲେ ନ୍ୟୁଜିଲାଣ୍ଡ ଓପ୍‌ନର ଡେଭନ କନ୍‌ୱେ ଏବଂ ନିଜ ଦେଶରେ ମହମ୍ମଦ ସିରାଜ। ୨୦୨୨ ଅକ୍ଟୋବରରେ ବିରାଟ କୋହଲିଙ୍କ ପରଠାରୁ ଗିଲ୍ ପ୍ରଥମ ଭାରତୀୟ ଭାବେ ଏହି ପୁରସ୍କାର ଜିତିଛନ୍ତି। ଅନ୍ୟପକ୍ଷରେ ୧୯ ବର୍ଷରୁ କମ୍ ମହିଳା ଆଇସିସି ଟି୨୦ ବିଶ୍ୱକପ୍‌ରେ ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ସ୍କ୍ରିଭେନ୍ସ ଏହି ପୁରସ୍କାର ଜିତିଛନ୍ତି।



ଶୁବମନ ଗିଲ୍

# ଅଧିନାୟିକା ଦୌଡ଼ରେ ଆଗୁଆ

ମୁମ୍ବାଇ, ୧୩।୨ (ପି.ଟି.)

**ଆର୍‌ସିବି:** ଆର୍‌ସିବି ପକ୍ଷରୁ ସ୍ମୃତି ମନ୍ଧାନା, ଏଲିସ୍ ପେରୀ ଓ ନ୍ୟୁଜିଲାଣ୍ଡ ଅଧିନାୟିକା ସୋଫି ଡିଭାଇନଙ୍କୁ କିଣାଯାଇଛି। ଅଭିଜ୍ଞତା ଦୃଷ୍ଟିରୁ ମନ୍ଧାନା ଫେବରିଟ୍ ଅଛନ୍ତି। **ମୁମ୍ବାଇ ଇଣ୍ଡିଆନ୍ସ:** ହରମନ୍‌ପ୍ରୀତ କୌରଙ୍କୁ ୧.୮ କୋଟି ଟଙ୍କାରେ କିଣିଛି ମୁମ୍ବାଇ ଫ୍ରାଞ୍ଚାଇଜ୍। ଇଂଲଣ୍ଡର ନାଟାଲି ସ୍କିଭରଙ୍କୁ ଦଳ ୩.୨ କୋଟି ଟଙ୍କାରେ କିଣିଥିଲେ ହେଁ ହରମନପ୍ରୀତଙ୍କୁ ଅଧିନାୟିକା ପଦ ମିଳିବା ସମ୍ଭାବନା ଅଧିକ। **ଗୁଜରାଟ ଜାଏଣ୍ଟ୍ସ:** ଗୁଜରାଟ ଜାଏଣ୍ଟ୍ସ ଦଳର ଅଧିନାୟିକା ଭାର ଜଣେ ବିଦେଶୀ ଖେଳାଳିଙ୍କୁ ମିଳିପାରେ। ହରଲିନ୍ ଦେଓଲ ଏବଂ ସ୍ନେହ ରାଣାଙ୍କ ପରି ଭାରତୀୟ ଖେଳାଳି ଥିଲେ ମଧ୍ୟ ବେଥ୍ ମୁନି କିମ୍ବା ଆସ୍‌ଲେ ଗାର୍ଡନରଙ୍କ ମଧ୍ୟରୁ ଜଣଙ୍କୁ ଅଧିନାୟିକା ଦାୟିତ୍ୱ ମିଳିବା ସମ୍ଭାବନା ବେଶି। **ଦିଲ୍ଲୀ କ୍ୟାପିଟାଲ୍ସ:** ଦିଲ୍ଲୀ ଫ୍ରାଞ୍ଚାଇଜ୍ ନିକଟରେ ମେଗ୍ ଲାନିଙ୍ଗ୍, ଜେମିମା ରୋଡ୍ରିଗୁଏଜ ଏବଂ ଶେଫାଳି ବର୍ମାଙ୍କ ପରି ଖେଳାଳି ଥିଲେ ହେଁ ଲାନିଙ୍ଗ୍ ଏହି ତାଲିକାରେ ଆଗୁଆ ଅଛନ୍ତି। **ୟୁପି ୱାରିୟର୍ସ:** ୟୁପି ୱାରିୟର୍ସ ୨.୬ କୋଟି ଟଙ୍କାରେ ଦୀପ୍ତି ଶର୍ମାଙ୍କୁ କିଣିଛି। ଅଭିଜ୍ଞ ଖେଳାଳି ଦୀପ୍ତି ଅଧିନାୟିକା ଦୌଡ଼ରେ ଆଗୁଆ ରହିଥିବା ବେଳେ ସୋଫି ଏକେଲଷ୍ଟୋନ ଏବଂ ଟାହଲିଆ ମ୍ୟାକ୍‌ଗ୍ରାଥଙ୍କ ପରି ଖେଳାଳି ମଧ୍ୟ ସାମିଲ ଅଛନ୍ତି।

# ବିକ୍ରି ହେଲେନି ଓଡ଼ିଶା ଖେଳାଳି

**ଭୁବନେଶ୍ୱର, ୧୩।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ)ର ପ୍ରଥମ ସଂସ୍କରଣ ପାଇଁ ୮୭ ଖେଳାଳିଙ୍କ ନିଲାମ ହୋଇଥିବା ବେଳେ ଜଣେ ବି ଓଡ଼ିଶା ଖେଳାଳି ବିକ୍ରି ହୋଇ ନାହାନ୍ତି। ଓଡ଼ିଶାର ସମୁଦାୟ ୮ ଜଣ ଖେଳାଳି ଏହି ନିଲାମୀରେ ସାମିଲ ଥିଲେ। ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ମାଧୁରୀ ମେହେଟା, ରସନାରା ପରୱିନ୍, କାଜଲ ଜେନା, ଏସ୍ ବି ଲରେନ୍ସ, ସୁଜାତା ମଲିକ୍, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ଏବଂ ଶୁଶ୍ରୀ ଦିବ୍ୟଦର୍ଶିନୀ ନିଲାମୀରେ ସାମିଲ ହୋଇଥିବା ବେଳେ ରେଲୱେ ପକ୍ଷରୁ ସ୍ୱାଗତିକା ରଥ ସାମିଲ ହୋଇଥିଲେ। ଏହା ମଧ୍ୟରୁ କେବଳ ସ୍ୱାଗତିକାଙ୍କ ନାମ ନିଲାମୀ ଡାକରାରେ ଆସିଥିଲେ ମଧ୍ୟ କୌଣସି ଫ୍ରାଞ୍ଚାଇଜି କିଣିବାକୁ ଆଗ୍ରହ ପ୍ରକାଶ କରିନଥିଲେ।

**ଓମେନ୍ସ ପ୍ରିମିୟର ଲିଗ୍ ନିଲାମି**

# ୫ ଫ୍ରାଞ୍ଚାଇଜର ଖେଳାଳି ତାଲିକା

ମୁମ୍ବାଇ, ୧୩।୨ (ପି.ଟି.)

ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ)ର ପ୍ରଥମ ସଂସ୍କରଣ ପାଇଁ ଖେଳାଳିଙ୍କ ନିଲାମୀ ଶେଷ ହୋଇଛି। ୯୦ଟି ସ୍ଲଟ ପାଇଁ ୪୦୯ ଖେଳାଳିଙ୍କ ନିଲାମୀ ହୋଇଥିଲା। ୨୪୬ ଜଣ ଭାରତୀୟ ଏବଂ ୧୬୩ ବିଦେଶୀ ଖେଳାଳିଙ୍କୁ ନେଇ ନିଲାମୀ ସମ୍ପନ୍ନ ହୋଇଛି। ଦିଲ୍ଲୀ କ୍ୟାପିଟାଲ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ ଗୁଜରାଟ ଜାଏଣ୍ଟ୍ସ ୧୮ ଜଣ ଲେଖାଏ ଖେଳାଳି କିଣିଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ ୧୭ ଓ ୟୁପି ୱାରିୟର୍ଜ ୧୬ ଜଣ ଖେଳାଳିଙ୍କୁ କିଣିବାରେ ସଫଳ ହୋଇଥିଲା। ୫ ଫ୍ରାଞ୍ଚାଇଜିର ସମ୍ପୂର୍ଣ୍ଣ ଦଳ ତାଲିକା...



ମୁମ୍ବାଇସ୍ଥିତ ଜିଓ ୱାର୍ଲ୍ଡ କନ୍‌ଭେନଶନ ସେଣ୍ଟରଠାରେ ସୋମବାର ଉଦ୍‌ଘାଟନୀ ମହିଳା କ୍ରିକେଟ ପ୍ରିମିୟର ଲିଗ୍ ଖେଳାଳି ନିଲାମ ଅବସରରେ ଅଫିସିଆଲଙ୍କ ସହ ମୁମ୍ବାଇ ଇଣ୍ଡିଆନ୍ସ ମାଲିକାଣୀ ନୀତା ଅମ୍ବାନୀ, ଆକାଶ ଅମ୍ବାନୀ ଓ ମାହେଲା ଜୟବର୍ଦ୍ଧନେ।

## ଦିଲ୍ଲୀ କ୍ୟାପିଟାଲ୍ସ

ଜେମିମା ରୋଡ୍ରିଗୁଏଜ(୨.୨ କୋଟି), ଶେଫାଳି ବର୍ମା (୨ କୋଟି), ମାରିଜେନ୍ କାପ୍ (୧.୫ କୋଟି) , ମେଗ ଲାନିଙ୍ଗ (୧.୧ କୋଟି), ଆଲିସ୍ କାପ୍‌ସି (୭୫ ଲକ୍ଷ), ଶିଖା ପାଣ୍ଡେ (୬୦ ଲକ୍ଷ), ଜେସ୍ ଜୋନାସେନ୍(୫୦ ଲକ୍ଷ), ଲୌରା ହାରିସ୍(୪୫ ଲକ୍ଷ), ରାଧା ଯାଦବ(୪୦ ଲକ୍ଷ), ଅରୁନ୍ଧତୀ ରେଡ୍ଡୀ(୩୦ ଲକ୍ଷ), ମିନୁ ମଣି(୩୦ ଲକ୍ଷ), ପୁନମ ଯାଦବ (୩୦ ଲକ୍ଷ), ସ୍ନେହା ଦୀପ୍ତି( ୩୦ ଲକ୍ଷ), ତାନିୟା ଭାଟିଆ(୩୦ ଲକ୍ଷ), ତିତାସ୍ ସାଧୁ(୨୫ ଲକ୍ଷ), ଜାସିଆ ଅକତର(୨୦ ଲକ୍ଷ), ଅପର୍ଣ୍ଣା ମଣ୍ଡଳ(୧୦ ଲକ୍ଷ), ତାରା ନୋରିଶ(୧୦ ଲକ୍ଷ)।

## ଗୁଜରାଟ ଜାଏଣ୍ଟ୍ସ

ଆସ୍‌ଲେ ଗାର୍ଡନର(୩.୨ କୋଟି), ବେଥ୍ ମୁନି(୨ କୋଟି), ଜର୍ଜିଆ ୱେୟାରହାମ୍(୭୫ ଲକ୍ଷ), ସ୍ନେହ ରାଣା(୭୫ ଲକ୍ଷ), ଆନାବେଲ ସଦରଲାଣ୍ଡ(୭୦ ଲକ୍ଷ), ଡିଆଣ୍ଡ୍ରା ଡଟିନ୍(୬୦ ଲକ୍ଷ), ସୋଫିଆ ଡଙ୍କଲି(୬୦ ଲକ୍ଷ), ସୁଷମା ବର୍ମା(୬୦ ଲକ୍ଷ), ତନୁଜା କନୱର(୫୦ ଲକ୍ଷ), ହରଲିନ୍ ଦେଓଲ୍(୪୦ ଲକ୍ଷ), ଅଶ୍ୱିନୀ କୁମାରୀ(୩୫ ଲକ୍ଷ), ଦୟଲାନ ହେମଲତା(୩୦ ଲକ୍ଷ), ମାନସୀ ଯୋଶୀ(୩୦ ଲକ୍ଷ), ମୋନିକା ପଟେଲ(୩୦ ଲକ୍ଷ), ସଭିନେନୀ ମେଘନା (୩୦ ଲକ୍ଷ), ହର୍ଲି ଗାଲା(୧୦ ଲକ୍ଷ), ପାରୁଣିକା ସିସୋଦିଆ(୧୦ ଲକ୍ଷ), ଶବନମ ଶକିଲ (୧୦ ଲକ୍ଷ)।

## ମୁମ୍ବାଇ ଇଣ୍ଡିଆନ୍ସ

ନାଟାଲି ସ୍କିଭର(୩.୨କୋଟି), ପୂଜା ବସ୍ତ୍ରକାର(୧.୯ କୋଟି), ହରମନ୍‌ପ୍ରୀତ କୌର୍(୧.୮ କୋଟି), ୟସ୍ତିକା ଭାଟିଆ (୧.୫ କୋଟି), ଆମେଲିଆ କେର(୧ କୋଟି), ଅମନଜୋତ କୌର(୫୦ ଲକ୍ଷ), ହେଲି ମାଥ୍ୟୁସ (୪୦ ଲକ୍ଷ), କ୍ଲୋଏ ଟ୍ରାୟନ(୩୦ ଲକ୍ଷ), ହିଥର ଗ୍ରାହାମ(୩୦ ଲକ୍ଷ), ଇସାବେଲ ଓଙ୍ଗ(୩୦ ଲକ୍ଷ), ପ୍ରିୟଙ୍କା ବାଲା(୨୦ ଲକ୍ଷ), ଧାରା ଗୁଜ୍ଜର(୧୦ ଲକ୍ଷ), ହୁମାଇରା କାଜି (୧୦ ଲକ୍ଷ), ଜିନ୍ତିମାନି କାଲିତା (୧୦ ଲକ୍ଷ), ନୀଲମ ବିସ୍ତ (୧୦ ଲକ୍ଷ), ସାଇକା ଇଶାକ୍ (୧୦ ଲକ୍ଷ), ସୋନମ ଯାଦବ (୧୦ ଲକ୍ଷ)।

## ଆରସିବି

ସ୍ମୃତି ମନ୍ଧାନା(୩.୪ କୋଟି), ରିଚା ଘୋଷ(୧.୯ କୋଟି), ,ଲିସ୍ ପେରୀ(୧.୭ କୋଟି), ରେଣୁକା ସିଂ(୧.୫ କୋଟି), ସୋଫି ଡିଭାଇନ୍(୫୦ ଲକ୍ଷ), ହିଥର ନାଇଟ୍(୪୦ ଲକ୍ଷ), ମେଗାନ୍ ଶୁଟ୍(୪୦ ଲକ୍ଷ), କନିକା ଆହୁଜା(୩୫ ଲକ୍ଷ), ଡେନ୍ ଭାନ୍ ନିକର୍କ(୩୦ ଲକ୍ଷ), ଏରିନ୍ ବର୍ନସ (୩୦ ଲକ୍ଷ), ପ୍ରୀତି ବୋଷ (୩୦ ଲକ୍ଷ), କୋମଲ ଜାଞ୍ଜଡ୍(୨୫ ଲକ୍ଷ), ଆଶା ଶୋବନା(୧୦ ଲକ୍ଷ), ଦିଶା କଶାଟ (୧୦ ଲକ୍ଷ), ଇନ୍ଦ୍ରାଣୀ ରୟ (୧୦ ଲକ୍ଷ), ପୁନମ ଖେମନାର (୧୦ ଲକ୍ଷ), ଶାହନା ପୱାର (୧୦ ଲକ୍ଷ), ଶ୍ରେୟଙ୍କା ପାଟିଲ (୧୦ ଲକ୍ଷ)।

## ୟୁପି ୱାରିୟର୍ଜ

ଦୀପ୍ତି ଶର୍ମା (୨.୬ କୋଟି), ସୋଫି ଏକେଲଷ୍ଟୋନ(୧.୮ କୋଟି), ଦେବିକା ବୈଦ୍ୟ(୧.୪ କୋଟି), ଟାହଲିଆ ମ୍ୟାକଗ୍ରାଥ(୧.୪ କୋଟି), ଶବନିମ୍ ଇସମାଇଲ(୧ କୋଟି), ଗ୍ରେସ୍ ହାରିସ୍(୭୫ ଲକ୍ଷ), ଅଞ୍ଜଳି ଶ୍ରାବଣୀ(୫୫ ଲକ୍ଷ), ରାଜେଶ୍ୱରୀ ଗାଏକ୍ୱାଡ(୪୦ ଲକ୍ଷ), ଶ୍ୱେତା ଶେରାୱତ(୪୦ ଲକ୍ଷ), କିରଣ ନାଭଗିରେ(୩୦ଲକ୍ଷ), ଲରେନ୍ ବେଲ୍(୩୦ ଲକ୍ଷ), ଲକ୍ଷ୍ମୀ ଯାଦବ(୧୦ ଲକ୍ଷ), ପାର୍ଶଭି ଚୋପ୍ରା(୧୦ ଲକ୍ଷ), ଏସ୍ ଯଶସ୍ରୀ(୧୦ ଲକ୍ଷ), ସିମରନ୍ ଶେଖ୍ (୧୦ ଲକ୍ଷ)।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ